# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୩୦/୨୦୨୩ (୧୬ ପୃଷ୍ଠା) | Bhubaneswar, Monday, January 30/2023 | Page 16 | ₹ 7.00

୪୯ଶ ଭାଗ ୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 67 | ମୂଲ୍ୟ ₹୭/-




**ସତ ହେଲା ନେହାଙ୍କ ବାଣୀ**
ଫିଲ୍ମ 'ପଠାନ୍' ସଫଳ ହେବାପରେ ୨୦୦୪ରେ ଅଭିନେତ୍ରୀ ନେହା ଧୂପିଆ ଇଣ୍ଡଷ୍ଟ୍ରିରେ କେବଳ ଏସ୍‌ଆର୍‌କେ ବିକ୍ରି ହେବା ମନ୍ତବ୍ୟକୁ ନେଇ ଚର୍ଚ୍ଚା ମୁଣ୍ଡ ଟେକିଛି। ୧୦

୧୬ **ଜୋକୋଭିଚ୍‌ଙ୍କୁ ୧୦ମ ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟଲ**
ସର୍ବୀୟ ଟେନିସ୍ ଷ୍ଟାର ନୋଭାକ ଜୋକୋଭିଚ୍ ତାଙ୍କର ୧୦ମ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ପୁରୁଷ ସିଙ୍ଗଲ୍ସ ଟାଇଟଲ ବିଜୟୀ ହୋଇଛନ୍ତି।



# ପୋଲିସ ଗୁଳିରେ ନବ ଦାସ ମୃତ

## ଅତି ନିକଟରୁ ଗୁଳି ଚଳାଇଥିଲେ ଏଏସ୍‌ଆଇ ଗୋପାଳ

- **ମନ୍ତ୍ରୀଙ୍କ ପୂର୍ବତନ ପିଏସ୍‌ଓ ଥିଲେ ଅଭିଯୁକ୍ତ**
- **କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ**
- **ଆଜି ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଅନ୍ତିମ ସଂସ୍କାର**

**ଭୁବନେଶ୍ୱର(ବ୍ୟୁରୋ)/ ଝାରସୁଗୁଡ଼ା ଅଫିସ/ବ୍ରଜରାଜନଗର, ୨୯।୧**

ପୋଲିସ ଗୁଳିରେ ଝାରସୁଗୁଡ଼ା ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବକିଶୋର ଦାସଙ୍କ ରବିବାର ମୃତ୍ୟୁ ଘଟିଛି। ତାଙ୍କୁ ୬୧ବର୍ଷ ବୟସ ହୋଇଥିଲା। ବ୍ରଜରାଜନଗର ଗାନ୍ଧୀଛକଠାରେ ଏକ ଦଳୀୟ କାର୍ଯ୍ୟକ୍ରମରେ ମନ୍ତ୍ରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେବାକୁ ଯାଉଥିଲେ। ସଭାସ୍ଥଳ ୧୦୦ ମିଟର ଥିବାବେଳେ ସମର୍ଥକମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ କାର୍‌ରୁ ପାଛୋଟି ନେବା ସମୟରେ ମନ୍ତ୍ରୀଙ୍କ ପୂର୍ବତନ ପିଏସ୍‌ଓ ତଥା ବ୍ରଜରାଜ ନଗର ଗାନ୍ଧୀଛକ ଫାଣ୍ଡି ଅଧିକାରୀ ଗୋପାଳକୃଷ୍ଣ ଦାସ ଅତି ନିକଟରୁ ତାଙ୍କ ଉପରକୁ ଗୁଳି କରିଥିଲେ। ସେହିଠାରେ ହିଁ ମନ୍ତ୍ରୀ ଦାସ ଟଳିପଡ଼ିଥିଲେ। ତାଙ୍କୁ ତୁରନ୍ତ ଝାରସୁଗୁଡ଼ା ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଏୟାର ଲିଫ୍ଟ କରାଯାଇ ଭୁବନେଶ୍ୱର ଆପୋଲୋ ହସ୍ପିଟାଲକୁ ଅଣାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଏକ ୫ଜଣିଆ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କର ତୁରନ୍ତ ଅସ୍ତ୍ରୋପଚାର କରିଥିଲେ। ଅସ୍ତ୍ରୋପଚାର ପରେ ତାଙ୍କୁ ଆଇସିୟୁରେ ରଖାଯାଇଥିଲା। ହେଲେ ରାତି ପ୍ରାୟ ୭ଟା ୪୦ମି. ବେଳକୁ ମନ୍ତ୍ରୀଙ୍କ ପରଲୋକ ଘଟିଥିବା ହସ୍ପିଟାଲ୍ ପକ୍ଷରୁ ସୂଚନା ଦିଆଯାଇଥିଲା। ଜଣେ ମନ୍ତ୍ରୀଙ୍କୁ ସ୍ପଷ୍ଟ ଦିବାଲୋକରେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଗୁଳି କରିବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଓଡ଼ିଶା ଇତିହାସରେ ଏଭଳି ଘଟଣା ପ୍ରଥମ ବୋଲି କୁହାଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆକ୍ରମଣକୁ ☞ପୃଷ୍ଠା-୪


ଗୋପାଳକୃଷ୍ଣ ଦାସ


ମନ୍ତ୍ରୀ ନବ ଦାସଙ୍କ ଛାତିରେ ଗୁଳି ବାଜିବା ସମୟର ଦୃଶ୍ୟ।

## ଶୋକବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କ ଅକସ୍ମାତ୍ ମୃତ୍ୟୁରେ ମୁଁ ମର୍ମାହତ। ଏହି ଦୁଃଖଦ ସମୟରେ ତାଙ୍କ ପରିବାରକୁ ସମବେଦନା ଜଣାଉଛି। ଓଁ ଶାନ୍ତି। ସେହିଭଳି ରାଜ୍ୟପାଳ ☞ପୃଷ୍ଠା-୪

# ହକି ଚାମ୍ପିୟନ ଜର୍ମାନୀ


ହକି ବିଶ୍ୱକପ୍ ଟ୍ରଫି ସହ ଚାମ୍ପିୟନ ଜର୍ମାନୀ ଦଳ ।

**ଭୁବନେଶ୍ୱର, ୨୯।୧(କ୍ରୀଡ଼ା ପ୍ରତିନିଧି)**

## ସଡନ୍ ଡେଥ୍‌ରେ ବେଲ୍‌ଜିୟମ ପରାସ୍ତ

ହକି ବିଶ୍ୱକପ୍‌ର ୧୫ତମ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଛି। ୨୦୦୨ ଓ ୨୦୦୬ ସଂସ୍କରଣ ବିଜେତା ଜର୍ମାନୀ ତୃତୀୟଥର ପାଇଁ ଚାମ୍ପିୟନ ହୋଇଛି। ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ଏହି ଦଳ ଶୁଟ୍‌ଆଉଟ/ସଡନ୍‌ଡେଥ୍‌ରେ ଗତଥରର ଚାମ୍ପିୟନ ବେଲଜିୟମକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟ ଖେଳ ୩-୩ ଗୋଲରେ ବରାବର ରହିବା ପରେ ଫଳାଫଳ ପାଇଁ ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏହି ପର୍ଯ୍ୟାୟରେ ମଧ୍ୟ ସ୍କୋର ୩-୩ ରହିଥିଲା। ଫଳରେ ସଡନ୍‌ଡେଥ୍ ଆରମ୍ଭ ହୋଇଥିଲା। ଏଥିରେ ଜର୍ମାନୀ ୨ଟି ଗୋଲ ଦେଇଥିବାବେଳେ ବେଲ୍‌ଜିୟମ ମାତ୍ର ଗୋଟିଏ ଗୋଲ ଦେଇଥିଲା ଏବଂ ଅନ୍ୟଟି ମିସ୍ କରିଥିଲା। ବେଲ୍‌ଜିୟମର ଟନ୍‌ଗି କୋସିନ୍ସ ଗୋଲ ମିସ୍ କରିବା ପରେ ଜର୍ମାନୀ ଖେଳାଳିଙ୍କ ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା। ☞ପୃଷ୍ଠା-୪




**୧୯ ବର୍ଷରୁ କମ୍ ମହିଳା ଟି୨୦**

# ଭାରତ ବିଶ୍ୱ ଚାମ୍ପିୟନ୍


ଚାମ୍ପିୟନ ଟ୍ରଫି ସହ ଅଧିନାୟିକା ଶେଫାଳି ବର୍ମା।

**ପୋଚେଫଷ୍ଟ୍ରମ୍, ୨୯।୧(ପି.ଟି.)**

ଭାରତ ଆଇସିସି ୧୯ ବର୍ଷରୁ କମ୍ ଟି୨୦ କ୍ରିକେଟ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଛି। ମହିଳା କ୍ରିକେଟରେ ଭାରତର ଏହା ପ୍ରଥମ ଆଇସିସି ଟାଇଟଲ। ରବିବାର ଅନୁଷ୍ଠିତ ଫାଇନାଲରେ ଦଳ ୭ ଉଇକେଟରେ ଇଂଲଣ୍ଡକୁ ହରାଇ ଦେଇଛି। ମ୍ୟାଚ୍‌ରେ ଟସ୍ ଜିତି ଦଳ ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୧୭.୧ ଓଭରରେ ୬୮ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ପେସ୍ ସେନ୍‌ସେସନ ତିତାସ ସାଧୁ ଓ ଲେଗ୍ ସ୍ପିନର ପାର୍ଶଭି ଚୋପ୍ରା ଚମତ୍କାର ବୋଲିଂ କରି ଇଂଲଣ୍ଡର ବିପର୍ଯ୍ୟୟ ଘଟାଇଥିଲେ। ସାଧୁ ତାଙ୍କ ୪ ଓଭର ବୋଲିଂରେ ମାତ୍ର ୬ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ। ଚୋପ୍ରା ୧୩ ରନ୍ ଦେଇ ୨ଟି ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଚ୍ଚନା ଦେବୀ ଦୁଇଟି ଏବଂ ମନତ କାଶ୍ୟପ, ଶେଫାଳି ବର୍ମା ଓ ସୋନମ୍ ଯାଦବ ଗୋଟିଏ ଲେଖାଏଁ ଉଇକେଟ ହାସଲ କରିଥିଲେ। ଇଂଲଣ୍ଡ ଟପ୍ ସ୍କୋରର ରିଆନା ମ୍ୟାକ୍‌ଡୋନାଲ୍ଡ ଗେ' ମାତ୍ର ୧୯ ରନ୍ କରିଥିଲେ। ଜବାବରେ ଭାରତ ୩ ଉଇକେଟ ହରାଇ ୬୯ ରନ୍ ସଂଗ୍ରହ କରି ମ୍ୟାଚ୍ ଜିତିନେଇଥିଲା। ଦଳ ତରଫରୁ ଅଧିନାୟିକା ଶେଫାଳି ବର୍ମା ୧୫, ଶ୍ୱେତା ଶେରାୱତ୍ ୫ ରନ୍ କରିଥିବା ବେଳେ ଗଙ୍ଗାଡି ତ୍ରିଶା ୨୪ ରନ୍ କରିଥିଲେ। ସୌମ୍ୟା ତିୱାରୀ ୨୪ ରନ୍ କରି ଅପରାଜିତ ରହିଥିଲେ। ପ୍ରଭାବୀ ବୋଲିଂ ପାଇଁ ତିତାସ୍ ସାଧୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।
(ସଂକ୍ଷିପ୍ତ ସ୍କୋର: ପୃଷ୍ଠା-୪)

**ଆଜିର ସମ୍ପାଦକୀୟ**
**ସ୍ୱଳ୍ପ ଅବଧି**



# ଲାଲ୍‌ଚୌକରେ ତ୍ରିରଙ୍ଗା ଉଡ଼ାଇଲେ ରାହୁଲ

**■ ଆଜି ଶେଷ ହେବ ଭାରତ ଯୋଡ଼ୋ ଯାତ୍ରା**

**■ ଯୋଗଦେବେ ୧୨ ବିରୋଧୀ ଦଳର ନେତା**


ଶ୍ରୀନଗରର ଐତିହାସିକ ଲାଲ୍‌ଚୌକଠାରେ ରବିବାର ଜାତୀୟ ପତାକା ଉତ୍ତୋଳନ କରିବା ପରେ କର୍ମୀଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

ନୂଆଦିଲ୍ଲୀ/ଶ୍ରୀନଗର,୨୯।୧

ଭାରତ ଯୋଡ଼ୋ ଯାତ୍ରା ଅବସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶ୍ରୀନଗରର ଐତିହାସିକ ଲାଲ୍‌ଚୌକଠାରେ ରବିବାର ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ଏଥିପାଇଁ ରାଜ୍ୟ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କନ୍ୟାକୁମାରୀରୁ କଶ୍ମୀର ପଦଯାତ୍ରାର ଶେଷ ଭାଗରେ ରାହୁଲ ୩୦ ମିନିଟ ସମୟ ବାହାର କରି ମୌଲାନା ଆଜାଦ ରୋଡ୍‌ସ୍ଥିତ ଜମ୍ମୁ-କଶ୍ମୀର ପ୍ରଦେଶ କଂଗ୍ରେସ ମୁଖ୍ୟାଳୟକୁ ଯାଇଥିଲେ। ଏହା ପରେ ସେ ଲାଲ୍ ଚୌକ୍‌ର ଘଣ୍ଟାଘର ଯାଇ ସେଠାରେ ତ୍ରିରଙ୍ଗା ଉଡ଼ାଇଥିଲେ। ଏହି ସମୟରେ ରାହୁଲଙ୍କ ସହ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ସ୍ଥାନୀୟ କଂଗ୍ରେସ ନେତାମାନେ ଉପସ୍ଥିତ ଥିଲେ। ସୋମବାର ଭାରତ ଯୋଡ଼ୋ ଯାତ୍ରାର ଶେଷ ଦିନରେ ତ୍ରିରଙ୍ଗା ଉଡ଼ାଇବାର ଯୋଜନା ଥିଲେ ମଧ୍ୟ ଗୋଟିଏ ଦିନ ପୂର୍ବରୁ କରିବାକୁ ପଡ଼ିଲା ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ ଟୁଇଟ୍ କରିଛନ୍ତି। ଲାଲ୍ ଚୌକରେ ରବିବାର ଜାତୀୟ ପତାକା ଉତ୍ତୋଳନ ଲାଗି ରାଜ୍ୟ ପ୍ରଶାସନ ଶନିବାର ସନ୍ଧ୍ୟାରେ ଅନୁମତି ଦେଇଥିଲା। ଏହି କାର୍ଯ୍ୟକ୍ରମ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବହୁସଂଖ୍ୟାରେ ସୁରକ୍ଷା କର୍ମୀ ଲାଲ୍‌ଚୌକର ୧ କିଲୋମିଟର ଅଞ୍ଚଳ ମଧ୍ୟରେ ନିୟୋଜିତ ହୋଇଥିଲେ। ଦୋକାନ ବଜାର ସବୁକୁ ବନ୍ଦ କରିଦିଆଯାଇଥିଲା।

ଲାଲ୍‌ଚୌକରେ ତ୍ରିରଙ୍ଗା ଉଡ଼ାଇବା ଦ୍ୱାରା ଭାରତକୁ ଦିଆଯାଇଥିବା ପ୍ରତିଶ୍ରୁତି ଆଜି ପୂରଣ ହୋଇଛି। ଘୃଣାର ପରାଜୟ ଏବଂ ପ୍ରେମର ସବୁବେଳେ ଜୟ ହୋଇଥାଏ। ଭାରତରେ ଆଶାର ନୂଆ ସକାଳ ଆସିବାକୁ ଯାଉଛି ବୋଲି ରାହୁଲ ଟୁଇଟ୍ କରିଛନ୍ତି। ଗତବର୍ଷ ସେପ୍ଟେମ୍ବର ୭ରେ କନ୍ୟାକୁମାରୀରୁ ଆରମ୍ଭ ହୋଇଥିବା ଭାରତ ଯୋଡ଼ୋ ଯାତ୍ରା ୧୨ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳ ଅତିକ୍ରମ କରିବା ପରେ ସୋମବାର ଉଦ୍‌ଯାପିତ ହେବାକୁ ଯାଉଛି। ଶେଷ ଦିନରେ ୧୨ଟି ବିରୋଧୀ ଦଳର ନେତା ଯୋଗଦେବେ। ମୋଟ ୨୧ଟି ଦଳକୁ ଆମନ୍ତ୍ରଣ କରାଯାଇଥିବାବେଳେ ସୁରକ୍ଷାଗତ କାରଣରୁ କେତେକ ଯୋଗଦେବାକୁ ରାଜି ହୋଇ ନାହାନ୍ତି। ତୃଣମୂଳ କଂଗ୍ରେସ, ସମାଜବାଦୀ ପାର୍ଟି ଏବଂ ଟିଡିପି ଉଦ୍‌ଯାପନୀ ଉତ୍ସବରୁ ନିଜକୁ ଦୂରେଇ ରଖିଛନ୍ତି। ସୋମବାର କାର୍ଯ୍ୟକ୍ରମରେ ଡିଏମ୍‌କେ, ଶରଦ ପାୱାରଙ୍କ ଏନ୍‌ସିପି, ଆର୍‌ଜେଡି, ନୀତୀଶ କୁମାରଙ୍କ ଜେଡିୟୁ, ଉଦ୍ଧବ ଠାକ୍‌ରେଙ୍କ ଶିବସେନା, ସିପିଆଇ, ସିପିଆଇ(ଏମ୍), ଫାରୁକ୍ ଅବଦୁଲ୍ଲାଙ୍କ ନ୍ୟାଶନାଲ କନ୍‌ଫରେନ୍ସ, ମେହବୁବା ମୁଫ୍ତିଙ୍କ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି, ଶିବୁ ସୋରେନ୍‌ଙ୍କ ଜେଏମ୍‌ଏମ୍ ପ୍ରମୁଖ ଦଳ ଭାଗନେବେ।

## ଆର୍‌ଏସ୍‌ଏସ୍-ଭାଜପା ବିଚାରଧାରା ବିରୋଧରେ ଏକାଠି ହୋଇଛନ୍ତି ବିରୋଧୀ: ରାହୁଲ

ଶ୍ରୀନଗର,୨୯।୧(ପି.ଟି.)

ବିରୋଧୀ ଦଳଗୁଡ଼ିକ ମଧ୍ୟରେ ମତାନ୍ତର ରହିଥାଇପାରେ, କିନ୍ତୁ ଆର୍‌ଏସ୍‌ଏସ୍-ଭାଜପା ବିଚାରଧାରା ବିରୋଧରେ ସେମାନେ ଏକାଠି ହୋଇଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର କହିଛନ୍ତି। ଭାରତ ଯୋଡ଼ୋ ଯାତ୍ରାର ୧୩୪ତମ ଦିନର ପଦଯାତ୍ରା ବେଳେ ରାହୁଲ ଏକ ଖବରଦାତା ସମ୍ମିଳନୀରେ କହିଥିଲେ, ଆଲୋଚନା, ବିଚାରବିମର୍ଶ ପରେ ବିରୋଧୀ ଏକତା ପ୍ରକାଶ ପାଇଛି। ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କ ଭଳି ନେତା ପଦଯାତ୍ରାରେ ସାମିଲ ନ ହେବା ନେଇ ଖବରଦାତାମାନେ ପ୍ରଶ୍ନ କରିବାରୁ ରାହୁଲ କହିଥିଲେ, ବିରୋଧୀଙ୍କ ମଧ୍ୟରେ ଏକତା ନାହିଁ କହିବା ଠିକ୍ ନୁହେଁ। ବିଚାରଧାରାର ଲଢ଼େଇରେ ବିରୋଧୀ ଦଳଗୁଡ଼ିକ ଏକାଠି ଭାଜପା ଏବଂ ଆର୍‌ଏସ୍‌ଏସ୍ ବିରୋଧରେ ଲଢ଼ିବେ ବୋଲି କଂଗ୍ରେସ ନେତା କହିଛନ୍ତି। ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ଫେରାଇ ଆଣିବା ପ୍ରଥମ ଏବଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରାହୁଲ କହିଥିବାବେଳେ ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳରେ ବିରୋଧୀ ମେଣ୍ଟରେ କଂଗ୍ରେସ ରହିବ କି ନାହିଁ ପ୍ରଶ୍ନକୁ ସେ ଏଡ଼ାଇ ଯାଇଥିଲେ।

## ନେତାଙ୍କୁ ଗୁଳି: ପୂର୍ବରୁ ଘଟିଥିବା କିଛି ଘଟଣା

ଭୁବନେଶ୍ୱର,୨୯।୧(ବ୍ୟୁରୋ)

ଓଡ଼ିଶାର ଜଣେ ଆଗଧାଡ଼ିର ନେତା ତଥା ବରିଷ୍ଠ ମନ୍ତ୍ରୀ ନବ କିଶୋର ଦାସଙ୍କୁ ରାସ୍ତା ଉପରେ ଜଣେ ପୋଲିସ କର୍ମଚାରୀ ଗୁଳିକରି ହତ୍ୟା କରିବା ଘଟଣା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଛି। ତେବେ ନେତାଙ୍କ ଉପରକୁ ଗୁଳିମାଡ଼ ନୂଆ ନୁହେଁ। ଏପରି ଘଟଣା ଆଗରୁ ମଧ୍ୟ ଓଡ଼ିଶାରେ ଘଟିଛି। ପୂର୍ବରୁ ଘଟିଥିବା ଘଟଣାଗୁଡ଼ିକ ମଧ୍ୟରୁ କେତେଜଣ ବର୍ତ୍ତିଯାଇଥିବା ବେଳେ ଆଉ କେତେଜଣଙ୍କ ଜୀବନ ଯାଇଥିବା ଦେଖାଯାଇଛି।

ପୁରୀ ଜିଲାର ଟାଣୁଆନେତା ଭାବେ ମହେଶ୍ୱର ମହାନ୍ତି ବେଶ୍ ପରିଚିତ। ପୂର୍ବରୁ ସେ ଅନେକଥର ମନ୍ତ୍ରୀ, ବିଧାୟକ ମଧ୍ୟ ରହିଛନ୍ତି। ୨୦୧୪ ଫେବୃୟାରୀ ୨୨ ତାରିଖରେ ତାଙ୍କ ଉପରକୁ ପୁରୀରେ ହିଁ ଗୁଳିମାଡ଼ ହୋଇଥିଲା। ଦୁଇ ଜଣ ଦୁର୍ବୃତ୍ତ ତାଙ୍କ ଘରଠାରୁ କିଛି ବାଟ ଦୂରରେ ତାଙ୍କ ଉପରକୁ ଗୁଳି କରିଥିଲେ। ଏକ କାର୍ଯ୍ୟକ୍ରମ ଶେଷକରି ଘରକୁ ଫେରୁଥିବା ସମୟରେ ଦୁଇଜଣ ଦୁର୍ବୃତ୍ତ ତାଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ହାତରେ ଗୁଳି ବାଜିବା କାରଣରୁ ସେ ଅଳ୍ପକେ ବର୍ତ୍ତିଯାଇଥିଲେ। ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ମଧ୍ୟ ପୂର୍ବରୁ ଗୁଳିମାଡ଼ କରାଯାଇଥିଲା। ୨୦୦୯ ଅକ୍ଟୋବର ୧୩ ତାରିଖରେ ମାରାଣ୍ଡିଙ୍କ ଉପରକୁ ଗୁଳି କରିଥିଲେ ଦୁର୍ବୃତ୍ତ। ସେତେବେଳେ ସେ ଜେଏମ୍‌ଏମ୍‌ରେ ଥିଲେ। ବାରିପଦା ଏବଂ ପଶ୍ଚିମବଙ୍ଗ ସୀମାରେ ଥିବା ଏକ ଗାଁକୁ ସେ ଫୁଟ୍‌ବଲ୍ ମ୍ୟାଚ୍ ଦେଖିବାକୁ ଯାଇଥିଲେ। ମ୍ୟାଚ୍ ଦେଖିବା ସମୟରେ ହିଁ ତାଙ୍କ ଉପରକୁ ଆକ୍ରମଣ କରାଯାଇଥିଲା, ଯେଉଁଥିରେ ମାଓବାଦୀଙ୍କ ହାତଥିବା କୁହାଯାଇଥିଲା। ମାରାଣ୍ଡି ବର୍ତ୍ତିଯାଇଥିଲେ ମଧ୍ୟ ୩ ଯବାନ୍ ଶହୀଦ ହୋଇଥିଲେ।

ନବରଙ୍ଗପୁର ଜିଲା ଉମରକୋଟ ବିଜେଡି ବିଧାୟକ ଜଗବନ୍ଧୁ ମାଝି କିନ୍ତୁ ମାଓବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିଲେ। ୨୦୧୧ ସେପ୍ଟେମ୍ବର ୨୪ ତାରିଖରେ ରାଇଘର ବ୍ଲକର ଉନା ଗ୍ରାମରେ ଜମିପଟ୍ଟା ବାଣ୍ଟୁଥିବା ବେଳେ ତାଙ୍କ ଉପରକୁ ଆକ୍ରମଣ କରାଯାଇଥିଲା। ଏହି ଗୁଳିକାଣ୍ଡରେ ଜଗବନ୍ଧୁ ଏବଂ ତାଙ୍କ ପିଏସ୍‌ଓଙ୍କ ମୃତ୍ୟୁ ହୋଇଥିଲା। ୨୦୦୪ରେ ତାଙ୍କ ଉପରକୁ ଆକ୍ରମଣ ହୋଇଥିବା ବେଳେ ସେତେବେଳେ ସୌଭାଗ୍ୟବଶତଃ ବର୍ତ୍ତିଯାଇଥିଲେ। ଏବେ ପରିବହନ ମନ୍ତ୍ରୀ ଥିବା ଟୁକୁନି ସାହୁଙ୍କ ସ୍ୱାମୀ ଅଭିମନ୍ୟୁ ସାହୁଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା। ୨୦୧୩ ଡିସେମ୍ବର ୧୫ରେ ସେ ମର୍ନିଂୱାକ୍ କରୁଥିବା ବେଳେ ଧାରୁଆ ଅସ୍ତ୍ରରେ ହାଣି ତାଙ୍କୁ ହତ୍ୟା କରାଯାଇଥିଲା। ବ୍ୟବସାୟିକ ଶତ୍ରୁତା କାରଣରୁ ତାଙ୍କୁ ହତ୍ୟା କରାଯାଇଥିବା କୁହାଯାଇଥିଲା। ପୂର୍ବତନ କଂଗ୍ରେସ ବିଧାୟକ ଧନୁର୍ଜୟ ସିଦ୍ଧୁଙ୍କ ଉପରେ ମଧ୍ୟ ହୋଇଥିଲା ଆକ୍ରମଣ। ୨୦୦୭ ଫେବୃୟାରୀ ୨୬ରେ ବଡ଼ବିଲ ନିକଟରେ ତାଙ୍କୁ ଗୁଳି କରାଯାଇଥିଲା। ସେତେବେଳେ ଧନୁର୍ଜୟ ଚମ୍ପୁଆର ବିଧାୟକ ଥିଲେ। ସେ ତାଙ୍କ ଗାଡ଼ିରେ ଯିବାବେଳେ ମୋଟରସାଇକେଲରେ କିଛି ଦୁର୍ବୃତ୍ତ ଆସି ଗୁଳିଚାଳନା କରିଥିଲେ। ସେତେବେଳେ କିନ୍ତୁ ଧନୁର୍ଜୟ ବର୍ତ୍ତିଯାଇଥିଲେ।

## ଶିବପାଲ, ସ୍ୱାମୀ ପ୍ରସାଦ ହେଲେ ଏସ୍‌ପି ସାଧାରଣ ସମ୍ପାଦକ

ଲକ୍ଷ୍ନୌ,୨୯।୧(ପି.ଟି.)


ଶିବପାଲ ଯାଦବ


ସ୍ୱାମୀ ପ୍ରସାଦ ମୌର୍ଯ୍ୟ

ସମାଜବାଦୀ ପାର୍ଟି (ଏସ୍‌ପି)ର ୬୨ ଜଣିଆ ଜାତୀୟ କାର୍ଯ୍ୟକାରିଣୀ ରବିବାର ପ୍ରକାଶ ପାଇଛି। ଏଥିରେ ଅଖିଳେଶ ଯାଦବ ଦଳର ଜାତୀୟ ଅଧ୍ୟକ୍ଷ ରହିଥିବାବେଳେ ତାଙ୍କ ଦାଦା ଶିବପାଲ ଯାଦବଙ୍କୁ ସାଧାରଣ ସମ୍ପାଦକ କରାଯାଇଛି। ରାମଚରିତ ମାନସ ଉପରେ ବିବାଦୀୟ ମନ୍ତବ୍ୟ ଦେଇଥିବା ବରିଷ୍ଠ ନେତା ସ୍ୱାମୀ ପ୍ରସାଦ ମୌର୍ଯ୍ୟ ଏବଂ ଆଜମ ଖାନ୍‌ଙ୍କ ସମେତ ୧୪ ଜଣଙ୍କୁ ସାଧାରଣ ସମ୍ପାଦକ କରାଯାଇଛି। ଦାଦା-ପୁତୁରା ଶିବପାଲ ଏବଂ ଅଖିଳେଶ ୨୦୧୬ରେ ପରସ୍ପରଠାରୁ ଅଲଗା ହୋଇଯାଇଥିଲେ। ୨୦୧୮ରେ ଶିବପାଲ ପ୍ରଗତିଶୀଳ ସମାଜବାଦୀ ପାର୍ଟି (ଲୋହିଆ) ଗଠନ କରିଥିଲେ। ଏସ୍‌ପି ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବଙ୍କ ପରଲୋକ ପରେ ଗତବର୍ଷ ଡିସେମ୍ବରରେ ମୈନପୁରୀ ଲୋକ ସଭା ଉପନିର୍ବାଚନ ବେଳେ ଦାଦା-ପୁତୁରା ପୁଣିଥରେ ଏକାଠି ହୋଇଥିଲେ। ସୁଦୀପ ରଞ୍ଜନ ସେନ୍ ଦଳର କୋଷାଧ୍ୟକ୍ଷ ହୋଇଥିବାବେଳେ ୧୯ ଜଣଙ୍କୁ ସମ୍ପାଦକ ନିଯୁକ୍ତ କରାଯାଇଛି।

## ଆହୁରି ପୁରୁଖା ନେତା ବିଆର୍‌ଏସ୍‌ରେ ଯୋଗଦେବେ: ଶିଶିର

ରାୟଗଡ଼ା,୨୯।୧(ସ୍ୱ.ପ୍ର.)

ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ତାଙ୍କ ପୁଅ ଶିଶିର ଗମାଙ୍ଗ, ପୂର୍ବତନ କୋରାପୁଟ ଏମ୍‌ପି ଜୟରାମ ପାଙ୍ଗିଙ୍କ ସମେତ ଅନ୍ୟ କେତେଜଣ ନେତା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଭାରତ ରାଷ୍ଟ୍ର ସମିତି(ବିଆର୍‌ଏସ୍)ଦଳରେ ଯୋଗଦେବା ପରେ ରାଜନୀତି ଅଧିକ ସରଗରମ ହୋଇଛି। ଅବିଭକ୍ତ କୋରାପୁଟ ଜିଲାରେ ମଧ୍ୟ ରାଜନୈତିକ ପାଣିପାଗ ବଦଳିଛି। ସାଧାରଣ ନିର୍ବାଚନ ବେଳେ ଅବିଭକ୍ତ କୋରାପୁଟ ଜିଲାରେ ଗୋଟିଏ ଲୋକ ସଭା ଆସନ, କୋରାପୁଟ ଜିଲାର ୪ ବିଧାନସଭା ଆସନ ଓ ରାୟଗଡ଼ା ଜିଲାର ୩ ବିଧାନସଭା ଆସନ ଚର୍ଚ୍ଚାରେ ରହିଥାଏ। ସବୁ ଦଳ ରଣନୀତି ପ୍ରସ୍ତୁତିରେ ବ୍ୟସ୍ତ ଥିବାବେଳେ ଅନ୍ୟ ରାଜ୍ୟର ଦଳ ଓଡ଼ିଶା ରାଜନୀତିରେ ପ୍ରବେଶ କରିବା ପାଇଁ ଅସନ୍ତୁଷ୍ଟ ନେତାଙ୍କୁ ଏକଜୁଟ କରୁଛନ୍ତି। ଆମ୍ ଆଦ୍‌ମୀ ପାର୍ଟି(ଆପ୍) ଆଗାମୀ ନିର୍ବାଚନରେ ଓଡ଼ିଶାରେ ପ୍ରାର୍ଥୀ ଦେବାକୁ ସ୍ଥିର କରିଥିବାବେଳେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ବିଆର୍‌ଏସ ମଧ୍ୟ ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ନେଇଛି। ଏ ନେଇ ଶିଶିରଙ୍କୁ ପଚାରିବାରୁ, ଆଗକୁ ଆହୁରି ପୁରୁଖା ନେତା ବିଆର୍‌ଏସରେ ଯୋଗଦେବେ ବୋଲି କହିଛନ୍ତି। ଏଥିସହ ଅଗାମୀ ଦିନରେ ବିଆର୍‌ଏସ ଓଡ଼ିଶାରେ ସରକାର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶିଶିର କହିଛନ୍ତି। ଅପରପକ୍ଷେ ଓଡ଼ିଶାରେ ବିଆର୍‌ଏସର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ରାୟଗଡ଼ା ଜିଲା କଂଗ୍ରେସ ଓ ଭାଜପା ପକ୍ଷରୁ କୁହାଯାଇଛି।

**ଓଡ଼ିଶାରେ କୌଣସି ପ୍ରଭାବ ପଡ଼ିବନି: ବିରୋଧୀ**


ଶିଶିର ଗମାଙ୍ଗ

## 'କୃଷ୍ଣ, ହନୁମାନ ସବୁଠୁ ମହାନ୍ କୂଟନୀତିଜ୍ଞ'

ନୂଆଦିଲ୍ଲୀ,୨୯।୧

ଭଗବାନ୍ କୃଷ୍ଣ ଓ ହନୁମାନ ବିଶ୍ୱର ସବୁଠୁ ବଡ଼ କୂଟନୀତିଜ୍ଞ ଥିଲେ। କୂଟନୀତି ଦୃଷ୍ଟିରୁ ମହାଭାରତ ଓ ରାମାୟଣର ଗୁରୁତ୍ୱ ସର୍ବାଧିକ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଡ. ଏସ୍. ଜୟଶଙ୍କର କହିଛନ୍ତି।

ପୁଣେରେ ନିଜ ଇଂଲିଶ୍ ପୁସ୍ତକ 'ଦି ଇଣ୍ଡିଆ ୱେ: ଷ୍ଟ୍ରାଟେଜିଜ୍ ଫର୍ ଆନ୍ ଅନ୍‌ସାର୍ଟେନ୍ ୱାର୍ଲ୍ଡ' ଉନ୍ମୋଚନ ଅବସରରେ ଜୟଶଙ୍କର କହିଛନ୍ତି, ହନୁମାନ ନିଜ ମିଶନକୁ ସଫଳ କରିବା ପାଇଁ ସୀତାଙ୍କୁ ଠାବ କରିବା ସହ ଲଙ୍କାରେ ନିଆଁ ମଧ୍ୟ ଲଗାଇଦେଇଥିଲେ। ସେହିପରି ଶିଶୁପାଳଙ୍କୁ ଅନେକ ଥର କ୍ଷମାକରିବା ହେଉଛି ଶ୍ରୀକୃଷ୍ଣଙ୍କ ରଣନୈତିକ ଧୈର୍ଯ୍ୟର ପରିଚୟ। କୃଷ୍ଣ ଶିଶୁପାଳଙ୍କୁ ୧୦୦ ଭୁଲ୍ ପାଇଁ କ୍ଷମା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଶେଷରେ ୧୦୧ତମ ଭୁଲ୍ ବେଳେ ତାଙ୍କୁ ବଧ କରିବେ ବୋଲି କହିଥିଲେ। କୁରୁକ୍ଷେତ୍ରରେ କୌରବ ଓ ପାଣ୍ଡବ ମହାଭାରତ ଯୁଦ୍ଧ ଲଢ଼ିଥିଲେ। ରଣନୈତିକ ସ୍ୱାୟତ୍ତତା ହେଉଛି ଅନ୍ୟ ଦେଶଗୁଡ଼ିକ ଦ୍ୱାରା ପ୍ରଭାବିତ ନ ହୋଇ ନିଜ ଜାତୀୟ ସ୍ୱାର୍ଥ ହାସଲ ଓ ବହିର୍ବ୍ୟାପାର ନୀତିକୁ ସଫଳ କରିବା ପାଇଁ ଏକ ରାଷ୍ଟ୍ରର ସାମର୍ଥ୍ୟ। 'ରଣନୈତିକ ପ୍ରତାରଣା' ସମ୍ପର୍କରେ କହିବାକୁ ଯାଇ ଜୟଶଙ୍କର କହିଛନ୍ତି, ଅର୍ଜୁନଙ୍କ ପୁତ୍ର ଅଭିମନ୍ୟୁଙ୍କୁ କୌରବମାନେ ହତ୍ୟା କରିଥିଲେ। ଅର୍ଜୁନ ପ୍ରତିଶୋଧ ଲାଗି ଜୟଦ୍ରଥଙ୍କୁ ସନ୍ଧ୍ୟା ସୁଦ୍ଧା ବଧ କରିବାକୁ ଶପଥ ନେଇଥିଲେ। କୌରବମାନେ ଜୟଦ୍ରଥଙ୍କୁ ସନ୍ଧ୍ୟା ସୁଦ୍ଧା ଲୁଚାଇ ରଖିଥିଲେ। ସୂର୍ଯ୍ୟାସ୍ତ ପରେ ଜୟଦ୍ରଥ ଉଭା ହେବାରୁ ତାଙ୍କୁ ତତ୍କାଳ ବଧ କରିବା ପାଇଁ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ପରାମର୍ଶ ଦେଲେ। ଅର୍ଜୁନଙ୍କ ଶରରେ ଜୟଦ୍ରଥଙ୍କ ଶିରଚ୍ଛେଦ ହୋଇଥିଲା। ଭାରତର ପଡ଼ୋଶୀ ଦେଶଗୁଡ଼ିକର ଆଚରଣକୁ ନେଇ ବିରୋଧୀଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରାଯାଉଥିବାବେଳେ ଏସ୍. ଜୟଶଙ୍କର କହିଛନ୍ତି, ପାଣ୍ଡବମାନେ ନିଜ ସମ୍ପର୍କୀୟଙ୍କୁ ଚୟନ କରିପାରି ନ ଥିଲେ। ଆମେ ନିଜ ପଡ଼ୋଶୀଙ୍କୁ ବାଛିପାରିବା ନାହିଁ। କର୍ଣ୍ଣ (ଚାଇନା) ଓ ଦୁର୍ଯ୍ୟୋଧନ (ପାକିସ୍ତାନ) ବାରମ୍ବାର ସୀମାର ନିୟମଗୁଡ଼ିକୁ ଉଲ୍ଲଂଘନ କରୁଛନ୍ତି। କର୍ଣ୍ଣ ଓ ଦୁର୍ଯ୍ୟୋଧନଙ୍କ ମିତ୍ରତାରୁ ଉଭୟେ କିମ୍ବା ସେମାନଙ୍କ ପରିବାର ଲୋକେ କିଛି ଲାଭ ପାଇ ନ ଥିଲେ। ଓଲଟା ଏହି ବନ୍ଧୁତାରୁ ଦୁହିଁଙ୍କ ଜୀବନ ଚାଲିଯାଇଥିଲା।

**■ ପୁସ୍ତକ ଉନ୍ମୋଚନ ଅବସରରେ ଜୟଶଙ୍କରଙ୍କ ମନ୍ତବ୍ୟ**









# ‘ସମୟର ଆହ୍ୱାନକୁ ସାହିତ୍ୟ ଅଙ୍ଗୀକୃତ କରୁ’

## ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଯାପିତ

- ଅଜୟ ପ୍ରଧାନଙ୍କୁ ‘କୈଳାସ ଲେଙ୍କା ସ୍ମୃତି ସୃଜନ ସମ୍ମାନ’
- ଅଞ୍ଜନ କୁମାର ସାହୁଙ୍କୁ ‘ଦୀନନାଥ ପାଠୀ ସ୍ମୃତି ଶିଳ୍ପୀ ସମ୍ମାନ’

**ଭୁବନେଶ୍ୱର,୨୯।୧(ବ୍ୟୁରୋ)**

ମଣିଷକୁ ମଣିଷ କରିଛି ସାହିତ୍ୟ। ସଭ୍ୟତାକୁ ସ୍ୱରୂପ ଦେଇଛି। ମଣିଷର ଉତ୍ତରଣରେ ସାହିତ୍ୟର ସର୍ବଗରିଷ୍ଠ ଭୂମିକା ରହିଛି। ସୁତରାଂ ସାହିତ୍ୟ ସମୟର ଆହ୍ୱାନ ଓ ଆବଶ୍ୟକତାକୁ ଅଙ୍ଗୀକୃତ କରିବା ଆବଶ୍ୟକ। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ସୂଚନା ଭବନଠାରେ ଚାଲିଥିବା ଭୁବନେଶ୍ୱର ସାହିତ୍ୟ ପର୍ବର ରବିବାର ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହା କହିଛନ୍ତି। ସାହିତ୍ୟର ଆଭିମୁଖ୍ୟ ସର୍ବଦା ଜୀବନ ଓ ଜଗତ ପ୍ରତି ସମ୍ବେଦନଶୀଳ। ଏହା ଆମ ସମାଜରେ ଆଗାମୀ ପିଢ଼ି ପାଇଁ ମାର୍ଗଦର୍ଶକାର ଭୂମିକା ନିର୍ବାହ କରିଛି। ତେବେ ଓଡ଼ିଶାରେ ସର୍ଜନାର ଧାରା ଉତ୍ସାହପ୍ରଦ ବୋଲି ରାଜ୍ୟପାଳ ପ୍ରକାଶ କରିଛନ୍ତି।

ବିଶିଷ୍ଟ ଅତିଥି ଭାବେ ଜ୍ଞାନପୀଠ ବିଜେତା ପଦ୍ମ ବିଭୂଷଣ ଡ. ସୀତାକାନ୍ତ ମହାପାତ୍ର ଯୋଗଦେଇ ଭୁବନେଶ୍ୱର ସାହିତ୍ୟ ପର୍ବକୁ କଳା-ସାହିତ୍ୟ-ସଂସ୍କୃତିର ମିଳନ ଉତ୍ସବ ଭାବେ ବର୍ଣ୍ଣନା କରି ଯୁବଲେଖକମାନେ ପରମ୍ପରା ଓ ଆଧୁନିକତା ମଧ୍ୟରେ ସମନ୍ୱୟ ରକ୍ଷା କରି ଲେଖନୀ ଚାଳନା କରିବାକୁ ପରାମର୍ଶ ଦେଇଥିଲେ।



ଭୁବନେଶ୍ୱର ସାହିତ୍ୟ ପର୍ବର ରବିବାର ଉଦ୍‌ଯାପନୀ ଅଧିବେଶନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ଅନ୍ୟ ଅତିଥିମାନେ।

ଅନ୍ୟତମ ଅତିଥି ଭାବେ ପ୍ରତିଷ୍ଠିତ ଅନୁବାଦକ ସୂର୍ଯ୍ୟମଣି ଖୁଣ୍ଟିଆ ମଞ୍ଚାସୀନ ଥିଲେ। ଟ୍ରଷ୍ଟ ସଭାପତି କବି ସୂର୍ଯ୍ୟ ମିଶ୍ର ସ୍ୱାଗତ ଭାଷଣରେ ଆଧ୍ୟାତ୍ମିକତା ଓ ଆଧୁନିକତା ସାହିତ୍ୟର ଅସଲ ଆବେଦନ ବୋଲି କହିଥିଲେ। ସମ୍ପାଦିକା ସୋନାଲି ମହାପାତ୍ର ବିବରଣୀ ପାଠ କରିଥିଲେ। ଏହି ଅବସରରେ କବି ଅଜୟ ପ୍ରଧାନଙ୍କୁ ‘କୈଳାସ ଲେଙ୍କା ସ୍ମୃତି ସୃଜନ ସମ୍ମାନ’ ଓ ଚିତ୍ରଶିଳ୍ପୀ ଅଧ୍ୟାପକ ଅଞ୍ଜନ କୁମାର ସାହୁଙ୍କୁ ‘ଦୀନନାଥ ପାଠୀ ସ୍ମୃତି ଶିଳ୍ପୀ ସମ୍ମାନ’ ପ୍ରଦାନ କରାଯାଇଥିଲା। ସାହିତ୍ୟ ପର୍ବର ସ୍ମରଣିକା ‘ଆସର’ ଓ ସାହିତ୍ୟ ସମାଜର ବାର୍ଷିକ କବିତା ପୁସ୍ତକ ସମେତ ଅକ୍ଷୟ ପାଳଙ୍କ ‘ଅନ୍ଧାରର ରଙ୍ଗ’ ଏବଂ ଡ. ଦେବାଶିଷ ମହାପାତ୍ରଙ୍କ ‘ଆମ ବର୍ଣ୍ଣମାଳା’ ପୁସ୍ତକ ରାଜ୍ୟପାଳଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା।

ପରେ ସତ୍ୟଜିତ ରାୟ ଫିଲ୍ମ ଓ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍ କୋଲକାତାର ନିର୍ଦ୍ଦେଶକ ଡ. ହିମାଂଶୁ ଖଟୁଆଙ୍କ ସହିତ ସିନେ-ଗବେଷକ ସୂର୍ଯ୍ୟ ଦେଓଙ୍କ ଆଳାପ, ଗୀତି କବିତା ସମ୍ପର୍କିତ ଆଲୋଚନା ‘ଗୀତି ସୁରେ: ମନ ଝୁରେ’ ଅନୁଷ୍ଠିତ ହୋଇଥିଲା। ନନ୍ଦ କିଶୋର ସିଂହ, ଦେବୀଦତ୍ତ ମହାନ୍ତି ଓ ଧନଞ୍ଜୟ ସ୍ୱାଇଁ ଅଂଶଗ୍ରହଣ କରିଥିବାବେଳେ ବିଜୟ ମଲ୍ଲ ସଂଯୋଜନା କରିଥିଲେ। ଓଡ଼ିଶୀ ନୃତ୍ୟଗୁରୁ ଶାଶ୍ୱତ ଯୋଶୀଙ୍କ ସହିତ ଇଂ. ଶ୍ରୀନିବାସ ଘଟୁଆରୀଙ୍କ ଆଳାପ ହୋଇଥିଲା। ଅପରାହ୍ନରେ ‘ସାହିତ୍ୟ ଓ ରାଜନୀତି: ପ୍ରବୃତ୍ତିର ପରୀକ୍ଷା’ ଆଲୋଚନାଚକ୍ରରେ ଗଣେଶ୍ୱର ବେହେରା, ଗୌତମବୁଦ୍ଧ ଦାସ ଓ ଶଙ୍କର ପରିଡ଼ା ଭାଗନେଇଥିବାବେଳେ ସାମ୍ବାଦିକ ଦେବେନ୍ଦ୍ର ପୃଷ୍ଟି ସଂଯୋଜନା କରିଥିଲେ। କବି ଡ. ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୭୦ରୁ ଅଧିକ କବି ଯୋଗଦେଇ ସ୍ୱରଚିତ ଲେଖା ପାଠ କରିଥିଲେ। କବି ପ୍ରବାସିନୀ ମହାକୁଡ଼ ଅତିଥି ଭାବେ ଯୋଗଦେଇଥିବାବେଳେ ମାନି ଦାଶ, ବିଜନବାଳା ପାଟଯୋଶୀ ଓ ମୌସୁମୀ ଦାସ ସଂଯୋଜନା କରିଥିଲେ। ସନ୍ଧ୍ୟାରେ ଡ. ବିବେକାନନ୍ଦ ପାଣିଗ୍ରାହୀଙ୍କ ପ୍ରଯୋଜିତ ଓ ଚିନ୍ମୟ ଦାସ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଫିଚର ଫିଲ୍ମ ‘ବିଶ୍ୱାସ’ ପ୍ରଦର୍ଶିତ ହେବା ପରେ ପର୍ବ ଉଦ୍‌ଯାପିତ ହୋଇଥିଲା। ଅନୁଷ୍ଠାନର ଉପସଭାପତି ରକ୍ଷକ ନାୟକ, ଉତ୍ସବ ନିର୍ଦ୍ଦେଶକ ଡ. ଅଶୋକ କୁମାର ସିଂହ, ଡ. ନନ୍ଦକିଶୋର ବିଶ୍ୱାଳ, ଡ. ପ୍ରଦୀପ୍ତ ବାରିକ, ଆଭାସ ବରାଳ, ବିଧୁଭୂଷଣ ତ୍ରିପାଠୀ, ସଂଜୟ ମହାନ୍ତି, ଶାକ୍ୟସିଂହ ମହାପାତ୍ର, ସୁଧୀର ମଉଡ଼ମଣି ଓ ରାଜାରାମ ପାଢ଼ୀ ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭିତରକନିକା ବୁଲିଲେ ସୁପ୍ରିମକୋର୍ଟ ପୂର୍ବତନ ପ୍ରଧାନ ବିଚାରପତି



**ରାଜନଗର, ୨୯।୧(ଡି.ଏନ.ଏ.)**

ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଶରଦ ଅରବିନ୍ଦ ବୋବ୍‌ଡେ ରବିବାର ଦିନିକିଆ ଭିତରକନିକା ବୁଲି ଫେରି ଯାଇଛନ୍ତି। କଡ଼ା ସୁରକ୍ଷା ବଳୟ ଭିତରେ ଭୁବନେଶ୍ୱରରେ ପହଞ୍ଚିବା ପରେ କେନ୍ଦ୍ରାପଡ଼ାଠାରୁ ଏସ୍‌ପି ମଡକର ସନ୍ଦିପ୍ ସମ୍ପଦ, ଉପଜିଲାପାଳ ନିରଞ୍ଜନ ବେହେରା ସ୍ୱାଗତ କରିଥିଲେ। ସେଠାରୁ କଡ଼ା ସୁରକ୍ଷା ବଳୟ ଭିତରେ ଗୁପ୍ତି ଘାଟ ନିକଟରେ ସେ ପହଞ୍ଚି ଥିଲେ। ଗୁପ୍ତି ଘାଟ ନିକଟରେ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ଜଷ୍ଟିସ୍ ବୋବ୍‌ଡେଙ୍କୁ ସ୍ୱାଗତ କରିଥିଲେ। ସେଠାରୁ ବନ ବିଭାଗ ବୋଟରେ ଭିତରକନିକା ଜାତୀୟ ଉଦ୍ୟାନକୁ ଯାଇଥିଲେ। ଏହି ନୌବିହାର ସମୟରେ ଜଷ୍ଟିସ୍ ବୋବ୍‌ଡେ ଭିତରକନିକା ନଦୀର ଉଭୟପାର୍ଶ୍ୱରେ ବଡ ବଡ ବଉଳା କୁମ୍ଭୀର, ହରିଣ ଓ ଅନ୍ୟ ଜୀବଜନ୍ତୁଙ୍କୁ ଦେଖି ବିମୋହିତ ହୋଇପଡିଥିଲେ। ଭିତରକନିକା ଜାତୀୟ ଉଦ୍ୟାନରେ ପାଦ ଥାପିବା ପରେ ଆବଦ୍ଧ ପୁଷ୍କରିଣୀରେ ରଖା ଯାଇଥିବା ଧଳା କୁମ୍ଭୀର ଗୋରୀ, ମଲ୍ଲି, ଶ୍ୱେତା ସମେତ ବନ ବିଭାଗ ପକ୍ଷରୁ ଲାଳନ ପାଳନ କରାଯାଉଥିବା ଛୋଟ ଛୋଟ କୁମ୍ଭୀର ଶାବକଙ୍କୁ ମଧ୍ୟ ବୁଲି ଦେଖିଥିଲେ। ଗୋରୀ ସମ୍ବନ୍ଧରେ ଅନେକ ତଥ୍ୟ ସଂଗ୍ରହ କରିଥିଲେ। ପରେ ଭିତରକନିକାରେ ଜୀବଜନ୍ତୁଙ୍କ ପାଇଁ ପ୍ରାଣବଳି ଦେଇଥିବା ବନ କର୍ମଚାରୀଙ୍କ ଶହୀଦ ସ୍ତମ୍ଭ ନିକଟରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ମ୍ୟୁଜିୟମରେ ଥିବା ବଉଳା କୁମ୍ଭୀରଙ୍କ କଙ୍କାଳ ସହ ସତୁରି ଦଶକରୁ ସଂଗ୍ରହ ହୋଇରହିଥିବା ବିଭିନ୍ନ ଜୀବଜନ୍ତୁଙ୍କର ଶରୀର ଏବଂ ରାସାୟନିକ ପ୍ରଲେପ ଦିଆଯାଇ ରଖାଯାଇଥିବା ଅଲିଭ୍ ରିଡ୍‌ଲେ କଇଁଛକୁ ମଧ୍ୟ ଦେଖିଥିଲେ। ତାଙ୍କର ଏହି ଦିନିକିଆ କାର୍ଯ୍ୟକ୍ରମରେ ଭିତରକନିକାର ବିଭବ, ଜୈବ ବିବିଧତା ଓ ଆର୍ଦ୍ରଭୂମିକୁ ମନ ଭରି ଉପଭୋଗ କରିଥିଲେ। ଜଷ୍ଟିସ୍ ବୋବ୍‌ଡେଙ୍କ ସହ ଲୋକାୟୁକ୍ତ ଜଷ୍ଟିସ୍ ଅଜିତ୍ ସିଂ, ଡିଏଫ୍‌ଓ ଯାଦବ, ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଆଇଆଇସି ଶ୍ରୀକାନ୍ତ କୁମାର ବାରିକ, ରେଞ୍ଜ ଅଫିସର ମାନସ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

# ରେଳ ଷ୍ଟେଶନରୁ ଉଦ୍ଧାର ଅପରିଚିତଙ୍କ ମୃତ୍ୟୁ

**ରାଉରକେଲା ଅଫିସ,୨୯।୧:** ରାଉରକେଲା ରେଳ ଷ୍ଟେଶନରୁ ଉଦ୍ଧାର ହୋଇ ଆରଜିଏଚ୍‌ରେ ଚିକିତ୍ସିତ ହେଉଥିବା ଜଣେ ଅଜଣା ଯୁବକଙ୍କ ରବିବାର ମୃତ୍ୟୁ ହୋଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ (ସନ୍ଧ୍ୟା ସାଢେ ୭ଟା) ମୃତ ଯୁବକଙ୍କ ପରିଚୟ ମିଳିନାହିଁ। ତାଙ୍କ ବୟସ ପାଖାପାଖି (୫୦) ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସୂଚନା ଅନୁସାରେ, ଶନିବାର ବିଳମ୍ବିତ ରାତିରେ ରାଉରକେଲା ରେଳ ଷ୍ଟେଶନର ପ୍ଲାଟଫର୍ମ ନଂ. ୩ରେ ଉକ୍ତ ବ୍ୟକ୍ତି ଜଣଙ୍କ ପଡିରହିଥିଲେ। ଖବର ପାଇ ଜିଆର୍‌ପି ପୋଲିସ ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ଆରଜିଏଚ୍‌ରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସାଢେ ୭ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଜିଆର୍‌ପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮।୨୩) ରୁଜୁ କରି ମୃତଦେହକୁ ଆର୍‌ଜିଏଚ୍ ମର୍ଗ ହାଉସ୍‌ରେ ରଖି ତଦନ୍ତ କରୁଛି।

# ଓଡ଼ିଶାର ମିଲେଟ୍-ପ୍ରେନ୍ୟୁଅର୍ସଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

**ଭୁବନେଶ୍ୱର, ୨୯।୧(ବ୍ୟୁରୋ)**

ଓଡ଼ିଶାର ମିଲେଟ୍-ପ୍ରେନ୍ୟୁଅର୍ସଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସା କରିଛନ୍ତି। ରବିବାର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସମ୍ବୋଧିତ କରି କହିଲେ, ଆପଣଙ୍କୁ ଗୋଟିଏ କଥା ପଚାରିବି? ଆପଣମାନେ ଏଣ୍ଟରପ୍ରେନ୍ୟୁଅର ଶବ୍ଦଟି ଶୁଣିଥିବେ। କିନ୍ତୁ ଆପଣ କେବେ ମିଲେଟ୍-ପ୍ରିନିୟର୍ସ ଶବ୍ଦଟି ଶୁଣିଛନ୍ତି କି? ଓଡ଼ିଶାର ମିଲେଟ୍-ପ୍ରେନ୍ୟୁଅର୍ସ ଆଜିକାଲି ବହୁତ ଚର୍ଚ୍ଚାରେ ରହିଛନ୍ତି। ଆଦିବାସୀ ଜିଲା ସୁନ୍ଦରଗଡ଼ର ପ୍ରାୟ ଦେଢ଼ ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓଡ଼ିଶା ମିଲେଟ୍‌ସ ମିଶନ୍ ସହିତ ଜଡ଼ିତ। ଏଠାରେ ମହିଳାମାନେ ମିଲେଟ୍‌ସରେ କୁକିଜ୍, ରସଗୋଲା, ଗୋଲାପ ଜାମୁ ଏବଂ କେକ୍ ମଧ୍ୟ ତିଆରି କରୁଛନ୍ତି। ବଜାରରେ ଏହାର ଚାହିଦା ବହୁତ ବଢୁଥିବାରୁ ମହିଳାଙ୍କ ଆୟ ମଧ୍ୟ ବୃଦ୍ଧି ପାଇଚାଲିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ପ୍ରଧାନମନ୍ତ୍ରୀ ଯୋଗ ଏବଂ ମିଲେଟ୍‌ସ ମଧ୍ୟରେ ବହୁତ କିଛି ସାଧାରଣ ରହିଛି ବୋଲି କହିଥିଲେ। ସ୍ୱାସ୍ଥ୍ୟ ପାଇଁ ଉଭୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଲୋକେ ଏବେ ମିଲେଟ୍‌ସକୁ ନିଜ ଖାଦ୍ୟରେ ସାମିଲ କଲେଣି। ଏହି ପରିବର୍ତ୍ତନର ବହୁତ ବଡ଼ ପ୍ରଭାବ ମଧ୍ୟ ଦେଖାଗଲାଣି। ଫଳରେ ମିଲେଟ୍‌ସ ଚାଷ କରୁଥିବା କ୍ଷୁଦ୍ର ଚାଷୀମାନେ ବହୁତ ଉତ୍ସାହିତ ହୋଇଛନ୍ତି। ବିଶ୍ୱ ଏବେ ସେମାନଙ୍କ ଶସ୍ୟର ମୂଲ୍ୟ ବୁଝିପାରିଛି। ଏହି ଅବସରରେ ମୋଦି ଓଡ଼ିଶା ସମେତ ଛତିଶଗଡ଼, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ ମିଲେଟ୍‌ର ଚାହିଦା କିପରି ବୃଦ୍ଧି ପାଉଛି ସେ ସମ୍ପର୍କରେ ଉଦାହରଣ ଦେଇ କହିଥିଲେ।




ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଲେ, ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଅନେକ ଦିଗକୁ ପ୍ରଶଂସା କରାଯାଉଛି। ଜାନୁୟାରୀ ୨୬ ପରେଡରେ କର୍ତ୍ତବ୍ୟ ପଥ ନିର୍ମାଣ କରୁଥିବା ଶ୍ରମିକଙ୍କୁ ଦେଖି ବହୁତ ଭଲ ଲାଗିଲା। ପ୍ରଥମଥର ପାଇଁ ଏହି ପରେଡରେ ଅଂଶଗ୍ରହଣ କରିଥିବା ମହିଳା ଓଟ ଆରୋହୀ ଏବଂ ସିଆର୍‌ପିଏଫ୍‌ର ମହିଳା କଣ୍ଟିଜେଣ୍ଟ ମଧ୍ୟ ଉଚ୍ଚ ପ୍ରଶଂସିତ ହେଉଛନ୍ତି। ଭାରତ ହେଉଛି ବିଶ୍ୱର ସବୁଠାରୁ ବଡ଼ ଗଣତନ୍ତ୍ର ଏବଂ ଆମେମାନେ ମଧ୍ୟ ଗର୍ବିତ ଯେ ଆମ ଦେଶ ମଧ୍ୟ ଗଣତନ୍ତ୍ରର ଜନନୀ। ଗଣତନ୍ତ୍ର ଆମ ଶିରାରେ, ଆମ ସଂସ୍କୃତିରେ ଅଛି। ବର୍ଷ ବର୍ଷ ଧରି ଏହା ଆମର କାର୍ଯ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ। ପଦ୍ମ ପୁରସ୍କାର ମଧ୍ୟ ଏବେ ଆଦିବାସୀ ସମ୍ପ୍ରଦାୟ ଏବଂ ଆଦିବାସୀ ସମାଜ ସହ ଜଡିତ ଲୋକମାନଙ୍କୁ ଦିଆଯାଇଛି। ଆଦିବାସୀ ଜୀବନ ସହର ଜୀବନଠାରୁ ଭିନ୍ନ, ଏହାର ନିଜସ୍ୱ ଚାଲେଞ୍ଜ ମଧ୍ୟ ଅଛି। ଏସବୁ ସତ୍ତ୍ୱେ ଆଦିବାସୀ ସମାଜ ଏହାର ପରମ୍ପରାକୁ ବଞ୍ଚାଇବାକୁ ସର୍ବଦା ଆଗ୍ରହୀ। ଆଦିବାସୀ ସମ୍ପ୍ରଦାୟ ସହିତ ଜଡିତ ଜିନିଷଗୁଡ଼ିକର ସଂରକ୍ଷଣ ଏବଂ ଗବେଷଣା ପାଇଁ ମଧ୍ୟ ଉଦ୍ୟମ ହେଉଛି। ସେହିଭଳି ଟୋଟୋ, ହୋ, କୁଇ, କୁଭି ଏବଂ ମାଣ୍ଡା ପରି ଆଦିବାସୀ ଭାଷାରେ କାମ କରୁଥିବା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପଦ୍ମ ପୁରସ୍କାର ପାଇଛନ୍ତି। ଏହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

# ୨ ହାତୀଦାନ୍ତ ଜବତ, ୪ ଗିରଫ



ଜବତ ହାତୀଦାନ୍ତ ଓ ଗିରଫ ଅଭିଯୁକ୍ତ।

**ବାରିପଦା ଅଫିସ/ ବିଶୋଇ(ଡି.ଏନ.ଏ.),୨୯।୧**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ତାଳବନ୍ଧ ରେଞ୍ଜ୍ ବାଙ୍କଡିହୀ ଅଞ୍ଚଳରୁ ଦନ୍ତାହାତୀ ମୃତଦେହ ମିଳିବା ଘଟଣାରେ ଶନିବାର ରାତିରେ ବନ ବିଭାଗ ଓ ବିଶୋଇ ଥାନା ପୋଲିସ ଦୁଇଟି ହାତୀଦାନ୍ତ ଜବତ କରିଛି। ହାତୀଦାନ୍ତ ଲୁଚାଇ ରଖିଥିବା ଅଭିଯୋଗରେ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ବିଶୋଇ ଥାନା ଅଧୀନ ତଲକବାଦୀ ଗ୍ରାମର କୁନା ନାଏକ, କୁନା ସିଂ ନାଏକ, ରୁଗୁଲିଡ଼ିହି ଗ୍ରାମର ରାମରାୟ ଟୁଡୁ ଓ ଗୋବିନ୍ଦ ହେମ୍ବ୍ରମ। ଜବତ ହାତୀଦାନ୍ତର ଓଜନ ୪୦ କିଲୋ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଉପନିର୍ଦ୍ଦେଶକ ସାଇ କିରଣ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି। ବାଙ୍କଡିହୀ ଅଞ୍ଚଳରେ ଗତ ୨୧ ତାରିଖରେ ଏକ ଦନ୍ତାହାତୀର ଗଳିତ ମୃତଦେହ ଠାବ ହୋଇଥିଲା। ହାତୀର ଦାନ୍ତ କାଟି ନିଆଯାଇଥିବା ଦେଖିବାକୁ ମିଳିଥିଲା। ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରୀଙ୍କ ନିର୍ଦ୍ଦେଶକ୍ରମେ ବିଶୋଇ ଥାନାଧିକାରିଣୀ ମିନି ଭୋଇଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ୪୦ଜଣିଆ ଫରେଷ୍ଟ କର୍ମଚାରୀ ଓ ପୋଲିସ କର୍ମଚାରୀ ମିଳିତ ଭାବେ ଶନିବାର ରାତିରେ ରୁଗୁଲିଡ଼ିହି ଓ ତଲକବାଦୀ ଗ୍ରାମରେ ଚଢ଼ାଉ କରିଥିଲେ। ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦଙ୍କ ନଡ଼ାଗଦାରୁ ଗୋଟିଏ ଦାନ୍ତ ଏବଂ କୁନାସିଂ ନାଏକଙ୍କ ଘର ପଛ ବିଲ ଖୋଳି ମାଟି ତଳୁ ଆଉ ଗୋଟିଏ ଦାନ୍ତ ମିଳିଥିଲା।

# ୧.୧୫ କୋଟି ଠକେଇ, ବ୍ୟାଙ୍କ କ୍ୟାଶିୟର ଗିରଫ

## ଭବାନୀପାଟଣାରୁ ଧରିଲା ଇଓଡବ୍ଲ୍ୟୁ

**ଭୁବନେଶ୍ୱର,୨୯।୧(ବ୍ୟୁରୋ)**

ଦେଢ କୋଟି ଟଙ୍କା ଅର୍ଥ ହେରଫେର ଅଭିଯୋଗରେ ଜଣେ ବ୍ୟାଙ୍କ ଅଧିକାରୀଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) କଳାହାଣ୍ଡି ଜିଲା ଭବାନୀପାଟଣାରୁ ଗିରଫ କରିଛି। ସେ ହେଲେ କଟକ ଜିଲା ନିଆଳି ଅଞ୍ଚଳରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପହଙ୍ଗା ଶାଖାର କ୍ୟାଶିୟର ବଂଶୀଧର ମାଝି। ଏନେଇ ଇଓଡବ୍ଲ୍ୟୁ ମାମଲା (ନଂ.୪/୨୩) ରୁଜୁ କରି ନିଆଳି ଜେଏମ୍‌ସି କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଅଭିଯୁକ୍ତ ମାଝି ୨୪ ମେ ୨୦୨୧ରୁ ୧୯ ମେ ୨୦୨୨ ପର୍ଯ୍ୟନ୍ତ ଓଡିଶା ଗ୍ରାମ ବ୍ୟାଙ୍କର ପହଙ୍ଗା ଶାଖା ଏବଂ ୨୦ ମେ ୨୦୨୨ରୁ ୨୩ ମେ ୨୦୨୨ ପର୍ଯ୍ୟନ୍ତ ବିନିଶପୁର ଶାଖାର କ୍ୟାସିଅର୍ ଭାବରେ କାର୍ଯ୍ୟ କରିଥିଲେ। ଏହି ସମୟରେ ଗ୍ରାହକଙ୍କ ଟଙ୍କାକୁ ସେମାନଙ୍କ ଆକାଉଣ୍ଟ ବଦଳରେ ନିଜ ଆକାଉଣ୍ଟରେ ଜମା କରୁଥିଲେ। ଏପରିକି ବିଶ୍ୱାସ ଜନ୍ମାଇବା ଲାଗି ଜମାକାରୀଙ୍କୁ ଏକ ନକଲି ରସିଦ ଦେଇ ଆକାଉଣ୍ଟରେ ଜମା ହୋଇଗଲା ବୋଲି କହୁଥିଲେ। ଏହାସହ ସେ ବେଆଇନ ଭାବେ ଏସ୍‌ଏଚ୍‌ଜି ଗ୍ରୁପ ଆକାଉଣ୍ଟରୁ ତାଙ୍କ ବ୍ୟକ୍ତିଗତ ତଥା ଅନ୍ୟାନ୍ୟ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରିଦେଉଥିଲେ। ଗ୍ରାହକଙ୍କ ଜମା ଟଙ୍କାକୁ ମଧ୍ୟ ଅପବ୍ୟବହାର କରୁଥିଲେ। ଗ୍ରାହକଙ୍କ ନାମରେ ଏଟିଏମ୍ କାର୍ଡ କରି ନିଜେ ଟଙ୍କା ଉଠାଇ ନେଉଥିଲେ। ଏହିଭଳି ଭାବେ ଅଭିଯୁକ୍ତ ମାଝି ୧.୧୫ କୋଟି ଟଙ୍କା ଠକେଇ କରିଥିଲେ। ଅଡିଟ୍‌ରୁ ଜଣାପଡିବା ପରେ ଉକ୍ତ ବ୍ୟାଙ୍କର ରିଜିଓନାଲ ମ୍ୟାନେଜର ଜତିନ୍ଦ୍ର ନାଥ ଷଡଙ୍ଗୀ ଏନେଇ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ।

# ବାଳକ ପେଟରେ ପଶିଗଲା ବର୍ଚ୍ଛା

## ଦେଢ଼ଘଣ୍ଟାର ଅପରେଶନ ପରେ ବାହାରିଲା



ପେଟରେ ବର୍ଚ୍ଛା ପଶିଥିବା ଅବସ୍ଥାରେ ରାଜୁ ଥନାପତିଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ ଅଣାଯାଇଛି।

**ବଲାଙ୍ଗୀର ଅଫିସ, ୨୯।୧**

ବଲାଙ୍ଗୀର ବେଲପଡ଼ା ଥାନା ଅଇଁଲାଭଟା ଗାଁରେ ରବିବାର ସକାଳେ ଏକ ଅଘଟଣ ଘଟିଥିଲା। ଗାଁର ରାଜୁ ଥନାପତି ନାମକ ଜଣେ ୧୬ ବର୍ଷ ବାଳକଙ୍କ ପେଟରେ ଏକ ବର୍ଚ୍ଛା ପଶିଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ମାଛମରା ପାଇଁ ବ୍ୟବହୃତ ବର୍ଚ୍ଛା ଧରି ରାଜୁ ତାଙ୍କ କ୍ଷେତରେ ଖେଳୁଥିବାବେଳେ ହଠାତ୍ ସେ ଭାରସାମ୍ୟ ହରାଇ ଖସିପଡ଼ିବାରୁ ବର୍ଚ୍ଛା ତାଙ୍କ ପେଟ ଭିତରକୁ ପଶିଯାଇଥିଲା। ସରମୁହାଣ ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ରାଜୁଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବେଲପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ଅସ୍ତ୍ରୋପଚାର ଆବଶ୍ୟକ ପଡ଼ିବାରୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବଲାଙ୍ଗୀର ଅଣାଯାଇଥିଲା। ଶଲ୍ୟ ବିଭାଗ ମୁଖ୍ୟ ପ୍ରଫେସର ଡା. ଶ୍ରୀକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ୮ ଜଣିଆ ଡାକ୍ତରୀ ଟିମ୍ ରାଜୁଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିବା ପରେ ଅସ୍ତ୍ରୋପଚାର କରିଥିଲେ। ଦୀର୍ଘ ଦେଢ଼ଘଣ୍ଟାର ଅସ୍ତ୍ରୋପଚାର ପରେ ରାଜୁଙ୍କ ପେଟରୁ ବର୍ଚ୍ଛା ବାହାର କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ଡାକ୍ତରମାନେ କହିଛନ୍ତି। ୨/୩ ଦିନର ଚିକିତ୍ସା ପରେ ତାଙ୍କୁ ହସ୍ପିଟାଲରୁ ରିଲିଭ୍ କରାଯିବ। ସେହିପରି ଗତ ଡିସେମ୍ବର ୧୭ରେ ବଲାଙ୍ଗୀର ଜିଲା ଆଗଲପୁର ହାଇସ୍କୁଲ ବାର୍ଷିକ କ୍ରୀଡ଼ା ଚାଲିଥିବା ବେଳେ ନବମ ଶ୍ରେଣୀ ଛାତ୍ର ସଦାନନ୍ଦ ମେହେରଙ୍କ ବେକରେ ଜାଭେଲିନ ଗଳିଯାଇଥିଲା। ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ସଦାନନ୍ଦଙ୍କ ଅସ୍ତ୍ରୋପଚାର ପରେ ତାଙ୍କ ବେକରୁ ଜାଭେଲିନ୍ କାଢ଼ିବାରେ ଡାକ୍ତରୀ ଟିମ୍ ସଫଳ ହୋଇଥିଲା।






**ଆଜିର ମନ୍ତବ୍ୟ**

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି) ଆଜିର ବାସ୍ତବତାକୁ ପ୍ରତିଫଳିତ କରୁନାହିଁ। ୟୁଏନ୍ଏସ୍‌ସିର ଏକ ସ୍ଥାୟୀ ସଦସ୍ୟ ନିଜ ପଡ଼ୋଶୀକୁ ଆକ୍ରମଣ କରିଥିବାବେଳେ ଅନ୍ତର୍ଜାତୀୟ ସ୍ତରରେ ଶାନ୍ତି ଓ ସୁରକ୍ଷା ବଜାୟ ରଖିବାରେ ଏହା ବିଫଳ ହୋଇଛି। **-ସାବା କୋରୋସି, ଜାତିସଂଘ ସାଧାରଣ ସଭା ଅଧ୍ୟକ୍ଷ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଧ ଖାଇଗଲା ପାଚିଲା କଦଳୀ**
**ଘୁଷୁରି ଖାଇଲା ପାନ**
**ଭୁଆଁ ବିରାଡ଼ି ବଇଷମ ସାଜି**
**ସଭାରେ କହୁଛି ଜ୍ଞାନ।**

ଅବିଶ୍ୱାସନୀୟ ଘଟଣା ବେଳେ ବେଳେ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ। ନିହାତି ଅବାନ୍ତର କଥା ଶୁଣିଲେ ତାକୁ ସତ ବୋଲି ବିଶ୍ୱାସ କରିବା କଷ୍ଟକର ହୋଇଯାଇଥାଏ। ଆଜିର ଯୁଗରେ ଅନେକ ଠକ ଧାର୍ମିକ ଦେଖିବାକୁ ମିଳିଥାନ୍ତି। ବାହାରକୁ ବୈଷମ ବୋଲି ଦେଖେଇ ହୋଇ ଭିତରେ ଭିତରେ ଅନେକ କୁକାର୍ଯ୍ୟ ସବୁ କରିଥାନ୍ତି। ଏମାନଙ୍କ ମୁହଁରୁ ନୀତିବାଣୀ ଶୁଣି ମନରେ ଭୃକୁଞ୍ଚନ ସୃଷ୍ଟି ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଓସ୍ତ ପତର ପାନିଆଁ**
**ଚଉଧୁରୀ ଝିଅ କନିଆଁ**
**ସାଆନ୍ତରା ପୁଅ ବର**
**ବାଇଦ ବାଜେ ଢଙ୍ଗର ଢଙ୍ଗରା।**

ବଡ଼ଲୋକିଆଙ୍କ ବାହ୍ୟ ଆଡ଼ମ୍ବର ବେଶି। ସଂସାରରେ ପ୍ରତି ଘରର ଝିଅ ଓ ପୁଅ ବୈବାହିକ ରୀତିରେ ଜୀବନ ନିର୍ବାହ କରିଥାନ୍ତି। ଏପରିସ୍ଥଳେ ଝିଅ ପୁଅ ଛନ୍ଦିହେବା ଉପଲକ୍ଷେ ଯେଉଁ ସମାରୋହ ସୃଷ୍ଟି ହୁଏ ତା'ର ରୂପରେଖ ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# 'ହିଣ୍ଡେନ୍‌ବର୍ଗ ଅଭିଯୋଗ ଭାରତ ଉପରେ ଆକ୍ରମଣ'

## ୪୧୩ ପୃଷ୍ଠାରେ ଜବାବ ଦେଲା ଆଦାନୀ ଗ୍ରୁପ୍

ନୂଆଦିଲ୍ଲୀ,୨୯।୧

ସବୁଠୁ ଧନୀ ଭାରତୀୟ ଗୌତମ ଆଦାନୀଙ୍କ ଗ୍ରୁପ୍ ରବିବାର ଆମେରିକୀୟ ଶର୍ଟ ସେଲର୍ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚର ଅଭିଯୋଗକୁ ଦୃଢ଼ ଭାବେ ଖଣ୍ଡନ କରିଛି। ଆଦାନୀ ଗ୍ରୁପ୍ ଏହି ଅଭିଯୋଗକୁ ଭାରତ, ଏହାର ଅନୁଷ୍ଠାନଗୁଡ଼ିକ ଏବଂ ଗ୍ରୋଥ୍ ଷ୍ଟୋରି ଉପରେ ଯୋଜନାବଦ୍ଧ ଆକ୍ରମଣ ବୋଲି ଅଭିହିତ କରିଛି। ହିଣ୍ଡେନ୍‌ବର୍ଗ ପକ୍ଷରୁ ଅଣାଯାଇଥିବା ସମସ୍ତ ଅଭିଯୋଗ 'ମିଛ ଛଡ଼ା କିଛି ନୁହେଁ' ବୋଲି କହିଛି।

ଆଦାନୀ ଗ୍ରୁପ୍ ପକ୍ଷରୁ ୪୧୩ ପୃଷ୍ଠା ସମ୍ବଳିତ ଜବାବ ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଆମେରିକୀୟ ଫାର୍ମ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଜାନୁୟାରୀ ୨୪ରେ ଆର୍ଥିକ ଲାଭ ପାଇଁ ମିଥ୍ୟା ରିପୋର୍ଟ ପ୍ରକାଶ କରିଛି। ଏହା କେବଳ କୌଣସି ନିର୍ଦ୍ଦିଷ୍ଟ କମ୍ପାନୀ ଉପରେ ଅବାଞ୍ଛିତ ଟାର୍ଗେଟ ନୁହେଁ, ବରଂ ଭାରତର ସ୍ୱାଧୀନତା, ଅଖଣ୍ଡତା ଓ ସଂସ୍ଥାଗୁଡ଼ିକର ସମାନତାକୁ ଆକ୍ରମଣ। ଶର୍ଟ ସେଲର୍ ହିଣ୍ଡେନ୍‌ବର୍ଗ ଅସାଧୁ ଉପାୟରେ ଅଗଣିତ ନିବେଶକଙ୍କୁ କ୍ଷତି ପହଞ୍ଚାଇ ଲାଭବାନ ହେବାକୁ ଉଦ୍ୟମ କରିଛି। ଏହି ସଂସ୍ଥାର କୌଣସି ବିଶ୍ୱସନୀୟତା ଓ ନୈତିକତା ନାହିଁ। ଆଦାନୀ ଏଣ୍ଟରପ୍ରାଇଜେସ୍ ଲିଃ ଭାରତୀୟ ପୁଞ୍ଜି ବଜାରରେ ୨୦,୦୦୦ କୋଟି ଟଙ୍କାର ସର୍ବବୃହତ୍ ଫଲୋ-ଅନ୍ ପବ୍ଲିକ୍ ଅଫର୍ (ଏଫ୍‌ପିଓ) ଆଣିବା ସମୟରେ ବିନା ଗବେଷଣାରେ ପ୍ରକାଶିତ ଉକ୍ତ ରିପୋର୍ଟ ପଛରେ ମନ୍ଦ ଉଦ୍ଦେଶ୍ୟ ରହିଛି, ଯାହାକି ଫରେନ୍ ସିକ୍ୟୁରିଟିଜ୍ ଆଣ୍ଡ୍ ଏକ୍ସଚେଞ୍ଜ ଆଇନଗୁଡ଼ିକର ଉଲ୍ଲଂଘନ ବୋଲି ଆଦାନୀ ସମୂହ ପକ୍ଷରୁ କୁହାଯାଇଛି।

ହିଣ୍ଡେନ୍‌ବର୍ଗ ପକ୍ଷରୁ କରାଯାଇଥିବା ୮୮ ପ୍ରଶ୍ନ ମଧ୍ୟରୁ ୬୫ଟିର ଉତ୍ତର ଆଦାନୀ ଗ୍ରୁପ୍ ଦେଇଛି। ଅବଶିଷ୍ଟ ୨୩ ପ୍ରଶ୍ନ ମଧ୍ୟରୁ ୧୮ଟି ଶେୟାରହୋଲ୍ଡର୍ସଙ୍କ ସମ୍ପର୍କିତ ହୋଇଥିବାବେଳେ ୫ଟି ଅଭିଯୋଗ କାଳ୍ପନିକ ଓ ଭିତ୍ତିହୀନ ବୋଲି ଗୌତମ ଆଦାନୀଙ୍କ କମ୍ପାନୀ ପକ୍ଷରୁ କୁହାଯାଇଛି। ଶେୟାର ହୋଲ୍ଡର୍ସଙ୍କ ସ୍ୱାର୍ଥ ରକ୍ଷା ପାଇଁ ଆବଶ୍ୟକ ପ୍ରତିକାର ନିମନ୍ତେ ଆଦାନୀ ସମୂହ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ନିଜ ଅଧିକାର ପ୍ରୟୋଗ କରିବ ବୋଲି ଏହି ସ୍ପଷ୍ଟୀକରଣରେ ଉଲ୍ଲେଖ କରାଯାଇଛି।

ପ୍ରକାଶ ଯେ, ଗତ ୨୪ ତାରିଖରେ ନ୍ୟୁୟର୍କଭିତ୍ତିକ ଆକ୍ଟିଭିଷ୍ଟ ଇନ୍‌ଭେଷ୍ଟର ହିଣ୍ଡେନ୍‌ବର୍ଗ ନିଜ ୱେବ୍‌ସାଇଟ୍‌ରେ ଏକ ଅନୁସନ୍ଧାନମୂଳକ ରିପୋର୍ଟ ପ୍ରକାଶ କରିଥିଲା। ଆଦାନୀ ଗ୍ରୁପ୍ ୧୭.୮ ଟ୍ରିଲିୟନ୍ ବା ଲକ୍ଷ କୋଟି ଟଙ୍କା (୨୧୮ ବିଲିୟନ୍ ଆମେରିକୀୟ ଡଲାର) ହେରଫେର କରିଥିବା ଏଥିରେ ଦର୍ଶାଯାଇଥିଲା। ଗୌତମ ଆଦାନୀ ଅନେକ ଦଶନ୍ଧି ଧରି ଅସାଧୁ ଉପାୟରେ ଷ୍ଟକ୍ ମୂଲ୍ୟରେ ବୃଦ୍ଧି ଘଟାଇବା ସହ ଗତ ୩ ବର୍ଷ ମଧ୍ୟରେ ପ୍ରାୟ ୧୨୦ ବିଲିୟନ ଡଲାର ଠୁଳ କରିଛନ୍ତି। ପୁଞ୍ଜି ବଜାରରେ ତାଲିକାଭୁକ୍ତ ହୋଇଥିବା ଆଦାନୀ ସମୂହର ୭ ମୁଖ୍ୟ କମ୍ପାନୀ ଏହି ଅବଧି ମଧ୍ୟରେ ହାରାହାରି ୮୧୯% ଉପରକୁ ଉଠିଛି। ୨ ବର୍ଷର ଖୋଳତାଡ଼ ପରେ ପ୍ରମାଣ ମିଳିଥିବା ହିଣ୍ଡେନ୍‌ବର୍ଗ ନିଜ ରିପୋର୍ଟରେ ପ୍ରଘଟ କରିଥିଲା। ଫଳରେ ଆଦାନୀ ଗ୍ରୁପ୍ ଅଧୀନ କମ୍ପାନୀଗୁଡ଼ିକର ମାର୍କେଟ କ୍ୟାପିଟାଲାଇଜେଶନ୍ ବୁଧବାର ୯୭,୦୦୦ କୋଟି ଟଙ୍କା ହ୍ରାସ ପାଇଥିବାବେଳେ ଶୁକ୍ରବାର ଏହି କ୍ଷତିର ପରିମାଣ ୨.୮୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା। ଏଥିସହ ଗୌତମ ଆଦାନୀଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ୨୨ ବିଲିୟନ୍ ଡଲାର ହ୍ରାସ ପାଇବା ପରେ ସେ ବିଶ୍ୱର ତୃତୀୟ ଧନୀରୁ ସପ୍ତମ ସ୍ଥାନକୁ ଖସିଯାଇଛନ୍ତି।

## ମାନସିକ ରୋଗୀ କିଛି ବି କରିପାରନ୍ତି

ପୋଲିସ ଗୁଳିରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ମୃତ୍ୟୁ ପାଇଁ ମୁଁ ଦୁଃଖିତ। ତେବେ ଏହି ଘଟଣାରେ ପୂରା ଡିପାର୍ଟମେଣ୍ଟଙ୍କୁ ଦୋଷ ଦେବା ଉଚିତ ନୁହେଁ। ଯିଏ ଗୁଳି କରିଛି, ସିଏ ଜଣେ ମାନସିକ ରୋଗୀ ବୋଲି କୁହାଯାଉଛି। ପ୍ରଥମେ ଏହାର ଠିକ ତଦନ୍ତ କରାଯିବା ଦରକାର। କାରଣ ମାନସିକ ରୋଗୀମାନେ କିଛି ବି କରିପାରନ୍ତି। ମନ୍ତ୍ରୀଙ୍କ ସହ ଅଭିଯୁକ୍ତ ପୋଲିସ ଏଏସ୍‌ଆଇଙ୍କର କ'ଣ ବ୍ୟକ୍ତିଗତ ସମ୍ପର୍କ ବା ପୂର୍ବ ଶତ୍ରୁତା ଥିଲା, ତଦନ୍ତ ପରେ ଜଣାପଡିବ।

**-ଗୋପାଳ ଚନ୍ଦ୍ର ନନ୍ଦ,**
**ପୂର୍ବତନ ପୋଲିସ ଡିଜି**

## ଶିକ୍ଷା ସଚେତନତା ପାଇଁ ମିନି ମାରାଥନ୍

ଭୁବନେଶ୍ୱର,୨୯।୧(ବ୍ୟୁରୋ)

କିଟ୍ ଓ କିସ୍ ପକ୍ଷରୁ ରବିବାର ଏକ ମିନି ମାରାଥନ୍ ଅନୁଷ୍ଠିତ ହୋଇଯାଇଛି। ଏହି ମାରାଥନ୍ ରାଜଧାନୀ ସମେତ ଓଡ଼ିଶାର ୩୦ ଜିଲା ସଦର ମହକୁମାକୁ ମିଶାଇ ୩୫ଟି ସ୍ଥାନରେ ଆୟୋଜିତ ହୋଇଥିବାବେଳେ ଭାରତର ୨୫ଟି ସହର ଓ ବାଂଲାଦେଶ, ନେପାଳ, ଶ୍ରୀଲଙ୍କା, କେନିଆ ଏବଂ ଜିମ୍ବାୱେ ଆଦି ବିଶ୍ୱର ୨୫ଟି ଦେଶରେ ଅନୁଷ୍ଠିତ ହୋଇଥିଲା। ଭାରତ ସମେତ ସମଗ୍ର ବିଶ୍ୱରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଅଂଶ ଗ୍ରହଣ କରିଥିଲେ। ଭୁବନେଶ୍ୱରରେ ୨୦ ହଜାର ଛାତ୍ରୀଛାତ୍ର, କ୍ରୀଡ଼ାବିତ୍ ଓ ସମାଜର ବିଭିନ୍ନ ବର୍ଗର ଲୋକ ଅଂଶଗ୍ରହଣ କରିଥିଲେ। ଦୁଇ କିଲୋମିଟର ପର୍ଯ୍ୟନ୍ତ ଅଂଶଗ୍ରହଣକାରୀଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। 'ସମସ୍ତଙ୍କ ପାଇଁ ଶିକ୍ଷା' ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ମିନି ମାରାଥନର ଆୟୋଜନ କରାଯାଇଥିଲା। ସକାଳ ୬ଟା ସମୟରେ ଭୁବନେଶ୍ୱରର ସାଣ୍ଡି ଟାୱାର ହୋଟେଲ ନିକଟରୁ ମାରାଥନ ଆରମ୍ଭ ହୋଇ ସକାଳ ୭ଟା ସମୟରେ କିଟ୍ କ୍ରିକେଟ୍ ଷ୍ଟାଡିୟମରେ ଶେଷ ହୋଇଥିଲା। ରଗବୀ ଇଣ୍ଡିଆ ସଭାପତି ତଥା ବଲିଉଡ ଅଭିନେତା ରାହୁଲ ବୋଷ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ବିଏମ୍‌ସି ମେୟର ସୁଲୋଚନା ଦାସ, ଅଲିମ୍ପିଆନ୍ ଦୂତୀ ଚାନ୍ଦ ଓ ଅନୁରାଧା ବିଶ୍ୱାଳ, ଭାରତର ଦ୍ରୁତ ଧାବକ ଅମିୟ ମଲ୍ଲିକ, ଓଲିଉଡ ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଡିଆଇଜି ଅନିରୁଦ୍ଧ ସିଂ, ଓଡ଼ିଶା ରଗବୀ ଆସୋସିଏସନ ସଭାପତି ପ୍ରିୟଦର୍ଶୀ ମିଶ୍ର, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏବଂ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ମିନି ମାରାଥନରେ ଯୋଗଦେଇଥିଲେ।



କିଟ୍‌ର ୨୫ ବର୍ଷ ପୂର୍ତ୍ତି ଅବସରରେ କିଟ୍ ଓ କିସ୍ ପକ୍ଷରୁ ରବିବାର ଭୁବନେଶ୍ୱର ସ୍ୟାଣ୍ଡି ଟାୱାର ହୋଟେଲ ନିକଟରୁ କିଟ୍ କ୍ରିକେଟ୍ ଷ୍ଟାଡିୟମ ଅଭିମୁଖେ ବାହାରିଥିବା ମିନି ମାରାଥନ।

**ପ୍ରଥମ ପୃଷ୍ଠାରୁ...**

## ପୋଲିସ ଗୁଳିରେ ...

ଦୃଢ଼ ନିନ୍ଦା କରିବା ସହ ଘଟଣାର କ୍ରାଇମ୍ ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ବହୁ ମନ୍ତ୍ରୀ, ବିଧାୟକ ପ୍ରମୁଖ ଆପୋଲୋ ହସ୍ପିଟାଲ ଗସ୍ତ କରି ମନ୍ତ୍ରୀ ଦାସଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ମନ୍ତ୍ରୀ ନବ ଦାସଙ୍କ ପ୍ରତି ସମ୍ମାନ ଜଣାଇ ରାଜ୍ୟ ସରକାରଙ୍କ ପକ୍ଷରୁ ୩ଦିନ ଶୋକ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏସମ୍ପର୍କରେ ସମସ୍ତ ବିଭାଗର ସଚିବ, କମିଶନର ଏବଂ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ନବ ଦାସଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ। ଶେଷକୃତ୍ୟ ଦିନ ରାଜଧାନୀ ଭୁବନେଶ୍ୱର ଏବଂ ସମ୍ପୃକ୍ତ ଅଞ୍ଚଳରେ ଜାତୀୟ ପତାକା ଅର୍ଦ୍ଧନିର୍ମିତ କରିବାକୁ କୁହାଯାଇଛି। ଏଥିସହିତ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ କୌଣସି ସରକାରୀ କାର୍ଯ୍ୟାଳୟରେ ମନୋରଞ୍ଜନ କାର୍ଯ୍ୟକ୍ରମକୁ ବାରଣ କରାଯାଇଛି। ଶେଷକୃତ୍ୟ ଝାରସୁଗୁଡ଼ାରେ ହେବାକୁ ଥିବାବେଳେ ଏଥିରେ ସଂସଦୀୟ ବ୍ୟାପାର ମନ୍ତ୍ରୀ, କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ରାଜ୍ୟ ସରକାରଙ୍କ ତରଫରୁ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇବେ। ଏନେଇ ରାଜ୍ୟ ସରକାରଙ୍କ ତରଫରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ, ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଗାନ୍ଧୀଛକଠାରେ ରବିବାର ସ୍ଥାନୀୟ ପୌରାଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ଏକ ସ୍ୱତନ୍ତ୍ର କାର୍ଯ୍ୟାଳୟ ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଥିଲା। ଏହାକୁ ଉଦ୍‌ଘାଟନ କରିବା ପାଇଁ ମନ୍ତ୍ରୀ ଦାସ ଯାଉଥିବାବେଳେ ନୂତନ କାର୍ଯ୍ୟାଳୟଠାରୁ ମାତ୍ର ୧ଶହ ମିଟର ଦୂରରେ ରାସ୍ତା ଉପରେ ଗାଡ଼ି ଅଟକାଇ ତାଙ୍କ ସମର୍ଥକମାନେ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ମନ୍ତ୍ରୀ ତାଙ୍କ ଗାଡିରୁ ତଳକୁ ଓହ୍ଲାଉଥିବାବେଳେ ସେଠାରେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ୍ ଏଏସ୍‌ଆଇ ଗୋପାଳକୃଷ୍ଣ ତାଙ୍କ ରିଭଲଭର୍‌ରୁ ମନ୍ତ୍ରୀଙ୍କ ଉପରକୁ ଅତର୍କିତ ଭାବେ ୩ ରୁ ୪ ରାଉଣ୍ଡ ଗୁଳି ଚଳାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଗାଡିର ଆଗ ସିଟ୍‌ରୁ ମଝି ସିଟ୍‌କୁ ଅଣାଯାଇ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୁରକ୍ଷା ଦାୟିତ୍ୱରେ ଥିବା ଜଣେ ପୋଲିସ କର୍ମଚାରୀ ମନ୍ତ୍ରୀ ଦାସଙ୍କୁ ଗୁଳି କରି ହତ୍ୟା କରିବା ଘଟଣାକୁ ପ୍ରଥମେ କେହି ବିଶ୍ୱାସ କରିପାରି ନ ଥିଲେ। ଏଏସ୍‌ଆଇ ଗୋପାଳକୃଷ୍ଣ ହିଁ ମନ୍ତ୍ରୀ ଦାସଙ୍କୁ ଗୁଳି କରିଥିବାନେଇ ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ ସୂଚନା ଦେଇଥିଲେ। ଗୁଳି କରିବା ପରେ ଏଏସ୍‌ଆଇ ଗୋପାଳକୃଷ୍ଣ ସେଠାରେ ଉପସ୍ଥିତ ରହିବାରୁ, ଦଳୀୟ କର୍ମୀମାନେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ବ୍ରଜରାଜ ନଗର ଥାନା ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ ଅଭିଯୁକ୍ତ ଗୋପାଳକୃଷ୍ଣଙ୍କୁ ନିଜ ହେପାଜତକୁ ନେବା ସହ ତାଙ୍କଠାରୁ ରିଭଲଭରକୁ ନେଇଥିଲେ। ଏହି ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମନ୍ତ୍ରୀଙ୍କ ସମର୍ଥକମାନେ ପୋଲିସ ବିରୋଧରେ ନାରାବାଜି ଦେଇଥିଲେ। ଏପରି କି ଆଇଆଇସି ସ୍ୱାଇଁଙ୍କଠାରୁ ଉତ୍ତ୍ୟକ୍ତ ଲୋକମାନେ ବନ୍ଧୁକ ଛଡ଼ାଇ ନେଇଯାଇଥିବା ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେବା ପରେ କ୍ରାଇମ୍ ବ୍ରାଞ୍ଚ ଡିଜି ଅରୁଣ ବୋଥ୍ରା ଏବଂ ତାଙ୍କ ଟିମ୍ ବ୍ରଜରାଜନଗର ଗସ୍ତ କରି ଘଟଣାସ୍ଥଳ ଅନୁଧ୍ୟାନ କରିଛନ୍ତି।

## ୩ ହସ୍ପିଟାଲର ବିଶେଷଜ୍ଞ ଡାକ୍ତର କରିଥିଲେ ଚିକିତ୍ସା

ଭୁବନେଶ୍ୱର, ୨୯।୧(ବ୍ୟୁରୋ)- ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଚିକିତ୍ସା ପାଇଁ ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ହୋଇଥିଲା ସ୍ୱତନ୍ତ୍ର ବ୍ୟବସ୍ଥା। ତିନୋଟି ହସ୍ପିଟାଲର ବିଶେଷଜ୍ଞଙ୍କ ଡାକ୍ତରମାନଙ୍କୁ ନେଇ ଗଠିତ ଟିମ୍ ତାଙ୍କର ଚିକିତ୍ସା କରିଥିଲେ। ଆପୋଲୋ ହସ୍ପିଟାଲ ସମେତ କଟକ ଏସ୍‌ସିବି ମେଡିକାଲ କଲେଜ ଏବଂ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲର ଡାକ୍ତରମାନେ ଏହି ଚିକିତ୍ସା ଦଳରେ ରହିଥିଲେ। ଏହି ଦଳରେ କାର୍ଡିଆକ, ସର୍ଜରୀ, ଆନେସ୍ଥେସିଆ, ନ୍ୟୁରୋ, ମେଡିସିନ ଇତ୍ୟାଦି ବିଭାଗର ବରିଷ୍ଠ ଡାକ୍ତର ରହିଥିଲେ। ଅପରାହ୍ନ ପ୍ରାୟ ୩ଟା ୧୩ମିନିଟ୍ ସମୟରେ ନବ ଦାସ ଆପୋଲୋ ହସ୍ପିଟାଲରେ ପହଞ୍ଚିବା ପରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। କାର୍ଡିଓ ଥୋରାସିସ ସର୍ଜନ ଡା. ଦେବାଶିଷ ନାୟକଙ୍କ ନେତୃତ୍ୱରେ ଚିକିତ୍ସା କରାଯାଇଥିଲା। ଅସ୍ତ୍ରୋପଚାର ପରେ ବି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିଲା। ତେବେ ବିଶେଷଜ୍ଞଙ୍କ ଡାକ୍ତରଙ୍କ ସବୁ ପ୍ରକାର ଚେଷ୍ଟା ସତ୍ତ୍ୱେ ତାଙ୍କର ସନ୍ଧ୍ୟା ୭ଟା ୪୦ରେ ମୃତ୍ୟୁ ଘଟିଥିଲା। କ୍ୟାପିଟାଲ୍ ହସ୍ପିଟାଲରେ ତଦନ୍ତକାରୀ ଅଧିକାରୀଙ୍କ ଉପସ୍ଥିତି ତଥା ୨ଜଣ ଡାକ୍ତରଙ୍କ ନେତୃତ୍ୱରେ ପୋଷ୍ଟମର୍ଟମ କରାଯାଇଥିବାବେଳେ ଏହାର ସମ୍ପୂର୍ଣ୍ଣ ଭିଡିଓଗ୍ରାଫି କରାଯାଇଛି। ଆସନ୍ତା ୨ରୁ ୩ଦିନ ମଧ୍ୟରେ ବ୍ୟବଚ୍ଛେଦ ରିପୋର୍ଟ ଆସିବ ବୋଲି କ୍ୟାପିଟାଲ୍ ହସ୍ପିଟାଲର ନିର୍ଦ୍ଦେଶକ ଡାକ୍ତର ଲକ୍ଷ୍ମୀଧର ସାହୁ କହିଛନ୍ତି।

## ଶୋକବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ, ...

କହିଛନ୍ତି, ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ। ସେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଏପରି ଆକସ୍ମିକ ମୃତ୍ୟୁ ନେଇ ଆଶ୍ଚର୍ଯ୍ୟପ୍ରକଟ କରିବା ସହ ଚିନ୍ତିତ ଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ଆପୋଲୋ ହସ୍ପିଟାଲ ଯାଇ ମନ୍ତ୍ରୀ ଦାସଙ୍କୁ ଶେଷ ଦର୍ଶନ କରିବା ସହିତ କହିଛନ୍ତି, ଡାକ୍ତରମାନେ ତାଙ୍କ ଜୀବନ ରକ୍ଷା କରିବା ପାଇଁ ସବୁ ପ୍ରକାର ଚେଷ୍ଟା କରିଥିଲେ। ହେଲେ ତାହା ସମ୍ଭବ ହୋଇପାରିଲା ନାହିଁ। ନବ ଦାସ ଉଭୟ ସରକାର ଏବଂ ବିଜେଡି ପାଇଁ ବଡ଼ ସମ୍ପତ୍ତି ଥିଲେ। ସେ ଲୋକଙ୍କ ସ୍ୱାର୍ଥ ରକ୍ଷା ଲାଗି ସ୍ୱାସ୍ଥ୍ୟ ବିଭାଗରେ ବହୁ ନୂଆ ପଦକ୍ଷେପ ଗ୍ରହଣ କରିଛନ୍ତି। ଜଣେ ନେତା ଭାବେ ସେ ବିଜେଡିକୁ ମଜଭୁତ କରିବା ଲାଗି ବଡ଼ ଅସ୍ତ୍ର ଥିଲେ। ସେ ଜଣେ ତୃଣମୂଳସ୍ତରର ବ୍ୟକ୍ତି ଥିଲେ। ଦଳମତ ଏବଂ ବ୍ୟକ୍ତିବିଶେଷ ନିର୍ବିଶେଷରେ ସେ ସମସ୍ତଙ୍କ ପ୍ରିୟପାତ୍ର ଥିଲେ। ତାଙ୍କ ମୃତ୍ୟୁ ଓଡ଼ିଶା ପାଇଁ ବଡ଼କ୍ଷତି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ପରିବାର ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ହକି ଚାମ୍ପିୟନ ...

ଜର୍ମାନୀର ନିକ୍ଲାସ ୱେଲେନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବେଲ୍‌ଜିୟମ ରୌପ୍ୟ ପଦକ ପାଇଥିବାବେଳେ ପ୍ଲେ-ଅଫ୍‌ରେ ଅଷ୍ଟ୍ରେଲିଆକୁ ହରାଇଥିବା ନେଦରଲାଣ୍ଡସ ବ୍ରୋଞ୍ଜ ପଦକ ହାସଲ କରିଛି। ରାଜ୍ୟପାଳ ଗଣେଶୀ ଲାଲ୍, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହିମନ୍ତ ସୋରେନ, ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫଆଇଏଚ୍) ସଭାପତି ତାୟାବ ଇକ୍ରାମ, ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଅର୍ଥ ସଚିବ ବିଶାଳ ଦେବ, କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ମହାସଚିବ ଭୋଲାନାଥ ସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏଫ୍‌ଆଇଏଚ୍ ଓ ହକି ଇଣ୍ଡିଆର ଅନ୍ୟ କର୍ମକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ। ଜର୍ମାନୀ ୨୦୦୨ ଓ ୨୦୦୬ରେ ଚାମ୍ପିୟନ ଏବଂ ୧୯୮୨ ଓ ୨୦୧୦ରେ ରନରଅପ୍ ହୋଇଥିଲା। ଅର୍ଥାତ୍ ୧୭ ବର୍ଷ ବ୍ୟବଧାନରେ ଜର୍ମାନୀ ପୁଣି ଟାଇଟଲ ବିଜୟୀ ହୋଇଛି। ଏଥିସହ ୩ଥର ଟାଇଟଲ ଜିତି ଏହି ଦଳ ନେଦରଲାଣ୍ଡସ ଓ ଅଷ୍ଟ୍ରେଲିଆର ସମକକ୍ଷ ହୋଇଛି। ପାକିସ୍ତାନ ସର୍ବାଧିକ ୪ଥର ଚାମ୍ପିୟନ ହୋଇ ଏହି ତାଲିକାର ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ୨୦୧୮ରେ ଚାମ୍ପିୟନ ହୋଇଥିବା ବେଲଜିୟମ ଏଥର ରନରଅପ୍‌ରେ ସନ୍ତୁଷ୍ଟ ହୋଇଛି। ପୂର୍ବରୁ ପାକିସ୍ତାନ ୧୯୭୮ ଓ ୧୯୮୨, ଜର୍ମାନୀ ୨୦୦୨ ଓ ୨୦୦୬ ଏବଂ ଅଷ୍ଟ୍ରେଲିଆ ୨୦୧୦ ଓ ୨୦୧୪ରେ କ୍ରମାଗତ ୨ଥର ଲେଖାଏ ବିଶ୍ୱକପ୍ ଜିତିଥିଲେ। ଏଥର ବେଲ୍‌ଜିୟମ ଏହି କ୍ଲବରେ ସାମିଲ ହେବାକୁ ଯେଉଁ ସ୍ୱପ୍ନ ଦେଖିଥିଲା ତାହା ଧୂଳିସାତ୍ ହୋଇଛି। ଏହି ମେଗା ଫାଇନାଲରେ ଜର୍ମାନୀ ଆକ୍ରମଣ ଆରମ୍ଭ କରିଥିଲେ ହେଁ ବେଲ୍‌ଜିୟମ ପ୍ରଥମ କ୍ୱାର୍ଟରରୁ ହିଁ ପ୍ରଭାବ ବିସ୍ତାର କରି ବିପକ୍ଷ ଦଳ ଉପରେ ଚାପ ପକାଇଥିଲା। ୬ଷ୍ଠ ମିନିଟ୍‌ରେ ଜର୍ମାନୀ ଲଗାତର ୨ଟି ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ତା'ର ସଦ୍‌ବ୍ୟବହାର କରିପାରି ନ ଥିଲା। ବେଲ୍‌ଜିୟମ କିନ୍ତୁ ସୁଯୋଗର ଭରପୂର ସଦୁପଯୋଗ କରିଥିଲା। ୧୦ମ ମିନିଟ୍‌ରେ ଆଣ୍ଟୋନି କିନାଙ୍କଠାରୁ ପାଇଥିବା ପାସ୍‌କୁ ଗୋଲରେ ପରିଣତ କରି ବେଲଜିୟମକୁ ଅଗ୍ରଣୀ କରାଇଥିଲେ ଫ୍ଲୋରେଣ୍ଟ ଭାନ୍ ଔବେଲ। ଆକ୍ରମଣ ଜାରି ରଖି ଏହାର ୧ ମିନିଟ୍ ପରେ ଦଳ ଆଉ ଏକ ଗୋଲ ଦେଇ ଜର୍ମାନୀକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲା। ୧୧ତମ ମିନିଟ୍‌ରେ ଆଣ୍ଟୋନି ପାସ୍ ଦେଇଥିବାବେଳେ ବଲ୍‌କୁ ନିୟନ୍ତ୍ରଣକୁ ଆଣି ଗୋଲ ସ୍କୋର କରିଥିଲେ ଟନ୍‌ଗି କୋସିନ୍ସ। ଦ୍ୱିତୀୟ କ୍ୱାର୍ଟରରେ ଗୋଲ ପରିଶୋଧ ପାଇଁ ଜର୍ମାନୀ ନିକଟରେ ସୁବର୍ଣ୍ଣ ସୁଯୋଗ ପହଞ୍ଚିଥିଲା। ଡି' ଏରିଆ ମଧ୍ୟରେ ବେଲ୍‌ଜିୟମ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଦଣ୍ଡସ୍ୱରୂପ ଜର୍ମାନୀକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ମାତ୍ର ଦୁର୍ଭାଗ୍ୟବଶତଃ ଟମ୍ ଗ୍ରାମ୍‌ବୁଶ୍ଚ ମାରିଥିବା ଶଟ୍ ଗୋଲପୋଷ୍ଟ ବାର୍‌ରେ ହିଟ୍ ହୋଇ ଫେରି ଆସିଥିଲା। ୨୮ତମ ମିନିଟ୍‌ରେ ଜର୍ମାନୀ ପାଇଥିବା ପେନାଲ୍ଟି କର୍ଣ୍ଣର ମିସ୍ ହୋଇଥିଲା। ମାତ୍ର ଲଗାତର ଦ୍ୱିତୀୟ ପେନାଲ୍ଟି କର୍ଣ୍ଣରରୁ ୨୯ତମ ମିନିଟ୍‌ରେ ଦଳକୁ ପ୍ରଥମ ସଫଳତା ମିଳିଥିଲା। ନିକ୍ଲାସ ୱେଲେନ ବଲ୍ ପୁଶ୍ କରିଥିଲେ। ଷ୍ଟପ୍ ହେବାପରେ ଲୁକାସ ୱିଣ୍ଡଫେଡର ବଲ୍‌କୁ ଡାଇରେକ୍ଟ ଶୁଟ୍ ନ କରି ଟମ୍ ଗ୍ରାମବୁଶ୍ଚଙ୍କ ନିକଟକୁ ପଠାଇଥିଲେ। ଗ୍ରାମବୁଶ୍ଚଙ୍କ ଶଟ୍ ପ୍ରତିପକ୍ଷ ଖେଳାଳିଙ୍କ ଦ୍ୱାରା ପ୍ରତିରୋଧ ହୋଇ ଫେରି ଆସୁଥିବାବେଳେ ବଲ୍‌କୁ ନିୟନ୍ତ୍ରଣକୁ ଆଣି ଗୋଲ ଦେଇଥିଲେ ୱେଲେନ। ଫଳରେ ପ୍ରଥମାର୍ଦ୍ଧ ଶେଷବେଳକୁ ବେଲଜିୟମର ଅଗ୍ରଣୀ ବ୍ୟବଧାନ ୨-୧ ରହିଥିଲା। ତୃତୀୟ କ୍ୱାର୍ଟରରେ ପ୍ରତ୍ୟାବର୍ତ୍ତନ କରିଥିଲା ଜର୍ମାନୀ। ୪୧ତମ ମିନିଟ୍‌ରେ ଦଳକୁ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଏହାକୁ ଏଥର ସିଧାସଳଖ ଗୋଲରେ ପରିଣତ କରିବାରେ ସକ୍ଷମ ହୋଇଥିଲେ ଡ୍ରାଗ୍ ଫ୍ଲିକ ସ୍ପେଶାଲିଷ୍ଟ ଗୋଞ୍ଜାଲୋ ପିଲାଟ। ଏହି ଗୋଲ ବଳରେ ମ୍ୟାଚ୍ ୨-୨ ସ୍ଥିତିକୁ ଚାଲିଆସିଥିଲା। ଫଳରେ ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ସ୍ୱାଭାବିକ ଭାବେ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ୪୮ତମ ମିନିଟ୍‌ରେ ବେଲଜିୟମ ଡି' ଏରିଆ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ସମୟରେ ମ୍ୟାଟ୍ସ ଗ୍ରାମବୁଶ୍ଚ ସାଥୀ ଖେଳାଳି ଥିସ ପ୍ରିଞ୍ଜଙ୍କ ନିକଟକୁ ବଲ୍ ପାସ୍ ଦେଇଥିଲେ। ଆଗରେ ପ୍ରତିବନ୍ଧକକୁ ଦୃଷ୍ଟିରେ ରଖି ସେ ପୁଣି ବଲ୍‌କୁ ମ୍ୟାଟ୍ସଙ୍କ ପାଖକୁ ପଠାଇ ଦେଇଥିଲେ। ଏହାର ଭରପୂର ସଦୁପଯୋଗ କରିଥିଲେ ମ୍ୟାଟ୍ସ। ସେ ବେଲ୍‌ଜିୟମ ଗୋଲ୍‌କିପର ଭିନ୍‌ସେଣ୍ଟ ଭାନାଶ୍ଚଙ୍କୁ ଚକ୍‌ମା ଦେଇ ଗୋଲ ସ୍କୋର କରିବା ସହ ମ୍ୟାଚ୍‌ରେ ପ୍ରଥମ ଥର ଜର୍ମାନୀକୁ ଅଗ୍ରଣୀ କରାଇଥିଲେ। ମ୍ୟାଚ୍ ଶେଷ ହେବା ପାଇଁ ଆଉ ୨ ମିନିଟ ଥିବାବେଳେ ଅର୍ଥାତ୍ ୫୮ତମ ମିନିଟ୍‌ରେ ବେଲଜିୟମକୁ ପେନାଲ୍ଟି କର୍ଣ୍ଣର ମିଳିଥିଲା। ମାତ୍ର ଲୋଇକ୍ ଲୁଇପର୍ଟ ମାରିଥିବା ଶଟ୍ ସେଭ୍ ହୋଇ ଯାଇଥିଲା। ୫୯ତମ ମିନିଟରେ ଦଳ ଆଉ ୨ଟି ପେନାଲ୍ଟି କର୍ଣ୍ଣର ପାଇଥିଲା। ପ୍ରଥମଟି ମିସ୍ ହୋଇଥିବାବେଳେ ଦ୍ୱିତୀୟଟିକୁ ଗୋଲରେ ପରିଣତ କରି ଟମ୍ ବୁନ୍ ମ୍ୟାଚ୍‌ରେ ରୋମାଞ୍ଚ ଖେଳାଇ ଦେଇଥିଲେ। ଫଳରେ ମ୍ୟାଚ୍ ୩-୩ ସ୍ଥିତିରେ ରହି ଶୁଟ୍‌ଆଉଟକୁ ଯାଇଥିଲା।

### ୧୯ ବର୍ଷରୁ କମ୍ ମହିଳା ଟି୨୦ | ଭାରତ ବିଶ୍ୱ ଚାମ୍ପିୟନ୍

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ମହିଳା ଦଳ:** ୧୭.୧ ଓଭରରେ ୬୮/ଅଲ୍‌ଆଉଟ (ରିଆନା ମ୍ୟାକ୍‌ଡୋନାଲ୍ଡ ଗେ'-୧୯; ତିତାସ୍ ସାଧୁ-୨/୬, ପାର୍ଶଭି ଚୋପ୍ରା-୨/୧୩, ଅର୍ଚ୍ଚନା ଦେବୀ-୨/୧୭)।

**ଭାରତ ମହିଳା ଦଳ:** ୧୪ ଓଭରରେ ୬୯/୩ (ସୌମ୍ୟା ତିୱାରୀ-୨୪*, ଗଙ୍ଗାଡି ତ୍ରିଶା-୨୪, ଶେଫାଳି ବର୍ମା-୧୫, ଆଲେକ୍ସା ଷ୍ଟୋନ୍‌ହାଉସ୍-୧/୮)।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଚନ୍ଦ୍ରମଙ୍ଗଳ ଯୋଗଜନିତ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ସ୍ମରଣୀୟ ରହିବ। ଏହାସାଙ୍ଗକୁ ଅର୍ଥ, ସମ୍ମାନ, ଉପଢ଼ୌକନ, ସମ୍ବର୍ଦ୍ଧନା ପାଇବାର ଯୋଗ ରହିଛି। ଅବଶ୍ୟ ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିପାରେ। ବନ୍ଧୁ ମିଳନ, ନୂତନ ବସ୍ତ୍ରାଭରଣ, ସୌଜନ୍ୟମୂଳକ ସାକ୍ଷାତ ମାନସିକ ସ୍ଥିତିକୁ ଉଦ୍ଧିମନ୍ତ କରିବ।

**ବୃଷ**
ଉଚ୍ଚସ୍ଥ ଚନ୍ଦ୍ର ପ୍ରଭାବରେ ବିଶିଷ୍ଟ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ଗୌରବାନ୍ୱିତ ମନେକରିପାରନ୍ତି। ସାହାଯ୍ୟ ଆଶାରେ ସମ୍ପର୍କୀୟମାନେ ସହାୟତାର ହାତ ବଢ଼ାଇବେ। ସମସ୍ୟା ରହିଥିଲେ ମଧ୍ୟ କାମ ହାସଲ ପାଇଁ ପ୍ରତିବନ୍ଧକ ସାଜିବ ନାହିଁ। ଆଜି ପ୍ରତିଯୋଗିତାରେ ସଫଳତା, ମାଲିମକଦ୍ଦମାରେ ବିଜୟ ଓ ଶତ୍ରୁଙ୍କୁ ପରାସ୍ତ କରିବାରେ ସହାୟକ ହେବେ।

**ମିଥୁନ**
ଭାଗ୍ୟ ସ୍ଥାନରେ ଶୁକ୍ର ଥିବାରୁ ଆଜି ପ୍ରତିଷ୍ଠା ଓ ପ୍ରଶଂସା ମଧ୍ୟରେ ନିଜକୁ ହଜାଇ ଦେଇପାରନ୍ତି। ସକାଳୁ କାହାର ଡାକରା ଆପଣଙ୍କୁ ଚଳଚଞ୍ଚଳ କରାଇପାରେ। ପାରିବାରିକ ସ୍ଥିତି ମନକୁ ବିଷାଦିତ କରିପାରେ। କର୍ମକ୍ଷେତ୍ରରେ ଆପଣଙ୍କ ଭୁଲ୍ ନିଷ୍ପତ୍ତି ଏକତରଫା ହୋଇଯାଇପାରେ, ଯାହାକୁ ନେଇ ସମାଲୋଚିତ ହେବାକୁ ପଡ଼ିପାରେ।

**କର୍କଟ**
ରାଶ୍ୟାଧିପ ଏକାଦଶସ୍ଥ ଯୋଗୁ ଅର୍ଥନୈତିକ ପ୍ରଗତି ମାନସିକ ସ୍ଥିତିକୁ ଦୃଢ଼ୀଭୂତ କରିବ। ଗୃହ କିମ୍ବା ଯାନବାହନ କ୍ରୟ କରିବା ଏବଂ ଶିଳ୍ପ, ବାଣିଜ୍ୟ, ପରିବହନ ବାଧାପ୍ରାପ୍ତ ହେବ ନାହିଁ। ଅତୀତ କଥା ଓ ଉପସ୍ଥିତ ସମସ୍ୟା ସମ୍ପର୍କରେ ଚିନ୍ତାକରି ମନ ଉଦ୍‌ବିଗ୍ନ ରହିପାରେ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ଭୁଲ କାମ କରିପାରନ୍ତି।

**ସିଂହ**
ଶନିଙ୍କ ଦୃଷ୍ଟିରେ ଅର୍ଥହାନି, ପାରିବାରିକ ଝଗଡ଼ା, ପରିବହନରେ ସମସ୍ୟା ହୋଇପାରେ। ସାହିତ୍ୟ, ସାମ୍ବାଦିକତା, ଏଜେନ୍ସି ଓ ସଭାସମିତିରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ଆନୁଷ୍ଠାନିକ କାର୍ଯ୍ୟ, ଜମିଜମା, ମାଲିମକଦ୍ଦମା ସମ୍ପର୍କିତ ଦୁଶ୍ଚିନ୍ତା ମଧ୍ୟ ରହିବ।

**କନ୍ୟା**
ସକାଳୁ ଆକସ୍ମିକ ଯାତ୍ରାରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। କର୍ମକ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ଭଲ ସମ୍ପର୍କ ନ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତ,ଏଣୁ ସତର୍କ ରହିବା ଭଲ। ଆତ୍ମୀୟଙ୍କ ପରାମର୍ଶରେ ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ।

**ତୁଳା**
ବିଚାର ଅନୁସାରେ କାମ କରିବା ଭଲ, କିନ୍ତୁ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି କର୍ମାରମ୍ଭ କଲେ ଭୁଲ୍ କରିବେ। ନିର୍ମାଣାଧୀନ କାମ, ଚୁକ୍ତିପତ୍ର, ବିବାଦୀୟ ଘଟଣା ଓ ଜମିଜମା କିଣାବିକା କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଭଲ। ସଭାସମିତି, ଲେଖାପଢ଼ା, କଳା, ସାହିତ୍ୟ, ବକ୍ତୃତା କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବିଛା**
କିଛି କାମରେ ସନ୍ତୋଷ ପାଇବା ସାଙ୍ଗକୁ କିଛି ବିରକ୍ତିକର ପରିସ୍ଥିତି ମଧ୍ୟ ସାମ୍ନାକୁ ଆସିବ। ଅଫିସ୍ କାମରେ, ପ୍ରଶାସନିକ ସ୍ତରରେ, ରାଜନୈତିକ କ୍ଷେତ୍ରରେ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। ନୂତନ ବସ୍ତ୍ରଭୂଷଣ, ସମ୍ମାନ ପ୍ରାପ୍ତି ଯୋଗ ମଧ୍ୟ ରହିଛି। ବନ୍ଧୁଙ୍କ ପରାମର୍ଶରେ ପାରିବାରିକ ସମସ୍ୟା ସଜାଡ଼ିବାରେ ଯତ୍ନବାନ ହେବେ।

**ଧନୁ**
ପ୍ରତ୍ୟେକ କଥାକୁ ସକାରାତ୍ମକ ଦୃଷ୍ଟିରୁ ବିଚାରକଲେ ଉପକୃତ ହେବେ। ବିରକ୍ତିଭାବ ଦୂରେଇଯିବ, ଧୈର୍ଯ୍ୟ ବୃଦ୍ଧି ପାଇବ, ଯାହାକି ଆଜି ପାଇଁ ତାହାର ଆବଶ୍ୟକତା ରହିଛି। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ମିତ୍ର, ବନ୍ଧୁଙ୍କ ପରାମର୍ଶ ମାନିବା ଭଲ। କଳା, ସଙ୍ଗୀତ, ସାହିତ୍ୟ ଓ ସାମ୍ବାଦିକତାରେ ସମ୍ମାନିତ ହେବେ।

**ମକର**
ଆଜି ବିନୟର ସହ କହି ଯେକେହି ବ୍ୟକ୍ତି ଆପଣଠାରୁ କାମ ହାସଲକରି ନେଇପାରିବ। ବ୍ୟବସାୟିକ ଦିଗଟି ଭଲ ରହିଲେ ମଧ୍ୟ ପାରିବାରିକ ସ୍ଥିତି ଭଲ ରହିବ ନାହିଁ। ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାରାଦି କ୍ରୟ କରିପାରନ୍ତି। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିପାରନ୍ତି କିନ୍ତୁ ବନ୍ଧୁ ସମ୍ପର୍କ ହାନି ଆଶଙ୍କାରେ ଚିନ୍ତିତ ରହିବେ।

**କୁମ୍ଭ**
ପ୍ରତିବନ୍ଧକ ଆଜି ଆପଣଙ୍କ କାମକୁ ଅଟକାଇ ରଖି ପାରିବ ନାହିଁ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ମଧ୍ୟ ପ୍ରଶଂସିତ ହୋଇପାରନ୍ତି। କିନ୍ତୁ କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମୀନ**
ଆକସ୍ମିକ ଭାବରେ ଜଣେ ବନ୍ଧୁଙ୍କ ସହ ଦେଖା ହୋଇଯିବ, ଯେକି ଆଗାମୀ ସମୟରେ ଆପଣଙ୍କ କାମକୁ ଆସିବେ। ପଡ଼ୋଶୀଙ୍କ କଥାରେ ଚିହ୍ନା ପଡ଼ି କୌଣସି କାମ କରିବା ଠିକ୍ ହେବ ନାହିଁ। ଗବେଷଣା, ଅନୁସନ୍ଧାନ, କଳା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଭ୍ରମଣ, ରାଜନୀତି, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମନୋରଞ୍ଜନ ପାଇଁ ଦିନଟି ବହୁତ ଭଲ।

ଆଜି ମାଘ ଶୁକ୍ଳ ନବମୀ ଯୁକ୍ତ ଦଶମୀ ସୋମବାର, ଜାନୁୟାରୀ ୩୦ ତାରିଖ, ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ, ଶହୀଦ ଦିବସ, ସର୍ବୋଦୟ ଦିବସ, ରାଶିନକ୍ଷତ୍ର- କୃତ୍ତିକା/ବୃଷ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ ପାଇଁ ଶୁଭ ଦିନ। ଦିବା ଘ.୦୬/୨୬ ଗତେ, ଘ.୦୭/୪୯ ମଧ୍ୟେ, ଘ.୧୦/୫୩ ଗତେ, ଘ.୦୧/୦୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭/୪୯ ଗତେ, ଘ.୦୯/୧୩ ମଧ୍ୟେ ରାହୁକାଳ।

# ଦୁଇ ଥର ଆପୋଲୋ ଯାଇଥିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ପରଲୋକ ପରେ ତାଙ୍କ ସ୍ତ୍ରୀ ମିନତି ଦାସଙ୍କୁ ଆଶ୍ୱାସନା ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ଭୁବନେଶ୍ୱର, ୨୯।୧ (ବ୍ୟୁରୋ)**

ବ୍ରଜରାଜନଗରରେ ଗୁଳିମାଡ଼ ପରେ ନବଙ୍କୁ ଏୟାରଲିଫ୍ଟ କରି ରାଜଧାନୀର ଆପୋଲୋ ହସ୍ପିଟାଲକୁ ଅଣାଯାଇଥିଲା। ତେବେ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପରାହ୍ନ ପ୍ରାୟ ୩ଟାରେ ସେଠାରେ ପହଞ୍ଚି ସାରିଥିଲେ। ସେ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତଙ୍କଠାରୁ ଆରମ୍ଭକରି ଅନ୍ୟ ଅଧିକାରୀମାନଙ୍କ ସହିତ ତାଙ୍କ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ମୁଖ୍ୟମନ୍ତ୍ରୀ ନବଙ୍କ ପୁଅଙ୍କୁ ଆଶ୍ୱାସନା ଦେବା ସହିତ ଧୈର୍ଯ୍ୟ ଧରିବାକୁ କହିଥିଲେ। ତେବେ ନବଙ୍କ ମୃତ୍ୟୁ ଖବର ଘୋଷଣା ହେବା ପରେ ମୁଖ୍ୟମନ୍ତ୍ରୀ ପୁନଶ୍ଚ ସନ୍ଧ୍ୟାରେ ଆପୋଲୋ ହସ୍ପିଟାଲରେ ପହଞ୍ଚିଥିଲେ। ସେଠାରେ ନବଙ୍କ ସ୍ତ୍ରୀ ଓ ପରିବାର ବର୍ଗଙ୍କୁ ସେ ସମବେଦନା ଜଣାଇବା ବେଳେ କାନ୍ଦି ପକାଇଥିଲେ। ମୁଖ୍ୟମନ୍ତ୍ରୀ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ବିମାନବନ୍ଦରଠାରୁ ଆରମ୍ଭକରି ଘରୋଇ ଡାକ୍ତରଖାନା ସବୁଠି ଶାସକ ଦଳ ନେତା ଓ ମନ୍ତ୍ରୀଙ୍କ ଭିଡ଼ ଜମିଥିଲା।

## ହିଂସା ଗ୍ରହଣୀୟ ନୁହେଁ



ଯେକୌଣସି ହିଂସା ଗ୍ରହଣୀୟ ନୁହେଁ। ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ଉପରେ ହୋଇଥିବା ଗୁଳିମାଡ଼ ଘଟଣାକୁ ମୁଁ ନିନ୍ଦା କରୁଛି। ରାଜ୍ୟରେ ଆଇନଶୃଙ୍ଖଳା ବୋଲି କିଛି ନାହିଁ, ଏହା ପ୍ରମାଣିତ ହୋଇଛି। ଓଡ଼ିଶାରେ କୌଣସି ମନ୍ତ୍ରୀ ଉପରେ ଗୁଳିମାଡ଼ ଘଟଣା, ତାହା ପୁଣି ଜଣେ ପୋଲିସ ଗୁଳିମାଡ଼ କରିବା ନୂଆ କଥା। ଯେଉଁ ରାଜ୍ୟରେ ମନ୍ତ୍ରୀମାନେ ସୁରକ୍ଷିତ ନାହାନ୍ତି, ସେଠାରେ ସାଧାରଣ ଲୋକଙ୍କ କଥା କିଏ ପଚାରୁଛି। ରାଜ୍ୟରେ ଜଣେ ପୋଲିସ ଡିଜି ଅଛନ୍ତି ଏହା ଲୋକେ ଜାଣିନାହାନ୍ତି। ଯେହେତୁ ଗୃହ ବିଭାଗ ଦାୟିତ୍ୱରେ ଖୋଦ୍ ମୁଖ୍ୟମନ୍ତ୍ରୀ ଅଛନ୍ତି, ତେଣୁ ସେ ଉତ୍ତରଦାୟୀ। ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ନିର୍ବାଚନ ଜିତିବାରେ ଇତିହାସ ସୃଷ୍ଟି କରିଥିଲେ ବି ଗୁଣ୍ଡାଶ୍ରେଣୀୟ ଲୋକଙ୍କୁ ନିଯୁକ୍ତ କରୁଛନ୍ତି ନିର୍ବାଚନ ଜିତିବା ପାଇଁ। ଏପରି କି ସେମାନଙ୍କୁ ମନ୍ତ୍ରୀ ପଦ ବି ଦେଉଛନ୍ତି। ଅତଏବ ମନ୍ତ୍ରୀଙ୍କ ଉପରକୁ ଗୁଳି କରିବାରେ ଆଶ୍ଚର୍ଯ୍ୟ ହେବାର କିଛିନାହିଁ। ଯେହେତୁ ମୁଖ୍ୟମନ୍ତ୍ରୀ ଦାୟୀ, ତେଣୁ ସେ ତାଙ୍କ ବିବେକକୁ ପଚାରନ୍ତୁ ପରବର୍ତ୍ତୀ ସମୟରେ ସେ କ'ଣ ପଦକ୍ଷେପ ନେବେ। ଯଦି ସତ୍ୟ ଲୋକଲୋଚନକୁ ଆସିବ ନାହିଁ, ତେବେ ଓଡ଼ିଶାର ଭବିଷ୍ୟତ ଅନ୍ଧକାରମୟ। ମନ୍ତ୍ରୀ ଦାସଙ୍କ ବିୟୋଗରେ ମୁଁ ଗଭୀର ମର୍ମାହତ। ତାଙ୍କ ଆତ୍ମାର ସଦ୍‌ଗତି କାମନା କରୁଛି।

**– ନରସିଂହ ମିଶ୍ର, ବିଧାୟକ, ବଲାଙ୍ଗୀର**

## ପୋଲିସ ହାତରେ ହତ୍ୟା କରାଇ ପାଗଳ କହୁଛନ୍ତି



ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ଝାରସୁଗୁଡା ବିଧାୟକ ନବ କିଶୋର ଦାସଙ୍କୁ ଜଣେ ପୋଲିସ କର୍ମଚାରୀ ସର୍ଭିସ ବନ୍ଧୁକରେ ଗୁଳି କରି ସର୍ବସମ୍ମୁଖରେ ହତ୍ୟା କରିଛନ୍ତି। ଏହା ଦୁଃଖଦ ଘଟଣା। ଏହି ଘଟଣାରେ ବ୍ୟକ୍ତିଗତ ଭାବେ ଶୋକବ୍ୟକ୍ତ କରିବା ସହ ପରିବାରକୁ ସମବେଦନା ଜଣାଉଛି। ଅନ୍ୟପକ୍ଷେ ରାଜ୍ୟ ସରକାର ନିଜ ମନ୍ତ୍ରୀଙ୍କୁ ସୁରକ୍ଷା ଦେଇ ପାରୁ ନ ଥିବାବେଳେ ଜନସାଧାରଣଙ୍କୁ କିଭଳି ସୁରକ୍ଷା ଦେବେ। ଜଣେ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରି ଯୋଜନାବଦ୍ଧ ଭାବେ ମନ୍ତ୍ରୀଙ୍କୁ ହତ୍ୟା କରାଯାଇଛି। ଏବେ ଗୁଳି କରିଥିବା ପୋଲିସକୁ ପାଗଳ କହିବା ଓ ପ୍ରମାଣ କରିବାରେ ସମସ୍ତେ ପୂରାଦମ୍‌ରେ ଲାଗିପଡ଼ିଛନ୍ତି। ଯଦି ପୋଲିସ କର୍ମଚାରୀଜଣକ ପୂର୍ବରୁ ପାଗଳ ଥାଇ ମେଡିସିନ ଖାଉଥିଲେ, ତାହା ହେଲେ ତାଙ୍କୁ ସର୍ଭିସ ବନ୍ଧୁକ ଦେଲା କିଏ। କିଭଳି ଭାବେ କାମ କରିବାକୁ ତାଙ୍କୁ ଅନୁମତି ଦିଆଯାଇଥିଲା। ପୋଲିସକୁ ପାଗଳ କହି ଯୋଜନାବଦ୍ଧ ଷଡ଼ଯନ୍ତ୍ର କରି ହତ୍ୟାକୁ ସରକାର ଚପାଇ ଦେବାକୁ ଉଦ୍ୟମ କରୁଛନ୍ତି। ଏଥିରେ ବଡ଼ ବଡ଼ ମୁଣ୍ଡଙ୍କ ସମ୍ପୃକ୍ତି ରହିଛି। ମୁଖ୍ୟମନ୍ତ୍ରୀ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି, ଯାହା ରାଜ୍ୟ ସରକାର ଅଧୀନରେ କାମ କରେ। ଯେଉଁ ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି ସେ ବିଜେଡି କର୍ମୀମାନଙ୍କ ଭଳି କାମ କରନ୍ତି। ପୂର୍ବରୁ ଅନେକ ଉଦାହରଣ ରହିଛି। ଏହି ଘଟଣାର ସିବିଆଇ ତଦନ୍ତ କରାଯାଉ। ନିଶ୍ଚିତ ଭାବେ ସବୁ ସତ୍ୟାସତ୍ୟ ସାମ୍ନାକୁ ଆସିଯିବ ଏବଂ ବଡ଼ ମୁଣ୍ଡ ଗିରଫ ହେବେ।

**– ଜୟନାରାୟଣ ମିଶ୍ର, ବିରୋଧୀ ଦଳ ନେତା ତଥା ସମ୍ବଲପୁର ବିଧାୟକ**



### ମୁଖ୍ୟମନ୍ତ୍ରୀ ଉତ୍ତରଦାୟୀ ହୁଅନ୍ତୁ

ପୋଲିସ ଅଧିକାରୀଙ୍କ ଗୁଳିରେ ଜଣେ ମନ୍ତ୍ରୀଙ୍କ ମୃତ୍ୟୁ ଘଟିବା ଓଡ଼ିଶାରେ ପ୍ରଥମ। ଏପରି ଉନ୍ମତ୍ତ କାଣ୍ଡ ଯେତିକି ଦୁଃଖଦାୟକ, ସେତିକି ଚିନ୍ତାଜନକ। ଏହି ଅଭାବନୀୟ ଘଟଣାର ତଦନ୍ତ କାର୍ଯ୍ୟ ସରକାର ଅବିଳମ୍ବେ ଶେଷ କରନ୍ତୁ ଏବଂ ତଦନ୍ତ ରିପୋର୍ଟ ସର୍ବସାଧାରଣରେ ପ୍ରକାଶ କରନ୍ତୁ। ଏଥିସହ ଗୃହ ମନ୍ତ୍ରୀ ଭାବେ ମୁଖ୍ୟମନ୍ତ୍ରୀ ଉତ୍ତରଦାୟୀ ହୁଅନ୍ତୁ।

**- ଶରତ ପଟ୍ଟନାୟକ, ପିସିସି ସଭାପତି**

### ଲୋକପ୍ରିୟ, ଦକ୍ଷ ରାଜନେତା ଥିଲେ

ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହେବା ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଜଣେ ଲୋକପ୍ରିୟ ଜନପ୍ରତିନିଧି ତଥା ଦକ୍ଷ ରାଜନେତା ଭାବେ ନବ ଦାସଙ୍କ କାର୍ଯ୍ୟ ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଉଛି।

**- ସମୀର ମହାନ୍ତି, ଭାଜପା ରାଜ୍ୟ ସଭାପତି**



# ଛାତ୍ର ଜୀବନରୁ ରାଜନୀତି



ପଶ୍ଚିମ ଓଡ଼ିଶାର ଅନ୍ୟତମ ଟାଣୁଆ ନେତା ଭାବେ ପରିଚିତ ଥିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ (ନବ ଦାସ)। ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ତଥା ବର୍ତ୍ତମାନର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୪୦ ନମ୍ବର ୱାର୍ଡ ରାସନପୁର ମିର୍ଗାମୁଣ୍ଡାରେ ନବ ଦାସଙ୍କ ପୈତୃକ ଘର। କିନ୍ତୁ ସେମାନେ ସହରର ମୋଦିପଡ଼ାରେ ଏବେ ଘରକରି ରହୁଛନ୍ତି। ବାପା ନରସିଂହ ଦାସ ଓ ବିଷ୍ଣୁପ୍ରିୟାଙ୍କ ପୁଅ ନବକିଶୋର ୧୯୬୨ ଜାନୁୟାରୀ ୭ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ୫ ଭଉଣୀଭାଇ ଥିଲେ। ବାପା କାଠ ବ୍ୟବସାୟ ସହିତ ଅନ୍ୟ ବ୍ୟବସାୟ କରି ପରିବାର ପୋଷଣ କରୁଥିଲେ। ପିଲାଦିନରୁ ନବଙ୍କଠାରେ ନେତୃତ୍ୱ ନେବାର ଦକ୍ଷତା ଦେଖିବାକୁ ମିଳିଥିଲା। ଛାତ୍ର ରାଜନୀତିରେ ତାଙ୍କର ସକ୍ରିୟ ଭୂମିକା ରହିଥିଲା। ପ୍ରଥମେ ୧୯୭୮ରେ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ୍ସ ଫେଡେରେଶନ (ଏଆଇଏସ୍ଏଫ୍)ର ସଦସ୍ୟ ହୋଇଥିଲେ। ୧୯୮୦ରେ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। କଂଗ୍ରେସକୁ ମଜଭୁତ କରିବାରେ ଯୁବନେତା ଭାବେ ପରିଚିତ ହୋଇଥିଲେ। ଛାତ୍ର ରାଜନୀତିରେ ଜଡ଼ିତ ହୋଇ ପ୍ରତ୍ୟକ୍ଷ ନିର୍ବାଚନରେ ସମ୍ପୃକ୍ତ ରହୁଥିଲେ। ଗଙ୍ଗାଧର ମେହେର କଲେଜ (ବର୍ତ୍ତମାନର ବିଶ୍ୱବିଦ୍ୟାଳୟ) ସହିତ ଆଖପାଖ କଲେଜରେ ନିର୍ବାଚନରେ ନେତୃତ୍ୱ ନେଉଥିଲେ। ପାଠପଢ଼ା ପରେ ସେ ଝାରସୁଗୁଡ଼ାରେ ଅବସ୍ଥାପିତ ହୋଇଥିବାବେଳେ ବ୍ୟବସାୟ ଓ ଆଇନ ପେସା ସାଙ୍ଗକୁ ରାଜନୀତିରେ ନିଜକୁ ଜଡ଼ିତ ରଖିଥିଲେ। କଂଗ୍ରେସରେ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତାଇଥିବା ନବ ଦାସ ପ୍ରଥମ କରି ୨୦୦୪ ବିଧାନସଭା ନିର୍ବାଚନରେ ଝାରସୁଗୁଡ଼ାରୁ ପ୍ରାର୍ଥୀ ହୋଇଥିଲେ। କିନ୍ତୁ ସେ ବିଜେଡି ନେତା କିଶୋର ମହାନ୍ତିଙ୍କଠାରୁ ହାରି ଯାଇଥିଲେ। ପରବର୍ତ୍ତୀ ବିଧାନସଭା ନିର୍ବାଚନ ଅର୍ଥାତ୍ ୨୦୦୯, ୨୦୧୪ ଏବଂ ୨୦୧୯ରେ ସେ ଝାରସୁଗୁଡ଼ାରୁ ଲଗାତର ବିଜୟୀ ହୋଇଥିଲେ।

## ୩ ଥର ବିଧାୟକ

ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ ନବ ଦାସ କଂଗ୍ରେସ ଟିକେଟ୍‌ରେ ୨୦୦୯ ଏବଂ ୨୦୧୪ରେ ବିଜୟୀ ହୋଇଥିଲେ। ୨୦୧୯ରେ ସାଧାରଣ ନିର୍ବାଚନ ପୂର୍ବରୁ ସେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେଇଥିଲେ। ସେହିବର୍ଷ ବିଜେଡି ଟିକେଟ୍‌ରେ ବିଜୟୀ ହେବା ପରେ ନବୀନ ପଟ୍ଟନାୟକଙ୍କ ସରକାରରେ ସ୍ୱାସ୍ଥ୍ୟମନ୍ତ୍ରୀ ହୋଇଛନ୍ତି।

## ପିସିସି କାର୍ଯ୍ୟକାରୀ ସଭାପତି

୨୦୧୯ ଜାନୁୟାରୀ ୧୬ରେ ନବ ଦାସ କଂଗ୍ରେସରୁ ଇସ୍ତଫା ଦେବା ପରେ ଗଣମାଧ୍ୟମରେ ବ୍ୟାପକ ଚର୍ଚ୍ଚା ହୋଇଥିଲା। କାରଣ ସେ ବିଧାୟକ ଭାବେ ଜିତିବା ପରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି)ର କାର୍ଯ୍ୟକାରୀ ସଭାପତି ଭାବେ କାର୍ଯ୍ୟ ତୁଲାଇଥିଲେ।

## ଧନୀ ମନ୍ତ୍ରୀ

ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଗତବର୍ଷ ସରକାରଙ୍କୁ ଦେଇଥିବା ବିବରଣୀ ଅନୁଯାୟୀ ତାଙ୍କ ସମ୍ପତ୍ତିର ମୂଲ୍ୟ ହେଉଛି ୩୪ କୋଟି। ତଦନୁଯାୟୀ ସେ ଓଡ଼ିଶାର ଧନୀ ମନ୍ତ୍ରୀ ଭାବେ ଗଣାଯାଉଛନ୍ତି। ଶିଳାଞ୍ଚଳ ସହର ଝାରସୁଗୁଡ଼ାରୁ ବିଧାନସଭାକୁ ନିର୍ବାଚିତ ହୋଇଥିବା ଦାସ ଜଣେ ବିଶିଷ୍ଟ ବ୍ୟବସାୟୀ ଭାବେ ପରିଚିତ। ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର ଜିଲାରେ ଖଣିଜ ପରିବହନ ହେଉଛି ତାଙ୍କର ମୁଖ୍ୟ ବ୍ୟବସାୟ। ଝାରସୁଗୁଡ଼ା, ଭୁବନେଶ୍ୱର, ରେଢ଼ାଖୋଲ ସମେତ ନୂଆଦିଲ୍ଲୀ ଏବଂ କୋଲାକାତାରେ ତାଙ୍କର ଆବାସିକ ସମ୍ପତ୍ତି ରହିଛି। ପୁଅ ବିଶାଲ ଦାସ ପରିବାର ବ୍ୟବସାୟ ସମ୍ଭାଳୁ ଥିବାବେଳେ ଝିଅ ଦୀପାଳି ପ୍ରାୟତଃ ମନ୍ତ୍ରୀ ଦାସଙ୍କ ସହ ରାଜନୈତିକ କ୍ଷେତ୍ରରେ ଦେଖିବାକୁ ମିଳିଥାନ୍ତି। ଧର୍ମପତ୍ନୀ ମିନତି ଦାସ ମଧ୍ୟ ବ୍ୟବସାୟରେ ସହଯୋଗ କରୁଛନ୍ତି।

## ଏମ୍ଏ ଏଲ୍ଏଲ୍‌ବି, ୭୦ ଗାଡ଼ି, ୩ ବନ୍ଧୁକ

ମନ୍ତ୍ରୀ ଦାସଙ୍କ ଶିକ୍ଷାଗତ ଯୋଗ୍ୟତା ହେଉଛି ଏମ୍ଏ, ଏଲ୍ଏଲ୍‌ବି। ତାଙ୍କର ପ୍ରାୟ ୧୫ କୋଟି ଟଙ୍କାର ୭୦ଟି ଗାଡ଼ି ରହିଛି। ସେଥିମଧ୍ୟରେ ଗୋଟିଏ ମର୍ସିଡିଜ୍ ବେଞ୍ଜ ରହିଛି, ଯାହାର ବର୍ତ୍ତମାନର ମୂଲ୍ୟ ୧.୧୪ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। ତାଙ୍କ ନିକଟରେ ୩ ବନ୍ଧୁକ ରହିଛି। ସେଥିମଧ୍ୟରେ ଗୋଟିଏ ଲେଖାଏ ଡବଲ ବାରେଲ୍ ଗନ୍, ରାଇଫଲ୍ ଏବଂ ରିଭଲଭର ରହିଛି।

## ଶନି ମନ୍ଦିରରେ ଦାନକୁ ନେଇ ଚର୍ଚ୍ଚାରେ ଥିଲେ

ମହାରାଷ୍ଟ୍ରର ଶନି ସିଗ୍ନାପୁର ମନ୍ଦିରରେ ୧.୭ କେଜିର ସୁନା କଳସ ଦାନ କରିବା ନେଇ ମନ୍ତ୍ରୀ ଦାସ ନିକଟରେ ଚର୍ଚ୍ଚାକୁ ଆସିଥିଲେ। ଉକ୍ତ କଳସର ମୂଲ୍ୟ ୧ କୋଟି ଟଙ୍କା ହେବ ବୋଲି ଚର୍ଚ୍ଚା ହୋଇଥିଲା। କିନ୍ତୁ ମନ୍ତ୍ରୀ ଉକ୍ତ କଳସର ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଗଣମାଧ୍ୟମର ଏକ ପ୍ରଶ୍ନର ଉତ୍ତରରେ କହିଥିଲେ।

## ଗୁଳିମାଡ଼ରେ ବିଜେଡି କର୍ମୀ ଆହତ

ବ୍ରଜରାଜନଗର ଗାନ୍ଧୀଛକରେ ପୋଲିସ୍ ଅଧିକାରୀଙ୍କ ଗୁଳିମାଡ଼ରେ ଜଣେ ବିଜେଡି କର୍ମୀ ଆହତ ହୋଇଛନ୍ତି। ତାଙ୍କ ବେକରେ କ୍ଷତଚିହ୍ନ ହୋଇଛି। ଆହତ କର୍ମୀ ଜଣଙ୍କ ହେଲେ ବ୍ରଜରାଜନଗର କାଳୀନଗରର ଜୀବନ ନାୟକ। ତାଙ୍କୁ ଆହତ ଅବସ୍ଥାରେ ବୁର୍ଲା ବଡ଼ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିରଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି।

## ଏୟାରଲିଫ୍ଟ ପରେ ଗ୍ରୀନ୍ କରିଡରରେ ଆପୋଲୋ ନିଆଯାଇଥିଲା

ଝାରସୁଗୁଡ଼ାରେ ପ୍ରାଥମିକ ଚିକିତ୍ସା ପରେ ଗୁଳିମାଡ଼ରେ ଗୁରୁତର ଆହତ ଥିବା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଏୟାରଲିଫ୍ଟ କରାଯାଇ ଭୁବନେଶ୍ୱର ଅଣାଯାଇଥିଲା। ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ତୁରନ୍ତ ଗ୍ରୀନ୍ କରିଡରରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଆପୋଲୋ ହସ୍ପିଟାଲକୁ କଡା ସୁରକ୍ଷା ଭିତରେ ନିଆଯାଇଥିଲା। ଏଥିପାଇଁ ୨ଟି ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଥିଲା। ଗୋଟିଏ ଆମ୍ବୁଲାନ୍ସରେ ମନ୍ତ୍ରୀ ଦାସ ଥିବାବେଳେ ଅନ୍ୟଟିରେ ଡାକ୍ତରୀ ଟିମ୍ ଥିଲେ। କମିଶନରେଟ ପୋଲିସ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନେବାକୁ ଗ୍ରୀନ କରିଡର କରାଯିବା ସହ ସମସ୍ତ ବ୍ୟବସ୍ଥା କରାଯାଇଥିଲ। ଏୟାରପୋର୍ଟରୁ ଆପୋଲୋ ହସ୍ପିଟାଲ ପର୍ଯ୍ୟନ୍ତ ରାସ୍ତା ଖାଲି କରାଯିବା ସହ ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ହସ୍ପିଟାଲରେ ସୁରକ୍ଷିତ ଭାବେ ପହଞ୍ଚିବା ପରେ ତୁରନ୍ତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା। ତେବେ ଏହି ସମୟରେ ଲୋକଙ୍କ ଗହଳିକୁ ନଜର ରଖି ସେଠାରେ ୨ ପ୍ଲାଟୁନରୁ ଅଧିକ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ପୋଲିସ କର୍ମଚାରୀ ଉପସ୍ଥିତ ରହି ସୁରକ୍ଷିତ ବାଟ କଢ଼ାଇ ନେଇଥିଲେ।



## ଏଏସ୍ଆଇ ଗୋପାଳଙ୍କ ଘର ବ୍ରହ୍ମପୁର



ଏଏସ୍ଆଇ ଗୋପାଳକୃଷ୍ଣ ଦାସ

**ଝାରସୁଗୁଡ଼ା ଅଫିସ୍,୨୯।୧:** ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ନିଜ ରିଭଲଭର୍‌ରୁ ଗୁଳିମାରିଥିବା ପୋଲିସ୍ ଏଏସ୍ଆଇ ଗୋପାଳକୃଷ୍ଣ ଦାସଙ୍କ ଘର ବ୍ରହ୍ମପୁର ହୋଇଥିବାବେଳେ ସେ କନଷ୍ଟେବଳ ଭାବେ ପ୍ରଥମେ ନିଯୁକ୍ତି ପାଇଥିଲେ। ତା' ପରେ ପଦୋନ୍ନତି ପାଇ ସେ ଏଏସ୍ଆଇ ହୋଇଥିଲେ। ଏହି ପଦୋନ୍ନତି ପରେ ସେ ଝାରସୁଗୁଡ଼ା ଜିଲାରେ ଯୋଗଦାନ କରିଥିଲେ। ସେ ଏବେ ବ୍ରଜରାଜନଗର ଥାନା ଅଧିନ ଗାନ୍ଧୀଛକ ଫାଣ୍ଡିରେ କାର୍ଯ୍ୟରତ ଥିଲେ। ଏହା ପୂର୍ବରୁ ସେ ବନହରପାଲି ଥାନା, ବେଲ୍‌ପାହାଡ ଥାନା ଆଦିରେ କାର୍ଯ୍ୟ କରିଥିବା ଜଣାପଡିଛି। ସେ ଜଣେ ପୋଲିସ୍ ଏଏସ୍ଆଇ ହୋଇ ଜଣେ ମନ୍ତ୍ରୀଙ୍କ ଉପରକୁ କାହିଁକି ଅତର୍କିତ ଗୁଳିଚଳାଇଲେ ତାହା ସ୍ପଷ୍ଟ ହୋଇନାହିଁ। ଅଭିଯୁକ୍ତ ଦାସଙ୍କୁ ଅଟକରଖି ପୋଲିସ୍ ପଚରାଉଚରା ଚଳାଇଛି।

### ଅଭିଯୁକ୍ତ ସ୍ୱାଭାବିକ ଭାବେ କାର୍ଯ୍ୟ କରୁଥିଲେ: ଫାଣ୍ଡି ଅଧିକାରୀ

ଏଏସ୍ଆଇ ଗୋପାଳକୃଷ୍ଣ ଦାସ ଗାନ୍ଧୀଛକ ଫାଣ୍ଡିରେ କାର୍ଯ୍ୟରତ ଥିଲେ। ତାଙ୍କର କାର୍ଯ୍ୟ ସମ୍ପର୍କରେ ଫାଣ୍ଡି ଅଧିକାରୀ ଶଶୀଭୂଷଣ ପୋଢ କହିଛନ୍ତି, ସେ ଗତ ୨୦୨୦ରୁ ଏଠାରେ କାର୍ଯ୍ୟରତ ଅଛନ୍ତି। ସେ ତାଙ୍କର ଡ୍ୟୁଟି ସ୍ୱାଭାବିକ ଭାବେ କରୁଥିଲେ। କୌଣସି ଅସ୍ୱାଭାବିକ ପରିସ୍ଥିତି କେବେ ଦେଖିବାକୁ ମିଳିନାହିଁ ବୋଲି ସେ କହିଛନ୍ତି।

### ୪ ମାସ ହେଲା ଚିକିତ୍ସା ପାଇଁ ଛୁଟି ମିଳୁ ନ ଥିଲା: ସ୍ତ୍ରୀ



ଜୟନ୍ତୀ ଦାସ

**ବ୍ରହ୍ମପୁର ଅଫିସ,୨୯।୧:** ଅଭିଯୁକ୍ତ ଏଏସ୍ଆଇ ଗୋପାଳକୃଷ୍ଣ ଦାସ ଦୀର୍ଘବର୍ଷ ହେଲା ମାନସିକ ରୋଗ ଔଷଧ ଖାଉଥିଲେ ବୋଲି ସ୍ତ୍ରୀ ଜୟନ୍ତୀ ଦାସ କହିଛନ୍ତି। ଔଷଧ ଖାଇଲେ ଭଲ ରହୁଥିଲେ। କିଛିଦିନ ପରେ ପୁଣି ଅସୁସ୍ଥ ହୋଇପଡୁଥିଲେ। କିଛିମାସ ତଳେ ଅସୁସ୍ଥ ଥିବା ଜାଣି ଆମେ ଛୁଟି ପାଇଁ ଆବେଦନ କରିଥିଲୁ, କିନ୍ତୁ ଉପରିସ୍ଥ ଅଧିକାରୀମାନେ ୪ମାସ ହେଲା ଛୁଟି ଦେଇ ନ ଥିଲେ। ଯେତେବେଳେ ମାନସିକ ରୋଗ ବାହାରୁଥିଲା ସେତେବେଳେ ତାଙ୍କ କଥାବାର୍ତ୍ତା ଅସ୍ୱାଭାବିକ ରହୁଥିଲା। ଗୋପାଳ ବ୍ରହ୍ମପୁର ତହସିଲ ଅଫିସ ସମ୍ମୁଖ ଦି'ମାଇଣ୍ଡ କ୍ଲିନିକ୍‌ରେ ଚିକିତ୍ସିତ ହେଉଥିଲେ ବୋଲି ତାଙ୍କ ସ୍ତ୍ରୀ କହିଛନ୍ତି। କୋଭିଡ୍ ସଂକ୍ରମଣ ପରେ ଆଉ ଡାକ୍ତରଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ। ଅନ୍ୟପକ୍ଷରେ ଗୁଳିକାଣ୍ଡର ଘଣ୍ଟାଏ ପୂର୍ବରୁ ସେ ଭିଡିଓ କଲ୍‌ରେ କଥା ହୋଇଛନ୍ତି ବୋଲି ସ୍ତ୍ରୀ ସୂଚନା ଦେଇଥିଲେ।

### ଗୋପାଳ ବାଇପୁଲାର ଡିଜ୍‌ଅର୍ଡର ରୋଗୀ ଥିଲେ: ଡାକ୍ତର



ଡା. ଚନ୍ଦ୍ର ଶେଖର ତ୍ରିପାଠୀ

ଚିକିତ୍ସା କରୁଥିବା ମାନସିକ ରୋଗ ବିଶେଷଜ୍ଞ ଡା. ଚନ୍ଦ୍ର ଶେଖର ତ୍ରିପାଠୀ କହିଛନ୍ତି, ଗୋପାଳ ବାଇପୁଲାର ଡିଜ୍‌ଅର୍ଡର (ମନର ଉନ୍ମାଦ) ରୋଗରେ ଆକ୍ରାନ୍ତ ଥିଲେ। ୫ବର୍ଷ ତଳେ ସେ ନିୟମିତ ଆସୁଥିଲେ। କିନ୍ତୁ ଦୀର୍ଘବର୍ଷ ହେଲା ସେ ଆସିନାହାନ୍ତି। ଏହି ରୋଗ ହେଲେ ସାଧାରଣତଃ ଉତ୍ପାତ ହେବେ, ରାଗିବେ, ଶୋଇବେ ନାହିଁ ଏବଂ ହିଂସାପ୍ରବଣ ହେବେ ବୋଲି ଡା. ତ୍ରିପାଠୀ କହିଛନ୍ତି। ଯଦିଓ କେତେବେଳେ ଆସିଛନ୍ତି, ତେବେ ଔଷଧ ସମ୍ପର୍କରେ ପଚାରିବାକୁ ଆସିଥାଇପାରନ୍ତି। ବର୍ଷେ ତଳେ ଆସିଥିଲେ, ସେତେବେଳେ ମାନସିକ ସ୍ଥିତି ଠିକ୍ ଥିଲା ବୋଲି ଡା. ତ୍ରିପାଠୀ କହିଛନ୍ତି।

## ତଦନ୍ତଭାର ନେଲା କ୍ରାଇମବ୍ରାଞ୍ଚ

### ସ୍ୱତନ୍ତ୍ର ଟିମ୍ ସହ ତଦନ୍ତ ଆରମ୍ଭ କଲେ କ୍ରାଇମ୍‌ବ୍ରାଞ୍ଚ ଏଡିଜି

**ଭୁବନେଶ୍ୱର,୨୯।୧(ବ୍ୟୁରୋ):** ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଗୁଳିମାଡ଼ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କ୍ରାଇମବ୍ରାଞ୍ଚ ତଦନ୍ତ ଭାର ନେଇଛି। କ୍ରାଇମ୍‌ବ୍ରାଞ୍ଚ ଝାରସୁଗୁଡ଼ା ବ୍ରଜରାଜନଗର ଥାନାରେ ହୋଇଥିବା ମାମଲା (ନଂ.୩୪/୨୩)କୁ ନିଜ ଅଧୀନକୁ ନେବା ସହ ଆର୍ମ୍ସ ଆକ୍ଟ ଓ ବିଭିନ୍ନ ଦଫାରେ ମାମଲା (ନଂ.୨/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିପାଇଁ ଡିଏସ୍‌ପି ରମେଶ ଚନ୍ଦ୍ର ଡୋରାଙ୍କ ନେତୃତ୍ୱରେ ୭ଜଣ ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ରେ ସାଇବର ଏକ୍ସପର୍ଟ, ବାଲିଷ୍ଟିକ୍(ଗୋଇନ୍ଦା) ଏକ୍ସପର୍ଟ ଓ କ୍ରାଇମବ୍ରାଞ୍ଚର ଦକ୍ଷ ଅଧିକାରୀମାନେ ରହିଛନ୍ତି। ଏହାର ସମ୍ପୂର୍ଣ୍ଣ ତଦାରଖ ଦାୟିତ୍ୱରେ ଅଛନ୍ତି କ୍ରାଇମ୍‌ବ୍ରାଞ୍ଚ ଏଡିଜି ଅରୁଣ କୁମାର ବୋଥ୍ରା। ତେବେ ଏଡିଜି ବୋଥ୍ରା ପ୍ରଥମେ ଅପରାହ୍ନରେ ସ୍ୱାସ୍ଥ୍ୟମନ୍ତ୍ରୀ ଚିକିତ୍ସିତ ହେଉଥିବା ଆପୋଲୋ ହସ୍ପିଟାଲରେ ପହଞ୍ଚି ତଦନ୍ତ କରିବା ପରେ ଟିମ୍ ସହ ସ୍ୱତନ୍ତ୍ର ବିମାନ ଯୋଗେ ଝାରସୁଗୁଡା ଯାଇଥିଲେ। ବ୍ରଜରାଜନଗରର ଘଟଣାସ୍ଥଳରେ ପହଞ୍ଚିବା ପରେ ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ବିଭିନ୍ନ ଦିଗକୁ ନେଇ ଟିମ୍ ତଦନ୍ତ ଚଳାଇଥିବା ସୂଚନା ମିଳିଛି।



ଆପୋଲୋ ହସ୍ପିଟାଲ ପରିସରରେ ନେତା, ପ୍ରଶାସକ ଓ ମନ୍ତ୍ରୀ ନବ ଦାସଙ୍କ ସମର୍ଥକମାନେ।



ଆପୋଲୋ ହସ୍ପିଟାଲ ଅଭିମୁଖେ ଯାଉଥିବା ନେତା ଓ ମନ୍ତ୍ରୀଙ୍କ ଗାଡ଼ି।



ହସ୍ପିଟାଲ ମେନ୍ ଗେଟ୍ ସମ୍ମୁଖରେ ଭିଡ଼।

ଫଟୋ: ମନୋରଞ୍ଜନ

ଜୀବନ କ୍ଷେତ୍ରରୁ ପଳାୟନ ନୁହେଁ ବରଂ ଦିବ୍ୟ ପୂର୍ଣ୍ଣତାରେ ଜୀବନକୁ ପୂର୍ଣ୍ଣାଙ୍ଗ କରି ଗଢିତୋଳିବା ହେଉଛି ପ୍ରକୃତ ଆଧ୍ୟାତ୍ମିକତା । ... ଭଗବାନଙ୍କ ସାହାଯ୍ୟ ସର୍ବଦା ତୁମ ସହିତ ରହିଛି । –ଶ୍ରୀମା



# ସ୍ୱଳ୍ପ ଅବଧି

କୁହାଯାଉଥିଲା ଯେ କଂଗ୍ରେସର ଭୁଲ୍ ପଦକ୍ଷେପ ଯୋଗୁ ନିଜ ଲୋକଙ୍କୁ ଆର୍ଥିକ ସୁବିଧା ଯୋଗାଇ ଦିଆଯିବାରୁ ବ୍ୟାଙ୍କଗୁଡ଼ିକର ବିଫଳତା ଦେଖାଦେଇଥିଲା । ଏହି ବିଷୟ ମଧ୍ୟ ବାରମ୍ବାର ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ କହୁଥିଲେ । ତାଙ୍କ କଥାକୁ ବିଶ୍ୱାସ କରି ଲୋକେ ଭାବିଲେ ପୂର୍ବ କଂଗ୍ରେସ ସରକାର ଅମଳରେ ଏଭଳି ଭାବେ ଜନସାଧାରଣଙ୍କ ଅର୍ଥକୁ ଚୋରି କରି ନିଆଯାଇଛି । ତେବେ ଗରିବ, ଖଟିଖିଆଙ୍କ ଆର୍ଥିକ ଭବିଷ୍ୟତ ସହିତ ଆଜିର ସରକାର କେବେହେଲେ ଖେଳିବାକୁ ଦେବେ ନାହିଁ ବୋଲି ମୋଦି ଲୋକଙ୍କୁ ଆଶ୍ୱାସନା ଦେଇଥିଲେ । ହେଲେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥା ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ନକାରାତ୍ମକ ମନ୍ତବ୍ୟ ଦେଇ ଆସୁଛନ୍ତି । ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧିଠାରୁ ଆରମ୍ଭକରି ଅତ୍ୟାବଶ୍ୟକ ସାମଗ୍ରୀର ଅଭୂତପୂର୍ବ ମୂଲ୍ୟବୃଦ୍ଧି ସତ୍ତ୍ୱେ ଭାରତୀୟମାନେ ସହନଶୀଳତା ପ୍ରଦର୍ଶନ କରି ମୋଦିଙ୍କ ଭାଷଣ ଉପରେ ସର୍ବଦା ବିଶ୍ୱାସ କରି ରହିଲେ । ଅସଲ ଚିତ୍ର ପଦାକୁ ଆସିବା ପରେ ବର୍ତ୍ତମାନ ସରକାରଙ୍କ ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ତଥ୍ୟ ପ୍ରକାଶ ପାଇବାରେ ଲାଗିଲାଣି ।

ନିକଟରେ ଆମେରିକାର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଭାରତର ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍ ବିରୋଧରେ ସାଂଘାତିକ ଅଭିଯୋଗ ଆଣିବା ପରେ ଭାରତୀୟ ପୁଞ୍ଜିବଜାର ଦୋହଲିଯାଇଛି । ନିଜ ଷ୍ଟକ୍ ଓ ଆକାଉଣ୍ଟ୍ସରେ ଦୀର୍ଘବର୍ଷ ଧରି ଆଦାନୀ ଗ୍ରୁପ୍ ବ୍ୟାପକ ହେରଫେର କରିଥିବା ବିଷୟ ପ୍ରଘଟ ହେବା ପରେ ବିଶ୍ୱର ତୃତୀୟ ଧନୀ ବ୍ୟକ୍ତି ଥିବା ଗୌତମ ଆଦାନୀ ଏବେ ୭ମ ସ୍ଥାନକୁ ଖସି ଯାଇଛନ୍ତି । ଆଦାନୀ ଗ୍ରୁପ୍ ପ୍ରତିଷ୍ଠାତା ଗୌତମ ଆଦାନୀ ଜାଣିଶୁଣି ଷ୍ଟକ୍ ମୂଲ୍ୟରେ ବୃଦ୍ଧି ଘଟାଇ ଗତ ୩ ବର୍ଷ ମଧ୍ୟରେ ୧୨୦ ବିଲିୟନ୍ ଡଲାର ଠୁଳ କରିଛନ୍ତି । ଏହା ଏକ ବିରାଟକାୟ ଆର୍ଥିକ ଠକାମି । ପୁଞ୍ଜିବଜାରରେ ତାଲିକାଭୁକ୍ତ ହୋଇଥିବା ଆଦାନୀ ଗ୍ରୁପ୍‌ର ୭ ମୁଖ୍ୟ କମ୍ପାନୀ ଏହି ଅବଧି ମଧ୍ୟରେ ହାରାହାରି ୮୧୯ ପ୍ରତିଶତ ଉପରକୁ ଉଠିଥିବା ବିଷୟ ହିଣ୍ଡେନ୍‌ବର୍ଗ ତା' ରିପୋର୍ଟରେ ଦର୍ଶାଇବାରୁ ଭାରତବାସୀ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ଅନ୍ୟପକ୍ଷରେ ହିଣ୍ଡେନ୍‌ବର୍ଗ ରିପୋର୍ଟକୁ ଆଦାନୀ ଗ୍ରୁପ୍ ସିଏଫ୍‌ଓ ଯୁଗେଶିନ୍ଦର (ରୋବି) ସିଂ ଖଣ୍ଡନ କରିବା ଅବସରରେ ତାଙ୍କ ପଛରେ ଭାରତର ଜାତୀୟ ପତାକା ଟଙ୍ଗା ଯାଇଥିବା ଦେଖିବାକୁ ମିଳିଛି । ଏଥିରୁ ଧାରଣା ସୃଷ୍ଟି କରାଯିବାର ଉଦ୍ୟମ ହୋଇଥିବାର ମନେହେଉଛି ଯେ ଆଦାନୀ ବ୍ୟବସାୟକୁ ସମଗ୍ର ଭାରତବର୍ଷ ଏକ ଦେଶ ଭାବେ ସମର୍ଥନ କରୁଛି । ଆଦାନୀ ବିରୋଧରେ କହିବାର ଅର୍ଥ ହେଉଛି ଭାରତକୁ ବିରୋଧ କରିବା । ଏହି ଭ୍ରାନ୍ତ ଧାରଣା ସୃଷ୍ଟି କରିବାର ଉଦ୍ୟମ ଦେଶ ପାଇଁ ଅତ୍ୟନ୍ତ କ୍ଷତିକାରକ । ଏହିଭଳି ଭାବେ ଆସ୍ପର୍ଦ୍ଧା ପ୍ରଦର୍ଶନ କରିବାର ମାନେ ହେଉଛି କେନ୍ଦ୍ର ସରକାର ଏହି କେତୋଟି ଘରୋଇ ଶିଳ୍ପପତିଙ୍କୁ ଅଯଥା ସମର୍ଥନ କରୁଛନ୍ତି । ଏହାକୁ ଅଯଥା ଏଇଥିପାଇଁ କୁହାଯାଉଛି, କାରଣ ଆଦାନୀ ଗ୍ରୁପ୍ ଏକ ଘରୋଇ କମ୍ପାନୀ ଏବଂ ଦେଶର ଭବିଷ୍ୟତ ସେହି ସଂସ୍ଥା ସହିତ ବନ୍ଧା ନୁହେଁ । ଅନ୍ୟପଟେ ଏହା ଅଯଥା କୁହାଯାଇପାରିବ ନାହିଁ, କାରଣ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଓ ଜୀବନ ବୀମା ନିଗମ (ଏଲ୍‌ଆଇସି) ଭଳି ଅନେକ ସରକାରୀ ସଂସ୍ଥାଠାରୁ ପ୍ରବଳ ପରିମାଣର ଅର୍ଥ ଆଦାନୀ ଉଠାଇ ନେଇଛନ୍ତି, ଯାହାର କୁଫଳ ଦେଶ ଉପରେ ପଡ଼ିବା ସ୍ୱାଭାବିକ । ଗତ ଦୁଇ ଦିନ ମଧ୍ୟରେ ଏଲ୍‌ଆଇସି ଓ ଏସ୍‌ବିଆଇର ୭୮,୦୦୦ କୋଟି ଟଙ୍କା କ୍ଷତି ହୋଇସାରିଲାଣି । ସରକାରୀ ବ୍ୟବସ୍ଥା ସହିତ ଜଡ଼ିତ ବ୍ୟକ୍ତି ଫୋପାଡ଼ିଲା ଭଳି କହି ଦେଉଛନ୍ତି ଏହା ଦ୍ୱାରା ଦେଶର ଆର୍ଥିକ ସ୍ଥିତି ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ମନେରଖିବାକୁ ହେବ ଯେ, ଏହି ମନ୍ଦ ପ୍ରଭାବ ଅଚାନକ ପଡ଼ି ନ ପାରେ, କିନ୍ତୁ ଏହାର କ୍ଷତିକାରକ ଦିଗ ନିକଟ ଭବିଷ୍ୟତରେ ଦେଶବାସୀଙ୍କୁ ଭୋଗିବାକୁ ପଡ଼ିବ ।

ବିଗତ କିଛି ଦଶନ୍ଧିର ଶାସକଙ୍କ ଆଚରଣ ଦେଖିଲେ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ନୂଆ କରି କ୍ଷମତାକୁ ଆସୁଥିବା ବର୍ଗ ପ୍ରଥମ ୫ ବର୍ଷ ମଧ୍ୟରେ ପର୍ଯ୍ୟାପ୍ତ ଦୁର୍ନୀତି କରିବାକୁ ସୁଯୋଗ ପାଉନାହାନ୍ତି । ଯେତେବେଳେ ଦ୍ୱିତୀୟ ଥର କ୍ଷମତାକୁ ଫେରୁଛନ୍ତି ସେତେବେଳେ ସବୁ ଫନ୍ଦିଫିକର କରି ଯାହା ପାରୁଛନ୍ତି ରାମ୍ପି ନେଉଛନ୍ତି । ଭାରତବାସୀ ଉପା ସରକାରର ପ୍ରଥମ ପାଳି ଅପେକ୍ଷା ଦ୍ୱିତୀୟ ପାଳିରେ ହୋଇଥିବା ଦୁର୍ନୀତି ବିଷୟରେ ଅବଗତ ହୋଇଥିଲେ । ସମାନ ଭାବେ ଦେଖିଲେ ୨୦୧୪ରେ ମୋଦି ସରକାରଙ୍କ ପ୍ରଥମ ପାଳି ଅପେକ୍ଷା ୨୦୧୯ରେ ଗଠିତ ସରକାର ଅଧିକ ନକାରାତ୍ମକ କାର୍ଯ୍ୟ ପାଇଁ ନିନ୍ଦିତ ହେଉଥିବା ଦେଖାଯାଉଛି । ଜାନୁୟାରୀ ୨୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜସ୍ଥାନରେ ୧,୧୧୧ତମ ଭଗବାନ ଶ୍ରୀଦେବନାରାୟଣଙ୍କ ଅବତାରଣ ଦିବସରେ ଯୋଗଦେବା ବେଳେ ଭାଷଣରେ କହିଛନ୍ତି, ଭାରତକୁ ଭାଙ୍ଗିବା ଲାଗି ଭୌଗୋଳିକ, ସାଂସ୍କୃତିକ, ସାମାଜିକ ଓ ଆଦର୍ଶାତ୍ମକ ଭାବେ ଅନେକ ଚେଷ୍ଟା କରାଯାଇଛି । କିନ୍ତୁ କୌଣସି ଶକ୍ତି ଭାରତକୁ ଧ୍ୱଂସ କରିପାରି ନାହିଁ । ଏବେ ଭାରତୀୟ ଜନତା ପାର୍ଟି (ଭାଜପା) ଯେଉଁଭଳି ଭାବେ ଦେଶକୁ ପ୍ରଗତି ପଥରେ ଆଗେଇ ନେଉଛି ତାହା ପୂର୍ବରୁ କଦାପି ଦେଖାଯାଇ ନ ଥିଲା । ଏଠାରେ ମୋଦି ନିଜ ଭାଷଣରେ ସରକାରଙ୍କ ଗୁଣଗାନ କରୁଥିଲେ ମଧ୍ୟ ଏହି ଶାସନ ସମୟରେ ଦେଖାଦେଇଥିବା ଅସଙ୍ଗତିକୁ ଜନସାଧାରଣ ଭଲ ଭାବେ ବୁଝିସାରିଲେଣି । ବିବିସି ଡକ୍ୟୁମେଣ୍ଟାରିକୁ ଭାରତରେ ପ୍ରଦର୍ଶନ କରିବାକୁ ସୁଯୋଗ ଦିଆଯାଇଥିଲେ ଖୋଦ୍ ମୋଦି ଓ ତାଙ୍କ ସରକାରଙ୍କ ସ୍ୱଚ୍ଛତା ବିଷୟରେ ଲୋକେ ଜାଣିପାରିଥାଆନ୍ତେ । କିନ୍ତୁ ତାହା ଉପରେ ପ୍ରତିବନ୍ଧକ ଲଗାଇ ଦିଆଯାଇଛି । ଅନୁରୂପ ଭାବେ ଏକ କଳଙ୍କିତ ସଂସ୍ଥା ଆଦାନୀ ଗ୍ରୁପ୍‌କୁ ପୂର୍ଣ୍ଣ ସମର୍ଥନ ଦେଉଥିବାରୁ ସରକାରଙ୍କ ତରଫରୁ ଅଦ୍ୟାବଧି ଅର୍ଥମନ୍ତ୍ରୀ କୌଣସି ସ୍ପଷ୍ଟୀକରଣ ଦେଉ ନ ଥିବା ଦେଖିବାକୁ ମିଳିଛି । ଆମେରିକାର ଏକ ଗବେଷଣା ସଂସ୍ଥା ଭାରତର ଏକ ବୃହତ୍ କମ୍ପାନୀ ବିରୋଧରେ ଅଭିଯୋଗ ଆଣିଥିବାରୁ ତତ୍‌କ୍ଷଣାତ୍ ସରକାରଙ୍କ ତରଫରୁ ଯାଞ୍ଚ ନିର୍ଦ୍ଦେଶ ଦିଆଯିବା କଥା । କିନ୍ତୁ ଏ ଦିଗରେ ସରକାରୀ ବ୍ୟବସ୍ଥା ମୁଣ୍ଡ କାନ ହଲାଉ ନାହାନ୍ତି । ତେଣୁ ଆଜିର ସ୍ଥିତିକୁ ଦେଖିଲେ ୫ ବର୍ଷରୁ ଊର୍ଦ୍ଧ୍ୱ ଶାସନ ଦାୟିତ୍ୱରେ ରହୁଥିବା ସରକାରଙ୍କ କାର୍ଯ୍ୟକଳାପ ସନ୍ଦେହର ଊର୍ଦ୍ଧ୍ୱକୁ ଉଠିପାରୁ ନାହିଁ । ଦେଶବାସୀ ଭାରତର ମଙ୍ଗଳ ଚାହୁଁଥିଲେ ସ୍ୱଳ୍ପ ଅବଧିର ଶାସନକୁ ପସନ୍ଦ କରିବାର ସମୟ ଆସିଲାଣି ।

## su|do|ku — ସୁ–ଡୋ–କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | | | 7 | | |
| | | | | 7 | | 5 | 2 | |
| | 7 | | | 2 | 5 | | | |
| 9 | 5 | | | | | | 8 | |
| 1 | | | | 4 | 2 | | | |
| | | | 8 | | | | 3 | 6 |
| 7 | | | | | | 6 | | |
| 8 | | | | | | 4 | | |
| | 2 | | 1 | 6 | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 1 | 7 | 9 | 6 | 4 | 8 | 2 |
| 9 | 7 | 4 | 2 | 8 | 1 | 6 | 3 | 5 |
| 2 | 6 | 8 | 4 | 3 | 5 | 9 | 1 | 7 |
| 1 | 9 | 7 | 6 | 4 | 3 | 2 | 5 | 8 |
| 8 | 4 | 3 | 5 | 1 | 2 | 7 | 6 | 9 |
| 5 | 2 | 6 | 9 | 7 | 8 | 3 | 4 | 1 |
| 4 | 1 | 9 | 8 | 6 | 7 | 5 | 2 | 3 |
| 7 | 8 | 2 | 3 | 5 | 4 | 1 | 9 | 6 |
| 6 | 3 | 5 | 1 | 2 | 9 | 8 | 7 | 4 |

ଗତକାଲିର ଉତ୍ତର

# ବାବୁ–ବିଧାୟକ କଳି



ସହଦେବ ସାହୁ

ଆମେ ଯୁକ୍ତରାଷ୍ଟ୍ର ଆମେରିକାରେ ରାଜନୈତିକ ଘଟଣାବଳୀ ବିଷୟରେ ପଢ଼ିଲା ବେଳେ ଭାବୁ ସେଠାରେ ଯେମିତି ଗୋଟିଏମାତ୍ର ବିଧାନସଭା ଅଛି । ଆମ ଦେଶରେ ଯେପରିପ୍ରତିପ୍ରଦେଶ ଓ କେନ୍ଦ୍ରାଞ୍ଚଳରେ ବିଧାନସଭା ଅଛି, ଯୁକ୍ତରାଷ୍ଟ୍ର ଆମେରିକାରେ ବି ରାଜ୍ୟଗୁଡ଼ିକରେ ବିଧାନସଭା ଅଛି । ବାରମ୍ବାର ସ୍କୁଲ ଭିତରେ ଆଖିବୁଜା ଗୁଳିମାଡ଼ରେ ଛାତ୍ରୀଛାତ୍ର ଓ ଶିକ୍ଷକ ମୃତ୍ୟୁ ସମ୍ପର୍କରେ ଆଲୋଚନା ହେଲେ ସେଠାକାର ସଂସଦ (ଇଂଲିଶରେ କଂଗ୍ରେସ)ର ଦୁଇ ଗୃହ (ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ଏବଂ ସିନେଟ୍)ର କୌଣସି ସଦସ୍ୟ ସଂସଦ ବାହାରେ ପୋଲିସ ଅଧିକାରୀ ସହ ଝଗଡ଼ା କରନ୍ତି ନାହିଁ, ବରଂ ପୋଲିସ ବିଭାଗର ଭାର ସମ୍ଭାଳିଥିବା ମନ୍ତ୍ରୀ (ଯାହାଙ୍କୁ ସେଠାରେ ସେକ୍ରେଟାରି ଅଫ୍ ଷ୍ଟେଟ୍ କହନ୍ତି)ଙ୍କୁ ଦାୟୀ କରି ସେ ବିଭାଗର ବଜେଟ କାଟଛାଣ୍ଟ କରିବାର ପ୍ରସ୍ତାବ ଆଣନ୍ତି । ତେଣୁ ଆମେରିକାରେ ଲେଜିସ୍‌ଲେଟର ଓ ବ୍ୟୁରୋକ୍ରାଟ୍ ଭିତରେ କିଏ ବଡ଼ ତା' ଉପରେ ଆଲୋଚନା ହୁଏ ନାହିଁ । ବିଲାତରେ ସାମ୍ବିଧାନିକ ରାଜତନ୍ତ୍ର (କନ୍‌ଷ୍ଟିଚ୍ୟୁଶନାଲ୍ ମୋନାର୍କି) ଭିତରେ ସଂସଦୀୟ ଗଣତନ୍ତ୍ର ଅଛି, ଯାହାକୁ ଆମେ ଅନୁକରଣ କରି ସମ୍ବିଧାନ ତିଆରି କରିଛୁ, ସେଠାରେ ବି ସାଂସଦମାନେ ବ୍ୟୁରୋକ୍ରାଟ୍‌ମାନଙ୍କୁ ଆଇନ ଲାଗୁ କରୁଥିବା ଅଧିକାରୀ (ଇଂଲିଶରେ ରେଗୁଲେଟର) ଭାବେ ଗ୍ରହଣ କରନ୍ତି । ସାଂସଦମାନେ ସିନା ଆଇନ ତିଆରି କରନ୍ତି, ସେ ଆଇନଗୁଡ଼ିକୁ ଲାଗୁ କରିବାରେ ଓ ଆଇନଭଙ୍ଗକାରୀଙ୍କୁ କୋର୍ଟ କଚେରିକୁ ଟାଣିନେବାରେ ତଥା ସାଂସଦମାନେ ତିଆରି କରିଥିବା ଆଇନ ଅନୁଯାୟୀ ସରକାରୀ କାମ କରିବାରେ ବ୍ୟୁରୋକ୍ରାଟ୍‌ମାନେ ହିଁ କାମ କରନ୍ତି, ତହିଁରେ ସାଂସଦମାନେ ହସ୍ତକ୍ଷେପ କରନ୍ତି ନାହିଁ କି ସେମାନଙ୍କ ବିରୋଧରେ ପଦକ୍ଷେପ ନିଅନ୍ତି ନାହିଁ । ଗତ ୮ ମାସ ଭିତରେ ଦୁଇ ଦୁଇ ଜଣ ପ୍ରଧାନମନ୍ତ୍ରୀଙ୍କୁ ବିଲାତର ପୋଲିସ ଜରିମାନା କରିଛି: ଗୋଟିଏ ହେଲା ବୋରିସ୍ ଜନ୍‌ସନ୍ କୋଭିଡ୍ କଟକଣା ନ ମାନି ତାଙ୍କ ସରକାରୀ ବାସଭବନରେ ୮୩ ଜଣଙ୍କୁ ଭୋଜନ ଓ ମଦ୍ୟପାନରେ ଆପ୍ୟାୟିତ କରିଥିବାର ଏକ ଇନ୍‌କ୍ୱାରି ରିପୋର୍ଟ ସୁଏ ଗ୍ରେ ନାମକ ଜଣେ ବ୍ୟୁରୋକ୍ରାଟ୍ ଦେଇଥିଲେ, ଯାହାକୁ ଭିତ୍ତିକରି ବିଲାତର ପୋଲିସ ବୋରିସ୍ ଜନ୍‌ସନ୍‌ଙ୍କ ଉପରେ ଗୋଟିଏ ଓ ତାଙ୍କ ସାଙ୍ଗରେ ଥିବା ମନ୍ତ୍ରୀ ଏବଂ ଭିଆଇପିମାନଙ୍କ ଉପରେ ୧୨୫ଟି ଜରିମାନା କଲେ । ଦେଶରେ ମାସ ମାସ ଧରି ସାମାଜିକ ମିଳନ ବନ୍ଦ ରହିଥିଲା ବେଳେ ପ୍ରଧାନମନ୍ତ୍ରୀ ନିୟମ ଭାଙ୍ଗି ଦଣ୍ଡ ଦେଲେ । ସେ ତ ପୋଲିସ ବା ଗ୍ରେ'ଙ୍କ ଉପରେ ପ୍ରତିଶୋଧ ନେଲେ ନାହିଁ, ବଦଳି ବି କଲେ ନାହିଁ । ପରେ ଜନ୍‌ସନ୍ ପ୍ରଧାନମନ୍ତ୍ରୀ ପଦରୁ ତାଙ୍କ ଦଳ ଦ୍ୱାରା ବିତାଡ଼ିତ ହୋଇଛନ୍ତି । ତାଙ୍କ କଞ୍ଜରଭେଟିଭ୍ ଦଳରେ ଗଣତନ୍ତ୍ର ଅଛି, ମେମ୍ବରମାନଙ୍କ ଭୋଟରେ ଦଳର ନେତା ନିର୍ବାଚିତ ହୁଅନ୍ତି । ଆମ ଦେଶର ନେତାଙ୍କ ଭଳି ଦଳର କେହି ମେମ୍ବର ନେତାଙ୍କୁ ନ ମାନିଲେ ଦଳରୁ ତଡ଼ାଖାଏ ନାହିଁ । ଜନ୍‌ସନ୍ ଆମ ଦେଶର ରାଜନୈତିକ ଦଳମାନଙ୍କର ମୁଖିଆ ଭଳି ଆଚରଣ ଦେଖାଇଥିଲେ ୨୦୨୫ଯାଏ ପ୍ରଧାନମନ୍ତ୍ରୀ ରହିପାରି ଥାଆନ୍ତେ, କାରଣ ଆମ ଦେଶର ନେତାଏ ବିରୋଧ କରୁଥିବା ମେମ୍ବରଙ୍କୁ ଦଳରୁ ତଡ଼ିଦେଇଥା'ନ୍ତେ ଓ ସେ ନିଷ୍ପତ୍ତିକୁ ଦଳର ଅନ୍ୟ ସଦସ୍ୟମାନେ ଶତମୁଖରେ ସମର୍ଥନ କରିବା ସଙ୍ଗେ ସଙ୍ଗେ ବିଦ୍ରୋହୀକୁ ଜଣେ ରାକ୍ଷସ ଭଳି ଲୋକ ଏବଂ ଜଣେ ଦେବତୁଲ୍ୟ ଲୋକ ବୋଲି ବହୁତ ଯୁକ୍ତି ବାଢ଼ିଥାନ୍ତେ । କେବଳ ଜନ୍‌ସନ୍ ବାବୁଙ୍କ ଦ୍ୱାରା ବେଆଇନ କାମ କରିଥିବାର ପ୍ରମାଣିତ ହେଲେ ନାହିଁ, ତାଙ୍କ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଋଷି ସୁନକ ତାଙ୍କ ଲଙ୍କାସାୟର ଗସ୍ତବେଳେ କାର୍‌ର ପଛସିଟ୍‌ରେ ବସି ସିଟ୍‌ବେଲ୍ଟ ବାନ୍ଧି ନ ଥିଲେ ବୋଲି ଏକ ଭିଡିଓ ଭାଇରାଲ୍ ହୋଇଥିବା ଦେଖି ସେଠାକାର ପୋଲିସ ତାଙ୍କ ଉପରେ ଜରିମାନା ଭିଡ଼ିଦେଲେ ଏବଂ ସୁନକ ନିଜର ଭୁଲ ମାନି ଜରିମାନା ଦେଲେ । କାହିଁ ସେ ତ ପୋଲିସ ବିରୋଧରେ ଆକ୍ସନ ନେଲେ ନାହିଁ?



ବିଲାତୀୟ ଗଣତନ୍ତ୍ରକୁ ଅନୁକରଣ କରିଥିବା ଆମେ ଦେଖୁଛୁ ନିତିଦିନ ସାଂସଦ ଏବଂ ବିଧାୟକମାନେ ପୋଲିସ ଓ ରାଜସ୍ୱ ବିଭାଗର ଅଧିକାରୀମାନଙ୍କୁ ମୁହାଁମୁହିଁ ଭର୍ତ୍ସନା କରୁଛନ୍ତି, ବେଳେବେଳେ ତାଙ୍କ ସମର୍ଥକମାନଙ୍କୁ ଲଗାଇ ତାଙ୍କୁ ଆକ୍ରମଣ କରୁଛନ୍ତି । ଆମ ଦେଶରେ ରାଜନୈତିକ ନେତାମାନେ ନିଜେ ତିଆରି କରିଥିବା ଆଇନର ଊର୍ଦ୍ଧ୍ୱରେ ବୋଲି ମନେକରନ୍ତି, ସେମାନଙ୍କ ନେତାମାନେ ମନ୍ତ୍ରୀ ଅର୍ଥାତ୍ ଏକ୍‌ଜିକ୍ୟୁଟିଭ୍ ହେଡ୍ ଭାବରେ ବୁକ୍ ସର୍କୁଲାର ବା ଗାଇଡ୍‌ଲାଇନ୍ ତିଆରି କରନ୍ତି ଯେ, ବାବୁମାନେ ଦଳ ପ୍ରତିନିଧିମାନଙ୍କ ପାଖରେ ମୁଣ୍ଡ ନୁଆଁଇ ଚଳାଚଳ କରିବେ । ଇଂରେଜ ଶାସନ ସମୟରେ କିରାଣିମାନଙ୍କୁ ବାବୁ ସମ୍ବୋଧନ କରାଯାଉଥିଲା ; ସ୍ୱାଧୀନତା ପରର ଆମ ନିଜ ସରକାରୀ ନେତାମାନେ ଔପନିବେଶିକ ମନୋଭାବ ଭୁଲିନାହାନ୍ତି, ପ୍ରଶାସନିକ କର୍ମଚାରୀମାନଙ୍କୁ ତାଚ୍ଛଲ୍ୟସୂଚକ ବାବୁ ସମ୍ବୋଧନ କରୁଛନ୍ତି ଏବଂ ସମ୍ବାଦବାହିକାମାନେ ପୁନରାବୃତ୍ତି କରନ୍ତି । ୨୦୦୩ର ସମ୍ବିଧାନ ସଂଶୋଧନ ପରଠାରୁ ଆଉ 'ଲୋକ' ପ୍ରତିନିଧି ନାହାନ୍ତି, ବିଧାୟକ/ସାଂସଦମାନେ 'ଦଳ' ପ୍ରତିନିଧି ହୋଇଗଲେଣି, କାରଣ ଲୋକେ ନୁହେଁ, ଦଳ ଯାହାର ନାମ ନିର୍ବାଚନ ଅଧିକାରୀଙ୍କୁ ସୁପାରିସ କରିବ ସେ ହିଁ ପ୍ରାର୍ଥୀ ହୋଇପାରିବ, ଲୋକଙ୍କ ଭୋଟ ଏକ ରବର ଷ୍ଟାମ୍ପ । ସ୍ୱାଧୀନ ପ୍ରାର୍ଥୀ ହୋଇ କେହି ଜିତିବା ଅସମ୍ଭବ । ଦଳର ସମର୍ଥନ ହିଁ ମୁଦି, ମୁଦି ଅଛି ଗୋଡ଼ କଚାଡ଼ି ପାରୁଛନ୍ତି! ଗଣତନ୍ତ୍ରରେ ସରକାରର ୩ଟି ଶାଖା– ଲେଜିସ୍‌ଲେଟର, ଏକ୍‌ଜିକ୍ୟୁଟିଭ୍ ଓ ଜୁଡିସିଆରି – ନିଜ ନିଜ ସୀମା ଭିତରେ କାମ କରିବେ, ଅଥଚ ପରସ୍ପର ଯେପରି ସୀମା ନ ଲଙ୍ଘନ୍ତି ତାହା ଦେଖିବେ । ବିଧାୟକ ଓ ସାଂସଦମାନେ ଆଇନ ତିଆରି କରିବେ ଓ ଆଇନ ଅନୁଯାୟୀ ଦେଶ ଚାଲୁଛି କି ନାହିଁ ନିଜ ସଭାଗୃହର ଅଧିବେଶନରେ ଏକ୍‌ଜିକ୍ୟୁଟିଭ୍ ମୁଖ୍ୟ, ମନ୍ତ୍ରୀମାନଙ୍କ କୈଫିୟତ୍ ହାସଲ କରିବେ, ଯାହାର ଚରମ ଅସ୍ତ୍ର ହେଉଛି ଅନାସ୍ଥା ପ୍ରସ୍ତାବ ଆଣିବା ; ଅନାସ୍ଥା ପ୍ରସ୍ତାବ ପାରିତ ହୋଇଗଲେ ମନ୍ତ୍ରିମଣ୍ଡଳ (ଦଳର ଶାସନ)ର ଅନ୍ତ ଘଟିବ, ନୂଆ ନିର୍ବାଚନ ହୋଇ ନୂଆ ସରକାର ଗଢ଼ିବ । କିନ୍ତୁ ଦଳ–ପ୍ରତିନିଧି ହୋଇଥିବା ଲୋକେ କେବେ ମନ୍ତ୍ରିମଣ୍ଡଳର ମୁଖ୍ୟ ବିରୋଧରେ ଯାଉନାହାନ୍ତି, କାରଣ ଭବିଷ୍ୟତ ନିର୍ବାଚନରେ ଟିକେଟ ପାଇବେ ନାହିଁ । ଦଳପତି ବି ମେମ୍ବରଙ୍କ ପାଟି ବନ୍ଦ କରିବା ପାଇଁ ଯାବତୀୟ ଏକ୍‌ଜିକ୍ୟୁଟିଭ୍ ସୁବିଧା (ଇଂଲିଶରେ ପ୍ରିଭିଲେଜ୍) ଯୋଗାଉଛନ୍ତି । ମୁଖ୍ୟଙ୍କ ଅଧୀନରେ ସରକାରୀ କାମ ଭଲ ହେଉନାହିଁ କହିବାର ସାହସ ହରାଇଥିବାରୁ ମାର ମାର ମାଧିଆକୁ ମାର ନ୍ୟାୟରେ ବାବୁମାନଙ୍କ ଉପରେ ତୋଡ଼ ଦେଖାଉଛନ୍ତି । ଲେଜିସ୍‌ଲେଟର କରିଥିବା ଆଇନ ଅନୁଯାୟୀ କାର୍ଯ୍ୟ ସମ୍ପାଦନ (ଏକ୍‌ଜିକ୍ୟୁଶନ) କରିବା, ଆଇନ ଅନୁଯାୟୀ ସବୁ କାମ ହେଉ ବୋଲି ଦେଖିବା ଏକ୍‌ଜିକ୍ୟୁଟିଭ୍‌ର କାମ, ଲେଜିସ୍‌ଲେଟରର ନୁହେଁ, ତାହା ବୁଝିବାକୁ ଆମ ବିଧାୟକମାନେ ଚାହାନ୍ତି ନାହିଁ । ବାବୁ–ବିଧାୟକ କଳି ଘଟିବାର ବଡ଼ କାରଣ ଏକ୍‌ଜିକ୍ୟୁଟିଭ୍‌କୁ ନିୟନ୍ତ୍ରଣ କରିବାର ଯେଉଁସବୁ ଅନୁଷ୍ଠାନ ଅଛି, ସେଗୁଡ଼ିକର ମାଲିକ ତ ସେମାନଙ୍କ ଭିତରୁ ବଛା ହୋଇଥିବା ମନ୍ତ୍ରୀ ବା ଅଧକ୍ଷ! ତେଣୁ ସେମାନେ (୧) ଗୃହରେ ଆଲୋଚନାରେ ଏବଂ ଗୃହ ବସି ନ ଥିଲା ବେଳେ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନିଜ କାମ କରାଇ ପାରୁନାହାନ୍ତି, (୨) ମନ୍ତ୍ରୀ ନ ଶୁଣିଲେ ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ଅଭିଯୋଗ ଉଠାଇବାର ସାହସ ନାହିଁ ଏବଂ (୩) ବିଧାୟକ ହେବାର ବୃତ୍ତିଗତ ଯୋଗ୍ୟତା ହାସଲ ନ କରି ଦଳର ମୁଖ୍ୟଙ୍କୁ ଖୁସି କରିବା ଉପରେ ବେଶି ଜୋର୍ ଦେଉଛନ୍ତି । ଇଂରେଜ ଶାସନକାଳରେ ଆଇନ ଅମାନ୍ୟ ଆନ୍ଦୋଳନ ସମ୍ଭବତଃ ଆମ ନେତାମାନଙ୍କ ରକ୍ତରେ ରହିଗଲା, ଆଇନକୁ ବେଖାତିର କରିବା ଏକ ପ୍ରିଭିଲେଜ୍ (ସ୍ୱାଧିକାର) ଭାବେ ଗଣାଯାଉଛି । ସେମାନେ ଭୁଲି ଯାଉଛନ୍ତି ଯେ, ଇଂରେଜମାନେ ପ୍ରଣୟନ କରିଥିବା ଭାରତୀୟ ପିଙ୍ଗଳ ସଂହିତାରେ ଧାରା ୩୫୩ ଏବେ ବି ଅଛି: ସରକାରୀ ଅଧିକାରୀଙ୍କୁ ତାଙ୍କ କାମରେ ଧମକ ବା ବାଧାଦେବା ଏକ ଦଣ୍ଡନୀୟ ଅପରାଧ । ବିଲାତରେ ପୋଲିସ ତାଙ୍କ ପ୍ରଧାନମନ୍ତ୍ରୀଙ୍କୁ ଫାଇନ୍ କରିପାରୁଥିବା ବେଳେ ଭାରତରେ ପୋଲିସ ଜଣେ ଏମ୍‌ଏଲ୍‌ଏଙ୍କ ଗାଡ଼ିକୁ ବି ଯାଞ୍ଚ କରିବା ପାଇଁ ଅଟକାଇପାରିବ ନାହିଁ । ଆମ ଏମ୍‌ଏଲ୍‌ଏଙ୍କ ଇଙ୍ଗିତରେ ତ ଅଫିସରଟିଏ ବଦଳି ହୋଇପାରେ । ଏହି ଡର ସରକାରୀ ଅଧିକାରୀଙ୍କୁ ବିଧାୟକ/ସାଂସଦଙ୍କ ଅଧସ୍ତନ କରିଦେଇଛି । ବିଲାତି ରାଜନେତାଙ୍କ ଗଣତାନ୍ତ୍ରିକ ଦାୟିତ୍ୱବୋଧରୁ କାଣିଚାଏ ବି ଆମ ବିଧାୟକ/ସାଂସଦମାନେ ଶିଖନ୍ତୁ ।

sahadevas@yahoo.com

# ମଣିଷ ଏକତ୍ର ମନ ଛିନ୍ନଛତ୍ର



ଶୁଭନାରାୟଣ ଶତପଥୀ

ଜେଜେମାଆ ହୁଅନ୍ତୁ ବା ଆଇ ମା'ଗପର ପେଡ଼ି ଖୋଲିଲେ ତାଙ୍କ ଚାରିପାଖରେ ବସିଯାଆନ୍ତି ନାତିନାତୁଣୀ ଓ ସାହିପଡ଼ୋଶୀର ପିଲାମାନେ । ପୁଣି ଯେତେବେଳେ ସ୍ଥାନୀୟ, ରାଜ୍ୟ, ଦେଶ ଓ ଅନ୍ତର୍ଜାତୀୟ ରାଜନୀତି ଚର୍ଚ୍ଚା ହୁଏ, ସେତେବେଳେ ଜେଜେବାପା, ବାପା, କାକା, ଦାଦା, ସାହିପଡ଼ୋଶୀର ଭଦ୍ରବ୍ୟକ୍ତି ଆଲୋଚନାରେ ଅଂଶଗ୍ରହଣ କରିବାର ଦେଖିବାକୁ ମିଳୁଥିଲା । ଏମିତିକି ଘରକୁ ବନ୍ଧୁବାନ୍ଧବ ଆସିଲେ ମଧ୍ୟ ବ୍ୟକ୍ତିଗତ ବିଷୟ ସମେତ ମାତୃଭୂମି, ରାଜନୀତି, ସେବା ସମ୍ବନ୍ଧରେ ଅଲୋଚନା ହୁଏ । ଏ ଆଲୋଚନାରୁ କେବଳ ଖବରର ଅପଡେଟ୍‌ସ ଜାଣନ୍ତି ତାହା ନୁହେଁ ବରଂ ଏହାର ବିଶ୍ଳେଷଣ, ଭଲମନ୍ଦ, ଭୁଲ୍‌ଠିକ୍ ଜାଣିହୁଏ । ସବୁଠାରୁ ବଡ଼କଥା ହେଉଛି ଏ ସମ୍ବନ୍ଧରେ ନିଜର ବ୍ୟକ୍ତିଗତ ଭୂମିକା, ଜ୍ଞାନ ବୃଦ୍ଧି ହେବା ସହିତ ଦେଶ, ରାଜ୍ୟ, ଦୁନିଆ ପାଇଁ ନିଜର କର୍ତ୍ତବ୍ୟ, ମତ, ବ୍ୟକ୍ତିତ୍ୱ ସୁନ୍ଦର ଓ ସ୍ପଷ୍ଟ ହୁଏ । ଜେଜେମାଆ, ଜେଜେବାପା ଯେତେବେଳେ ଧର୍ମଚର୍ଚ୍ଚା କରନ୍ତି ସେତେବେଳେ ପୌରାଣିକ କଥାବସ୍ତୁର ମହତ୍ତ୍ୱ, ତା' ଭିତରେ ଲୁଚି ରହିଥିବା ନୈତିକତା, ଶିକ୍ଷା ଆଦିରୁ ଅନେକ କଥା ଶିଖିଥାଆନ୍ତି ଉତ୍ତରାଧିକାରୀମାନେ । ସାମାଜିକ ଚଳଣି, ସଂସ୍କୃତି, ଯାନିଯାତ୍ରା, ସୁଖଦୁଃଖ, ଶୃଙ୍ଖଳା, ବିଶୃଙ୍ଖଳା ସବୁ ଆଲୋଚନା ହୁଏ ପରିବାରର ମହିଳାମାନଙ୍କ ମଧ୍ୟରେ ଓ ପଡ଼ୋଶୀଙ୍କ ସହ । ମତାମତ ନେଇ ପରସ୍ପର ପରସ୍ପରକୁ ସଜାଡ଼ନ୍ତି, ପୁଣି ଜୀବନ ଉଙ୍ଗା ପଥ ହୁଡୁଥିଲେ ବାଟକୁ ଆସେ । ବାସ୍ତବରେ ଜୀବନର ମୂଲ୍ୟବୋଧ, ଦର୍ଶନକୁ ସଜାଡ଼ିବା ଓ ସତେଜ କରିବା ପାଇଁ ଏସବୁ ଆଲୋଚନା, କଥୋପକଥନ, ପରାମର୍ଶର ଆବଶ୍ୟକତା ଢେର ବେଶି । ଏସବୁ ସହିତ ପରସ୍ପରର ଆତ୍ମୀୟତା ମଧ୍ୟ ବଢ଼େ ।

ଜଣେ ବ୍ୟକ୍ତି ଯେ ସବୁକ୍ଷେତ୍ରରେ ଦକ୍ଷ, ତା'ର ଜ୍ଞାନ ସବୁଥିରେ ଅଛି, ସେ ଜମାରୁ ଭୁଲ୍ କରେନାହିଁ କିମ୍ବା କୁହେନାହିଁ ଭାବିବା ଭୁଲ୍ । ଜୀବନରେ ପ୍ରତ୍ୟେକ ଗତିରେ ଆବଶ୍ୟକତା ପଡ଼େ ସମାଲୋଚନା, ନିଷ୍କର୍ଷ, ମତାମତ, ପରାମର୍ଶ, ଦିଗ୍‌ଦର୍ଶନ ଓ ନିର୍ଯ୍ୟାସର । ବିନା କଥୋପକଥନରେ ବା ଆଲୋଚନାରେ ଏହା ମିଳିବା ସମ୍ଭବ ନୁହେଁ । ନିତିଦିନିଆ କାର୍ଯ୍ୟଖସଡ଼ାରେ ଏହି ବିଷୟକୁ ଅନ୍ତର୍ଭୁକ୍ତ ନ କଲେ ଅର୍ଥାତ୍ ପିଲାଠାରୁ ବୟୋଜ୍ୟେଷ୍ଠ ସମସ୍ତେ ଏହି ବାର୍ତ୍ତାଳାପର ଅଂଶବିଶେଷ ନ ପାଳିଲେ ସମାଜ ଦିଗଭ୍ରଷ୍ଟ ହେବା ସାର ହେବ । କାରଣ ନିତିଦିନିଆ ଚଳଣିରେ ସୁବିଧା ଅସୁବିଧା, ବାଧାବିଘ୍ନ ବିଷୟରେ ଜଣାଇଲେ ହିଁ ମୂଳରୁ ଏହାର ସମାଧାନର ବାଟ ଫିଟିବ । ଜଣେ ଆତ୍ମୀୟ ଏହାର ପ୍ରତିଷେଧକ, ନିରାକରଣର ବାଟ ଦେଖାଇପାରିବ । ଏଣୁ ଦଳଗତ ଆଲୋଚନା, ସାମ୍ନାସାମ୍ନି ଆବେଗଭରା କଥାବାର୍ତ୍ତା କେବଳ ସମ୍ପର୍କକୁ ମଜଭୁତ କରେ, ତାହା ନୁହେଁ ବରଂ ଅନେକ ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ କରେ ।

ଅଧୁନା ଗାଁଠୁ ସହର, ପରିବାର, ସାହିପଡ଼ୋଶୀ ଯାହା ଉପରେ ନଜର ପକାଇବା ସେ କର୍ମବ୍ୟସ୍ତ । ବ୍ୟସ୍ତତା ଭିତରେ ଓ ବାହାରେ ତା'ର ଅନ୍ତରଙ୍ଗ ସାଥୀ ହେଉଛି ମୋବାଇଲ ବା ସ୍ମାର୍ଟଫୋନ୍ । କହିବାକୁ ଗଲେ ବ୍ୟସ୍ତତା ଓ ମୋବାଇଲ ଯେମିତି ପରସ୍ପର ଯୋଡ଼ା । ସବୁଠାରୁ ବଡ଼କଥା ହେଉଛି ପିଲାଛୁଆମାନେ ଯେତେ ବଡ଼ ହେଉଛନ୍ତି ମାତାପିତାଙ୍କଠାରୁ ଦୂରେଇଯାଇ ମୋବାଇଲର ନିକଟତର ହେଉଛନ୍ତି । ସତେଯେମିତି ଏ ଦଳଗତ ଓ ବ୍ୟକ୍ତିଗତ ଆଲୋଚନା ଅନ୍ତର୍ନିବିଷ୍ଟ ହୋଇଛି ମୋବାଇଲର ଫ୍ରେମ୍ ଭିତରେ । ସବୁ ସମସ୍ୟାର ସମାଧାନ କ'ଣ ମୋବାଇଲ ଦ୍ୱାରା ହେଉଛି? ନା ବରଂ ଏହା ଆମ ଭିତରେ ଥିବା ସମ୍ପର୍କକୁ ଛିନ୍ନ କରୁଛି ଓ ଅନ୍ତରଙ୍ଗ ଆଳାପଠାରୁ ଦୂରେଇଯାଇ ଆମେ ହରାଉଛୁ ଅନେକ ମୂଲ୍ୟବାନ ଉପଦେଶ, ମାନସିକ ଶିକ୍ଷା ପ୍ରଦାନ କରୁଥିବା ସ୍ନେହଭରା ଅଭିବ୍ୟକ୍ତି । ମୋବାଇଲର ଖୁବ୍ ନିକଟତର ହେବା କାରଣରୁ ପଢ଼ିବା, ଲେଖିବା, ବୁଝିବା, ହେଜିବା ସହିତ ବିଶ୍ଳେଷଣାତ୍ମକ ଦକ୍ଷତା ହରାଉଛୁ । ଏକ ଖବରରୁ ଜଣାଯାଏ, ମୋବାଇଲର ଅତ୍ୟଧିକ ବ୍ୟବହାର ଫଳରେ ଇଣ୍ଟରନେଟ ଆଡିକ୍ସନ ରୋଗର ଶିକାର ହେଉଛୁ । ଦିଲ୍ଲୀ ଏମ୍ସର ସର୍ଭେ ୨୦୨୧ ଅନୁଯାୟୀ ୧୬ ପ୍ରତିଶତ ପିଲାଙ୍କ ପାଖରେ ମାନସିକ ରୋଗ ଦେଖିବାକୁ ମିଳୁଛି । ପିଲାଙ୍କ ହାତରୁ ମୋବାଇଲ ଛଡ଼ାଇନେଲେ ଅସ୍ୱାଭାବିକ ବ୍ୟବହାର କରୁଛନ୍ତି, ବ୍ୟସ୍ତ ହୋଇପଡୁଛନ୍ତି, ଶରୀର ଦୁର୍ବଳ ଲାଗୁଛି, ଚିଡ଼ିଚିଡ଼ାପଣ ବୃଦ୍ଧି ପାଉଛି ଇତ୍ୟାଦି ।

ନିକଟ ଅତୀତରେ ମୁଁ ଗୋଟିଏ ଗାଁକୁ ବୁଲିବାକୁ ଯାଇଥାଏ । ସେହି ଗାଁରେ ପ୍ରବେଶ ମାତ୍ରକେ ବିଦ୍ୟାଳୟ, ସବୁଜ ସୁନ୍ଦର ପରିବେଶ ମୋତେ ମୋହିତ କରୁଥାଏ । କିନ୍ତୁ ହଠାତ ନଜର ପଡ଼ିଲା ସେହି ବିଦ୍ୟାଳୟ ବାରଣ୍ଡାରେ ବସିଥିବା ୨୫ରୁ ୩୦ଜଣ ଯୁବକଙ୍କ ଉପରେ । ପ୍ରତ୍ୟେକଙ୍କ ହାତରେ ଥାଏ ମୋବାଇଲ । ସେମାନେ ସମସ୍ତେ ମୋବାଇଲ ଭିତରେ ଏମିତି ହଜିଯାଇଥାନ୍ତି ଯେ ତାଙ୍କ ପାଖରେ କିଏ ବସିଛି, କିଏ ଉଠି ଚାଲିଯାଉଛି ତାହା ଜାଣି ପାରୁନଥାନ୍ତି । କି ଦୟନୀୟ ଅବସ୍ଥା ସତେ! ଏତେ ଏକାଗ୍ରତା ଯଦି ଆମେ ସକାରାତ୍ମକ ଦିଗରେ ଉପଯୋଗ କରିଥାନ୍ତେ, ତେବେ ସଫଳତା ନିଶ୍ଚୟ ମିଳିଥାନ୍ତା ।

ମୋବାଇଲ ଧରି ଧରି ଚୁଲିରେ କ୍ଷୀର ଉତୁରିପଡ଼ିଲେ ମାଆ ଜାଣୁନି । ଏପଟେ ଅନ୍‌ଲାଇନ ପାଠପଢ଼ା, ମୋବାଇଲ ଗେମ୍, କାର୍ଟୁନ ନିଶାରେ ବୁଡ଼ ହୋଇଥିବା ପିଲାଙ୍କ ବିଷୟରେ ଜାଣି ପଦକ୍ଷେପ ନେଲାବେଳକୁ ସୁଇସାଇଡ କରିବାର ଧମକ । ଆଉ ବାପାଙ୍କର ଇଣ୍ଟରନେଟ କଥା ଛାଡନ୍ତୁ ଫୋନ୍‌କଲ୍ ଆଟେଣ୍ଡ କରୁକରୁ ଦିନରାତି ଶେଷ । ଘରେ ଥିବା ଅଭିଜ୍ଞତାସମ୍ପନ୍ନ ବୟୋଜ୍ୟେଷ୍ଠ ଏଠି ଯେମିତି ଅଲୋଡ଼ା । ଏମାନେ ନା ମୋବାଇଲର ହେଲେ ନା ନିଜ ପରିବାର ଲୋକଙ୍କର । ପରିବାରରେ ବୃଦ୍ଧ ମାତାପିତାଙ୍କ ଦେଖାଶୁଣାରେ ଘଟୁଛି ଅବହେଳା । ସେମାନେ ଆଉ ଏକତ୍ର ହେବାର ନାଁ ଧରୁନାହାନ୍ତି । ସମ୍ମିଳିତ ପ୍ରୟାସଠାରୁ ଦୂରେଇଯାଉଛନ୍ତି । ଫଳରେ ସାମାଜିକ ବନ୍ଧନରେ ବନ୍ଧିତ ପରିବାର, ସାହିସାଙ୍ଗଙ୍କ ଭିତରେ ସମ୍ପର୍କ ରହୁନି । ଏଠି ମଣିଷ ଏକତ୍ର କିନ୍ତୁ ମନ ଛିନ୍ନଛତ୍ର । ଏଥିପାଇଁ ଦୋଷ କାହାର? କ'ଣ ମୋବାଇଲର? ନା, ମୋବାଇଲ ଓ ଇଣ୍ଟରନେଟରେ ଅନେକ ଭଲକଥା ଉପଲବ୍ଧ ରହିଛି । ସେଥିରୁ ଜ୍ଞାନବିଜ୍ଞାନ, ଜଣାଅଜଣା, ଦେଶବିଦେଶର କଥା, ନୂତନ ଉଦ୍ଭାବନ ଇତ୍ୟାଦି ମଧ୍ୟ ଜାଣି ହେବ । ଇନ୍ଦ୍ରିୟ ନିୟନ୍ତ୍ରଣ ସହ ମୋବାଇଲ ସୁପରିଚାଳନାର ଦକ୍ଷତା ଆବଶ୍ୟକ । ବିଳାସସାମଗ୍ରୀ ଭାବରେ କେବଳ ମନୋରଞ୍ଜନ ବା ସମୟ କାଟିବା ପାଇଁ ଏହାର ମାତ୍ରାଧିକ ବ୍ୟବହାର ବ୍ୟକ୍ତି ଓ ଜାତିପାଇଁ କାଳ ହେଉଛି । ଉତ୍ତରାଧିକାରୀମାନଙ୍କୁ ମୋବାଇଲର ନକାରାତ୍ମକ ପ୍ରଭାବଠାରୁ ଦୂରେଇ ନ ରଖିଲେ ଭବିଷ୍ୟତରେ ଆମେ ଓ ଆମ ଦେଶ ପଛୁଆ ହେବା ସହ ଆମ ଉତ୍ତରାଧିକାରୀଙ୍କ ଭବିଷ୍ୟତ ଅସ୍ୱାସ୍ଥ୍ୟ, ଅଜ୍ଞାନତାରୂପୀ ଅନ୍ଧାରକୁ ଠେଲି ହୋଇଯିବ ଏଥିରେ ସନ୍ଦେହ ନାହିଁ ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ– ୯୪୩୮୪୩୨୦୨୩**

## ଏଇ ଭାରତରେ

ଇ–ବର୍ଜ୍ୟର ପୁନଃ ଉପଯୋଗ କରି ଆକର୍ଷଣୀୟ ହସ୍ତକଳାର ପରିଚୟ ଦେଇଛନ୍ତି ବେଙ୍ଗାଲୁରୁର ବିଶ୍ୱନାଥ ମାୟାବାଡ଼ି ଦାଭାଙ୍ଗେର । ସେ ଅଦରକାରୀ କମ୍ପ୍ୟୁଟର, ଲାପଟପ୍, ଫୋନ୍ ସହ ପ୍ଲାଷ୍ଟିକ ଓ ଧାତବ ବର୍ଜ୍ୟରୁ ସୁନ୍ଦର ଗହଣା, ମୂର୍ତ୍ତି, ପ୍ରାଣୀଙ୍କ ପ୍ରତିକୃତି, ବିଭିନ୍ନ ପ୍ରକାର ପାତ୍ର ଓ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଛନ୍ତି । ଏପରିକି ରୋବ ମଧ୍ୟ ତିଆରି କରିଛନ୍ତି ବିଶ୍ୱନାଥ । ଏବେ ସୁଦ୍ଧା ସେ ୨୦୦ କେଜି ଇ–ବର୍ଜ୍ୟର ପୁନଃ ଉପଯୋଗ କରିସାରିଲେଣି । ବିଶ୍ୱନାଥଙ୍କ ବୟସ ୬୦ । ସେ ଓ୍ୱିପ୍ରୋରେ ଜଣେ ଏକ୍‌ଜିକ୍ୟୁଟିଭ ଭାବେ କାର୍ଯ୍ୟ କରି ଅବସର ନେବାପରେ ଏହି କାର୍ଯ୍ୟ କରୁଛନ୍ତି । ସେ ସ୍କ୍ରାପ୍ ଡିଲରମାନଙ୍କଠାରୁ ଇ–ବର୍ଜ୍ୟ ସଂଗ୍ରହ କରନ୍ତି । ଏବେ ତାଙ୍କ ହସ୍ତକଳାର ଆଦର ବଢ଼ିଛି ଓ ଏହାକୁ ସେ ଦେଶରେ ଏବଂ ୟୁରୋପ, ଆମେରିକାରେ ବିକ୍ରି କରିପାରୁଛନ୍ତି । ଏଯାବତ୍ ୫୦୦ରୁ ଊର୍ଦ୍ଧ୍ୱ ପ୍ରକାର ଜିନିଷ ତିଆରି କରିସାରିଲେଣି । ତାଙ୍କ ଆକର୍ଷଣର କଳାକୃତି ମଧ୍ୟରେ ସବୁଠୁ ଆଦୃତି ଲାଭ କରିଛି ୪୨x–୩୮ ଇଞ୍ଚର କାମଧେନୁ । ଏହି କଳାକୃତି ତିଆରି କରିବା ପରେ ତାଙ୍କ କାରିଗରୀ କୌଶଳର ପରିଚୟ ଦେବା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ବର୍ଜ୍ୟ ବ୍ୟବହାର କରି ପରିବେଶକୁ ସୁରକ୍ଷା କରିବା ତାହାଠାରୁ ମହତ୍ୱପୂର୍ଣ୍ଣ ବୋଲି କହନ୍ତି ବିଶ୍ୱନାଥ ।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଜାନୁୟାରୀ ୧୯୯୮

- ତେହେରାନସ୍ଥିତ 'ଇରାନ ନ୍ୟୁଜ'ର ପୂର୍ବତନ ସମ୍ପାଦକ ମୋର୍ତେଜା ଫିରୁଜିଙ୍କୁ ଗୁପ୍ତଚର କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଛି ।
- ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କେ.ସି. ପନ୍ଥ କଂଗ୍ରେସ ଦଳ ସହ ସମସ୍ତ ସମ୍ପର୍କ ଛିନ୍ନ କରିଛନ୍ତି ।
- ସିବିଆଇ ନିର୍ଦ୍ଦେଶକ ଆର୍.ସି. ଶର୍ମାଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଁ ଆଗତ ଏକ ପିଟିସନ ସୁପ୍ରିମକୋର୍ଟରେ ଖାରଜ ।

## ପାଠକ ଶ୍ରେଷ୍ଠ ବିଚାରକ

### ସଂଯମତା ଅବଲମ୍ବନ କରନ୍ତୁ

ମହାଶୟ,

ମ୍ୟାନମାରର ପୂର୍ବତନ ପ୍ରଧାନମନ୍ତ୍ରୀ ଏବଂ ନୋବେଲ ପୁରସ୍କାର ବିଜୟିନୀ ଅଙ୍ଗ–ସାନ୍–ସ୍ୟୁକିଙ୍କୁ ବର୍ଷ ବର୍ଷ ଧରି ଜେଲଦଣ୍ଡ ଦେବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଛି । ତାହା କେତେଦୂର ନ୍ୟାୟସଙ୍ଗତ ମ୍ୟାନ୍‌ମାରର କ୍ଷମତାନ୍ଧ ସାମରିକ ଶାସକ ଜାତିସଂଘ ସମେତ ସମଗ୍ର ବିଶ୍ୱକୁ ସନ୍ତୋଷଜନକ ଉତ୍ତର ଯଦି ଦେଇପାରିବେ ତେବେ ଜାଣିବାକୁ ହେବ, ମ୍ୟାନ୍‌ମାର ସାମରିକ ସରକାରଙ୍କ ସତ୍‌ସାହସ ଅଛି । ଜଣେ ବର୍ଷିୟାନ ଲୋକପ୍ରିୟ ନେତ୍ରୀଙ୍କୁ ବନ୍ଧୁକ ମୁନର ଧମକ ଦେଖାଇ କାରାଗାର ଭିତରେ ଆବଦ୍ଧ ରଖିବା କେତେଦୂର ଠିକ୍ ? ଏହା ଅଙ୍ଗ–ସାନ୍–ସ୍ୟୁକିଙ୍କ ବିରୋଧରେ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଛଡ଼ା ଆଉ କଣ କୁହାଯାଇପାରେ । ଗୋଟିଏ ଦେଶର ପ୍ରତିଷ୍ଠିତ ଗଣତନ୍ତ୍ରକୁ ବନ୍ଧୁକମୁନରେ ହତ୍ୟାକରିବା ଏବଂ ନିଜ ଦେଶର ଜନସାଧାରଣଙ୍କୁ ବନ୍ଧୁକ ଗୁଳିରେ ପୋକ ମାଛି ପରି ହତ୍ୟାକରିବା ଗରଳପାନ ସଙ୍ଗେ ସମାନ ନୁହେଁକି ! ମାନସିକ ସଂଯମତା ଅବଲମ୍ବନ କରି ନିର୍ବାଚନର ବର୍ଷିୟାନ ଲୋକପ୍ରିୟ ନେତ୍ରୀ ଅଙ୍ଗ–ସାନ୍–ସ୍ୟୁକିଙ୍କୁ କାଳବିଳମ୍ବ ନ କରି ମୁକ୍ତ କରନ୍ତୁ ।

**– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ଶୀତଳ ବାରି ଝରଇ ଭାଲେ
ଧରି ଚିବୁକ ଚୁମଇ ଗାଲେ,
ଶୀକର ବାଆ ବକ୍ଷୁ କାଢ଼େ ଅଞ୍ଚଳ
ଆର୍ଦ୍ରତବ ବାହୁଯୁଗଳ କୁନ୍ତଳ ।
–(ବର୍ଷା ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଏୟାର ଏସିଆ ବିମାନର ଜରୁରୀ ଅବତରଣ

ଏୟାର ଏସିଆର ଏକ ବିମାନ ରବିବାର ପକ୍ଷୀ ସହ ମାଡ଼ ହେବାରୁ ଏହାକୁ ଲକ୍ଷ୍ନୌ ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଛି। କୋଲକାତା ଅଭିମୁଖେ ଯାଉଥିବା ଏହି ବିମାନରେ ୧୭୦ ଜଣ ଯାତ୍ରୀ ଥିଲେ। ଲକ୍ଷ୍ନୌରୁ ଉଡ଼ାଣ ଆରମ୍ଭ କରିବା ପରେ ପରେ ପକ୍ଷୀ ସହ ଧକ୍କା ହୋଇଥିଲା। ଫଳରେ ବିମାନକୁ ତୁରନ୍ତ ଅବତରଣ କରାଯିବା ପରେ ଅନୁଧ୍ୟାନ କରାଯାଇଥିଲା। ଯାତ୍ରୀମାନଙ୍କୁ ଅନ୍ୟ ଏକ ବିମାନରେ ଗନ୍ତବ୍ୟସ୍ଥଳକୁ ପଠାଇ ଦିଆଯାଇଛି।

## ସଂକ୍ଷେପରେ

### ହୁରିୟାତ୍ କନ୍ଫରେନ୍ସ ଅଫିସ୍ ବାଜ୍ୟାପ୍ତ କଲା ଏନ୍ଆଇଏ

**ଶ୍ରୀନଗର,୨୯।୧(ପି.ଟି.):** ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ଦିଲ୍ଲୀର ଏକ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଶନିବାର ବିଚ୍ଛିନ୍ନତାବାଦୀ ସଂଗଠନ ହୁରିୟାତ କନ୍ଫରେନ୍ସର ରାଜବାଗ୍ସ୍ଥିତ କାର୍ଯ୍ୟାଳୟକୁ ଆଟାଚ୍ କରିଛି। ଏନ୍ଆଇଏ ଅଧିକାରୀମାନେ ଉକ୍ତ କାର୍ଯ୍ୟାଳୟରେ ପହଞ୍ଚି ଏହାର କାନ୍ଥରେ ବାଜ୍ୟାପ୍ତ ନୋଟିସ୍ ଲଗାଇଥିଲେ। ହୁରିୟାତ କନ୍ଫରେନ୍ସ ହେଉଛି ୨୬ଟି ବିଚ୍ଛିନ୍ନତାବାଦୀ ସଂଗଠନର ମେଣ୍ଟ। ୧୯୯୩ରେ ଏହି ସଂଗଠନ ଗଢ଼ାଯାଇଥିଲା। ବିଚ୍ଛିନ୍ନତାବାଦୀ ସଂଗଠନଗୁଡ଼ିକ ଉପରେ ସରକାରଙ୍କ ଚଢ଼ାଉ ପରେ ୨୦୧୯ ଅଗଷ୍ଟରୁ ଏହାର କାର୍ଯ୍ୟାଳୟ ବନ୍ଦ ରହିଥିଲା। ଏହି ବାଜ୍ୟାପ୍ତି କଶ୍ମୀର ପ୍ରସଙ୍ଗର ଶାନ୍ତିପୂର୍ଣ୍ଣ ସମାଧାନ ଉଦ୍ଦେଶ୍ୟରୁ ଲୋକଙ୍କୁ ବିରତ କରିପାରିବ ନାହିଁ ବୋଲି ହୁରିୟାତ କନ୍ଫରେନ୍ସ ମୁଖ୍ୟ ମିର୍ୱେଜ୍ ଓମାର ଫାରୁକ୍ କହିଛନ୍ତି।

### କଞ୍ଜରଭେଟିଭ୍ ପାର୍ଟି ସଭାପତି ପଦରୁ ଜାହାୱି ବହିଷ୍କୃତ


ଦାଧିମ ଜାହାୱି

**ଲଣ୍ଡନ,୨୯।୧:** ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ ରବିବାର କଞ୍ଜରଭେଟିଭ୍ ପାର୍ଟି ସଭାପତି ପଦରୁ ଦାଧିମ ଜାହାୱିଙ୍କୁ ବହିଷ୍କାର କରିଛନ୍ତି। ଜାହାୱିଙ୍କ ବିରୋଧରେ ଟ୍ୟାକ୍ସ ଠକେଇ ଅଭିଯୋଗ ଆସିବା ପରେ ସୁନକ ଗତମାସରେ ଏ ନେଇ ଯାଞ୍ଚ ନିର୍ଦ୍ଦେଶ ଦେଇଥିଲେ। ତେବେ ବ୍ରିଟେନ୍ର ପୂର୍ବତନ ବିଭାଗ ବିହୀନମନ୍ତ୍ରୀ ଜାହାୱି ମନ୍ତ୍ରୀସ୍ତରୀୟ ନିୟମ ଉଲ୍ଲଂଘନ କରିଥିବା ତଦନ୍ତରୁ ଜଣାପଡ଼ିବା ପରେ ତାଙ୍କୁ ପଦରୁ ବହିଷ୍କାର କରାଯାଇଥିବା ସୁନକଙ୍କ ପକ୍ଷରୁ ଜାରି ଖବରଦାତା ବିଜ୍ଞପ୍ତିରେ କୁହାଯାଇଛି। ଟ୍ୟାକ୍ସ ହେରଫେର୍ ମାମଲାରେ ଜାହାୱିଙ୍କୁ ୫ ମିଲିୟନ୍ ପାଉଣ୍ଡ (୫୦,୪୬,୨୧,୭୦୧ ଟଙ୍କା) ପଇଠ କରିବାକୁ ପଡ଼ିଥିବା ତଦନ୍ତରୁ ଜଣାପଡ଼ିଛି। ଗତବର୍ଷ ଜୁଲାଇରେ ବ୍ରିଟେନ୍ର ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍ସନ୍ ଜାହାୱିଙ୍କୁ ବିଭାଗ ବିହୀନ ମନ୍ତ୍ରୀ କରିଥିଲେ। ଲିଜ୍ ଟ୍ରସ୍ ପ୍ରଧାନମନ୍ତ୍ରୀ ଥିବାବେଳେ ମଧ ଜାହାୱି ମନ୍ତ୍ରୀ ଦାୟିତ୍ୱରେ କାର୍ଯ୍ୟ କରିଥିଲେ।

### ବିଟିଂ ରିଟ୍ରିଟ୍ ବେଳେ ବର୍ଷା
### ଡ୍ରୋନ୍ ଶୋ' ବାତିଲ

**ନୂଆଦିଲ୍ଲୀ,୨୯।୧(ପି.ଟି.):** ସାଧାରଣତନ୍ତ୍ର ଦିବସ ଉତ୍ସବର ଆନୁଷ୍ଠାନିକ ସମାପନ ସ୍ୱରୂପ ନୂଆଦିଲ୍ଲୀର ଐତିହାସିକ ବିଜୟ୍ ଚୌକରେ ରବିବାର ବିଟିଂ ରିଟ୍ରିଟ୍ ଅନୁଷ୍ଠିତ ହୋଇଯାଇଛି। ବର୍ଷା ସତ୍ତ୍ୱେ ଏହି ସମାପନ ଉତ୍ସବ ଉତ୍ସାହ ଫିକା ପଡ଼ି ନ ଥିଲା। ସଶସ୍ତ୍ର ବଳର ବ୍ୟାଣ୍ଡଗୁଡ଼ିକ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଧୂନ୍ ବଜାଇଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଜୟ୍ ଚୌକରେ ପହଞ୍ଚିବା ସହ ଏହି ଉତ୍ସବ ଆରମ୍ଭ ହୋଇଥିଲା। ରାଷ୍ଟ୍ରପତିଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ମଞ୍ଚ ବାହାରେ ଥିବାରୁ ଓଦା ହୋଇଯାଇଥିଲେ। ନର୍ଥ ଓ ସାଉଥ୍ ବ୍ଲକ୍ରେ ପ୍ରଥମ ଥର ପାଇଁ ୩-ଡି ଆନାମର୍ଫିକ୍ ପ୍ରୋଜେକ୍ସନ କରାଯାଇଥିଲା। ସ୍ଥଳସେନା, ବାୟୁସେନା, ନୌସେନା, ରାଜ୍ୟ ପୋଲିସ ଏବଂ ସିଏପିଏଫର ମ୍ୟୁଜିକ୍ ବ୍ୟାଣ୍ଡ ପକ୍ଷରୁ ୨୯ଟି ଭାରତୀୟ ଟ୍ୟୁନ୍ ବଜାଯାଇଥିଲା। ବିଟିଂ ରିଟ୍ରିଟ୍ ଅବସରରେ ୩,୫୦୦ ଡ୍ରୋନ୍କୁ ନେଇ ବିଶାଳ ଡ୍ରୋନ୍ ଶୋ'ର ଆୟୋଜନ କରାଯାଇଥିବାବେଳେ ଖରାପ ପାଗ ଯୋଗୁ ଏହାକୁ ବାତିଲ କରିଦିଆଯାଇଥିଲା।

### ପେରୁରେ ଦୁର୍ଘଟଣା: ୨୪ ମୃତ

**ଲିମା,୨୯।୧ :** ପେରୁରେ ୬୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ଏକ ପାହାଡ଼ିଆ ରାସ୍ତାରୁ ଖସିପଡ଼ିବାରୁ ୨୪ ଜଣଙ୍କ ମୃତ୍ୟୁ ଘଟିଛି। ପେରୁ ଉତ୍ତର ଭାଗରେ ଥିବା ଏଲ୍ ଅଲ୍ଟୋ ଜିଲାରେ ଏହି ଦୁର୍ଘଟଣା ଘଟିଛି। ପେରୁର ବିପଦପୂର୍ଣ୍ଣ ରାସ୍ତାରେ ଡ୍ରାଇଭରମାନେ ଉପଯୁକ୍ତ ତାଲିମ ନ ନେଇ ଗାଡ଼ି ଚଳାଉଥିବାରୁ ସଡ଼କ ଦୁର୍ଘଟଣା ସେଠାରେ ସାଧାରଣ ଘଟଣା। ୨୦୨୧ରେ ଆଣ୍ଡେସ୍ ପର୍ବତାଞ୍ଚଳର ଏକ ହାଇୱେରୁ ବସ୍ ଖସିପଡ଼ିବାରୁ ୨୯ ଜଣଙ୍କ ମୃତ୍ୟୁ ଘଟିଥିଲା।

## ଦିନକ ପରେ ବଜେଟ ଅଧିବେଶନ
# ଶାସକ, ବିରୋଧୀ କେତେ ପ୍ରସ୍ତୁତ

ନୂଆଦିଲ୍ଲୀ,୨୯।୧

ଜାନୁୟାରୀ ୩୧ରେ ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ବୋଧନ ଏବଂ ଅର୍ଥନୈତିକ ସର୍ଭେ ଉପସ୍ଥାପନ ସହ ବଜେଟ ଅଧିବେଶନ ଆରମ୍ଭ ହେବ। ଫେବୃୟାରୀ ୧ ପୂର୍ବାହ୍ନ ୧୧ଟାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଲୋକ ସଭାରେ ୨୦୨୪ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ। ପରେ ଏହାକୁ ରାଜ୍ୟ ସଭାରେ ଉପସ୍ଥାପନ କରାଯିବ। ଫେବୃୟାରୀ ୨ରେ ଉଭୟ ଗୃହରେ ରାଷ୍ଟ୍ରପତିଙ୍କ ସମ୍ବୋଧନ ଉପରେ ଧନ୍ୟବାଦ ପ୍ରସ୍ତାବକୁ ନେଇ ଆଲୋଚନା କରାଯିବ। ଏହା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକ ସଭା ଓ ରାଜ୍ୟ ସଭାରେ ବିବୃତି ରଖିବେ। ଅଧିବେଶନର ପ୍ରଥମ ୨ ଦିନରେ ଶୂନ୍ୟକାଳ ଓ ପ୍ରଶ୍ନକାଳ ରହିବ ନାହିଁ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହା ହେବ ମୋଦି ସରକାରଙ୍କ ଶେଷ ପୂର୍ଣ୍ଣାଙ୍ଗ ବଜେଟ। ତେଣୁ ଉଭୟ ଶାସକ ଓ ବିରୋଧୀ ନିଜ ନିଜ ରଣନୀତି ପ୍ରସ୍ତୁତିରେ ବ୍ୟସ୍ତ।

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ ଯାତ୍ରା' ସୋମବାର ଶ୍ରୀନଗରରେ ଶେଷ ହେବ। ଏହି ଅବସରରେ ଜାତୀୟ ପତାକା ଉତ୍ତୋଳନ ପାଇଁ କଂଗ୍ରେସ ପକ୍ଷରୁ ୨୪ ରାଜନୈତିକ ଦଳକୁ ନିମନ୍ତ୍ରଣ କରାଯାଇଛି। ବିରୋଧୀଙ୍କ ମଧ୍ୟରୁ ଅନେକେ ଏହି ଐତିହାସିକ ଯାତ୍ରାରୁ ଦୂରତ୍ୱ ଅବଲମ୍ବନ କରିଆସିଥିବାବେଳେ ସୋମବାର ହେବାକୁ ଥିବା କାର୍ଯ୍ୟକ୍ରମକୁ ବିପକ୍ଷ ଏକତାର ପ୍ରଥମ ପରୀକ୍ଷା ବୋଲି କୁହାଯାଉଛି। ଦ୍ୱିତୀୟ ପରୀକ୍ଷା ପାର୍ଲାମେଣ୍ଟର ବଜେଟ ଅଧିବେଶନରେ ହେବ। କଂଗ୍ରେସ ବିରୋଧୀ ଦଳଗୁଡ଼ିକର ନେତୃତ୍ୱ ନେଇପାରିବ କି ନାହିଁ ତାହା ଏକ ବଡ଼ ପ୍ରଶ୍ନ। କେନ୍ଦ୍ର ସରକାରଙ୍କୁ ଘେରିବା ପାଇଁ ବିରୋଧୀଙ୍କ ପାଖରେ ଅନେକ ଅସ୍ତ୍ର ରହିଥିଲେ ହେଁ ସେଗୁଡ଼ିକର ସଫଳ ପ୍ରୟୋଗ କରିବାରେ କଂଗ୍ରେସ କେତେ ସଫଳ ହେଉଛି ତା' ଉପରେ ସମସ୍ତଙ୍କ ନଜର ରହିବ। ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି)ରେ ଚାଇନାର ଉପସ୍ଥିତିଠୁ ନେଇ ମୁଦ୍ରାସ୍ଫୀତି, ଜାତୀୟସ୍ତରରେ ଋଣ ଓ ବେକାରି ବୃଦ୍ଧି, ହିଣ୍ଡେନ୍ବର୍ଗ ରିସର୍ଚ୍ଚ ରିପୋର୍ଟ ଭଳି ପ୍ରସଙ୍ଗକୁ ନେଇ କଂଗ୍ରେସ ଆକ୍ରମଣାତ୍ମକ ମୁଦ୍ରାରେ ଥିବାବେଳେ ଅନ୍ୟ ଦଳଗୁଡ଼ିକ ନୀରବ ରହିଛନ୍ତି।

ବଜେଟ ଅଧିବେଶନ ସାଧାରଣତଃ ୨ ଭାଗରେ ବିଭକ୍ତ ହୋଇଥାଏ। ଅଧିବେଶନର ପ୍ରଥମ ଭାଗ ଫେବୃୟାରୀ ୧୩ରେ ଶେଷ ହେବ। ଅର୍ଥମନ୍ତ୍ରୀ ସୀତାରାମନ୍ ଫେବୃୟାରୀ ୧ରେ କ୍ରମାଗତ ପଞ୍ଚମ ଥର ପାଇଁ ବଜେଟ ଉପସ୍ଥାପନ କରିବେ। ପୂର୍ବ ଦୁଇଥର ଭଳି ଏଥର ମଧ ୨୦୨୩-୨୪ ଆର୍ଥିକ ବର୍ଷ ଲାଗି କାଗଜବିହୀନ ବଜେଟ ଉପସ୍ଥାପିତ ହେବ। ବଜେଟର ସମସ୍ତ ୧୪ଟି ଦସ୍ତାବିଜ (ବାର୍ଷିକ ଆର୍ଥିକ ବିବୃତି) 'ୟୁନିୟନ୍ ବଜେଟ ମୋବାଇଲ୍ ଆପ୍'ରେ ଉପଲବ୍ଧ ହେବ। ଏହି ଦ୍ୱିଭାଷୀ (ଇଂଲିଶ୍ ଓ ହିନ୍ଦୀ) ଆପ୍ ଉଭୟ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ପ୍ଲାଟ୍ଫର୍ମରେ ଉପଲବ୍ଧ ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ କେନ୍ଦ୍ରୀୟ ବଜେଟ ୱେବ୍ ପୋର୍ଟାଲ www.indiabudget.gov.inରୁ ମଧ ଡାଉନ୍ଲୋଡ୍ କରିହେବ। ଦ୍ୱିତୀୟ ଭାଗ ମାର୍ଚ୍ଚ ୧୩ରୁ ଏପ୍ରିଲ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଭାଗରେ ବିଭିନ୍ନ ମନ୍ତ୍ରଣାଳୟ ପାଇଁ ଡିମାଣ୍ଡ ଫର୍ ଗ୍ରାଣ୍ଟ୍ସ ଉପରେ ବିତର୍କ ହେବ ଏବଂ କେନ୍ଦ୍ରୀୟ ବଜେଟକୁ ଗୃହୀତ କରାଯିବ। ସରକାରଙ୍କ ପକ୍ଷରୁ ଅନ୍ୟ ଗୃହକାର୍ଯ୍ୟ ମଧ ଏହି ଅଧିବେଶନରେ ପରିଚାଳନା କରାଯିବ।



### ଆଜି ସର୍ବଦଳୀୟ ବୈଠକ

ବଜେଟ ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ ସରକାର ସୋମବାର ସର୍ବଦଳୀୟ ବୈଠକ ଡାକିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ଦ୍ୱାରା ଆହୂତ ଏହି ବୈଠକ ପାର୍ଲାମେଣ୍ଟ ଅନେକ୍ସ ବିଲ୍ଡିଂରେ ଅନୁଷ୍ଠିତ ହେବ। ଉକ୍ତ ବୈଠକରେ ସରକାର ସବୁ ଦଳର ସହଯୋଗ ଲୋଡ଼ିବେ। ବିରୋଧୀ ଦଳଗୁଡ଼ିକ ପାର୍ଲାମେଣ୍ଟରେ ଉଠାଇବାକୁ ଥିବା ପ୍ରସଙ୍ଗଗୁଡ଼ିକୁ ଏହି ବୈଠକରେ ମଧ ଉପସ୍ଥାପନ କରିପାରନ୍ତି। ଅପରାହ୍ନରେ ଏନ୍ଡିଏ ନେତାମାନେ ରଣନୀତି ପ୍ରସ୍ତୁତି ପାଇଁ ଏକ ଭିନ୍ନ ବୈଠକରେ ଏକାଠି ହେବେ।

### ଅର୍ଥନୈତିକ ସର୍ଭେ କ'ଣ




ଅର୍ଥନୈତିକ ସର୍ଭେରେ ପୂର୍ବ ବର୍ଷରେ ଦେଶର ଆର୍ଥିକ ଓ ବିତ୍ତୀୟ ଧାରାର ସମୀକ୍ଷା କରାଯାଇଥାଏ। ଏଥିରୁ କୃଷି, ଶିଳ୍ପ, ଭିତ୍ତିଭୂମି, ନିଯୁକ୍ତି, ମୁଦ୍ରାସ୍ଫୀତି ହାର, ବାଣିଜ୍ୟ, ଫରେନ୍ ଏକ୍ସଚେଞ୍ଜ ରିଜର୍ଭ ଓ ଅର୍ଥନୀତିର ଅନ୍ୟ ବୃହତ୍ କ୍ଷେତ୍ରଗୁଡ଼ିକ ଉପରେ ବିସ୍ତୃତ ତଥ୍ୟ ଓ ବିଶ୍ଳେଷଣ ମିଳିଥାଏ। ଏହି ସର୍ବେକ୍ଷଣ କେନ୍ଦ୍ରୀୟ ବଜେଟରେ ସେକ୍ଟରଗୁଡ଼ିକ ସକାଶେ ପ୍ରଭାବଶାଳୀ ଢଙ୍ଗରେ ଆବଣ୍ଟନ ତଥା ରଣନୀତି ପ୍ରସ୍ତୁତି ପାଇଁ ସରକାରଙ୍କୁ ସହାୟକ ହୋଇଥାଏ। ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧିରେ ମୁଖ୍ୟ ଚ୍ୟାଲେଞ୍ଜଗୁଡ଼ିକୁ ଚିହ୍ନଟ କରିବା ପାଇଁ ମଧ ନୀତି ନିର୍ଦ୍ଧାରକମାନଙ୍କୁ ଇକୋନୋମିକ୍ ସର୍ଭେ ସାହାଯ୍ୟ କରିଥାଏ। ସରକାରଙ୍କ ପ୍ରଧାନ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଭି. ଅନନ୍ତ ନାଗେଶ୍ୱରମ୍ଙ୍କ ଦ୍ୱାରା ପ୍ରସ୍ତୁତ ଏହି ଆର୍ଥିକ ଦସ୍ତାବିଜକୁ ସୋମବାର ପାର୍ଲାମେଣ୍ଟରେ ଉପସ୍ଥାପନ କରାଯିବା ପରେ ଏହା gov.in/economicsurvey/ରେ ଉପଲବ୍ଧ ହେବ। ୧୯୫୦-୫୧ ଆର୍ଥିକ ବର୍ଷରେ ଦେଶର ପ୍ରଥମ ଅର୍ଥନୈତିକ ରିପୋର୍ଟ କେନ୍ଦ୍ରୀୟ ବଜେଟ ସହ ଉପସ୍ଥାପିତ ହୋଇଥିଲା। ୧୯୬୪ ମସିହା ପରଠୁ ଏହାକୁ ବଜେଟର ପୂର୍ବ ଦିନ ଉପସ୍ଥାପନ କରାଯାଇଆସୁଛି।

### ବିବିସି ଡକ୍ୟୁମେଣ୍ଟାରି ବ୍ୟାନ୍ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ

ନୂଆଦିଲ୍ଲୀ,୨୯।୧(ପି.ଟି.)

୨୦୦୨ ଗୁଜରାଟ ଦଙ୍ଗା ଉପରେ ବିବିସି ପ୍ରସ୍ତୁତ କରିଥିବା ଡକ୍ୟୁମେଣ୍ଟାରିକୁ କେନ୍ଦ୍ର ସରକାର ବେଆଇନ ଘୋଷଣା କରିବା ନିଷ୍ପତ୍ତିକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଛି। ଏହା ଦୁର୍ଭାବନାପୂର୍ଣ୍ଣ, ସ୍ୱେଚ୍ଛାଚାରୀ ଏବଂ ଅସାମ୍ବିଧାନିକ ବୋଲି ଅଭିଯୋଗ କରାଯାଇଥିଲା। ବିବିସି ଡକ୍ୟୁମେଣ୍ଟାରିର ଉଭୟ ଭାଗ ୧ ଏବଂ ୨ର ଅନୁଧ୍ୟାନ କରିବା ଲାଗି ଆବେଦନକାରୀ ଆଇନଜୀବୀ ଏମ୍.ଏଲ୍. ଶର୍ମା ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଛନ୍ତି। ଗୁଜରାଟ ଦଙ୍ଗା ପାଇଁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଯେଉଁମାନେ ଦାୟୀ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଶର୍ମା ପିଟିଶନରେ ନିବେଦନ କରିଛନ୍ତି। ପିଆଇଏଲ୍ରେ ଶର୍ମା ସରକାରଙ୍କ ନିଷ୍ପତ୍ତି ଉପରେ ସାମ୍ବିଧାନିକ ପ୍ରଶ୍ନ ଉଠାଇଛନ୍ତି। ଅନୁଚ୍ଛେଦ ୧୯(୧)(୨) ଅନୁଯାୟୀ ଗୁଜରାଟ ଦଙ୍ଗା ଉପରେ ଖବର, ତଥ୍ୟ ଓ ରିପୋର୍ଟ ଦେଖିବା ଅଧିକାର ନାଗରିକମାନଙ୍କର ରହିଛି କି ନାହିଁ, ତାହା ସର୍ବୋଚ୍ଚ ଅଦାଲତ ନିଷ୍ପତ୍ତି ନେବାକୁ ସେ ନିବେଦନ କରିଛନ୍ତି। ଡକ୍ୟୁମେଣ୍ଟାରିକୁ ବ୍ୟାନ୍ କରିବା ଲାଗି ସୂଚନା ପ୍ରସାରଣ ମନ୍ତ୍ରଣାଳୟର ଗତ ୨୧ ତାରିଖ ନିର୍ଦ୍ଦେଶନାମାକୁ ଖାରଜ କରିବା ନିମନ୍ତେ ପିଆଇଏଲ୍ରେ ଅନୁରୋଧ କରାଯାଇଛି।


ରାଷ୍ଟ୍ରପତି ଭବନ ପରିସରସ୍ଥିତ ଅମୃତ ଉଦ୍ୟାନକୁ ମଙ୍ଗଳବାର ସର୍ବସାଧାରଣଙ୍କ ପାଇଁ ଖୋଲାଯିବ। ଏହା ପୂର୍ବରୁ ରବିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅମୃତ ଉଦ୍ୟାନ ପରିଦର୍ଶନ କରୁଛନ୍ତି।

## ପାକିସ୍ତାନରେ ୨ ଦୁର୍ଘଟଣା: ୫୯ ମୃତ

ବେଲା/ପେଶାୱର,୨୯।୧



ପାକିସ୍ତାନରେ ରବିବାର ଦୁଇଟି ପୃଥକ୍ ଦୁର୍ଘଟଣାରେ ୫୯ ଜଣଙ୍କ ମୃତ୍ୟୁ ଘଟିଛି। ବେଲୁଚିସ୍ତାନ ପ୍ରଦେଶରେ ଏକ ବସ୍ ବ୍ରିଜ୍ ପିଲାରକୁ ଧକ୍କା ଦେଇ ଗଭୀର ନାଳ ମଧ୍ୟକୁ ଖସିପଡ଼ିବାରୁ ୪୨ ଜଣଙ୍କ ଜୀବନ ଯାଇଥିବାବେଳେ ଖାଇବର ପଖତୁନଖ୍ୱାରେ ଏକ ବୋଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୭ ଛାତ୍ରୀଛାତ୍ର ପ୍ରାଣ ହରାଇଛନ୍ତି। ବେଲୁଚିସ୍ତାନ ଦୁର୍ଘଟଣାରେ ଏବେ ବି ୯ ଜଣ ନିଖୋଜ ରହିଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଦୁର୍ଘଟଣା ଏତେ ଭୟାବହ ଥିଲା ଯେ, ମୃତଦେହଗୁଡ଼ିକ ଚିହ୍ନଟ କରିବା ଅବସ୍ଥାରେ ନାହିଁ ବୋଲି ଲାସବେଲା ଜିଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ ହାମ୍ଜା ଅଞ୍ଜୁମ୍ କହିଛନ୍ତି। ଘଟଣାସ୍ଥଳରୁ ୪୧ ମୃତଦେହ ବାହାର କରାଯିବା ସହ ୩ ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣକର ମୃତ୍ୟୁ ଘଟିଛି। ବସ୍ଟି ବେଲୁଚିସ୍ତାନ ପ୍ରାଦେଶିକ ରାଜଧାନୀ କ୍ୱେଟ୍ଟାରୁ କରାଚୀ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିବା କୁହାଯାଉଛି। ବସ୍ଟି ଦ୍ରୁତ ବେଗରେ ଆସୁଥିବାବେଳେ ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଲା ବୋଲି ଆଶଙ୍କା କରାଯାଉଛି।

ସେହିପରି ଉତ୍ତରପଶ୍ଚିମ ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶ କୋହଟ ନିକଟରେ ତଣ୍ଡା ଡ୍ୟାମ୍ ହ୍ରଦରେ ମଦ୍ରାସା ପିଲାମାନଙ୍କୁ ନେଇ ଯାଉଥିବା ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୭ ଜଣଙ୍କ ଜୀବନ ଯିବା ସହ ଅନ୍ୟ ୧୩ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ବୋଟ୍ଟି ୩୦ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଏକ ମଦ୍ରାସାରୁ ଯାଉଥିବାବେଳେ ହ୍ରଦ ମଝିରେ ଓଲଟି ପଡ଼ିଥିଲା।

## ରାମଲାଲା ମୂର୍ତ୍ତି ନିର୍ମାଣ ଲାଗି ନେପାଳରୁ ଆସିବ ଶାଳଗ୍ରାମ ଶିଳା

ଅଯୋଧ୍ୟା,୨୯।୧



ନେପାଳ ଗଣ୍ଡକୀ ନଦୀର ସ୍ୱତନ୍ତ୍ର ଶିଳାରେ ରାମଲାଲାଙ୍କ ମୂର୍ତ୍ତି ନିର୍ମାଣ ହେବ। ଶାଳଗ୍ରାମ ଭାବେ ପରିଚିତ ଏହି ଶିଳା ଆସନ୍ତା ବୁଧବାର ନେପାଳରୁ ଆସି ଗୁରୁବାର ଅଯୋଧ୍ୟାରେ ପହଞ୍ଚିବ। ଗୋଟିଏ ଶିଳାର ଓଜନ ୨୬ ଟନ ହୋଇଥିବାବେଳେ ଅନ୍ୟଟି ୧୪ ଟନ୍ ବୋଲି ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ପ୍ରଭାରୀ ପ୍ରକାଶ ଗୁପ୍ତା କହିଛନ୍ତି। ଶାଳଗ୍ରାମକୁ ବିଷ୍ଣୁଙ୍କ ପ୍ରତିନିଧି ବିବେଚନା କରାଯାଏ। ଆସନ୍ତାବର୍ଷ ମକର ସଂକ୍ରାନ୍ତି ସୁଦ୍ଧା ରାମମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଆଶା କରାଯାଉଥିବାବେଳେ ଉକ୍ତ ସ୍ୱତନ୍ତ୍ର ଶିଳାରେ ଭଗବାନ ରାମଙ୍କ ବାଲ୍ୟରୂପ ମୂର୍ତ୍ତି ଖୋଦିତ ହେବ। ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତାମାନଙ୍କ ଏକ ପ୍ରତିନିଧି ଦଳ ଶିଳା ସହ ଅଯୋଧ୍ୟାରେ ପହଞ୍ଚିବେ। ହିନ୍ଦୁ ପୁରାଣ ଅନୁଯାୟୀ ନେପାଳର ଜନକ ରାଜାଙ୍କ ଝିଅ ସୀତା ଅଯୋଧ୍ୟାର ଭଗବାନ ରାମଙ୍କୁ ବିବାହ କରିଥିଲେ। ମୁକ୍ତିନାଥ ଉପତ୍ୟକାର ଶାଳଗ୍ରାମମ୍ ନିକଟସ୍ଥ ଗଣ୍ଡକୀ ନଦୀରୁ ୬୦ ନିୟୁତ ବର୍ଷ ତଳର ଦୁଇଟି ବୃହତ୍ ସ୍ୱତନ୍ତ୍ର ଶିଳା ଠାବ କରାଯାଇଛି।

## ପାକିସ୍ତାନରେ ପେଟ୍ରୋଲ, ଡିଜେଲ ୩୫ ଟଙ୍କା ବଢ଼ିଲା

ଇସ୍ଲାମାବାଦ,୨୯।୧

ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ପାକିସ୍ତାନ ସରକାର ରବିବାର ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ଏକାଥରକେ ୩୫ ଟଙ୍କା ଲେଖାଏ ବଢ଼ାଇ ଦେଇଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତି ଦରଦାମ୍ ବୃଦ୍ଧି ସମସ୍ୟାରେ ଘାଣ୍ଟି ହେଉଥିବା ପାକିସ୍ତାନ ଜନସାଧାରଣଙ୍କ ପାଇଁ ବଡ଼ ଝଟକା ହୋଇଛି। ଅର୍ଥମନ୍ତ୍ରୀ ଇଶାକ ଦର୍ ରବିବାର ସକାଳେ ଟେଲିଭିଜନ ବାର୍ତ୍ତାରେ ତୈଳଦର ବୃଦ୍ଧି ଘୋଷଣା କରିଛନ୍ତି। ସେହିପରି କିରୋସିନ ଓ ଲାଇଟ୍ ଡିଜେଲ ଦର ୧୮ ଟଙ୍କା ଲେଖାଏ ବଢ଼ିଛି। ଏହି ବୃଦ୍ଧି ଫଳରେ ସେଠାରେ ପେଟ୍ରୋଲ ଲିଟର ୨୪୯ ଟଙ୍କା ୮୦ ପଇସା ଏବଂ ହାଇସ୍ପିଡ୍ ଡିଜେଲ ଦର ୨୬୨ ଟଙ୍କା ୮୦ ପଇସାରେ ପହଞ୍ଚିଛି। ସେହିପରି କିରୋସିନ ଲିଟର ୧୮୯ ଟଙ୍କା ୮୩ ପଇସା ଏବଂ ଲାଇଟ୍ ଡିଜେଲ ଦର ୧୮୭ ଟଙ୍କା ହୋଇଛି। ପାକିସ୍ତାନକୁ ଋଣ ଦେବା ପାଇଁ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ତୈଳ ଦର ବୃଦ୍ଧି ସର୍ତ୍ତ ରଖିଥିଲା।

## ଇରାନରେ ଭୂକମ୍ପ: ୩ ମୃତ, ୮୦୦ ଆହତ



ତେହରାନ,୨୯।୧

ଉତ୍ତର-ପଶ୍ଚିମ ଇରାନରେ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ୮୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଶନିବାର ରାତିରେ ତୁର୍କୀ ସୀମାବର୍ତ୍ତୀ ଅଞ୍ଚଳରେ ହୋଇଥିବା ଏହି ଭୂକମ୍ପର ତୀବ୍ରତା ୫.୯ ଥିଲା। କୋଠାଗୁଡ଼ିକ ଭୁଶୁଡ଼ି ପଡୁଥିବାବେଳେ ଲୋକେ ଭୟରେ ଘରୁ ବାହାରି ପଳାଇ ଯାଇଥିଲେ। ଅନେକ ଘର ଭାଙ୍ଗିଯାଇଥିବାରୁ ପ୍ରବଳ ଶୀତରେ ହଜାର ହଜାର ଲୋକ ଉଚ୍ଛେଦ କେନ୍ଦ୍ରରେ ଆଶ୍ରୟ ନେଇଛନ୍ତି। ବାହାରେ ଥିବା ବହୁ ଲୋକ କମ୍ବଳ ଘୋଡ଼ିହୋଇ ନିଆଁ ପୋଉଁଥିବା ଦେଖାଯାଇଛି। ବଡ଼ ଭୂକମ୍ପ ପରେ ୨୦ରୁ ଅଧିକ ଥର ପଶ୍ଚାତ୍ କମ୍ପନ ଅନୁଭୂତ ହୋଇଛି। ୱେଷ୍ଟ ଆଜରବୈଜାନ ପ୍ରଦେଶର ଖୋୟ ସହର ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଭୂକମ୍ପ ଯୋଗୁ ୭୦ଟି ଗ୍ରାମର ଘରଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି।

## କେବଳ ଜାତି ନାଁ ଧରିବା ଅପରାଧ ନୁହେଁ: ହାଇକୋର୍ଟ

ବେଙ୍ଗାଲୁରୁ,୨୯।୧

ଅପମାନିତ କରିବା ଉଦ୍ଦେଶ୍ୟ ନ ଥାଇ କେବଳ ଜଣେ ବ୍ୟକ୍ତିଙ୍କ ଜାତି ନାଁ ଧରିବା ଅନୁସୂଚିତ ଜାତି, ଜନଜାତି(ଅତ୍ୟାଚାର ପ୍ରତିକାର) ଆଇନ, ୧୯୮୯ ଅନୁଯାୟୀ ଅପରାଧ ନୁହେଁ ବୋଲି କର୍ଣ୍ଣାଟକ ହାଇକୋର୍ଟ ନିକଟରେ ଟିପ୍ପଣୀ ଦେଇଛନ୍ତି। ଅତ୍ୟାଚାର ଆଇନର ବ୍ୟବସ୍ଥା ଅନୁଯାୟୀ ହାଇକୋର୍ଟ ଅଭିଯୁକ୍ତଙ୍କ ବିରୋଧରେ ମୋକଦ୍ଦମାକୁ ଖାରଜ କରିଦେଇଛନ୍ତି। ନିୟମ ୭ ଅନୁଯାୟୀ ଅତ୍ୟାଚାର ମାମଲାର ତଦନ୍ତ ଡିଏସ୍ପିରୁ କମ୍ ପାହ୍ୟାର ପୋଲିସ ଅଧିକାରୀଙ୍କ ଦ୍ୱାରା ହୋଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି। ଉକ୍ତ ମାମଲାରେ ଜଣେ ସବ୍ଇନ୍ସପେକ୍ଟର ତଦନ୍ତ କରିଥିବାରୁ ଏହା ଆଇନର ଉଲ୍ଲଂଘନ। ତେବେ ଅଭିଯୁକ୍ତଙ୍କୁ ଆଇପିସି ଅନୁଯାୟୀ ଆକ୍ରମଣ ଓ ଧମକ ଦେବା ଅପରାଧରେ ତଦନ୍ତର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଜଷ୍ଟିସ୍ ଏମ୍. ନାଗପ୍ରସନ୍ନ କହିଛନ୍ତି। ୨୦୨୦ ଜୁନ୍ ୧୪ରେ ଏକ କ୍ରିକେଟ ମ୍ୟାଚ୍ ପରେ ଦୁଇ ଟିମ୍ ମଧ୍ୟରେ ବଚସା ହୋଇଥିଲା। ପରେ ଗୋଟିଏ ଟିମ୍ ଓ ସେମାନଙ୍କ ଲୋକମାନେ ଅନ୍ୟ ଟିମ୍ର ଦୁଇଜଣଙ୍କ ଉପରେ ଆକ୍ରମଣ କରିଥିଲେ। ପୋଲିସ ତଦନ୍ତ ପରେ ୨୦୨୧ ମାର୍ଚ୍ଚ ୧ରେ ଅତ୍ୟାଚାର ଆଇନ ଏବଂ ଆଇପିସି ଅନୁଯାୟୀ ଚାର୍ଜଶିଟ୍ ଦାଖଲ କରିଥିଲା।

**ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪**

ବିଜ୍ଞାପନ ସଂଖ୍ୟା:୯୬/ଓ.ସା.ଏ.,ଭୁବନେଶ୍ୱର, ତା.୨୮.୦୧.୨୦୨୩
ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର-୨୦୧୭ରୁ ୨୦୨୩ ବର୍ଷ ପାଇଁ ପୁସ୍ତକ ଆହ୍ୱାନ

**ଶୁଦ୍ଧିପତ୍ର**

RR-:ଓଡ଼ିଶା ସରକାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଆଦେଶନାମା ସଂଖ୍ୟା ୫୨୫/ଓ.ଭା.ସା.ସଂ., ତା୨୭.୦୧.୨୦୨୩ରିଖ ଏବଂ ଏକାଡେମୀ ବିଜ୍ଞାପନ ସଂଖ୍ୟା ୭୫/ଓ.ସା.ଏ., ତା୨୧.୦୧.୨୦୨୩ ରିଖ କ୍ରମରେ ତା୨୨.୦୧.୨୦୨୩ ରିଖ ଦିନ ପ୍ରକାଶିତ ବିଜ୍ଞାପନରେ ଉଲ୍ଲେଖ କରାଯାଇଥିବା 'ଏହି ପୁରସ୍କାର ପାଇଁ ନିମ୍ନ ପର୍ଯ୍ୟାୟଭୁକ୍ତ ପୁସ୍ତକଗୁଡିକ ଯୋଗ୍ୟ ବିବେଚିତ ହେବନାହିଁ' ଶିରୋନାମାର ଅନୁଚ୍ଛେଦ (ଖ) ରେ ଉଲ୍ଲେଖିତ ନିୟମାବଳୀରେ ସରସ୍ୱତୀ ସମ୍ମାନଧାରୀଙ୍କ ପୁସ୍ତକକୁ ଯୋଗ କରାଗଲା ଏବଂ ଅନୁଚ୍ଛେଦ (ଟ) ରେ ଆଇ.ଏସ୍.ବି.ଏନ୍. ଲିପିବଦ୍ଧ ହୋଇ ନ ଥିବା ପୁସ୍ତକ ଉଲ୍ଲେଖିତ ନିୟମାବଳୀକୁ ବାଦ୍ ଦିଆଗଲା । ପ୍ରସ୍ତାବ ଓ ପୁସ୍ତକ ପଠାଇବାର ଶେଷ ତାରିଖ ୧୫.୦୨.୨୦୨୩ ଧାର୍ଯ୍ୟ କରାଗଲା ।

OIPR-03006/11/0002/2223 ସ୍ୱା./-ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 47/ET/SBP/ENGG/2022-23, ତା.23.01.2023ରିଖ

(1) ଇ-ଟେଣ୍ଡର ସଂ. 42-eT-DENC-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଡୁଙ୍ଗୁରିପାଲି-ଦେଓଗାଁ ରୋଡ଼ ସେକ୍ସନରେ 9 ଗୋଟି ମେଜର (Major) ପୋଲ (ପୋଲ ନଂ. 314 DN, 319 DN, 322 DN, 329 DN, 331 DN, 347 DN, 353 DN, 363 DN ଏବଂ 406 DN)ଗୁଡ଼ିକର ସୁଦୃଢ଼ୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹2,92,52,418.18, EMD : ₹2,96,300/-

(2) ଇ-ଟେଣ୍ଡର ସଂ. 43-eT-DENC-SBP-22
କାର୍ଯ୍ୟର ନାମ : 03 (ତିନି)ବର୍ଷ ସମୟାବଧି ନିମନ୍ତେ ସମ୍ବଲପୁର ମଣ୍ଡଳରେ ଉଭୟ ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ)/ବରଗଡ଼ ରୋଡ଼ ଏବଂ ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ)/ବଲାଙ୍ଗୀରଙ୍କ ବିଭାଗୀୟ ବ୍ୟବହାର ନିମନ୍ତେ ଆନୁମାନିକ 1 ଟନ୍ ବୋଝେଇ କ୍ଷମତା ବିଶିଷ୍ଟ (TATA-207 DI କିମ୍ବା ମହିନ୍ଦ୍ରା ବୋଲେରୋ କାମ୍ପର କିମ୍ବା ଅନୁରୂପ/ଉଚ୍ଚ କ୍ଷମତା) 01 (ଏକ) ଗୋଟି ପିକ୍-ଅପ୍ ଭ୍ୟାନ୍ (5 ସିଟର) ଭଡ଼ା ସୂତ୍ରରେ ନେବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹14,22,464.19, EMD : ₹28,500/-

(3) ଇ-ଟେଣ୍ଡର ସଂ. 23-eT-DENS-SBP-22
କାର୍ଯ୍ୟର ନାମ : 03 (ତିନି)ବର୍ଷ ସମୟାବଧି ନିମନ୍ତେ ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ)/ମୁନିଗୁଡ଼ାଙ୍କ ନିମନ୍ତେ ଆନୁମାନିକ 1 ଟନ୍ ବୋଝେଇ କ୍ଷମତା ବିଶିଷ୍ଟ 01 (ଏକ) ଗୋଟି ପିକ୍-ଅପ୍ ଭ୍ୟାନ୍ (5 ସିଟର) ଭଡ଼ା ସୂତ୍ରରେ ନେବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹14,22,464.19, EMD : ₹28,500/-

ଟେଣ୍ଡର ନଥିପତ୍ରର ମୂଲ୍ୟ : NIL (ଟେଣ୍ଡର ସଂ. 1 ପାଇଁ) ଏବଂ ₹2,360/- (ଟେଣ୍ଡର ସଂ. 2 ଏବଂ 3 ପ୍ରତ୍ୟେକ ପାଇଁ)।

କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ (ଟେଣ୍ଡର ସଂ. 1 ପାଇଁ) ଏବଂ 36 (ଛତିଶି) ମାସ (ଟେଣ୍ଡର ସଂ. 2 ଏବଂ 3 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : (ସମସ୍ତ ଟେଣ୍ଡର ପାଇଁ) ତା.15.02.2023ରିଖ 1500 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍ସାଇଟ୍ http://www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ସମ୍ବଲପୁର
PR-944/N/22-23



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୨୯।୧।୨୦୨୩

| | |
|---|---|
| ୬,୫୭,୩୨୨ ଟଙ୍କା | |
| ସୁନା | ୦୫ ଗ୍ରାମ |
| ରୁପା | ୪୪.୯୫୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ମହାତ୍ମା ଗାନ୍ଧୀଙ୍କ ୭୫ତମ ବଳିଦାନ ଦିବସ, ଗାନ୍ଧୀ ପାର୍କ, ସକାଳ ୮ଟା।
- ଜାତୀୟ ଯୁବ ପ୍ରକଳ୍ପର ପ୍ରତିଷ୍ଠାତା ଏସ୍ଏନ୍ ସୁବାରାଓଙ୍କ ଶ୍ରଦ୍ଧାଞ୍ଜଳି ସଭା ଓ ଅସ୍ଥି କଳସ ଶୋଭାଯାତ୍ରା, ଖଦିବୋର୍ଡ କାର୍ଯ୍ୟାଳୟ, ସକାଳ ୮ଟା ୩୦।
- ଖଣ୍ଡଗିରି ମେଳା, ପୂର୍ବାହ୍ନ ୧୦ଟା।
- ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ପ୍ରତିଭା ସମ୍ମାନ ସମାରୋହ, ଉତ୍କଳ ମଣ୍ଡପ, ପୂର୍ବାହ୍ନ ୧୦ଟା ୩୦।
- ପତାକା ଅବତରଣ ଉତ୍ସବ, ଓଏସ୍ଏପି ସପ୍ତମ ବାଟାଲିୟନ୍, ଅପରାହ୍ନ ୫ଟା।
- ୬୬ତମ ସଂସ୍କୃତି ଚର୍ଚ୍ଚା, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଅପରାହ୍ନ ୫ଟା ୩୦।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ପକ୍ଷରୁ ଆଲୋଚନାଚକ୍ର, ବିଦ୍ୟାଭବନ ସଭାଗୃହ, ସନ୍ଧ୍ୟା ୬ଟା।
- ନୃତ୍ୟଧାମର ୬ଷ୍ଠ ଜାତୀୟସ୍ତରୀୟ ସାଂସ୍କୃତିକ ନୃତ୍ୟ ମହୋତ୍ସବ ଏବଂ ଗୁରୁ ନମନ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା
- ଅଷ୍ଟପ୍ରହର ନାମଯଜ୍ଞର ନାମ ସଂକୀର୍ତ୍ତନ, ମା' କ୍ଷେତ୍ରପାଳ ପୀଠ, ଇନ୍ଦ୍ରପାଳ, ସକାଳ ୮ଟା।
- ଭାଗବତ ବାସୁଦେବଙ୍କ ବାର୍ଷିକ ମହୋତ୍ସବ, ଗୋଡଲବିନ୍ଧା, ସକାଳ ୮ଟା।
- ସରସ୍ୱତୀ ଶିକ୍ଷାମନ୍ଦିରର ୧୮ତମ ବାର୍ଷିକ କ୍ରୀଡ଼ା ଉଦ୍ଯାପନ ଉତ୍ସବ, ନହରକଣ୍ଟା ଖେଳପଡ଼ିଆ, ସକାଳ ୮ଟା।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୦ତମ ବାର୍ଷିକ ଉତ୍ସବ, ବେଣୁପୁର ମିନି ଷ୍ଟାଡିୟମ୍ ନିକଟ ସ୍କୁଲ ପରିସର, ଅପରାହ୍ନ ୫ଟା।

କଟକ
- ସପ୍ତଦିବସୀୟ ବିଶ୍ୱଶାନ୍ତି ବ୍ରହ୍ମ ଏକାକ୍ଷର ମହାଯଜ୍ଞ, ଉଦାସ ଅଚ୍ୟୁତ କୃପାକ୍ଷେତ୍ର, ଚିତ୍ରୋତ୍ପଳା ନଦୀପଠା ହାଟପଡ଼ିଆ, ନେମାଳ, ପୂର୍ବାହ୍ନ ୧୦ଟା ୩୦।
- ୧୦ମ ବସନ୍ତ କୁମାର ଦାଶ ମେମୋରିଆଲ୍ ଇଣ୍ଟର ସ୍କୁଲ ସିନିୟର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଏବଂ ୨୨ତମ ଡ. ଭଗବାନ ଦାଶ ଇଣ୍ଟର ସ୍କୁଲ ଜୁନିୟର ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଉଦ୍ଯାପନୀ ସମାରୋହ, ପିଏମ୍ ଏକାଡେମୀ ଗ୍ରାଉଣ୍ଡ, ଅପରାହ୍ନ ୩ଟା।





ଉଟ୍‌ଫେଷ୍ଟର ଶେଷ ଦିନରେ ଅନ୍ତର୍ଜାତୀୟ ଫୁଡ୍ ଫେଷ୍ଟିଭାଲ୍‌ରେ ଲୋକଙ୍କ ଭିଡ଼। ପ୍ରଥମ ନାଇଟ୍ ଫ୍ଲି ମାର୍କେଟରେ ଲୋକେ କିଣାକିଣି ସହ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରୁଛନ୍ତି।

# ସରିଲା ରଙ୍ଗାରଙ୍ଗ ଉଟ୍‌ଫେଷ୍ଟ

ଭୁବନେଶ୍ୱର, ୨୯।୧ (ବ୍ୟୁରୋ)

### ୧୫ଦିନରେ ୬ଲକ୍ଷ ଲୋକଙ୍କ ସମାଗମ

- ୨କୋଟି ବେପାର କଲା ଅନ୍ତର୍ଜାତୀୟ ଫୁଡ୍ ଫେଷ୍ଟିଭାଲ୍
- ନାଇଟ୍ ଫ୍ଲି ମାର୍କେଟରୁ ୧କୋଟିର ବେପାର

ହକି ବିଶ୍ୱକପ୍ ସହ ରବିବାର ଶେଷ ହୋଇଛି ଉଟ୍ ଫେଷ୍ଟର ଦ୍ୱିତୀୟ ସଂସ୍କରଣ। ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଚାଲିଥିବା ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଅଂଶ ଭାବେ ସହରର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ସାଂସ୍କୃତିକ, ସଙ୍ଗୀତ, ନୃତ୍ୟ, ଖାଦ୍ୟ ଏବଂ କାହାଣୀ ଉତ୍ସବରେ ଦେଶର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ଅଂଶଗ୍ରହଣ କରିଥିଲେ। ଜାନୁୟାରୀ ୧୫ରୁ ୨୯ ତାରିଖ ପର୍ଯ୍ୟନ୍ତ ୧୫ଦିନରେ ୬ ଲକ୍ଷରୁ ଅଧିକ ଲୋକ ଏହି ଉତ୍ସବର ମଜା ଉଠାଇଥିଲେ। ବିଡିଏ, ବିଏମ୍‌ସି, ପୋଲିସ ଏବଂ ଟ୍ରାଫିକ ପୋଲିସ୍‌ର ନିରବଚ୍ଛିନ୍ନ ଉଦ୍ୟମ ଓଡ଼ିଶା ପର୍ଯ୍ୟଟନ ବିଭାଗ ଏବଂ ଓଡିଶା ଖଣି ନିଗମର ସହଯୋଗରେ ଉତ୍ସବ ବେଶ୍ ସଫଳ ହୋଇଥିବାବେଳେ ଶେଷଦିନ ମଧ୍ୟ ଜାକଜମକ ଥିଲା।

ଉଟ୍‌ଫେଷ୍ଟ ସମୟରେ ଲୋକମାନେ ଖାଦ୍ୟ, ମନୋରଞ୍ଜନ, କଳା ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ଯେପରିକି ଭୁବନେଶ୍ୱର ଲାଇଭ୍, ଭୁଫେଷ୍ଟୋ, ଟ୍ରେଲ୍ସ ଏବଂ ରାଜଧାନୀକୁ ନେଇ ଚିତ୍ର ପ୍ରଦର୍ଶନୀ 'ସେବେ-ଆଉ-ଏବେ'ରେ ଯୋଗ ଦେଇଥିଲେ। ଏଥିରେ ବହୁ ଅନ୍ତର୍ଜାତୀୟ ସଙ୍ଗୀତଜ୍ଞଙ୍କ ସହ ବଲିଉଡର ଖ୍ୟାତନାମା ତଥା ଆଞ୍ଚଳିକ ସଙ୍ଗୀତଜ୍ଞଙ୍କ ଦ୍ୱାରା ଚମତ୍କାର କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ପ୍ରାୟ ୨ହଜାର ଲୋକ ଏକାମ୍ର ୱାକ୍ ଅନ୍ତର୍ଗତ ୮୦ ପ୍ରକାରର ଟ୍ରେଲ୍ସରେ ଭାଗ ନେଇଥିଲେ। ଏହି ଟ୍ରେଲ୍‌କୁ ୩ ବର୍ଗ ଯଥା ନେଚର୍ ଟ୍ରେଲ୍, ଫୁଡ୍ ଟ୍ରେଲ୍ ଏବଂ ମ୍ୟୁଜିୟମ୍ ଟ୍ରେଲ୍‌ରେ ବିଭକ୍ତ କରାଯାଇଥିଲା। ସେହିପରି 'ସେବେ-ଆଉ-ଏବେ' ଫଟୋ ପ୍ରଦର୍ଶନୀରେ ୪୫୦ରୁ ଅଧିକ ଫଟୋ ଭୁବନେଶ୍ୱରର ପରିବର୍ତ୍ତନଶୀଳ ଯାତ୍ରାକୁ ଦର୍ଶାଇଥିଲା। ଏହା ରାମକାନ୍ତ ସାମନ୍ତରାୟଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ପ୍ରତିଦିନ ପ୍ରାୟ ୪-୫ ହଜାର ଲୋକ ପ୍ରଦର୍ଶନୀ ଦେଖିବା ସହ ଭୁବନେଶ୍ୱରକୁ ଅତି ନିକଟରୁ ଜାଣିବାକୁ ପାଇଥିଲେ। ସେହିପରି ଅନ୍ତର୍ଜାତୀୟ ଖାଦ୍ୟ ମହୋତ୍ସବକୁ ମଧ୍ୟ ଜନସାଧାରଣ ଭରପୁର ଉପଭୋଗ କରିଥିଲେ। ଏଠାରେ ୧୬ଟି ହକି ବିଶ୍ୱକପ୍ ଅଂଶଗ୍ରହଣକାରୀ ଦେଶର ପ୍ରାୟ ୯୦ ପ୍ରକାରର ଖାଦ୍ୟ ଏକ୍ସଟ୍ରାଭାଗାନ୍‌ଜା ଭାବେ ସ୍ଥାନ ପାଇଥିଲା। ଏଥିରେ ମୋଟ୍ ୬ଟି ଅନ୍ତର୍ଜାତୀୟ ଷ୍ଟଲ୍ ଏବଂ ଭାରତର ୨୪ ରାଜ୍ୟର ସ୍ୱତନ୍ତ୍ର ଷ୍ଟଲ୍ ରହିଥିଲା। ସେହିଭଳି ୪ଟି ସରକାରୀ ପରିଚାଳିତ ଷ୍ଟଲ ଯଥା ମିଲେଟ୍ ମିଶନ୍ ଠାରୁ ମିଶନ୍ ଶକ୍ତି ଏବଂ କୋରାପୁଟ କାଫେ ପର୍ଯ୍ୟନ୍ତ ଖାଦ୍ୟ ପରିବେଷଣ ହେଉଥିଲା। ହୋଟେଲ ଓ ରେଷ୍ଟୁରାଣ୍ଟ ଆସୋସିଏଶନ୍ ଅଫ୍ ଓଡିଶା ଦ୍ୱାରା ପରିଚାଳିତ ଅନ୍ତର୍ଜାତୀୟ ଖାଦ୍ୟ ମହୋତ୍ସବରେ ପ୍ରାୟ ୨କୋଟି ଟଙ୍କା ବ୍ୟବସାୟ ହୋଇଛି। ପ୍ରତିଦିନ ପ୍ରାୟ ୨୦ ହଜାର ଲୋକଙ୍କର ଏଠାରେ ସମାଗମ ହେଉଥିଲେ। ଅପରପକ୍ଷେ ଚଳିତ ବର୍ଷ ଉଟ୍‌ଫେଷ୍ଟର ଅନ୍ୟ ଏକ ପ୍ରମୁଖ ଆକର୍ଷଣ ସାଜିଥିଲା ଭୁବନେଶ୍ୱରର ପ୍ରଥମ ନାଇଟ୍ ଫ୍ଲି ମାର୍କେଟ। ଏଠାରେ ପ୍ରତିଦିନ ପ୍ରାୟ ୭ରୁ ୧୦ ହଜାର ଲୋକଙ୍କ ସମାଗମ ହେଉଥିଲା। ଏହା ଓସିଏଏଲ୍ ଏବଂ ଏଏଲ୍‌ବିଏର ସୋନାଲ୍ ଏନ. ମୋରେଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଫ୍ଲି ମାର୍କେଟରେ ସ୍ଥାନୀୟ କାରିଗର, ନୂତନ ଡିଜାଇନର୍, ଉଦ୍ୟୋଗୀ ଏବଂ ୨୭୦ରୁ ଅଧିକ ଷ୍ଟଲ୍ ଖୋଲିଥିଲା। ଏହି ମାର୍କେଟ ପ୍ରାୟ ୧କୋଟିର ବ୍ୟବସାୟ କରିଛି। ସେହିପରି କିଣାବିକା ସାଙ୍ଗକୁ ନାଇଟ୍ ଫ୍ଲି ମାର୍କେଟ୍‌ରେ ୩ଟି ଷ୍ଟେଜ୍‌ରେ ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା ୮୦୦ରୁ ଅଧିକ ଆଞ୍ଚଳିକ କଳାକାରଙ୍କୁ ଏକ ପ୍ଲାଟଫର୍ମ ପ୍ରଦାନ କରିଥିଲା। ସମ୍ବଲପୁରୀ ଲୋକନୃତ୍ୟ, ଡେମ୍‌ସା ନୃତ୍ୟ, ଘୁମୁରା, ପାଇକା ଅଖଡା, ନବଦୁର୍ଗା ନୃତ୍ୟ, ଯୋଡିଶଙ୍ଖ ସହିତ କମେଡି, ମ୍ୟାଜିକ୍, ସ୍ଥାନୀୟ ରକ୍ ବ୍ୟାଣ୍ଡ, ନୃତ୍ୟ ଆଦି ପରିବେଷଣ କରାଯାଇ ଲୋକଙ୍କ ମନୋରଞ୍ଜନ କରାଯାଇଥିଲା।

# 'ଅପେକ୍ଷାରେ ରାମଚନ୍ଦ୍ର'ରେ ଯୁଦ୍ଧ ବିଭୀଷିକା



ବାଗ୍‌ଦେବୀ ନାଟକ ଉତ୍ସବର ପ୍ରଥମ ସନ୍ଧ୍ୟାରେ ପରିବେଶିତ ନାଟକ 'ଅପେକ୍ଷାରେ ରାମଚନ୍ଦ୍ର'ର ଏକ ଦୃଶ୍ୟ।

ଭୁବନେଶ୍ୱର,୨୯।୧(ବ୍ୟୁରୋ)

### ବାଗ୍‌ଦେବୀ ନାଟକ ଉତ୍ସବ ଆରମ୍ଭ

ଯୁଦ୍ଧ କଥା ଆସିଲେ ମୃତ୍ୟୁ ଡରରେ ସମସ୍ତେ ଭୟଭୀତ ହୋଇରୁହନ୍ତି। ମହାଯୁଦ୍ଧର ପୃଷ୍ଠଭୂମିରେ ଜୀବନକୁ ସନ୍ତପ୍ତ କରୁଛି ମୃତ୍ୟୁର ବିଭୀଷିକା। ବିପର୍ଯ୍ୟସ୍ତ ହେଉଛି ମାନବର ନିରାପତ୍ତା। ହେଲେ ସମଗ୍ର ବିଶ୍ୱରେ ଆଧିପତ୍ୟ ବିସ୍ତାର କରିବା ଲାଗି ଏକଚ୍ଛତ୍ରବାଦ ଚାହେଁ ଯୁଦ୍ଧ। ଏକଛତ୍ରବାଦର ପ୍ରତୀକ ଲଙ୍କାଧିପତି ରାବଣ ଜାଣନ୍ତି, ଜୀବନର ଶେଷ ରାମଚନ୍ଦ୍ରଙ୍କ ପାଖରେ। ତେଣୁ ସୀତାଙ୍କୁ ହରଣ କରିବା ପରେ ସେ ବଡ଼ ଆନନ୍ଦର ସହ ରାମଚନ୍ଦ୍ରଙ୍କୁ ଅପେକ୍ଷା କରିଛନ୍ତି। ସେ ଜାଣିଛନ୍ତି ଯେ ତାଙ୍କ ଅପେକ୍ଷା କେବଳ ରାମଚନ୍ଦ୍ରଙ୍କ ପାଇଁ। ସେଥିପାଇଁ ତ ଏ ସୀତା ହରଣ। ଆଉ ସେଥିପାଇଁ ଏହି ଯୁଦ୍ଧର ବଡ଼ ପ୍ରସ୍ତୁତି। ରାବଣର ଏହି ଅପେକ୍ଷାକୁ ନେଇ ନାଟକ 'ଅପେକ୍ଷାରେ ରାମଚନ୍ଦ୍ର' ଯୁଦ୍ଧ ବିଭୀଷିକାର ବାର୍ତ୍ତା ଦେଇଛି। ବାଗ୍‌ଦେବୀ ଲିଟରେଚର ଟ୍ରଷ୍ଟ ପକ୍ଷରୁ ରବିବାର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଥିବା ବାଗ୍‌ଦେବୀ ନାଟକ ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଏହି ନାଟକ ପରିବେଷିତ ହୋଇଥିଲା। ଅଭିନୟରେ ଥିଲେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ, ମାନୁ ପଟ୍ଟନାୟକ, ସୁନୀଲ ପଟ୍ଟନାୟକ, ଦେବେନ୍ଦ୍ର ସୁନ୍ଦରାୟ, ଜ୍ଞାନଦୀପ ଖୁଣ୍ଟିଆ, ଜାମିନୀକାନ୍ତ ମିଶ୍ର, ରାଜେଶ୍ ମହାନ୍ତି, କୃଷ୍ଣଚନ୍ଦ୍ର ମିଶ୍ର, ଡ. ମମତା ତ୍ରିପାଠୀ। ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଉପ ସଭାପତି ମନ୍ମଥ କୁମାର ଶତପଥୀ, ନାଟ୍ୟକାର ଶଙ୍କର ତ୍ରିପାଠୀ, ଧୀରେନ୍ଦ୍ର ମଲ୍ଲିକ, ଲେଖିକା ଆଦ୍ୟାଶା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଧୁକ, ଗୁଳି ଜବତ: ଅଭିଯୁକ୍ତ ଗିରଫ

ମଙ୍ଗୁଳି-ଜଗତପୁର, ୨୯।୧(ଡି.ଏନ୍.ଏ.)

ଲୁଟ୍ ଉଦ୍ୟମ ଅଭିଯୋଗରେ ଜଗତପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ବକ୍ସିବଜାର ଅଞ୍ଚଳର ଶେଖ୍ ବାବୁ (୩୦)। ତାଙ୍କଠାରୁ ଗୋଟିଏ ବନ୍ଧୁକ ଓ ୬ଟି ଗୁଳି ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୪୨/୨୩) ରୁଜୁ ହୋଇଛି। ପୋଲିସ ସୂଚନା ମୁତାବକ, କେନାଲ ରୋଡ୍‌ରେ ଶନିବାର ରାତି ପ୍ରାୟ ସାଢେ ୯ଟାରେ ଶେଖ୍ ବାବୁ ବନ୍ଧୁକ ଦେଖାଇ ଲୋକମାନଙ୍କୁ ଭୟଭୀତ କରି ଲୁଟ୍ କରିବାକୁ ଉଦ୍ୟମ କରୁଥିଲେ। ଖବରପାଇ ଏସ୍ଆଇ ଦିଲୀପ କୁମାର ମହାନ୍ତି ଓ ସ୍ପେଶାଲ ଟିମ୍ ପହଞ୍ଚି ତାଙ୍କୁ କାବୁ କରିଥିଲା। ଯାଞ୍ଚବେଳେ ତାଙ୍କଠାରୁ ବନ୍ଧୁକ, ଗୁଳି ମିଳିଥିଲା। ତାଙ୍କ ନାଁରେ ବିଭିନ୍ନ ଥାନାରେ ୨୧ଟି ମାମଲା ରହିଛି। ତାଙ୍କୁ ଥରେ ଏନ୍‌କାଉଣ୍ଟର କରାଯାଇଥିବା ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର ସୂଚନା ଦେଇଛନ୍ତି।



## ମହାପ୍ରଭୁଙ୍କୁ ଦର୍ଶନ କଲେ ୩ ବିଚାରପତି

**ପୁରୀ ଅଫିସ, ୨୯।୧:** ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ବିନୀତ ସରନ, ଜଷ୍ଟିସ ବି.ଆର୍. ଷଡ଼ଙ୍ଗୀ ଏବଂ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଏସ. ଏ. ବୋବ୍‌ଡେ ରବିବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏହି ବିଚାରପତିମାନଙ୍କୁ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଓ ସେବାୟତମାନଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ବିଚାରପତିମାନେ ବାଇଶିପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ଭିତରକାଠ ନିକଟରେ ରତ୍ନସିଂହାସନରୁଢ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିଥିଲେ। ସେମାନେ ଭିତର ବେଢ଼ା ପରିସରସ୍ଥ ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରି ଫେରିଆସିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଶୁତୋଷ



@ ଅମୃତ



@ ସାଗରିକା



@ ଜ୍ୟୋତି



@ ଗୁଡୁ



@ ସୌମ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଚଳଚ୍ଚିତ୍ର 'ସଦା ବାହାର', 'ଅନେକାଂତବାଦ' ପୁରସ୍କୃତ

### ଭାରତୀୟ ଚଳଚ୍ଚିତ୍ର ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୨୯।୧ (ବ୍ୟୁରୋ)



ଭୁବନେଶ୍ୱର ଫିଲ୍ମ ସୋସାଇଟି ପକ୍ଷରୁ ଓଡିଶୀ ରିସର୍ଚ୍ଚ ସେଣ୍ଟରଠାରେ ୭ଦିନ ଧରି ଚାଲିଥିବା ୧୨ତମ ଭାରତୀୟ ଚଳଚ୍ଚିତ୍ର ଉତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ହିନ୍ଦୀ, କନ୍ନଡ, ତାମିଲ, କାଶ୍ମୀରି, ମଣିପୁରୀ, ଓଡ଼ିଆ ଭାଷା ସମେତ ମୋଟ୍ ୮୧ଟି ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ସତ୍ୟଜିତ୍ ରାୟଙ୍କ 'ଆଗନ୍ତୁକ' ଚଳଚ୍ଚିତ୍ର ପ୍ରଦର୍ଶନ ସହ ଉତ୍ସବ ଶେଷ ହୋଇଛି। ଶେଷ ଦିବସରେ ସତ୍ୟଜିତ୍‌ଙ୍କ 'କାପୁରୁଷ' ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏହାପରେ ଅନ୍ୟଏକ କ୍ଲାସିକ୍ ଚଳଚ୍ଚିତ୍ର 'ଘରେ- ବାଇରେ' ପ୍ରଦର୍ଶିତ ହୋଇଥିଲା। ଭୁବନେଶ୍ୱର ଫିଲ୍ମ ସୋସାଇଟି ସଭାପତି ସୁବ୍ରତ ବେଉରା ଉପସ୍ଥିତ ଥିଲେ। ଏହି ଅବସରରେ ବର୍ଷର ସର୍ବଶ୍ରେଷ୍ଠ ଛାତ୍ର ଚଳଚ୍ଚିତ୍ର ଭାବେ କୋଲକାତାର ଏସ୍ଆର୍ଏଫଟିଆଇ ଦ୍ୱାରା ପ୍ରସ୍ତୁତ 'ସଦା ବାହାର' ଏବଂ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ୍ ଦ୍ୱାରା ପ୍ରସ୍ତୁତ 'ଅନେକାଂତବାଦ' ଚଳଚ୍ଚିତ୍ରକୁ ପୁରସ୍କୃତ କରାଯାଇଥିଲା। ବାବୁ ଈଶ୍ୱର ପ୍ରସାଦଙ୍କ 'ହାରିବା ନଦୀଗେ ମାଇଲା କାଲୁ', ଗିତେଶ ବର୍ମାଙ୍କ 'ଜହ୍ନି ବିନି ଚଦରିଆ' ଏବଂ ତିନୋଟି ଛାତ୍ର ଚଳଚ୍ଚିତ୍ର ଶିବାଶିଷ ପ୍ରଧାନଙ୍କ ଆମାଲଜ୍, ଇକ୍‌ପ୍ରଭ୍ ସିଂ କୋହଲିଙ୍କ 'ଅନେକାଂତବାଦ' ଏବଂ ଦୀପେନ୍ଦ୍ର କୁମାରଙ୍କ 'ଆଲମ' ପ୍ରଦର୍ଶିତ ହୋଇଥିଲା।

# ଶିଶିର ସରସ ମେଳାରେ ୨୪ କୋଟିରୁ ଊର୍ଦ୍ଧ୍ୱ ବେପାର

ଭୁବନେଶ୍ୱର,୨୯।୧(ବ୍ୟୁରୋ)

### ୬୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଏସ୍ଏଚ୍‌ଜି ସାମଗ୍ରୀ ବିକ୍ରି

### ଓଡ଼ିଶା ସହ ୨୪ଟି ରାଜ୍ୟର ୮୫୭ଜଣ କାରିଗର ଅଂଶଗ୍ରହଣ କରିଥିଲେ

ବରମୁଣ୍ଡାସ୍ଥିତ ବିଜୁପଟ୍ଟନାୟକ ଖେଳ ପଡ଼ିଆରେ ଚାଲିଥିବା ଶିଶିର ସରସ ମେଳା ରବିବାର ଶେଷ ହୋଇଛି। ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନ ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି ପକ୍ଷରୁ ଗ୍ରାମୀଣ କାରିଗର ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ନିମନ୍ତେ ଏହି ମେଳା ବଡ଼ ପ୍ଲାଟ୍‌ଫର୍ମ ସୃଷ୍ଟି କରିଥିଲା। ଏହି ମେଳାରେ ୨୪ଟି ରାଜ୍ୟ ସହ ଓଡ଼ିଶାର ୩୦ଟି ଜିଲାରୁ କାରିଗରମାନେ ଅଂଶଗ୍ରହଣ କରିଥିଲେ। ମୋଟ ୮୫୭ଜଣ କାରିଗର ମେଳାରେ ଅଂଶଗ୍ରହଣ କରିବା ସହ ନିଜ ସାମଗ୍ରୀର ପ୍ରଦର୍ଶନ ଓ ବିକ୍ରି କରିଥିଲେ। ଓଡ଼ିଶା ସମେତ ଅନ୍ୟ ରାଜ୍ୟର ୩୫୬ଟି ଷ୍ଟଲ୍ ଖୋଲିଥିଲା। ଓରମାସ୍, ସହଯୋଗୀ ସଂସ୍ଥା ମିଶନ ଶକ୍ତି, ନାବାର୍ଡ ପକ୍ଷରୁ ମୋଟ୍ ୬୩ଟି ଷ୍ଟଲ୍ ସ୍ଥାନ ପାଇଥିଲା। ଚଳିତବର୍ଷ ୨୪କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଛି ବୋଲି ଓର୍‌ମାସ୍ ତରଫରୁ ସୂଚନା ଦିଆଯାଇଛି। ଏଥିସହ ରାଜ୍ୟରେ ୨୭ଟି ପଲ୍ଲିଶ୍ରୀ ମେଳା ଓ ୨ଟି ଶିଶିର ସରସ ମେଳାର ଆୟୋଜନ କରାଯାଇଥିଲା। ସେହିପରି ଆୟୋଜିତ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାରେ ସମୁଦାୟ ୩୭କୋଟି ଟଙ୍କାର ବ୍ୟବସାୟ ହୋଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ଗ୍ରାମୀଣ ସାମଗ୍ରୀର ବିକ୍ରିବଟାରେ ମୋଟ ୬୦କୋଟି ଟଙ୍କାର ବ୍ୟବସାୟ ହୋଇପାରିଛି। ଉଦ୍‌ଯାପନୀ ସନ୍ଧ୍ୟାର ବିଭିନ୍ନ ବର୍ଗରେ ଉତ୍କର୍ଷ ପ୍ରଦାନ କରିଥିବା ୧୦ଟି ଷ୍ଟଲକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଇନୋଭେଟିଭ୍ ଷ୍ଟଲ୍ ଭାବେ ଖୋର୍ଦ୍ଧାର ଜୟଦେବ ବନାନା ଫାମର୍ସ ଆଣ୍ଡ୍ ଆର୍ଟିସାନ୍, ଶ୍ରେଷ୍ଠ ପ୍ରଦର୍ଶନ ଷ୍ଟଲ୍ ଭାବେ କଳାହାଣ୍ଡିର ଉତ୍ପାଦକ ଗୋଷ୍ଠୀ, ଶ୍ରେଷ୍ଠ ବିକ୍ରୟଶୈଳୀ ପାଇଁ ଗୁଜରାଟର ମିଲନ୍ ଶକ୍ତି ସ୍ୱୟଂସହାୟକ ଗୋଷ୍ଠୀ, ସର୍ବାଧିକ ବିକ୍ରୟ ପାଇଁ ଉତ୍ତରପ୍ରଦେଶର ଜୟଦୁର୍ଗା ମହିଳା ସ୍ୱୟଂ ସହାୟିକା ଆଦିକୁ ପୁରସ୍କୃତ କରାଯାଇଥିଲା। ସେହିପରି ଫୁଡ୍ ଷ୍ଟଲରେ ସର୍ବାଧିକ ବିକ୍ରି ପାଇଁ ମୟୂରଭଞ୍ଜର ବାରିପଦା ମୁଢି ମାଂସ ଷ୍ଟଲକୁ ପୁରସ୍କୃତ କରାଯାଇଥିଲା।

# ମନ୍ତ୍ର ଧ୍ୱନିରେ ଗୁଞ୍ଜରିତ ଖଣ୍ଡଗିରି, ଜମୁଛି ବେପାର

## ଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ମିଶ୍ରଙ୍କ ପରଲୋକ

ପୁରୀ ଅଫିସ ୨୯।୧:

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବରିଷ୍ଠ ମଞ୍ଚ ଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ମିଶ୍ରଙ୍କର ରବିବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୬ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳ ୧୦ଟାରେ ସେ ଶେଷ



ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ମାତ୍ର ୯ବର୍ଷ ବୟସରୁ ଏକ କୁଳୀନ ବ୍ରାହ୍ମଣ ପରିବାରରୁ ଆସି ଅନ୍ନପୂର୍ଣ୍ଣା ଥିଏଟରରେ ଯୋଗଦେଇ ନାଟକରେ ଅଭିନୟ କରିଥିଲେ। ଅଭିନୟ କ୍ଷେତ୍ରରେ ଲକ୍ଷ୍ମୀପ୍ରିୟା ସେ ସମୟରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ସେ ଅନ୍ନପୂର୍ଣ୍ଣା ଥିଏଟରର ଜଣେ ଆଗଧାଡ଼ିର ଅଭିନେତ୍ରୀ ଥିଲେ। ସେ ତାଙ୍କ ଜୀବନ କାଳ ମଧ୍ୟରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଗ୍ରୁପ-ଏରେ ପ୍ରାୟ ୩୫ଟି ନାଟକରେ ଅଭିନୟ କରିଥିଲେ। ସେଗୁଡ଼ିକ ମଧ୍ୟରେ ଚଣ୍ଡାଳୁଣୀ, ହରିଶ୍ଚନ୍ଦ୍ର, ଦେବଯାନୀ, ବନ୍ଧି ଜଗବନ୍ଧୁ, କୃଷ୍ଣଲୀଳା, ସୀତା ପରୀକ୍ଷା, ଝିମିଟି ଖେଳ, ସ୍ୱର୍ଣ୍ଣଚମ୍ପା ପ୍ରଭୃତି ରହିଛି। କଳା କ୍ଷେତ୍ରରେ ଅବଦାନ ପାଇଁ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ବାଳକୃଷ୍ଣ ଦାସ, ହରିହର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ମିଶ୍ର ଏବଂ ଶ୍ୟାମ ସୁନ୍ଦର ଦାଶ ତାଙ୍କର ସଙ୍ଗୀତ ଗୁରୁ ରହିଥିଲେ। ସେ ଗୁରୁ କେଲୁଚରଣ ମହାପାତ୍ର ଏବଂ ଗୁରୁ ଗୋପୀକୃଷ୍ଣ ବେହେରାଙ୍କଠାରୁ ନୃତ୍ୟ ଶିକ୍ଷା କରିଥିଲେ। ସେହିପରି ଗୁରୁ ବ୍ୟୋମକେଶ ତ୍ରିପାଠୀ ଓ ଅନ୍ୟ ଗୁରୁମାନଙ୍କଠାରୁ ନାଟକ ଶିକ୍ଷା ଲାଭ କରିଥିଲେ। ତାଙ୍କ ବିୟୋଗରେ ନାଟ୍ୟ ଜଗତରେ ଶୋକର ଛାୟା ଖେଳିଯାଇଛି। ପୁରୀ ଆର୍ଟିଷ୍ଟ ଆସୋସିଏଶନ୍ ତରଫରୁ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଅନ୍ନପୂର୍ଣ୍ଣା ପରିବାରର ସଦସ୍ୟ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ଝିଅ ନୀଳିମା ମିଶ୍ର ମୁଖାଗ୍ନି ଦେଇଥିଲେ।

ଭୁବନେଶ୍ୱର, ୨୯।୧ (ବ୍ୟୁରୋ)

ପବିତ୍ର କୁମ୍ଭମେଳାର ଦ୍ୱିତୀୟ ଦିନରେ ମନ୍ତ୍ରଧ୍ୱନି, ପାରାୟଣ, ପ୍ରବଚନ ଓ ଭଜନ କୀର୍ତ୍ତନରେ ଖଣ୍ଡଗିରି ପାହାଡ଼ ପ୍ରକମ୍ପିତ ହେଉଛି। ସକାଳରୁ ରାତି ଯାଏ ଭକ୍ତମାନେ ବାରଭୂଜା ପୀଠରେ ରାମଚରିତ ମାନସ ପାଠ ଶୁଣୁଛନ୍ତି। ସାରା ଦେଶରୁ ସାଧୁ ଓ ସନ୍ନ୍ୟାସିନୀ ଯୋଗ ଦେଇଥିବାବେଳେ ଶ୍ରଦ୍ଧାଳୁମାନେ ସେମାନଙ୍କ ଆଶୀର୍ବାଦ ନେଉଛନ୍ତି। ଦିନରେ ନାରାୟଣ ସେବା ଓ ସାଧୁ ସେବାରେ ହଜାର ହଜାର ଲୋକ ସାମିଲ ହେଉଛନ୍ତି। ରଙ୍ଗୀନ ଆଲୋକରେ ସଜ୍ଜିତ ଉଦୟଗିରି ରାଣୀ ଗୁମ୍ଫା ଓ ହାତୀ ଗୁମ୍ଫାର ରାତି ଦୃଶ୍ୟ ଲୋକଙ୍କୁ ଆକୃଷ୍ଟ କରୁଛି। ସେପଟେ ଟ୍ରାଫିକ ଛକରୁ ଚାରିଛକ ପର୍ଯ୍ୟନ୍ତ ବାଏ ୱାନ୍ ଗେଟ୍ ୱାନ...ହରେକ୍ ମାଲ ଡ଼ାକରେ ଫାଟି ପଡୁଛି ଅଞ୍ଚଳ। ରବିବାରଠାରୁ ଦୋକାନ ବଜାର ଖୋଲିଥିବାବେଳେ ପ୍ରଥମ ଦିନରୁ ହିଁ ଗ୍ରାହକଙ୍କ ଆଖିଦୃଶିଆ ଭିଡ଼ ଦେଖିବାକୁ ମିଳିଛି। ମନ ପସନ୍ଦର ଘରୋଇ ଉପକରଣ, ପ୍ରସାଧନ ସାମଗ୍ରୀ, ଖେଳଣା ଆଦି କିଣାକିଣିର ସୁଯୋଗ ପାଇଛନ୍ତି ସହରବାସୀ। କହିବାକୁ ଗଲେ, ଆଧ୍ୟାତ୍ମିକ, ସାଂସ୍କୃତିକ ଓ ବ୍ୟବସାୟିକ ପରିବେଶ ମଧ୍ୟରେ ଜମୁଛି ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା।



### ମୌନ ବ୍ରତଧାରୀ ଷ୍ଟାଣ୍ଡିଂ ବାବା

ସବୁ କୁମ୍ଭମେଳାରେ ଚର୍ଚ୍ଚାରେ ଥିବା ଷ୍ଟାଣ୍ଡିଂ ବାବା ଚନ୍ଦନ ଗିରି ଚଳିତବର୍ଷ ମଧ୍ୟ ସମାନ ଢ଼ଙ୍ଗରେ ତପସ୍ୟା କରୁଛନ୍ତି। ବିଶ୍ୱବାସୀଙ୍କ କଲ୍ୟାଣ ପାଇଁ ସେ ଗୋଟିଏ ଗୋଡ଼ରେ ଠିଆ ହୋଇ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି। ନବରାତ୍ର କୁମ୍ଭମେଳାରେ ପ୍ରତିବର୍ଷ ସେ ଏପରି ତପସ୍ୟା ଜାରି ରଖିବେ ବୋଲି ବାବାଙ୍କ ସହଯୋଗୀ କହିନ୍ତି। ଏହି ତପସ୍ୟା କାଳରେ ସେ ସମ୍ପୂର୍ଣ୍ଣ ମୌନ ରହିଥା'ନ୍ତି । ଦୀର୍ଘ ୩୩ ବର୍ଷ ଧରି ଏହି ନାଗା ସାଧୁଙ୍କ ଏପରି ତପସ୍ୟା ଜାରି ରହିଛି। ତେବେ ଏହାକୁ ସେ ବୃକ୍ଷାସନ ବୋଲି କହିଛନ୍ତି। ସେହିପରି ରୁଦ୍ରାକ୍ଷ ବାବା, କଦଳୀ ବାବା, ଡ଼ାକ୍ତର ବାବା, ବିଭୂତି ବାବାଙ୍କ ସମେତ ବଙ୍ଗାଳି ମାତା, ଜଟାଧାରୀ ମାତା ଓ ଅନ୍ୟ ସନ୍ନ୍ୟାସୀ ମଧ୍ୟ ଭକ୍ତଙ୍କୁ ଆଶୀର୍ବଚନ ଦେଉଛନ୍ତି।

## ଆଜିଠାରୁ ଯାତ୍ରା ମହାସମର

ସୋମବାରଠାରୁ ଖଣ୍ଡଗିରି ପାଦଦେଶରେ ଆରମ୍ଭ ହେବାକୁଯାଉଛି ଯାତ୍ରା ମହାସମର। ୬ଟି ପେଣ୍ଡାଲରେ ନାଚଗୀତ ସହ ଶୁଭିବ ଦମଦାର୍ ସଂଳାପ। ଡ. ହରେକୃଷ୍ଣ ମହତାବ ପେଣ୍ଡାଲରେ ୩୦ରୁ ୩ ତାରିଖ ପର୍ଯ୍ୟନ୍ତ ଯାତ୍ରାଶ୍ରୀ ବିଶ୍ୱ ଦରବାର, ୪ରୁ ୬ ତାରିଖ ଯାଏ ସାଇ ସମ୍ରାଟ ଓ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ତୁଳସୀ ଗଣନାଟ୍ୟ ମନୋରଞ୍ଜନ କରିବ। ସେହିପରି ସନାତନ ମଣ୍ଡପରେ ୩୦ରୁ ୪ ତାରିଖ ପର୍ଯ୍ୟନ୍ତ ସୂର୍ଯ୍ୟ ମନ୍ଦିର ଏବଂ ୫ରୁ ୧୦ ତାରିଖ ପର୍ଯ୍ୟନ୍ତ କୋଣାର୍କ ଗଣନାଟ୍ୟ ଦମଦାର ନାଟକ ପରିବେଷଣ କରିବ। ଅନ୍ୟପଟେ ଇନ୍ଦିରା ସାଂସ୍କୃତିକ ମଣ୍ଡପରେ ୩୦ରୁ ୬ ତାରିଖ ଯାଏ ଶିବାନୀ ଗଣନାଟ୍ୟ ଏବଂ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଗଣନାଟ୍ୟ ମଞ୍ଚ ଦୁଲୁକାଇବ। ମା' ମଙ୍ଗଳା ମଣ୍ଡପରେ ରାଜଧାନୀ ଅପେରା ୩୧ରୁ ୪ ତାରିଖ ପର୍ଯ୍ୟନ୍ତ ଏବଂ ସ୍ୱର୍ଣ୍ଣ ମହଲ ୫ରୁ ୧୦ ତାରିଖ ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିବ। ତେବେ ଜୟଦୁର୍ଗା ମଣ୍ଡପରେ ୧ରୁ ୧୦ ତାରିଖ ଯାଏ ରଙ୍ଗମହଲ ଗଣନାଟ୍ୟ ପ୍ରସ୍ତୁତ ନାଟକ ଦେଖିବାକୁ ମିଳିବ।



## ମେଳା ବୁଲିଲେ ବିଏମସି କମିଶନର

ଭୁବନେଶ୍ୱର ମହାନଗର ନିଗମ(ବିଏମସି) କମିଶନର ବିଜୟ ଅମୃତା କୁଲାଙ୍ଗେ ଖଣ୍ଡଗରି ପାହାଡ଼ ବୁଲି ମେଳା ଆୟୋଜନର ତଦାରଖ କରିଛନ୍ତି। କମିଶନରଙ୍କ ସହ ଜୋନାଲ ଡେପୁଟି କମିଶନର ରବିନାରାୟଣ ଜେଠୀ ଏବଂ ପୂର୍ବତନ କର୍ପୋରେଟର ରଘୁନାଥ ମହାନ୍ତି ପ୍ରମୁଖ ସ୍ଥିତି ସମୀକ୍ଷା କରିଥିଲେ। ତେବେ ମେଳାର ସୁପରିଚାଳନା ପାଇଁ ବିଏମସି ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଥିବା ଜେଡିସି ଜେଠୀ ସୂଚନା ଦେଇଛନ୍ତି। ଆବଶ୍ୟକସ୍ଥଳେ ଅଧିକ ମାନବ ସମ୍ବଳ ବିନିଯୋଗ କରାଯିବ। ପାର୍କିଂ, ସ୍ୱଚ୍ଛତା ଓ ଅନ୍ୟାନ୍ୟ କ୍ଷେତ୍ରରେ ନଜର ରଖାଯାଇଥିବା ସେ କହିଛନ୍ତି।



## ୩୧ରୁ ଖଣ୍ଡଗିରି-ଉଦୟଗିରି ମହୋତ୍ସବ

ପୂର୍ବ ସ୍ଥାନ ଖଣ୍ଡଗିରିସ୍ଥିତ ପାନ୍ଥିକାକୁ ଫେରିଛି ଖଣ୍ଡଗିରି-ଉଦୟଗିରି ମହୋତ୍ସବ। ଏହି ୩ ଦିନିଆ ମହୋତ୍ସବରେ ଓଡ଼ିଶାରୁ ବଛାବଛା କଳାକାର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ ଭୁବନେଶ୍ୱର ଆଞ୍ଚଳିକ କମିଟି ପକ୍ଷରୁ ଏହାର ଆୟୋଜନ କରାଯାଇଛି। ପୂର୍ବରୁ ଖାରବେଳ ମହୋତ୍ସବ ନାମରେ ପାନ୍ଥିକା ପରିସରରେ ଏହି ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ହେଉଥିଲା। ପରବର୍ତ୍ତୀ ସମୟରେ ବିଜୁପଟ୍ଟନାୟକ ଶକ୍ତି ଉଦ୍ୟାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ପରେ ମହୋତ୍ସବର ନାମ ପରିବର୍ତ୍ତନ ହୋଇ ଖଣ୍ଡଗିରି-ଉଦୟଗିରି ମହୋତ୍ସବ ରଖାଯାଇଥିଲା। ଶେଷ ୨ ବର୍ଷ ଧରି ଗାନ୍ଧି ଶାନ୍ତି କେନ୍ଦ୍ରରେ ଏହି ମହୋତ୍ସବ ଆୟୋଜନ ହୋଇଥିଲେ ମଧ୍ୟ ସେଠାରେ ସଂଗ୍ରହାଳୟ ନିର୍ମାଣ ପରଠାରୁ ବନ୍ଦ ହୋଇଯାଇଥିଲା। ଗତ ୨ ବର୍ଷରେ କରୋନା କଟକଣା ପାଇଁ ଉତ୍ସବ ହୋଇପାରି ନ ଥିଲା।

# ବିଧାନସଭାରେ ଶେଷ ଦର୍ଶନ କଲେ ବାଚସ୍ପତି, ମନ୍ତ୍ରୀ, ବିଧାୟକ



- ଆଜି ବିଜେଡି କାର୍ଯ୍ୟାଳୟ ଯିବ ମରଶରୀର
- ଝାରସୁଗୁଡ଼ାରେ ହେବ ଶେଷକୃତ୍ୟ

ଭୁବନେଶ୍ୱର,୨୯।୧(ବ୍ୟୁରୋ)

କ୍ୟାପିଟାଲ ହସ୍ପିଟାଲରେ ରବିବାର ରାତିରେ ମନ୍ତ୍ରୀ ନବ ଦାସଙ୍କ ଶବ ବ୍ୟବଚ୍ଛେଦ ହେବା ପରେ ସେଠାରୁ ପାର୍ଥିବ ଶରୀର ବିଧାନସଭା ଅଣାଯାଇଥିଲା। ସେଠାରେ ବାଚସ୍ପତିଙ୍କଠାରୁ ଆରମ୍ଭ କରି ବହୁ ବିଧାୟକ, ମନ୍ତ୍ରୀ ଓ ପୂର୍ବତନ ବିଧାୟକମାନେ ନବଙ୍କ ମରଶରୀର ଦର୍ଶନ କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ନବ କିଶୋର ଦାସ ପଶ୍ଚିମ ଓଡ଼ିଶାର ଜଣେ ଆଗଧାଡ଼ିର ନେତା ଥିଲେ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ସେ ଅନେକ କିଛି ପଦକ୍ଷେପ ନେଇଛନ୍ତି। ତାଙ୍କର ଦୃଢ଼ ସାଙ୍ଗଠନିକ ଦକ୍ଷତା ରହିଥିଲା। ତାଙ୍କ ଅକାଳ ବିୟୋଗରେ ରାଜ୍ୟ ରାଜନୀତିରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ବାଚସ୍ପତି ବିକ୍ରମ କେଶରୀ ଆରୁଖ କହିଥିଲେ। ପରେ ନବଙ୍କ ମରଶରୀରକୁ ତାଙ୍କ ସରକାରୀ ବାସଭବନକୁ ନିଆଯାଇଥିଲା। ସେଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ତାଙ୍କ ଶେଷ ଦର୍ଶନ କରିଥିଲେ। ସୋମବାର ସକାଳ ସାଢ଼େ ୮ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବଙ୍କ ସରକାରୀ ବାସଭବନକୁ ଆସି ଶେଷ ଦର୍ଶନ କରିବା ପରେ ମରଶରୀରକୁ ବିଜେଡି



କାର୍ଯ୍ୟାଳୟକୁ ନିଆଯିବ। ସେଠାରେ କିଛି ସମୟ ରହିବା ପରେ ମରଶରୀରୁ ଏକ ସ୍ୱତନ୍ତ୍ର ବିମାନରେ ଝାରସୁଗୁଡ଼ା ନିଆଯିବ। ଅପରାହ୍ନରେ ତାଙ୍କ ପୈତୃକ ଗାଁରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି।

## ବ୍ରଜରାଜନଗରରେ କ୍ରାଇମ୍ବ୍ରାଞ୍ଚ ଡିଜି

ଝାରସୁଗୁଡ଼ା ଅଫିସ୍, ୨୯।୧

ବ୍ରଜରାଜନଗର ଗାନ୍ଧୀଛକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଉପରକୁ ପୋଲିସ୍ ଏଏସ୍ଆଇଙ୍କ ଗୁଳିମାଡ଼ ଘଟଣାର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦେଇଛନ୍ତି। ଘଟଣାର ୭ଘଣ୍ଟା ପରେ କ୍ରାଇମବ୍ରାଞ୍ଚ ଡିଜି ଅରୁଣ ବୋଥ୍ରା ବ୍ରଜରାଜନଗର ଗାନ୍ଧୀଛକ ଗୁଳିକାଣ୍ଡସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ପରିଦର୍ଶନ ବେଳେ ଉତ୍ତରାଞ୍ଚଳ ଡିଆଇଜି ଦୀପକ କୁମାର,ଏସ୍ପି ରାହୁଲ ଜୈନ ପ୍ରମୁଖ ପୋଲିସ୍ ଅଧିକାରୀ ଉପସ୍ଥିତ ଥିଲେ।



କ୍ରାଇମବ୍ରାଞ୍ଚ ଡିଜି ଅରୁଣ ବୋଥ୍ରା ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି।

## ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ବିୟୋଗରେ ଶୋକ

### ଦୁଃଖିତ, ମର୍ମାହତ

ନବ ଦାସଙ୍କ ମୃତ୍ୟୁ ଖବର ଶୁଣି ମୁଁ ଦୁଃଖିତ ଏବଂ ମର୍ମାହତ। ତାଙ୍କ ସହ ଯେଉଁଭଳି ଘଟଣା ଘଟିଛି, ଏହା ମୋତେ ବ୍ୟଥିତ କରିଛି। ଜନପ୍ରତିନିଧି ଭାବେ ତାଙ୍କର କାର୍ଯ୍ୟ ସ୍ମରଣୀୟ ହାଇ ରହିବ। ଏହି ଦୁଃଖଦ ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପରିବାରବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ।

**- ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ**

### ନେତୃତ୍ୱ, ରାଜନୈତିକ କ୍ରିୟାଶୀଳତା ସ୍ମରଣୀୟ ରହିବ

ନବବାବୁଙ୍କ ନେତୃତ୍ୱ ଓ ରାଜନୈତିକ କ୍ରିୟାଶୀଳତା ସ୍ମରଣୀୟ ରହିବ। ଅନନ୍ୟ ସାଙ୍ଗଠନିକ ଦକ୍ଷତା ତାଙ୍କ ବ୍ୟକ୍ତିତ୍ୱର ଏକ ବିଶେଷତ୍ୱ ଥିଲା। ରାଜନୈତିକ ମତାଦର୍ଶକୁ ଭ୍ରୂକ୍ଷେପ ନ କରି ସେ ଜନସେବାରେ ବ୍ରତୀ ଥିଲେ। ତାଙ୍କ ବିୟୋଗରେ ରାଜ୍ୟ ରାଜନୀତିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେବା ସହିତ ନୂତନ ରାଜନୀତିକ ପିଢ଼ି ଏକ ସଫଳ ନେତୃତ୍ୱ ହରାଇଲେ। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ଉଦ୍ଦେଶ୍ୟରେ ସମବେଦନା ଜ୍ଞାପନ କରୁଛି।

**- ଅଶୋକ ଚନ୍ଦ୍ର ପଣ୍ଡା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ**

### ରାଜ୍ୟ ରାଜନୀତି ପାଇଁ ଅପୂରଣୀୟ କ୍ଷତି

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିୟୋଗରେ ମୁଁ ଗଭୀର ଦୁଃଖିତ ଓ ମର୍ମାହତ। ତାଙ୍କଭଳି ଜଣେ ବରିଷ୍ଠ ଟାଣୁଆ, ଦକ୍ଷ ଓ ସୁରାଜନେତାଙ୍କୁ ହରାଇବା ଖବର ଓଡ଼ିଶାର ରାଜନୀତି ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ମୁଁ ଏହି ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

**- ଶ୍ରୀକାନ୍ତ ସାହୁ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ**

### ତାଙ୍କ କାର୍ଯ୍ୟ ଉତ୍ତରପିଢ଼ି ନେତାଙ୍କ ପାଇଁ ଅନୁକରଣୀୟ ହେବ

ପଶ୍ଚିମ ଓଡ଼ିଶାର ଏହି ଆଗଧାଡ଼ିର ରାଜନେତା ସ୍ୱର୍ଗତ ନବ କିଶୋର ଦାସଙ୍କ ବିୟୋଗରେ ପଶ୍ଚିମ ଓଡ଼ିଶା ତଥା ରାଜ୍ୟ ରାଜନୀତିରେ ଅପୂରଣୀୟ କ୍ଷତି ଘଟିଛି। ମନ୍ତ୍ରୀ ଓ ବିଧାୟକ ଭାବେ ତାଙ୍କ କାର୍ଯ୍ୟ ଉତ୍ତରପିଢ଼ିର ରାଜନେତାଙ୍କ ପାଇଁ ଅନୁକରଣୀୟ ରହିବ। ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରୁଛି।

**- ବିକ୍ରମ କେଶରୀ ଆରୁଖ, ବାଚସ୍ପତି**

### ବିକାଶ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ

ନବ ଦାସଙ୍କ ଭଳି ଜଣେ ବରିଷ୍ଠ ଓ ଦକ୍ଷ ରାଜନେତାଙ୍କୁ ହରାଇବା ଓଡ଼ିଶାର ରାଜନୀତି ପାଇଁ ଏକ ଅପୂରଣୀୟ କ୍ଷତି। ରାଜ୍ୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଭାବେ ସେ ତାଙ୍କର ଦକ୍ଷତା ପ୍ରମାଣିତ କରିବା ସହ ରାଜ୍ୟ ତଥା ନିଜ ଅଞ୍ଚଳର ବିକାଶ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ଦିବଂଗତ ଆତ୍ମାର ସଦଗତି କାମନା ଓ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି।

**- ଅଶ୍ୱିନୀ କୁମାର ପାତ୍ର, ସଂସ୍କୃତି ମନ୍ତ୍ରୀ**

### ନୂତନ ପିଢ଼ି ଏକ ସଫଳ ନେତୃତ୍ୱକୁ ହରାଇଲା

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିୟୋଗରେ ମୁଁ ଗଭୀର ମର୍ମାହତ। ତାଙ୍କ ଭଳି ଜଣେ ବରିଷ୍ଠ ଟାଣୁଆ ତଥା ଦକ୍ଷ ରାଜନେତାଙ୍କୁ ହରାଇବା ଏକ ଅପୂରଣୀୟ କ୍ଷତି। ଅନନ୍ୟ ସାଂଗଠନିକ ଦକ୍ଷତା ତାଙ୍କ ବ୍ୟକ୍ତିତ୍ୱର ଏକ ବିଶେଷତ୍ୱ ଥିଲା। ତାଙ୍କ ବିୟୋଗରେ ରାଜ୍ୟ ରାଜନୀତିରେ ଏକ ଶୂନ୍ୟ ସ୍ଥାନ ସୃଷ୍ଟି ହେବା ସହିତ ନୂତନ ରାଜନୈତିକ ପିଢ଼ି ଏକ ସଫଳ ନେତୃତ୍ୱକୁ ହରାଇଲା।

**- ଅତନୁ ସବ୍ୟସାଚୀ ନାୟକ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ**

### ଟାଣୁଆ ନେତା ଭାବେ ଲୋକପ୍ରିୟତା ଥିଲା

ଜଣେ ବରିଷ୍ଠ, ଟାଣୁଆ ଓ ଦକ୍ଷ ରାଜନେତା ଭାବେ ମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କର ଲୋକପ୍ରିୟତା ରହିଥିଲା। ତାଙ୍କୁ ହରାଇବା ଓଡ଼ିଶାର ରାଜନୀତି ପାଇଁ ଅପୂରଣୀୟ କ୍ଷତି ଘଟିଛି। ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି।

**- ଟୁକୁନି ସାହୁ, ଜଳ ସମ୍ପଦ ମନ୍ତ୍ରୀ**

### କୋଭିଡ୍ ସମୟରେ ଦକ୍ଷତା ଦେଖାଇଥିଲେ

ଦିବଂଗତ ମନ୍ତ୍ରୀଙ୍କ ଭଳି ଜଣେ ବରିଷ୍ଠ ଓ ଦକ୍ଷ ରାଜନେତାଙ୍କୁ ଅବେଳରେ ହରାଇବା ଓଡ଼ିଶାର ରାଜନୀତି ପାଇଁ ଏକ ଅପୂରଣୀୟ କ୍ଷତି। କୋଭିଡ ମହାମାରୀ ବେଳେ ରାଜ୍ୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଭାବେ ସେ ତାଙ୍କର ଦକ୍ଷତା ପ୍ରମାଣିତ କରିବା ସହ ରାଜ୍ୟ ତଥା ନିଜ ଅଞ୍ଚଳର ବିକାଶ ପାଇଁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି।

**- ପ୍ରତାପ କେଶରୀ ଦେବ, ଶକ୍ତି ମନ୍ତ୍ରୀ**

### ସ୍ୱାସ୍ଥ୍ୟ ସେବାରେ ପରିବର୍ତ୍ତନ ଆଣିଥିଲେ

ତାଙ୍କ ଭଳି ଜଣେ ଦକ୍ଷ ରାଜନେତାଙ୍କୁ ହରାଇବା ଓଡ଼ିଶା ରାଜନୀତି ପାଇଁ ଅପୂରଣୀୟ କ୍ଷତି। ରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରୀ ଭାବେ ସେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ସହ ନିଜ ଅଞ୍ଚଳର ବିକାଶ ପାଇଁ ତାଙ୍କ ଅବଦାନ ଅବିସ୍ମରଣୀୟ।

**- ପ୍ରଦୀପ କୁମାର ଅମାତ, ଜଙ୍ଗଲ ମନ୍ତ୍ରୀ**

### ନିଷ୍ଠାପର ନେତା, ସୁସଙ୍ଗଠକ ଥିଲେ

ସ୍ୱର୍ଗତ ନବ ଦାସ ଜଣେ ନିଷ୍ଠାପର ରାଜ ନେତା, ଦକ୍ଷ ସଂଗଠକ ଓ ଉତ୍ତମ ସମାଜସେବୀ ଥିଲେ। ତାଙ୍କ ବିୟୋଗରେ ରାଜ୍ୟର ଅପୂରଣୀୟ କ୍ଷତି ଘଟିଛି। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ପରିବାରବର୍ଗଙ୍କୁ ସମାବେଦନା ଜଣାଉଛି।

**- ସମୀର ରଞ୍ଜନ ଦାଶ, ଗଣଶିକ୍ଷା ମନ୍ତ୍ରୀ**

## ଓଲାର ୨ ନୂତନ ସୁବିଧା

**ନୂଆଦିଲ୍ଲୀ:** ଦେଶର ପ୍ରମୁଖ ବୈଦ୍ୟୁତିକ ଯାନ (ଇଭି) ନିର୍ମାତା ଓଲା ପକ୍ଷରୁ ୨ଟି ନୂତନ ସୁବିଧା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଗ୍ରାହକଙ୍କ ସୁବିଧା ପାଇଁ କମ୍ପାନୀ ପକ୍ଷରୁ ଏଭଳି ଏକ ନୂତନ ଗ୍ରାହକ ସଦସ୍ୟତା ଯୋଜନାର ଶୁଭାରମ୍ଭ କରାଯାଇଛି। ଏପରିକି କମ୍ପାନୀ ୨ଟି ନୂତନ ଯୋଜନା ଓଲା କେୟାର ଏବଂ ଓଲା କେୟାର ପ୍ଲସ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିବା ଜଣାପଡିଛି। ସେହିଭଳି ଏହି ନୂତନ ସଦସ୍ୟତା ଯୋଜନା ଓଲା କେୟାର ସବ୍‌ସ୍କ୍ରିପସନ୍‌ରେ ୨ଟି ଯୋଜନା ଆରମ୍ଭ କରାଯାଇଛି।



# ‘ଦେଶ ପ୍ରଗତିରେ କଷ୍ଟ ଆକାଉଣ୍ଟାଣ୍ଟସଙ୍କ ଭୂମିକା ଅତୁଳନୀୟ’

### ୪୨ତମ ରିଜିଓନାଲ କଷ୍ଟ କନ୍‌ଫରେନ୍ସ-୨୦୨୩



କଟକ,୨୯।୧

ଭାରତୀୟ କଷ୍ଟ ଆକାଉଣ୍ଟାଣ୍ଟସ ପ୍ରତିଷ୍ଠାନର ପୂର୍ବ ଭାରତ ଆଞ୍ଚଳିକ ପରିଷଦ ଏବଂ କଟକ-ଜଗତ୍‌ସିଂହପୁର-କେନ୍ଦ୍ରାପଡ଼ା ଚାପ୍ଟର ଆନୁକୂଲ୍ୟରେ ୪୨ତମ ରିଜିଓନାଲ କଷ୍ଟ କନ୍‌ଫରେନ୍ସ-୨୦୨୩ର ଆୟୋଜନ କରାଯାଇଥିଲା। ଏପରିକି ଏକ ୨ଦିନିଆ ଜାତୀୟ କର୍ମଶାଳା ସ୍ଥାନୀୟ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ପୂଜ୍ୟ ସ୍ୱାମୀ ପରମହଂସ ପ୍ରଜ୍ଞାନାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏମ୍‌ପି ସୁଜିତ୍ କୁମାର, ଇରେଡା ଅଧ୍ୟକ୍ଷ ପ୍ରଦୀପ କୁମାର ଦାସ, ପ୍ରତିଷ୍ଠାନର ଜାତୀୟ କାର୍ଯ୍ୟକାରିଣୀ ଅଧ୍ୟକ୍ଷ ନିରଞ୍ଜନ ମିଶ୍ର ଏବଂ ପୂର୍ବାଞ୍ଚଳ ପରିଷଦର ଅଧ୍ୟକ୍ଷ ବିଭୂତି ଭୂଷଣ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ପୂଜ୍ୟ ସ୍ୱାମୀ ପ୍ରଜ୍ଞାନାନନ୍ଦ ମାନବ ଜୀବନରେ ନୈତିକତା ମୂଲ୍ୟବୋଧ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ବିଶ୍ୱର ପ୍ରଗତିରେ ଭାରତ ବର୍ଷର କଷ୍ଟ ଆକାଉଣ୍ଟାଣ୍ଟମାନଙ୍କର ଅବଦାନକୁ ସେ ଭୂୟସୀ ପ୍ରଶଂସା କରିଥିଲେ। ଭାରତ ବର୍ଷର ମୂଳଭିତ୍ତି ଏବଂ ବୈଶିଷ୍ଟ୍ୟକୁ ପ୍ରତିପାଦିତ କରି ଏକ ବୈପ୍ଳବିକ ପରିବର୍ତ୍ତନ ଉପରେ ସ୍ୱାମୀ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ଏମପି ସୁଜିତ୍ କୁମାର ଭାରତୀୟ ଅର୍ଥନୀତିର ରୂପରେଖ ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଚଳିତ ଦଶନ୍ଧିରେ ବିଶ୍ୱରେ ଘଟିଥିବା ଅର୍ଥନୀତିର ପରିବର୍ତ୍ତନ ଉପରେ ସେ ବିସ୍ତୃତ ଆଲୋକପାତ କରିଥିଲେ। ସେହିପରି ଇରେଡା ଅଧ୍ୟକ୍ଷ ପ୍ରଦୀପ କୁମାର ଦାସ ଅକ୍ଷୟ ଶକ୍ତି କ୍ଷେତ୍ରରେ ଘଟିଥିବା ବୈପ୍ଳବିକ ପଦକ୍ଷେପ ଏବଂ ସର୍ବୋପରି ବିଜୁଳି କ୍ଷେତ୍ରରେ କିପରି ଅକ୍ଷୟ ଶକ୍ତି କ୍ଷେତ୍ର ଆସନ୍ତା ଦିନରେ ଜୈବିକ ଶକ୍ତିକୁ କ୍ରମାନୁବର୍ଦ୍ଧିତ ଭାବେ କମାଯାଇପାରିବ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଅପରପକ୍ଷରେ ପୂର୍ବାଞ୍ଚଳ ପରିଷଦର ଅଧ୍ୟକ୍ଷ ସିଏମ୍‌ଏ ବିଭୂତି ଭୂଷଣ ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲାବେଳେ କଟକ-ଜଗତ୍‌ସିଂହପୁର-କେନ୍ଦ୍ରାପଡ଼ା ଚାପ୍ଟରର ଅଧ୍ୟକ୍ଷ ଲଳିତ କୁମାର ମିଶ୍ର, ପ୍ରତିଷ୍ଠାନ ଦ୍ୱାରା ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋକପାତ କରିଥିଲେ।

## ‘ମାଇଁ ହେଲ୍‌ଥ କେୟାର ପ୍ଲାନର ଶୁଭାରମ୍ଭ’

ନୂଆଦିଲ୍ଲୀ,୨୯।୧

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ବଜାଜ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସର ମଡ୍ୟୁଲାର ହେଲଥ ଇନ୍‌ସ୍ୟୁରାନ୍ସ ପ୍ରଡକ୍ଟ ‘ମାଇଁ ହେଲଥ କେୟାର ପ୍ଲାନ’ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ମାଇଁ ହେଲଥ କେୟାର ପ୍ଲାନ ୫କୋଟି ପର୍ଯ୍ୟନ୍ତ ସମ୍ ଇନସ୍ୟୁଅର୍ଡ (ଏସଆଇ) ପ୍ରଦାନ କରିଥାଏ। ଏହି ପଲିସି ୧ବର୍ଷ, ୨ବର୍ଷ କିମ୍ବା ୩ ବର୍ଷ ଅବଧି ସହ ବ୍ୟକ୍ତିଗତ ଏବଂ ଫ୍ଲୋଟର ଆଧାରରେ ପ୍ରଦାନ କରିଥାଏ । ଏ ସମ୍ପର୍କରେ ବଜାଜ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସର ଏମଡି ଏବଂ ସିଇଓ ତପନ ସିଙ୍ଘଲ କହିଛନ୍ତି, ମାଇଁ ହେଲଥ କେୟାର ପ୍ଲାନ ପ୍ରଡକ୍ଟ ସହ ଆମର ଉଦ୍ଦେଶ୍ୟ ହେଉଛି ଆମର ଅନେକ ପ୍ରସ୍ତାବ ଆରମ୍ଭ କରିବା ଯେଉଁଠାରେ ଗ୍ରାହକଙ୍କ ପାଖରେ ସେମାନଙ୍କ ଏବଂ ସେମାନଙ୍କ ପରିବାର ପାଇଁ ବିବିଧତା ସତ୍ତ୍ୱେ ସର୍ବୋତ୍ତମ କଭର ବାଛିବା ଏବଂ ପ୍ୟାକେଜ କରିବାର ସୁବିଧା ରହିଥିବ।

## ବଲାଙ୍ଗୀରରେ ହାଭେଲ୍ସ-ଲୟେଡର ବ୍ରାଣ୍ଡ ଷ୍ଟୋର




ଭୁବନେଶ୍ୱର,୨୯।୧

ଦେଶର ପ୍ରମୁଖ ବୈଦ୍ୟୁତିକ ସାମଗ୍ରୀ ଉତ୍ପାଦକ କମ୍ପାନୀ ହାଭେଲ୍ସ-ଲୟେଡ୍‌ର ଆଉ ଏକ ୱାର୍ଲଡ ଅଫ ଏକ୍ସପେରିଏନ୍ସ (ଡବ୍ଲ୍ୟୁଓଇ) ଆଉଟଲେଟ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି କମ୍ପାନୀ ଓଡ଼ିଶା ବଜାରରେ ତା’ର ୩ୟ ହାଭେଲ୍ସ-ଲୟେଡ୍ ଡବ୍ଲ୍ୟୁଓଇ ଫ୍ଲାଗ୍‌ଶିପ୍ ବ୍ରାଣ୍ଡ ଷ୍ଟୋର ବଲାଙ୍ଗୀର ଜିଲାର ବଲାଙ୍ଗୀର ରମାଇ ଟକିଜ୍‌ରୋଡ୍‌ଠାରେ କମ୍ପାନୀର ଚ୍ୟାନେଲ ପାର୍ଟନର ସାମୁକା ଇଲେକଟ୍ରୋନିକ୍ସ ଆନୁକୂଲ୍ୟରେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚ୍ୟାନେଲ ପାର୍ଟନର ପରିବାରର ଯୋଗେଶ୍ୱରୀ ରଥ, କମ୍ପାନୀର ଓଡ଼ିଶା ବାଣିଜ୍ୟିକ ମୁଖ୍ୟ ଦେବାଶିଷ ମିତ୍ରଙ୍କ ସହ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ବିଶେଷକରି ୩୫୦୦ ବର୍ଗଫୁଟ ପରିମିତ ସ୍ଥାନରେ ଗଢ଼ି ଉଠିଥିବା ଏହି ଅତ୍ୟାଧୁନିକ ବ୍ରାଣ୍ଡ ଷ୍ଟୋରରେ କମ୍ପାନୀର ସମସ୍ତ ଇଲେକ୍ଟ୍ରିକାଲ ଉତ୍ପାଦ ସମ୍ଭାର ଉପଲବ୍ଧ। ଏପରିକି ଜିଲାର ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବାରେ ଉକ୍ତ ଷ୍ଟୋର ବେଶ୍ ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ‘ଗୁଣାତ୍ମକ ସେବା ସହ ସମ୍ପ୍ରସାରଣକୁ ଗୁରୁତ୍ୱାରୋପ’

ଭୁବନେଶ୍ୱର,୨୯।୧

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟାଟା ମୋଟର୍ସ ତା’ର ଗ୍ରାହକମାନଙ୍କୁ ଗୁଣାତ୍ମକ ସେବା ସହ ବିକ୍ରି ପରବର୍ତ୍ତୀ ସେବା ଯୋଗାଇବା ପାଇଁ ଆବଶ୍ୟକ ବ୍ୟବସାୟିକ ସମ୍ପ୍ରସାରଣକୁ ଗୁରୁତ୍ୱାରୋପ କରାଯାଉଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ଉପରୋକ୍ତ କାର୍ଯ୍ୟକଳାପ ସହ ଗ୍ରାହକ ସମ୍ପର୍କ ବୃଦ୍ଧିକୁ ସୁଦୃଢ଼ କରିବା ଆଶାରେ ଟାଟା ମୋଟର୍ସର ଉପ ମହାନିର୍ଦ୍ଦେଶକ ରାଜେଶ କଉଲ ନିକଟରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ପରିପ୍ରେକ୍ଷୀରେ ସେ ସ୍ଥାନୀୟ ମଙ୍ଗୁଳି ଛକ ନିକଟସ୍ଥ ତୃପ୍ତି ଅଟୋ ମୋଟିଭସ ଶୋ ରୁମ୍‌କୁ ପରିଦର୍ଶନ କରିଥିଲେ। ଏହି ଅବସରରେ କଉଲଙ୍କ ସହ ଅରୁଣ ଜଲାଲି, ଦୀପାଞ୍ଜନ ରୟ, ରନଭିର କଅଁର, ରାଜୀବ ଘୋଷ, କପିଲ ନିଖୋନ, ବିକାଶ ସୋନି, ନୀରଜ ବର୍ମାଙ୍କ ସମେତ ଟାଟା ମୋଟର୍ସର ବହୁ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ସେହିଭଳି ଗ୍ରାହକମାନଙ୍କୁ ଗାଡ଼ି ଡେଲିଭରି, ବୃକ୍ଷରୋପଣ ଏବଂ ଦକ୍ଷ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ ଆଦି କାର୍ଯ୍ୟକ୍ରମରେ ଯୋଗ ଦେବା ସହ କଉଲ ଉପସ୍ଥିତ ଗ୍ରାହକ ଓ ତୃପ୍ତି ଅଟୋମୋଟିଭସର ସମସ୍ତ କର୍ମଚାରୀଙ୍କୁ ଉଦବୋଧନ ଦେଇଥିଲେ। ଏହାପରେ ସେ ଯାଜପୁରଠାରେ ଟାଟା ମୋଟର୍ସର ନୂଆ ଶୋ’ରୁମ୍ ସାଇସୁଧା ମୋଟର୍ସକୁ ମଧ୍ୟ ଉଦ୍‌ଘାଟନ କରିଥିବା ଜଣାପଡିଛି। ସେହିପରି ତୃପ୍ତି ଅଟୋ ମୋଟିଭ୍‌ସ ଏବଂ ସାଇସୁଧା ମୋଟର୍ସ ପକ୍ଷରୁ ଶୁଭେନ୍ଦୁ ମହାନ୍ତି ଓ ଅଙ୍କିତ ମହାନ୍ତି ଉପସ୍ଥିତ ସମସ୍ତ ଟାଟା ମୋଟର୍ସ ଅଧିକାରୀଙ୍କୁ ସ୍ୱାଗତ ଜଣାଇବା ସହ ଓଡ଼ିଶା ବଜାର ସହ ଗ୍ରାହକଙ୍କ ଆବଶ୍ୟକତା ଓ ଚାହିଦା ସମ୍ପର୍କରେ କର୍ମଚାରୀମାନଙ୍କୁ ଅବଗତ କରାଇଥିଲେ।

## ‘ଚ୍ୟାଲେଞ୍ଜକୁ ସଫଳତାରେ ପରିଣତ କର’




ଭୁବନେଶ୍ୱର, ୨୯।୧

ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ପରିସଂଖ୍ୟାନ ବିଭାଗର ପୁରାତନ ଛାତ୍ରସଂସଦର ୮ମ ସାଧାରଣ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହିପରିପ୍ରେକ୍ଷୀରେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ବିଜୟ ଭୂଷଣ ନନ୍ଦ ବିଦ୍ୟାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ପରିସଂଖ୍ୟାନ ବିଷୟକୁ ଏକ ଚ୍ୟାଲେଞ୍ଜ ଭାବେ ନିଅନ୍ତୁ ଏବଂ କଠିନ ପରିଶ୍ରମ କରି ସଫଳ ହୁଅନ୍ତୁ। ଏପରିକି ପରିସଂଖ୍ୟାନ ବିଦ୍ୟାର୍ଥୀମାନଙ୍କୁ ନିର୍ଦ୍ଦେଶାଳୟ ପକ୍ଷରୁ ଇଣ୍ଟର୍ନଶିପ୍ ଯୋଗାଇ ଦେବା ସହ ବିଦ୍ୟାର୍ଥୀମାନଙ୍କର ଦକ୍ଷତା ବିକାଶ କରିବା ପାଇଁ ନନ୍ଦ ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଫେସର ଜିତେନ୍ଦ୍ର ଷଡ଼ଙ୍ଗୀ ବିଦ୍ୟାଥୀମାନଙ୍କୁ ଉତ୍ସାହିତ କରିବା ସହ ନିଜକୁ କେବେବି କମ୍ ନ ଭାବି ନିଜର ଅନ୍ତର୍ନିହିତ ଶକ୍ତିକୁ ଚିହ୍ନିବାର ଆବଶ୍ୟକ ରହିଛି ବୋଲି ଷଡ଼ଙ୍ଗୀ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଅପରପକ୍ଷରେ ସଂସଦର ସଭାପତି ରବୀନ୍ଦ୍ର କୁମାର ମହାନ୍ତି ଅନୁଷ୍ଠାନକୁ ଆହୁରି ସୁଦୃଢ଼ ଏବଂ କ୍ରିୟାଶୀଳ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ସମ୍ପର୍କରେ ପ୍ରସ୍ତାବ ରଖିଥିଲେ। ଏପରିକି ଉକ୍ତ ପ୍ରସ୍ତାବଟି ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ଅନାଦି ଚରଣ ଦାସ ସଂସଦର ବାର୍ଷିକ ରିପୋର୍ଟ ପ୍ରଦାନ କରିଥିଲେ। ପରିଶେଷରେ ପ୍ରତି ବର୍ଷ ପରି ଚଳିତ ବର୍ଷ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଏବଂ ଷ୍ଟାଟିଷ୍ଟିକ୍ସ ଅଲମ୍ପିଆଡ୍‌ରେ କୃତୀ ବିଦ୍ୟାର୍ଥୀମାନଙ୍କୁ ମାନପତ୍ର ଏବଂ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା।

## କେସିଙ୍ଗାରେ ଟ୍ରେଣ୍ଡସର ଏକ୍ସକ୍ଲୁସିଭ ଆଉଟଲେଟ




ଭୁବନେଶ୍ୱର, ୨୯।୧

ରିଲାଏନ୍ସ ରିଟେଲ୍‌ର ଆପାରେଲ ଏବଂ ଆସେସୋରି ସ୍ପେଶାଲିଟି ଚେନ୍ ‘ଟ୍ରେଣ୍ଡସ’ର ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋର ଓଡ଼ିଶା ବଜାରରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି କଳାହାଣ୍ଡି ଜିଲାର କେସିଙ୍ଗା ସହରରେ ଟ୍ରେଣ୍ଡସର ନୂତନ ଏକ୍ସକ୍ଲୁସିଭ ଆଉଟଲେଟର ଶୁଭାରମ୍ଭ କରାଯାଇଛି। ବିଶେଷକରି ୪୩୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ପରିବ୍ୟାପ୍ତ ଏହି ଷ୍ଟୋର୍‌ରେ ଟ୍ରେଣ୍ଡି ୱିମେନ ୱିୟର, ମେନ୍ସ ୱିୟର, କିଡ୍‌ସ ୱିୟର ଏବଂ ଫ୍ୟାଶନ ଆସେସୋରିଜ ଅତି ସ୍ୱତନ୍ତ୍ର ମୂଲ୍ୟରେ ଗ୍ରାହକ ପାଇପାରିବେ। ସେହିଭଳି ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର ସହ ଆକର୍ଷଣୀୟ ଫ୍ୟାଶନ ଓ ଲୋଭନୀୟ ମୂଲ୍ୟର ବ୍ୟାପକ ସମ୍ଭାର ଉପଲବ୍ଧ ରହିଛି, ଯେପରିକି ୩୯୯୯ଟଙ୍କାର କିଣାକିଣି କରନ୍ତୁ ଏବଂ ମାତ୍ର ୨୪୯ଟଙ୍କାର ଏକ ଆକର୍ଷଣୀୟ ଉପହାର ପାଆନ୍ତୁ। କେବଳ ସେତିକି ନୁହେଁ ୩୯୯୯ ଟଙ୍କାର କିଣାକିଣି ଉପରେ ଟ୍ରେଣ୍ଡସର ଗ୍ରାହକମାନେ ୨୦୦୦ଟଙ୍କା ମୂଲ୍ୟର କୁପନ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ।



## ବିବାହ ଲାଗି ସୁଇଡେନ୍‌ରୁ ୟୁପି ଆସିଲେ ବିଦେଶିନୀ

ଲକ୍ଷ୍ନୌ

ପ୍ରେମରେ ପଡ଼ିଥିବା ଲୋକେ ଅନେକ ଅଜବ କାମ କରନ୍ତି, ଯାହା ଅନ୍ୟମାନଙ୍କୁ ଆଶ୍ଚର୍ଯ୍ୟ କରିପକାଏ। ଉତ୍ତର ପ୍ରଦେଶରୁ ମଧ୍ୟ ଏମିତି ଏକ ଘଟଣାକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସୁଇଡେନ୍‌ର ଖ୍ରୀଷ୍ଟେନ୍ ଲିଏପର୍ଟ ଉତ୍ତର ପ୍ରଦେଶରେ ରହୁଥିବା ତାଙ୍କ ପ୍ରେମିକ ପୱନ କୁମାରଙ୍କୁ ବାହାହେବା ଲାଗି ଭାରତ ଆସିଛନ୍ତି। ୟୁପିର ଇଟାହରେ ଥିବା ଏକ ବିଦ୍ୟାଳୟରେ ବୈଦିକ ରୀତିନୀତି ଅନୁସାରେ ଦୁହିଁଙ୍କ ବିବାହ ଶୁକ୍ରବାର ସମ୍ପନ୍ନ ହୋଇଛି। ଖ୍ରୀଷ୍ଟେନ୍ କନ୍ୟା ବେଶରେ ସଜେଇ ହୋଇଥିବା ବିବାହର ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ୨୦୧୨ରେ ଦୁହେଁ ଫେସ୍‌ବୁକ୍‌ରେ ପରିଚିତ ହୋଇଥିଲେ। ଫେସ୍‌ବୁକ୍‌ରେ ଚାଟ୍ କରୁକରୁ ଦୁହିଁଙ୍କ ମଧ୍ୟରେ ଥିବା ବନ୍ଧୁତା ପ୍ରେମର ରୂପ ନେଇଥିଲା। ବି.ଟେକ୍ ପାଠ୍ୟକ୍ରମ ସାରି ପୱନ ଏକ ଘରୋଇ ସଂସ୍ଥାରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଛନ୍ତି। ଖ୍ରୀଷ୍ଟେନ୍‌ଙ୍କ ସହ ସମ୍ପର୍କକୁ ନେଇ ପୱନଙ୍କ ଘରେ କେହି ବିରୋଧ କରି ନ ଥିବାବେଳେ ପରିବାରର ସମର୍ଥନ କ୍ରମେ ଦୁହିଁଙ୍କ ବାହାଘର କରାଯାଇଛି। ପିଲାମାନଙ୍କ ଖୁସିରେ ପରିବାରର ଖୁସି ବୋଲି ପୱନଙ୍କ ବାପା ଗୀତମ ସିଂ କହିଛନ୍ତି।



## ସତ ହେଲା ନେହାଙ୍କ ବାଣୀ

**ମୁମ୍ବାଇ:** ଶାହରୁଖ୍‌ଙ୍କ ଫିଲ୍ମ ‘ପଠାନ୍’କୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। ଗତ ୨୫ରେ ରିଲିଜ୍ ହୋଇଥିବା ଏହି ଫିଲ୍ମ ୪ ଦିନରେ ବିଶ୍ୱବ୍ୟାପୀ ୪୦୦ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରିସାରିଛି। ବଲିଉଡ୍ ଇଣ୍ଡଷ୍ଟ୍ରିରେ ‘ପଠାନ୍ ’ ଏକ ରେକର୍ଡ ସୃଷ୍ଟି କରିଛି। ଏପରିସ୍ଥିତିରେ ନେହା ଧୂପିଆଙ୍କ ଏକ ମନ୍ତବ୍ୟ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ୨୦୦୪ରେ ନେହା ନିଜ ଫିଲ୍ମ ‘ଜୁଲି’ର ପ୍ରମୋଶନ୍‌ବେଳେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ କହିଥିଲେ ଯେ, ଇଣ୍ଡଷ୍ଟ୍ରିରେ ସେକ୍ସ ବିକ୍ରିହେବ କିମ୍ବା ଏସ୍‌ଆର୍‌କେ (ଶାହରୁଖ ଖାନ୍)। ନେହାଙ୍କ ଏହି ମନ୍ତବ୍ୟକୁ ପ୍ରଥମେ ଜଣେ ଟୁଇଟର ୟୁଜର୍ ଶେୟାର କରିବା ପରେ ନେହା ଏହାକୁ ରିଶେୟାର କରିଛନ୍ତି। ତାଙ୍କ ମନ୍ତବ୍ୟ ସତ ହେଲା ବୋଲି ସେ ନିଜ ପୋଷ୍ଟରେ ଲେଖିଛନ୍ତି। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶନାରେ ତିଆରି ହୋଇଥିବା ଫିଲ୍ମ ‘ପଠାନ୍’କୁ ସିନେପ୍ରେମୀଙ୍କ ଖୁବ୍ ଭଲପାଇବା ମିଳିଛି।



## ମା’ଙ୍କ ବିୟୋଗରେ ଭାଙ୍ଗି ପଡ଼ିଛନ୍ତି ରାକ୍ଷୀ

ମୁମ୍ବାଇ

ହିନ୍ଦୀ ଫିଲ୍ମ ଜଗତର କଣ୍ଟ୍ରୋଭର୍ସିଆଲ୍ କୁଇନ୍ ଭାବେ ଜଣାଯାଉଥିବା ରାକ୍ଷୀ ସାୱନ୍ତଙ୍କ ଉପରେ ଦୁଃଖର ବାଦଲ ଛିଡ଼ିପଡ଼ିଛି। ମା’ ଜୟାଙ୍କ ବିୟୋଗ ପରେ ରାକ୍ଷୀ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିପଡ଼ିଛନ୍ତି। ଶନିବାର ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ହିଁ ରାକ୍ଷୀଙ୍କ ମା’ଙ୍କ ମୃତ୍ୟୁ ଘଟିଛି। ତେବେ ଶନିବାର ମୁମ୍ବାଇର ଓଶିୱାରାରେ ଥିବା ମ୍ୟୁନିସିପାଲ ଖ୍ରୀଷ୍ଟିଆନ୍ କେମେଟେରିରେ ଜୟାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ରାକ୍ଷୀଙ୍କ ମା’ ତାଜ୍ ମେମୋରିଆଲ କ୍ୟାନ୍‌ସର ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ରିଆଲିଟି ଶୋ’ ବିଗ୍‌ବସ୍‌ର ସିଜନ୍ ୧୪ରେ ବିବି-ହାଉସ୍‌ରେ ରାକ୍ଷୀଙ୍କ ମା’ଙ୍କୁ ଦେଖାଯାଇଥିଲା। ସେତେବେଳେ ରାକ୍ଷୀ ବିଗ୍‌ବସ୍ କଣ୍ଟେଷ୍ଟାଣ୍ଟ ଭାବେ ବିଗ୍‌ବସ୍ ହାଉସ୍‌ରେ ଥିଲେ। ତେବେ ମା’ଙ୍କ ବିୟୋଗ ନେଇ ରାକ୍ଷର ସୋସିଆଲ ମିଡିଆରେ ଏକ ଇମୋଶନାଲ ପୋଷ୍ଟ ଶେୟାର କରିଛନ୍ତି। ସର୍ଲିନ ଚୋପ୍ରାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ମାମଲାରେ ରାକ୍ଷୀଙ୍କୁ କିଛିଦିନ ପୂର୍ବେ ଗିରଫ କରାଯାଇଥିବାବେଳେ ମା’ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଦର୍ଶାଇବାରୁ ପୋଲିସ ତାଙ୍କୁ ଛାଡ଼ି ଦେଇଥିଲା।



## ମୂଷା ଯୋଗୁ ବଞ୍ଚିଗଲା ପରିବାର



ଜୟପୁର

ରାଜସ୍ଥାନର ଧୋଲପୁର ଜିଲ୍ଲାରେ ଏକ ମୂଷା ପରିବାରର ୫ ଜଣଙ୍କ ଜୀବନ ବଞ୍ଚାଇ ଦେଇଥିବା ଗ୍ରାମବାସୀମାନେ କହିଛନ୍ତି। ସୂଚାନଯୋଗ୍ୟ, ଧୋଲପୁର ଜିଲ୍ଲାର ସିକରୋଦା ଗ୍ରାମରେ ଜୟପ୍ରକାଶଙ୍କ ପରିବାର ଲୋକ ଶୋଇଥିଲେ। ଏହି ସମୟରେ ଏକ ମୂଷା ଆସି ଜଣଙ୍କ ଉପରେ ପଡ଼ିଥିଲା। ରାତି ହୋଇଥିବାରୁ କ’ଣ ପଡିଛି ଜାଣି ନ ପାରି ପରିବାର ଲୋକଙ୍କ ନିଦ ଭାଙ୍ଗି ଯାଇଥିଲା। ଏହାପରେ ସେମାନେ ଘର ପଛପଟୁ କିଛି ବିଚିତ୍ର ଶବ୍ଦ ଶୁଣିବାକୁ ପାଇଥିଲେ। ୫ ଜଣଯାକ ଘର ବାହାରକୁ ଚାଲି ଯାଇଥିଲେ। କିଛି ସମୟ ପରେ ଘରର ଏକ ଅଂଶ ଭୁଷୁଡି ପଡ଼ିଥିବା ସେମାନେ ଦେଖିବାକୁ ପାଇଥିଲେ। ମୂଷା ହେତୁ ସମସ୍ତ ଭୟରେ ବାହାରେ ଛିଡ଼ା ହୋଇଥିଲେ। ଘଟଣା ସମୟରେ ଘର ଭିତରେ କେହି ନ ଥିବାରୁ ଏହି ଅଘଟଣରେ କାହାରି କିଛି କ୍ଷତି ହୋଇ ନ ଥିବାବେଳେ ପଶୁଙ୍କ ଜୀବନ ବି ରକ୍ଷା ପାଇଯାଇଛି। ଜୟପ୍ରକାଶ, ନିହାଲିସିଂହ, ଇନ୍ଦିରା ଓ ବବିତାଙ୍କ ସମେତ ଜଣେ ସମ୍ପର୍କୀୟ କହିଛନ୍ତି ମୂଷା ପାଇଁ ଆଜି ଆମ ଜୀବନ ବଞ୍ଚି ଯାଇଛି।

ତେବେ ଘର ଭୁଷୁଡି ପଡିବା ଯୋଗୁ ଭିତରେ ଥିବା ୧.୫ ଲକ୍ଷ ଟଙ୍କାରମେସିନ ନଷ୍ଟ ହୋଇଯାଇଛି। ଏଥିସହିତ ୬ କ୍ୱିଣ୍ଟାଲଏ ଗହମ, ୫ କ୍ୱିଣ୍ଟାଲ ସୋରିଷ, ୯ କ୍ୱିଣ୍ଟାଲ ବାଜରା ସମେତ ଘରେ ଥିବା ଆସବାବ ପତ୍ର ଉପରେ ଇଟା ସିମେଣ୍ଟ ଗଦା ଦେଇ ନଷ୍ଟ ହୋଇଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩୦ ଜାନୁୟାରୀ, ୨୦୨୩

**ଡିଙ୍ଗରରେ ହରେକୃଷ୍ଣ ଉତ୍ସବ**

ବେଗୁନିଆ,(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ଗ୍ରାମ ପାଟରାସାହି ଭଗବତ ଦେବଙ୍କ ପୀଠରେ ୨୩ତମ ହରେକୃଷ୍ଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଉକ୍ତ ଉତ୍ସବରେ ୧୦ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ହରି ନାମ ଜପ କରିବା ସହ ହରିହାଟ ନଗର ପରିକ୍ରମା କରିଥିଲେ। ୧୫୦ ନାମଧାରୀଙ୍କ ସମେତ ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଆୟୋଜିତ ଉତ୍ସବରେ ସାହିର ସମ୍ପାଦକ ବାଙ୍କନିଧି ବେହେରା, ଗୁରୁ ପ୍ରତିମ ଦିବାକର ନାଗ ଓ ଲଳିତ ନାରାୟଣ ନାଗ, ବାସୁଦେବ ବିଶ୍ୱାଳ, ଗୋବିନ୍ଦ ମାର୍ଥା, ବିରଞ୍ଚି ମହାରଣା, ବୁଲୁ ମହାରଣା, ନରସିଂହ ମାର୍ଥା, ଅଭିମନ୍ୟୁ ବିଶ୍ୱାଳ, ହୃଷୀକେଶ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ ଆହତ

ବାଣପୁର,୨୯।୧(ଡି.ଏନ୍.ଏ.): ବାଣପୁର ବଜାରରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ବାଣପୁର ଥାନା ନାରଣଦେଇପୁର ଗ୍ରାମର କପିଳ ଜେନାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, କପିଳ ଓ ବଳରାମ ତରାଇ ବାଇକରେ କଲେଜ ଛକ ଅଭିମୁଖେ ଯାଉଥିବା ବେଳେ ବିପରୀତ ପଟୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଖବରଦାତା ସୁନୀଲ ସୁବୁଦ୍ଧି ପହଞ୍ଚି ଥାନାକୁ ଖବର ଦେବା ସହ ଆହତ କପିଳ ଓ ବଳରାମଙ୍କୁ ଚିକିତ୍ସା ପାଇଁ ବାଣପୁର ଡାକ୍ତରଖାନାକୁ ପଠାଇଥିଲେ।

### ୫୭ ୟୁନିଟ ରକ୍ତ ସଂଗ୍ରହ

ବାଲୁଗାଁ,୨୯।୧(ଡି.ଏନ୍.ଏ.): ବାଲୁଗାଁ ଅଞ୍ଚଳର କଳିଙ୍ଗ ବୈଶ୍ୟ ଯୁବକ ସଂଘ(ପ୍ରଥମ) ଆନୁକୂଲ୍ୟରେ ସ୍ଥାନୀୟ ପାଟଣାସାହି ସ୍ଥିତ ସଂଘର ସଭାଗୃହରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ଏସ୍‌ସିବି ମେଡିକାଲ ବ୍ଲଡ୍ ବ୍ୟାଙ୍କର ଡା. ଟୁନୁ ଭର୍ତ୍ତିଆ, ଟେକ୍ନିସିଆନ ରାମଚନ୍ଦ୍ର ଖଟୁଆ, ରଶ୍ମି ରଞ୍ଜନ ପ୍ରଧାନ, ବିଷ୍ଣୁ ପ୍ରସାଦ ଘୋଷ ଓ ଅମୂଲ୍ୟ କୁମାର ବେହେରା ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ମୋଟ୍ ୫୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଟୁଟୁ ପଟ୍ଟନାୟକ, ଜିତେନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ରକ୍ତଦାନ ଶିବିରକୁ କଳିଙ୍ଗ ବୈଶ୍ୟ ଯୁବକ ସଂଘର ସଭାପତି ଗୌରୀ ପ୍ରସାଦ ସୁବୁଦ୍ଧି, ସମ୍ପାଦକ ଜୟଦେବ ପାତ୍ରଙ୍କ ସମେତ ସଂଘର ସମସ୍ତ ସଭ୍ୟ ଓ ମହିଳା ସଂଘର ସଦସ୍ୟ ପରିଚାଳନା କରିଥିଲେ।

### ଆଇନ ସଚେତନତା ଶିବିର

ବୋଲଗଡ଼,୨୯।୧(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ସାନପଦର ଗ୍ରାମସ୍ଥିତ ଭକ୍ତଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆଇନ ସଚେତନତା ଶିବିର ଓ ଲୋକ ଅଦାଲତ କାର୍ଯ୍ୟକାରିତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ବିଚାରପତି ସୁରେନ୍ଦ୍ର କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଲିଗାଲ ସର୍ଭିସେସ କମିଟି, ସିଭିଲ କୋର୍ଟ ଖୋର୍ଦ୍ଧା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମଶ୍ରେଣୀ ଜୁଡିସିଆଲ ବିଚାରପତି ରାକେଶ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଖୋର୍ଦ୍ଧା ବାର୍ ଆସୋସିଏସନର ସଭାପତି ବିଜୟ ସାମନ୍ତସିଂହାର, ଅଶୋକ ମହାପାତ୍ର, ଝରାଶ୍ରୀ ପାଇକରାୟ, ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ଆଇନଜୀବୀ ବିରଞ୍ଚି ନାରାୟଣ ମହାପାତ୍ର, ମୁରଲୀଧର ସାମନ୍ତରାୟ, ରାଧାକାନ୍ତ ସାମନ୍ତରାୟ, ନିରଞ୍ଜନ ବାଘସିଂ, ତାଲୁକ ଆଇନ ସେବା କମିଟି ସମ୍ପାଦକ ବବି ଶତପଥୀ, ଅଶୋକ ନାୟକ ପ୍ରମୁଖ ଆଇନ ସଚେତନତା କାର୍ଯ୍ୟକ୍ରମର ସ୍ଥାୟୀ ନିରନ୍ତର ଲୋକ ଅଦାଲତ ଓ ତା'ର ବିଭିନ୍ନ ପ୍ରକାର ଆଇନ ସମ୍ପାଦନା ନିମନ୍ତେ କାର୍ଯ୍ୟକାରିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆୟୋଜିତ ସଚେତନତା ସଭାକୁ ଶ୍ରୀକାନ୍ତ ନାୟକ ସଂଯୋଜନା କରିଥିଲେ। ବିଜୟ ସାହୁ ଧନ୍ୟବାଦ ଦେଇଥିଲେ।

# କାମରେ ଲାଗୁନି ଶୌଚାଳୟ, ପରିସ୍ରାଗାର

ଖୋର୍ଦ୍ଧା ଅଫିସ,୨୯।୧

ଦୀର୍ଘ ୩ବର୍ଷ ପରେ ପୌର ନିର୍ବାଚନ ହୋଇଥିଲା। ଖୋର୍ଦ୍ଧା ସହରବାସୀ ସିଧାସଳଖ ଭାବେ ପୌରାଧ୍ୟକ୍ଷା ଓ ୨୨ କାଉନସିଲରଙ୍କୁ ବାଛିଥିଲେ। ଆଶା କରିଥିଲେ, ଏଥର ସେମାନଙ୍କ ସମସ୍ୟା ଦୂର ହେବ ଓ ସହରର ବିକାଶ ଘଟିବ। ମାତ୍ର ସେହି ଆଶା ଧୂଳିସାତ ହୋଇଛି। ଡ୍ରେନ୍ ଓ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିକାଶ ତ୍ୱରାନ୍ୱିତ ହେଉ ନାହିଁ। ପୌର ପ୍ରଶାସନ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇପାରୁନାହିଁ। ସହରରେ ପବ୍ଲିକ ଶୌଚାଳୟଟିଏ ନାହିଁ। ଫଳରେ ଲୋକଙ୍କୁ ହଇରାଣ ହେଉଛନ୍ତି। ପରିସ୍ରାଗାର ନିର୍ମାଣ କରାଯାଇଛି। ତେବେ ଉଦ୍‌ଘାଟନ ପରଠାରୁ ସେଥିରେ ତାଲା ଝୁଲୁଛି।

ସୂଚନା ଅନୁଯାୟୀ, ପୁରୁଣା ବସ୍‌ଷ୍ଟାଣ୍ଡ ପେଟ୍ରୋଲ ପମ୍ପ ନିକଟ ଏବଂ ନୂଆ ବସ୍‌ଷ୍ଟାଣ୍ଡଠାରେ ଦୁଇଟି ଶୌଚାଳୟ ରହିଛି। ତେବେ ଗତ ତିନି ବର୍ଷ ହେବ ଶୌଚାଳୟରେ ତାଲା ଝୁଲୁଛି।







ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ଏହି ଦୁଇ ସ୍ଥାନରେ ବସ୍‌କୁ ଅପେକ୍ଷା କରି ରହୁଥିବା ଯାତ୍ରୀ ଶୌଚ ଲାଗି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂଆ ବସ୍‌ଷ୍ଟାଣ୍ଡରେ ରହିଥିବା ଶୌଚାଳୟ ଚାରିପଟେ ଅନାବନା ଗଛଲତା ଉଠି ଲୁଚିଗଲାଣି। ଶୌଚାଳୟ ପରିତ୍ୟକ୍ତ ଅବସ୍ଥାରେ ଥିବା ବଳେ କୋଠାରେ ଅନାବନା ଗଛଲତା ଉଠିଲାଣି। ସେହିଭଳି ପୁରୁଣା ବସ୍‌ଷ୍ଟାଣ୍ଡ ପେଟ୍ରୋଲ ପମ୍ପ ନିକଟ ଶୌଚାଳୟ ପରିତ୍ୟକ୍ତ ଅବସ୍ଥାରେ ରହିଛି। ତାହା ମୁକ୍ତ ପରିସ୍ରାଗାର ପାଲଟିଛି। ଉଭୟ ବସ୍‌ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରି ରହୁଥିବା ଯାତ୍ରୀଙ୍କୁ ଶୌଚ ଲାଗିଲେ, ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷତଃ ଏ ନେଇ ମହିଳାମାନେ ହଇରାଣ ହେଉଛନ୍ତି। ଗତବର୍ଷ ସହରରେ ପୁରୁଣା ବସ୍‌ଷ୍ଟାଣ୍ଡ, ନୂଆ ବସ୍‌ଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସ ପ୍ରଭୃତି ସ୍ଥାନରେ ପରିସ୍ରାଗାର ଉଦ୍‌ଘାଟନ ହୋଇଥିଲା। ତେବେ ଲୋକଙ୍କ କାମରେ ଲାଗିବା ପରିବର୍ତ୍ତେ ଏଥିରେ ଦୀର୍ଘଦିନ ହେଲା ତାଲା ଝୁଲୁଛି। ସେପଟେ ସ୍ଥାନୀୟ ବ୍ୟବସାୟୀ ଏହାକୁ ନିଜ ବ୍ୟବହାର ଲାଗି ତାଲା ପକାଇ ରଖୁଥିବା କେତେଜଣ ଯାତ୍ରୀ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଚଳିତବର୍ଷ ଆଉ ୩ଟି ପରିସ୍ରାଗାର ଉଦ୍‌ଘାଟିତ ହୋଇଛି। ସେଠାରେ ମଧ୍ୟ ସମାନ ସ୍ଥିତି

**ଲୋକେ ହନ୍ତସନ୍ତ, ସ୍ଥାଣୁ ପାଲଟିଛି କେଏମ୍‌ସି**

ଦେଖିବାକୁ ମିଳିଛି। ଦୁଇବର୍ଷ ବିତିଲାଣି, ପୌର ପ୍ରଶାସନ ଶୌଚାଳୟଟିଏ ନିର୍ମାଣ କରିପାରୁନାହିଁ। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଲୋକଙ୍କୁ ଶୌଚ ପାଇଁ ଏଣେତେଣେ ଧାଇଁବାକୁ ପଡୁଛି। ଏ ନେଇ ଆଇନଜୀବୀ ବସନ୍ତ ଦାସ କହିଛନ୍ତି, ସହରରେ ଦୁଇଟି ଶୌଚାଳୟ ବନ୍ଦ ପଡ଼ିଛି। ଫଳରେ ବାହାରୁ ଆସୁଥିବା ଲୋକେ ପୋଖରୀ ହୁଡ଼ା ପାଖେ ଖୋଲାରେ ମଳତ୍ୟାଗ କରିବାକୁ ବାଧ ହେଉଛନ୍ତି। ଅନ୍ୟପକ୍ଷରେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି କହିଛନ୍ତି, ନୂଆବସ୍‌ଷ୍ଟାଣ୍ଡ ଓ ପୁରୁଣା ବସ୍‌ଷ୍ଟାଣ୍ଡର ଶୌଚାଳୟ ପୁନରୁଦ୍ଧାର ପାଇଁ ଖୁବ୍‌ଶୀଘ୍ର ଟେଣ୍ଡର କରାଯିବ। ସେହିପରି ସହରାଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷର ଚେୟାରମ୍ୟାନ ଦିଗନ୍ତ ରାଉତରାୟ କହିଛନ୍ତି, ପୌର ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ।

### ବିଦ୍ୟାଳୟର ବାର୍ଷିକୋତ୍ସବ

କୃଷ୍ଣପ୍ରସାଦ,୨୯।୧(ଡି.ଏନ୍.ଏ.)

କୃଷ୍ଣପ୍ରସାଦ ପଞ୍ଚାୟତ ପାରିକୁଦ ସରସ୍ୱତୀ ଶିଶୁ ମନ୍ଦିରର ବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ସରପଞ୍ଚ ଇତିଶ୍ରୀ ସିଂହ ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା ସମିତି ସଭାନେତ୍ରୀ ବବି ସିଂହଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ହୋଇଥିଲା। ମୁଖ୍ୟ ଅତିଥିଭାବେ କୃଷ୍ଣପ୍ରସାଦ ଆଇଆଇସି ଶରତ ନାୟକ, ମୁଖ୍ୟ ବକ୍ତା ନୀଳକଣ୍ଠ ତ୍ରିପାଠୀ, ସମ୍ମାନିତ ଅତିଥି ଅଶୋକ ପଣ୍ଡା, ଲକ୍ଷ୍ମଣ ଚନ୍ଦ୍ର ପ୍ରଧାନ, ରୀତାଞ୍ଜଳି ସିଂହ, ବବୁଲ ପଲେଇ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରାଜ କିଶୋର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ପ୍ରଧାନ ଆଚାର୍ଯ୍ୟ ସୁକାନ୍ତ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଖେଳକୁଦ ଏବଂ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସୁଶାନ୍ତ ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଖୁକୁନ ଦଣ୍ଡସେଣାଙ୍କ ସମେତ ଗୁରୁମା' ଗୁରୁଜୀମାନେ ଉତ୍ସବ ପରିଚାଳନା କରିଥିଲେ। ସୁକାନ୍ତ ବେହେରାଙ୍କ ରଚନା ଏବଂ ନିର୍ଦ୍ଦେଶନାରେ ଏକାଙ୍କିକା 'ମାମୁନି ଆଖିରେ ଲୁହ' ମଞ୍ଚସ୍ଥ ହୋଇଥିଲା।

# ଅନୁସନ୍ଧାନ କଲା ବନବିଭାଗ ଟିମ୍



ବିନ୍ଧ୍ୟଗିରି ପାହାଡ଼ ତଳି ଅଞ୍ଚଳରେ ବନ ବିଭାଗ କର୍ମଚାରୀମାନେ ଅନୁସନ୍ଧାନ କରୁଛନ୍ତି।

ବୋଲଗଡ଼,୨୯।୧(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ସାନପଦର ପଞ୍ଚାୟତର ରାସୋଳ ଗ୍ରାମ ଉପକଣ୍ଠରେ ଥିବା ବିନ୍ଧ୍ୟଗିରି ପାହାଡ଼ ତଳି ଅଞ୍ଚଳରେ ଶନିବାର ୬ଟି ଛେଳିଙ୍କ ମୃତ୍ୟୁ ହୋଇଥିବା ବେଳେ ୧୧ ଛେଳିଙ୍କ ସନ୍ଧାନ ମିଳୁନାହିଁ। ତେବେ ବାଘ ଆକ୍ରମଣରେ ଛେଳିଙ୍କ ମୃତ୍ୟୁ ହୋଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଥିଲା। ଖବରପାଇ ରବିବାର ବନ ବିଭାଗର ଏକ ୧୪ଜଣିଆ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ଏହି ଟିମ୍‌ରେ ବୋଲଗଡ଼ ବନପାଳ ପ୍ରଦୀପ୍ତ କୁମାର ପଟ୍ଟନାୟକ,

**ବିନ୍ଧ୍ୟଗିରି ଅଞ୍ଚଳରେ ବାଘ ଚର୍ଚ୍ଚା ଘଟଣା**

ବେଗୁନିଆ ବନପାଳ ପ୍ରିୟଦର୍ଶିନୀ ସେଠୀ ଓ ଦୁଇ ବନରକ୍ଷୀଙ୍କ ସହିତ ୧୦ଜଣ ସାମିଲ ଥିଲେ। ଅନୁସନ୍ଧାନ ସତ୍ତ୍ୱେ ବାଘ ଥିବାର କୌଣସି ପ୍ରାମାଣିକ ପଦଚିହ୍ନ ମିଳିପାରିନାହିଁ। ଛେଳି ମରିଥିବା ସ୍ଥାନରେ କେବଳ ରକ୍ତ ପଡିଥିବା ଦେଖିବାକୁ ମିଳିଛି। ବିଭାଗ ପକ୍ଷରୁ ଅନୁସନ୍ଧାନ ଜାରି ରହିଛି ବୋଲି ବୋଲଗଡ଼ ବନପାଳ ପଟ୍ଟନାୟକ କହିଛନ୍ତି। ପ୍ରକାଶ ଯେ, ଗ୍ରାମର ଭାଗୀରଥି ଜୟସିଂହ ୩୦ ଛେଳି ନେଇ ପାହାଡ଼ ତଳି ଅଞ୍ଚଳରେ ଚରାଉଥିଲେ। ଶନିବାର ଅପରାହ୍ନ ସାଢେ ୪ଟାରେ ଦୁଇଟି କଲରାପତରିଆ ବାଘ ହଠାତ୍ ଛେଳିଙ୍କୁ ଆକ୍ରମଣ କରିଥିବା ନେଇ ଭାଗୀରଥି ସେଠାରୁ ଆସି ଗ୍ରାମରେ ଜଣାଇଥିଲେ। ଗ୍ରାମବାସୀ ପହଞ୍ଚି ୪ ମୃତ ଛେଳିଙ୍କୁ ଉଦ୍ଧାର କରିଥିଲେ। ୨ଟି ଛେଳିକୁ ଘୋଷାରି ପାହାଡ଼ ଉପରକୁ ବାଘ ନେଇଯାଇଥିବା ଗ୍ରାମବାସୀ କହିଥିଲେ। ୧୩ଛେଳି ଉଦ୍ଧାର ହୋଇଥିବା ବେଳେ ସନ୍ଧ୍ୟା ହୋଇଯିବାରୁ ପାହାଡ଼ ଅଞ୍ଚଳରୁ ଅନ୍ୟ ଛେଳିଙ୍କୁ ଉଦ୍ଧାର କରାଯାଇପାରି ନ ଥିଲା। ଏନେଇ ବୋଲଗଡ଼ ବନପାଳ ପଟ୍ଟନାୟକଙ୍କୁ ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ ସୂଚନା ଦେଇଥିଲେ।

### ଶବ ସଂରକ୍ଷିତ ବାକ୍ସ ପ୍ରଦାନ

ଜଟଣୀ,୨୯।୧(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳ ସେଣ୍ଟ୍ରାଲ ବ୍ୟାଙ୍କ ନିକଟ ଖ୍ରୀଷ୍ଟିଆନ ବୁରିଆଲ ସୋସାଇଟିକୁ ଏକ ଭ୍ରାମ୍ୟମାଣ ଶୀତତାପ ନିୟନ୍ତ୍ରିତ ଶବ ସଂରକ୍ଷିତ ବାକ୍ସ ପ୍ରଦାନ କରାଯାଇଛି। ବିଶାଖାପାଟଣାସ୍ଥିତ ଓଝା ଏଣ୍ଟରପ୍ରାଇଜର ମାଲିକ ରାଜେଶ କୁମାର ଓଝା ଉକ୍ତ ବାକ୍ସକୁ ପ୍ରଦାନ କରିଛନ୍ତି। ଜଟଣୀ ସହର ଓ ଆଖପାଖ ଗ୍ରାମର ଲୋକେ ଉକ୍ତ ବାକ୍ସରେ ଶବକୁ ସମ୍ପର୍କୀୟମାନେ ଆସିବା ପର୍ଯ୍ୟନ୍ତ ରଖିପାରିବେ। ଏହା ସୋସାଇଟିର ଦ୍ୱିତୀୟ ସଂରକ୍ଷିତ ବାକ୍ସ ବୋଲି ସଭାପତି ଏସ୍. ଜନ କହିଛନ୍ତି। ଏହି ସେବା ଆବଶ୍ୟକ କରୁଥିବା ବ୍ୟକ୍ତିମାନେ ସମ୍ପାଦକ ଭିଡିପି ଜୋସେଫଙ୍କ ମୋବାଇଲ ନମ୍ବର ୯୪୩୮୨୯୬୬୨୬ରେ ଯୋଗାଯୋଗ କରିପାରିବେ। କେବଳ ଗାଡ଼ିରେ ନେବା ଆଣିବା ବାବଦ ସ୍ୱଳ୍ପ ଖର୍ଚ୍ଚ ଦେବାକୁ ହେବ ବୋଲି ସୋସାଇଟି ପକ୍ଷରୁ ସୂଚନା ଦିଆଯାଇଛି। ସାମୁଏଲ ପ୍ରଧାନଙ୍କ ନେତୃତ୍ୱରେ ଉକ୍ତ ବାକ୍ସକୁ ଓଝା ଏଣ୍ଟରପ୍ରାଇଜେସ୍‌ଠାରୁ ଗ୍ରହଣ କରାଯାଇଛି।

### ବିଦ୍ୟାର୍ଥୀଙ୍କ ପ୍ରତିଭାକୁ ପ୍ରତିପାଦିତ କରେ ପୁରସ୍କାର




ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବୋଲଗଡ଼,୨୯।୧(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ସାନପଦର ଗ୍ରାମସ୍ଥିତ ଭକ୍ତଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ୪୧ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟ ପରିସରରେ ଶିକ୍ଷାବିତ୍ ରାଜକିଶୋର ବ୍ରହ୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ, ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ଖଟେଇ, ବିଦ୍ୟାଳୟ ସଭାପତି ପ୍ରଶାନ୍ତି ମହାପାତ୍ର, ସମିତିସଭ୍ୟ ଦିଲୀପ ମହାପାତ୍ର, ରାମଚନ୍ଦ୍ର ନାୟକ, ସୁରେଶ ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆୟୋଜିତ ସଭା ଓ କାର୍ଯ୍ୟକ୍ରମକୁ ଶିକ୍ଷକ ଶ୍ରୀକାନ୍ତ କୁମାର ନାୟକ ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଦୁର୍ଗାଚରଣ ସୁବୁଦ୍ଧି, ଅଶୋକ କୁମାର ନାୟକ, ସାନନ୍ଦ କୁମାର ସାହୁ, ବିଭୂତି ଭୂଷଣ ଦଳାଇ, ପ୍ରଦୀପ ବେହେରା,ସସ୍ମିତା ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ଓ ମୋ ସ୍କୁଲ କମିଟିର ସଦସ୍ୟମାନେ ପରିଚାଳନା କରିଥିଲେ। ଶିକ୍ଷକ ବିଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### ସ୍ମୃତି ସାଉଁଟିଲେ ପୁରାତନ ଛାତ୍ରୀ

ଖୋର୍ଦ୍ଧା ଅଫିସ,୨୯।୧

ଗୁରୁଜଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୪ ମସିହା ଦଶମ ଶ୍ରେଣୀ ବ୍ୟାଚର ପୁରାତନ ଛାତ୍ରୀମାନଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଥିଲା। ଛାତ୍ରମାନେ ସ୍କୁଲ ଜୀବନର ସ୍ମୃତିକୁ ସାଉଁଟିଥିଲେ। ଢେଙ୍କାନାଳ, ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା, କଟକ, ନୟାଗଡ଼ ଆଦି ଅଞ୍ଚଳରେ ରହୁଥିବା ସସ୍ମିତା ଷଡ଼ଙ୍ଗୀ, ବନ୍ଦନା ସରଣ, ରଶ୍ମିତା ପରିଡ଼ା, ଭାଗ୍ୟଲକ୍ଷ୍ମୀ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ପ୍ରଧାନ, ତପସ୍ୱିନୀ ସାହୁ, କୁନ୍ତଳତା ଭୂୟାଁ, ଧରିତ୍ରୀ ମିଶ୍ରଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ଛାତ୍ରୀ ଯୋଗଦେଇ ଥିଲେ।

### ଛତିଶଗଡ଼ର ବାଛେଲି କ୍ଲବ ବିଜୟୀ

ଟାଙ୍ଗୀ(ଖୋର୍ଦ୍ଧା),୨୯।୧(ଡି.ଏନ୍.ଏ.)

**ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ସ୍ଥାନୀୟ ଚିଲିକା ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ରବିବାର ଛତିଶଗଡ଼ର ବାଛେଲି କ୍ଲବ ୧-୦ ଗୋଲରେ ସିକନ୍ଦରାବାଦ କ୍ଲବକୁ ହରାଇ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ରାଜୁ ମହାନ୍ତି, ବିଦେଶୀ ବେହେରା, ଅଶୋକ କୁମାର କହଁର ଓ ତନୋଜ ଶ୍ରୀଚନ୍ଦନ ମ୍ୟାଚ ପରିଚାଳନା କରିଥିଲେ। ଅତିଥିଭାବେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଡେପୁଟି ସେକ୍ରେଟାରି ଫଣିଭୂଷଣ ରଥ, ପରିବହନ ବିଭାଗର ଆସିଷ୍ଟାଣ୍ଟ କମିଶନର ପ୍ରଦୀପ କୁମାର ମହାନ୍ତି, ସମିତି ସଭ୍ୟା କସ୍ତୁରୀ ପାଣିଗ୍ରାହୀ, ଝଡ଼ ପ୍ରିୟଦର୍ଶୀ, ଡା. ମଧୁସୂଦନ ସେନାପତି, ସଭାପତି କିଶୋର କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ।

# ୭୭୬ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଖୋର୍ଦ୍ଧା ଅଫିସ,୨୯।୧

ରୋଟାରୀ କ୍ଲବ୍ ଖୋର୍ଦ୍ଧା ଶାଖା ଆନୁକୂଲ୍ୟରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ମେଗା ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ରୋଟାରିଆନ୍ ତଥା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ମୁଖ୍ୟଅତିଥି ଭାବେ ମଞ୍ଚାସୀନ ଥିଲେ। ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ବିଜେବି ହାଇସ୍କୁଲ ପ୍ରଧାନଶିକ୍ଷକ ଏସ୍. ଗୌହର ଅଲ୍ଲୀ, କ୍ଲବ୍ ସଭାପତି ଶୌର୍ଯ୍ୟ ରଞ୍ଜନ ମହାନ୍ତି, ସମ୍ପାଦକ ରୁଦ୍ରନାଥ ଦତ୍ତ, ଇନ୍‌ରହୁଇଲ୍ କ୍ଲବ ସଭାପତି ଭାରତୀ ମିଶ୍ର, ସମବାୟ ସଭାପତି ଅଭିଶେଖ ସିଂହସାମନ୍ତ, ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଶିବିରରେ ମଧୁମେହ, ଉଚ୍ଚ ରକ୍ତଚାପ, ହୃଦରୋଗ, ଚର୍ମରୋଗ, ଫିଜିଓ, କର୍ଣ୍ଣ, ନାସା, ଗଳା, ମାନସିକ ରୋଗର ଚିକିତ୍ସା କରାଯାଇ ଔଷଧ ଦିଆଯାଇଥିଲା। ମୋଟ ୭୭୬ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ଭୁବନେଶ୍ୱରର ବିଭିନ୍ନ ଘରୋଇ ହସ୍‌ପିଟାଲ୍‌ର ଅଭିଜ୍ଞ ଡ଼ାକ୍ତର ଦ୍ୱାରା ଚିକିତ୍ସା କରାଯାଇଥିଲା। ସ୍ଥାନୀୟ ନର୍ସିଂ ସ୍କୁଲର ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରୋଟାରିଆନ ଦେବ ପ୍ରସାଦ ମଜୁମଦାର, ଡା. ଅମୀୟ ଜେନାମଣି, ଡା. ସୁଶିଲ ଦାସ, ମନୋଜ ପ୍ରଧାନ, ସବ୍ୟସାଚୀ ଚକ୍ରବର୍ତ୍ତୀ, ଓଡ଼ିଶା ମୋ ପରିବାର ସମ୍ପାଦକ ରୁଦ୍ରନାରାୟଣ ସାମନ୍ତରାୟ, ବିଶ୍ୱଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପଞ୍ଚାୟତ ସ୍ତରରେ ମାଗଣା ସ୍ୱାସ୍ଥ୍ୟ ଶିବିର କରାଯିବ। ସ୍ୱାସ୍ଥ୍ୟସେବା ଲୋକଙ୍କ ନିକଟରେ ପହଞ୍ଚିବ ବୋଲି ରୋଟାରୀ ସମ୍ପାଦକ ଦତ୍ତ କହିଥିଲେ।




କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଏବଂ ଅନ୍ୟ ଅତିଥି।

**ମୋଟା ପ୍ରିମିୟର କ୍ରିକେଟ ଲିଗ୍**

# ଟିମ୍ ଉଇପର ଚାମ୍ପିୟନ




ଅତିଥିଙ୍କ ଗହଣରେ ଖେଳାଳିଙ୍କ ସହ ଅନ୍ୟମାନେ।

ଖୋର୍ଦ୍ଧା ଅଫିସ/ନିରାକାରପୁର, ୨୯।୧(ଡି.ଏନ୍.ଏ.)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ମୋଟା ଗ୍ରାମରେ ଚାଲିଥିବା ମୋଟା ପ୍ରିମିୟର କ୍ରିକେଟ ଲିଗ ମ୍ୟାଚ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗୋଡିପଡା ପଞ୍ଚାୟତର ବିଭିନ୍ନ ଗ୍ରାମର କ୍ରିକେଟ ଖେଳାଳିଙ୍କୁ କ୍ରୟ କରାଯାଇ ଏହି ଟୁର୍ଣ୍ଣାମେଣ୍ଟ ଚାରିଦିନ ବ୍ୟାପୀ ଚାଲିଥିଲା। ରବିବାର ଫାଇନାଲ ମ୍ୟାଚ ଟିମ ଉଇପର ଏବଂ ଏମ୍‌ସିଜି ଷ୍ଟାର-୧୧ ମଧ୍ୟରେ ହୋଇଥିଲା। ଏମ୍‌ସିଜି ଷ୍ଟାର-୧୧ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୫ ଓଭରରେ ଏମ୍‌ସିଜି ଷ୍ଟାର-୧୧ ଟିମ୍ ୮ ଉଇକେଟ ବିନିମୟରେ ୮୭ ରନ ସଂଗ୍ରହ କରିଥିଲା। ଜବାବରେ ଟିମ୍ ଉଇପର ୧୪.୫ ଓଭରରେ ୫ ଉଇକେଟ ବିନିମୟରେ ୮୮ ରନ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥିଭାବେ ରାଜ୍ୟ ମହିଳା ବିଜୁ ଜନତା ଦଳ ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ ଚାମ୍ପିୟନ ଓ ରନରଅପ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ଗୋଡିପଡା ସରପଞ୍ଚ ସୁଶାନ୍ତ କୁମାର ରଣସିଂହ ଯୋଗଦେଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ଉଇପର ଦଳର ପ୍ରତ୍ୟୁଷ ରଣସିଂହ ବିବେଚିତ ହୋଇଥିଲେ। ଦୀପେଶ ରଣସିଂହ, ଆଲୋକ ଭାରିମଲ, ଚିତ୍ତରଞ୍ଜନ ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ବିକାଶ ପଟ୍ଟନାୟକ, ବିନାୟକ ଉମେଶ ରାୟ, ଆକାଶ ମହାରଣା, ସୌମ୍ୟ ରଞ୍ଜନ ପ୍ରଧାନ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହାୟତା କରିଥିଲେ।

# ରାମଚଣ୍ଡୀ କପ୍ ଜିତିଲା ଖଙ୍ଗୁରିଆ

ବୋଲଗଡ଼,୨୯।୧(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ଗ୍ରାମ ମା'ରାମଚଣ୍ଡୀ କ୍ରିକେଟ କ୍ଲବ ପକ୍ଷରୁ ବଡ଼ତୋଟା ଖେଳପଡିଆରେ ଚାଲିଥିବା ଟୁର୍ଣ୍ଣାମେଣ୍ଟର ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ରାମଚଣ୍ଡୀ କ୍ଲବ ଖଙ୍ଗୁରିଆ ଓ ନୋତର କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ନୋତର କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୪.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୪୯ ରନ ସଂଗ୍ରହ କରିଥିଲା। ଜବାବରେ ଆୟୋଜକ ଖଙ୍ଗୁରିଆ ଟିମ୍ ୬.୫ ଓଭରରେ ୬ ଉଇକେଟ ବିନିମୟରେ ୫୦ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଜୟନ୍ତ ମହାରଣା ଓ ଚିନ୍ମୟ ଇନ୍ଦ୍ରଜିତ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ବଡ଼ବେରେଣା ସରପଞ୍ଚ ଅସିତ କୁମାର ତ୍ରିପାଠୀ, ସାମାଜିକ କର୍ମୀ ରତ୍ନାକର ଜେନା, ଖବରଦାତା ନିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ କପ୍ ସହ ୧୦ହଜାର ଟଙ୍କା ଓ ରନରଅପ ଟିମ୍‌କୁ କପ୍ ସହ ୭ହଜାର ଟଙ୍କା ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ଫାଇନାଲ, ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ, ବେଷ୍ଟ ବ୍ୟାଟ୍ସମ୍ୟାନ, ବେଷ୍ଟ ବୋଲର ଓ ଅନ୍ୟାନ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ କ୍ଲବର ସଦସ୍ୟ ରତ୍ନାକର, ପ୍ରଦୀପ, ସୁବାସ, ବବୁଲ, ଚନ୍ଦନ, ଅନିଲ, ସୋନୁ, ସିପୁ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

## ସଂକ୍ଷେପରେ

### ଗ୍ରୀନ ୱାର୍ଲ୍ଡ ଅଧ୍ୟକ୍ଷ ସମ୍ମାନିତ



ଭୁବନେଶ୍ୱର, ୨୯।୧ (ବ୍ୟୁରୋ)- ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୭ତମ ଜନ୍ମ ବାର୍ଷିକୀ ଅବସରରେ ଓଡ଼ିଶା ୟୁନିୟନ ଅଫ୍ ୱାର୍କିଂ ଜର୍ନାଲିଷ୍ଟ ଏବଂ ସମର କ୍ରାନ୍ତି ସେନା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରୀନ ୱାର୍ଲ୍ଡ ଅନୁଷ୍ଠାନର ଅଧ୍ୟକ୍ଷ ନୃପେଶ ନାୟକଙ୍କୁ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ସହରକୁ ସବୁଜ ସୁନ୍ଦର ସହର ଭାବେ ଗଢି ତୋଳିବା କ୍ଷେତ୍ରରେ ଗ୍ରୀନ୍ ୱାର୍ଲ୍ଡ ଅନୁଷ୍ଠାନ ସର୍ବଦା କାର୍ଯ୍ୟ କରି ଆସୁଛି। ଇତି ମଧ୍ୟରେ ନୃପେଶ ୧ଲକ୍ଷରୁ ଊର୍ଦ୍ଧ୍ୱ ଚାରା ରୋପଣ ସହ ସହରର ବିଭିନ୍ନ ସ୍ଥାନ ଏବଂ ଉପାନ୍ତ ଅଞ୍ଚଳରେ ଲଗାଇଛନ୍ତି। ସେହିପରି ଚାରା ଲଗାଇବା ସହ ଏହାର ରକ୍ଷଣାବେକ୍ଷଣ ନିମନ୍ତେ ଲୁହା ବାଡ଼ ଏବଂ ଅନ୍ୟାନ୍ୟ ଆବଶ୍ୟକତାକୁ ଦୃଷ୍ଟି ଦିଆଯାଇ ପଦକ୍ଷେପ ଗ୍ରହଣ କରାଯାଉଛି। ଏନେଇ ନୃପେଶ କହିଛନ୍ତି, କେବଳ ସହର ନୁହେଁ ଆମ ଆଖପାଖ ପରିବେଶକୁ ସବୁଜିମାରେ ପରିଣତ କରିବା ଆବଶ୍ୟକ। ବୃକ୍ଷ ହିଁ ଜୀବନ। ତେଣୁ ବୃକ୍ଷରୋପଣ ବା ଏହାର ସୁରକ୍ଷା କରିବା ଦିଗରେ ଆମ ସମସ୍ତଙ୍କୁ ଆଗେଇ ଆସିବା ଦରକାର। ଅନୁଷ୍ଠାନ ଦ୍ୱାରା ସହରକୁ ସବୁଜିମାରେ ପରିଣତ କରିବାରେ ୮୦ପ୍ରତିଶତ ସଫଳତା ହାସଲ କରିଛୁ। ବୃକ୍ଷ ରୋପଣ ସହିତ କୋଣାର୍କଠାରେ ସେ ଏକ ବାର୍ଡ ସେଞ୍ଚୁରୀ ମଧ୍ୟ ନିର୍ମାଣ କରିଛନ୍ତି। ଯାହାକୁ ଦେଖିବାକୁ ଦେଶ ବିଦେଶର ପର୍ଯ୍ୟଟକମାନେ ସେଠାକୁ ଯାଉଛନ୍ତି।

### ଲକ୍ଷ୍ମୀ ବଜାର ବ୍ୟବସାୟୀ ସଂଘର ସଭାପତି ହେଲେ ତାରକ ମହାନ୍ତି

ଭୁବନେଶ୍ୱର, ୨୯।୧ (ବ୍ୟୁରୋ)- ନୀଳାଦ୍ରି ବିହାର ସେକ୍ଟର୧ ସ୍ଥିତ ଲକ୍ଷ୍ମୀ ବଜାର ବ୍ୟବସାୟୀ ସଂଘର ସଭାପତି ଭାବେ ସାମ୍ବାଦିକ ତଥା କବି ତାରକ ମହାନ୍ତି ନିର୍ବାଚିତ ହୋଇଛନ୍ତି। ରବିବାର ନୀଳାଦ୍ରି ବିହାର ସେକ୍ଟର-୧ ଛକ ଠାରେ ସଂଘର ମାସିକିଆ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ପୂର୍ବତନ ସଭାପତି ପ୍ରଭାତ କୁମାର ପଟ୍ଟନାୟକ ଓ ସମ୍ପାଦକ ତାପସ କୁମାର ସାହୁ ତାରକଙ୍କ ନାମ ସଭାପତି ଭାବେ ଘୋଷଣା କରିଥିଲେ। ଏହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଆଗାମୀ ଦିନରେ ବ୍ୟବସାୟୀ ମାନଙ୍କର ସୁବିଧା ଅସୁବିଧା ବୁଝିବା ସହିତ ବଜାରର ଉନ୍ନତି ପାଇଁ କାର୍ଯ୍ୟ କରିବି ବୋଲି ନବନିର୍ବାଚିତ ସଭାପତି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ କାର୍ଯ୍ୟକାରୀ ସଦସ୍ୟ ଭାବେ ୧୧ ଜଣଙ୍କୁ ମନୋନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସଭ୍ୟ ଅକ୍ଷୟ କୁମାର ନାୟକ, କାଳନ୍ଦୀ ଚରଣ ଦାଶ, ହିମାଂଶୁ ଶେଖର ସାହୁ, ସୁଶାନ୍ତ କୁମାର ରଥ, ଦ୍ୱିତୀକୃଷ୍ଣ ପଣ୍ଡା, ବାବୁଲି ନାୟକ, ସୁଶାନ୍ତ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ରତିକାନ୍ତ ମହାନ୍ତିଙ୍କ ସମେତ ବଜାରର ସମସ୍ତ ସଭ୍ୟମାନେ ଉପସ୍ଥିତ ଥିଲେ।

### ଏକାଡେମୀ ପୁରସ୍କାର ନେଇ ରାଜ୍ୟପାଳଙ୍କୁ ଫେରାଦ

ପୁରୀ ଅଫିସ, ୨୯।୧: ସରକାରଙ୍କ ଅଜାଣତରେ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏକାଡେମୀ ପୁରସ୍କାର ବିଜ୍ଞପ୍ତିରେ ଉଦ୍ଭଟ ପ୍ରସ୍ତାବ ଓଡ଼ିଶାର ଶହ ଶହ ସାହିତ୍ୟିକଙ୍କୁ ମାନସିକ ଆଘାତ ଦେଇଛି ବୋଲି ଜାତୀୟ ଗୀତିକାର ସଂଘର ପୂର୍ବାଞ୍ଚଳ ଶାଖା ସମ୍ପାଦକ ବଦ୍ରି ମିଶ୍ର ରାଜ୍ୟପାଳଙ୍କ ପାଖରେ ଫେରାଦ ହୋଇଛନ୍ତି। ଆଇଏସ୍‌ବିଏନ୍ ଭଳି ବିବାଦୀୟ କଥାକୁ ସାହିତ୍ୟ ଏକାଡେମୀ ପୁରସ୍କାର ବିଜ୍ଞପ୍ତିରେ ଯୋଡ଼ାଯିବା ଏକ ଉଦ୍ଭଟ ପରିକଳ୍ପନା। ଏହାଦ୍ୱାରା ସାହିତ୍ୟିକ, ପୁରସ୍କାର ବିଚାର ପାଇଁ ଅଯୋଗ୍ୟ ହେବେ ବୋଲି ମିଶ୍ର କହିଛନ୍ତି।

# ସତ୍ତା ହରାଇଲା ମୁକ୍ତାକାଶ ଭାସ୍କର୍ଯ୍ୟ ସଂଗ୍ରହାଳୟ

**ଦେଶର ପ୍ରଥମ ଇଣ୍ଟରନ୍ୟାଶନାଲ ଆର୍ଟ ସିମ୍ପୋଜିୟମ୍ ଏବେ...**

- ବିଡିଏ ଓ ବିଏମ୍‌ସି ମଧ୍ୟରେ ସମନ୍ୱୟ ରହୁନି
- ବରବାଦ ହେଉଛି କୋଟି କୋଟି ଟଙ୍କା
- ଉଠିଲା ପ୍ରଶ୍ନ, କାର୍ଯ୍ୟାନୁଷ୍ଠାନ ଦାବିକଲେ ଅଞ୍ଚଳବାସୀ

ଭୁବନେଶ୍ୱର, ୨୮।୧ (ବ୍ୟୁରୋ)

ଭୁବନେଶ୍ୱରକୁ ଏକ ନିଆରା ସହର ଭାବେ ଗଢି ତୋଳିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବିଭିନ୍ନ ଯୋଜନା ହାତକୁ ନିଆଯାଉଛି। ହେଲେ ସମନ୍ୱୟ ଓ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ପ୍ରକଳ୍ପ ମାଟିରେ ମିଶୁଛି। ପୁଣି ଭିତ୍ତିଭୂମିର ସମୀକ୍ଷା ନ କରି ପ୍ରକଳ୍ପ କାର୍ଯ୍ୟକାରୀ କରିବା ଫଳରେ ପରବର୍ତ୍ତୀ ସମୟରେ କୋଟି କୋଟି ଟଙ୍କା ବରବାଦ କରାଯାଉଛି। କଳିଙ୍ଗନଗର ଅଞ୍ଚଳରେ ଗଢ଼ିଉଠିଥିବା ଦେଶର ସର୍ବପ୍ରଥମ ଇଣ୍ଟରନ୍ୟାଶନାଲ ପବ୍ଲିକ୍ ଆର୍ଟ ସିମ୍ପୋଜିୟମ୍ 'ମୁକ୍ତାକାଶ ଭାସ୍କର୍ଯ୍ୟ ସଂଗ୍ରହାଳୟ' କ୍ଷେତ୍ରରେ ଠିକ୍ ଏପରି ଘଟିଛି। ୫ଏକର ଜାଗାରେ ପ୍ରାୟ ୫ କୋଟି ଟଙ୍କା ବ୍ୟୟରେ ତିଆରି ହୋଇଥିବା ଏହି ସଂଗ୍ରହାଳୟ ଦୀର୍ଘଦିନ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିଲା। ଆବର୍ଜନାରୁ ପ୍ରସ୍ତୁତ କଳାକୃତି ପୁଣିଥରେ ଆବର୍ଜନାରେ ପରିଣତ ହେବା ପରେ ଏହାକୁ ବିଏମ୍‌ସି କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ଫଳରେ ଏହା ଏବେ ନିଜର ସତ୍ତା ହରାଇଛି। ତେବେ ଏଠାରେ ଉଭୟ ବିଡିଏ ଓ ବିଏମ୍‌ସି ମଧ୍ୟରେ ସମନ୍ୱୟର ଅଭାବ ଦେଖିବାକୁ ମିଳିଛି। ୨୦୧୮ରେ ବିଡିଏ ଓ ଆର୍ଟିଷ୍ଟ ନେଟ୍‌ୱର୍କ ପ୍ରମୋଟିଙ୍ଗ୍ ଇଣ୍ଡିଆନ୍ କଲ୍‌ଚର (ଆନ୍‌ପିକ୍)ର ମିଳିତ ସହଯୋଗରେ ଏହି ମୁକ୍ତାକାଶ ସଂଗ୍ରହାଳୟର ଶୁଭାରମ୍ଭ ହୋଇଥିଲା। ତେବେ ଉଦ୍‌ଘାଟନର ମାତ୍ର କିଛି ଦିନ ମଧ୍ୟରେ ଏହାର ରକ୍ଷଣାବେକ୍ଷଣ ଦିଗରେ ଗୁରୁତ୍ୱ ଦିଆଯାଇ ନ ଥିଲା। ବିଡିଏ ଜମିରେ ଏହାର ପରିଚାଳନା ଓ ଖର୍ଚ୍ଚ ଆନ୍‌ପିକ୍ ସଂସ୍ଥା କରିଥିଲା। ସମ୍ପୃକ୍ତ ଅଞ୍ଚଳ ଉପରେ ୩୩ କେଭିର ବିଦ୍ୟୁତ୍ ତାର ରହିଥିବାରୁ ସେଠାରେ ଲୋକ ଚଳପ୍ରଚଳ ହେବାକୁ ଓପିଟିସିଏଲ୍ ବାରଣ କରିଥିବାରୁ ଉକ୍ତ ଅଞ୍ଚଳରେ ଲୁହା ନିର୍ମିତ ଭାସ୍କର୍ଯ୍ୟ ରଖାଯିବ ନାହିଁ କହି ବିଡିଏ ଅଧିକାରୀ ଦୋଷ ଖସାଇଥିଲେ। ଏଭଳି ଏକ ସମ୍ବେଦନଶୀଳ ସ୍ଥାନରେ ବିଡିଏ ଲୁହା ଓ ଅନ୍ୟାନ୍ୟ ବର୍ଜ୍ୟ ବସ୍ତୁରେ ନିର୍ମିତ ପାର୍କ ପାଇଁ କିପରି ଅନୁମତି ଦେଲା ପ୍ରଶ୍ନର ଉତ୍ତର ମିଳି ନ ଥିବାବେଳେ ଏବେ ଉକ୍ତ ଜମିରେ ନୂଆ ପ୍ରସଙ୍ଗ ମୁଣ୍ଡ ଟେକିଛି। ଗତ କିଛିଦିନ ହେବ ବିଏମ୍‌ସି ପକ୍ଷରୁ ମୁକ୍ତାକାଶ ବ୍ୟାୟାମଶାଳା ଓ ପାର୍କ ପ୍ରସ୍ତୁତ କରାଯାଉଥିବା ଦେଖିବାକୁ ମିଳିଥିଲା। ତେବେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପୂର୍ବରୁ ଅଧାରେ ବନ୍ଦ କରିଦିଆଯାଇଥିଲା। ବିଏମ୍‌ସିର ଏହି କାର୍ଯ୍ୟ ଉପରେ ବିଡିଏ ରୋକ୍ ଲଗାଇଥିବା ବିଡିଏର ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର (ଡିଭିଜନ-୩) ଅମ୍ବିକା ପ୍ରସାଦ ମହାନ୍ତି ସୂଚନା ଦେଇଛନ୍ତି। ନିଜ ପ୍ଲାନିଂ ଅନୁସାରେ ଏଠାରେ ବିଡିଏ ପାର୍କ ପ୍ରସ୍ତୁତ କରିବାକୁ ଯାଉଥିବା ସେ କହିଛନ୍ତି। ବିଏମ୍‌ସି ପକ୍ଷରୁ ଏହି ଜମିରେ ବର୍ତ୍ତମାନ ସୁଦ୍ଧା ପାଥ୍ ୱେ ତିଆରି କରାଯାଇଛି। ତେବେ ବିଡିଏ ଯଦି ଏ ପାର୍କର ପ୍ଲାନିଂରେ ପରିବର୍ତ୍ତନ କରେ, ତେବେ ଏଥିରେ ଖର୍ଚ୍ଚ ହୋଇଥିବା ଅର୍ଥ ମଧ୍ୟ ପାଣିରେ ପଡ଼ିବ। ଅନ୍ୟପଟେ ନୂଆ କରି ଆରମ୍ଭ ହୋଇଥିବା ପ୍ରକଳ୍ପର ସ୍ଥାୟିତ୍ୱ ଉପରେ ଅଞ୍ଚଳବାସୀ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସରକାରଙ୍କ ଅର୍ଥକୁ ଏପରି ବାରମ୍ବାର ପ୍ରକଳ୍ପ ବଦଳାଇ ବରବାଦ କରୁଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ ଦୀର୍ଘସ୍ଥାୟୀ ପ୍ରକଳ୍ପ ଦାୟିତ୍ୱ ଦୂରଦୃଷ୍ଟିସମ୍ପନ୍ନ ଅଧିକାରୀଙ୍କ ଉପରେ ନ୍ୟସ୍ତ କରାଯିବାକୁ ଦାବି କରିଛନ୍ତି।



ଜଙ୍ଗଲିଆ ହୋଇପଡିଥିବା ମୁକ୍ତାକାଶ ଭାସ୍କର୍ଯ୍ୟ ସଂଗ୍ରହାଳୟ ।

### ଆବର୍ଜନାରୁ ତିଆରି କଳାକୃତି ଆବର୍ଜନା ପାଲଟିଲା

ରିଡ୍ୟୁସ୍, ରି-ୟୁଜ୍ ଓ ରିସାଇକେଲ୍ ଥିମ୍‌କୁ ନେଇ ଭୁବନେଶ୍ୱର ଓ କଟକ ମହାନଗରରୁ ସଂଗୃହୀତ ୫୦ ଟନ୍‌ର ବର୍ଜ୍ୟ ଯଥା ପୁରୁଣା ଲୁହା, ଟିଣ, ଆଲୁମିନିୟମ, ଦସ୍ତା, ଭଙ୍ଗା ସାଇକେଲ ଆଦି ବିଭିନ୍ନ ଅନାବଶ୍ୟକ ସାମଗ୍ରୀରୁ ୨୧ଟି ବିଶାଳ କଳାକୃତି ତିଆରି କରାଯାଇଥିଲା। ସ୍ପେନ୍, ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ଜର୍ମାନୀ, ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ଫ୍ରାନ୍ସ ଆଦି ବିଭିନ୍ନ ଦେଶରୁ ଆସିଥିବା ୧୪ଜଣ ଏବଂ ୭ଜଣ ଭାରତୀୟ କାରିଗରଙ୍କ ଦ୍ୱାରା ହାତୀ, ସିଂହ, ମୟୂର, ବାଘ, ହରିଣ, କଇଁଛ, ଘୋଡା ଭଳି ବିଭିନ୍ନ ପ୍ରକାରର ଜୀବଜନ୍ତୁ, ସରୀସୃପ ଆକୃତି କରାଯାଇଥିଲା। ଅଦରକାରୀ ସାମଗ୍ରୀକୁ ଏଣେତେଣେ ନ ଫିଙ୍ଗି ସେଥିରୁ ମଧ୍ୟ ସୁନ୍ଦର କଳାକୃତି ନିର୍ମାଣ କରାଯାଇ ପାରିବ ବୋଲି ଏଠାରେ ବାର୍ତ୍ତା ଦିଆଯାଇଥିଲା। ତେବେ ଭାରତର ସର୍ବପ୍ରଥମ ଇଣ୍ଟରନ୍ୟାଶନାଲ ଆର୍ଟ ସିମ୍ପୋଜିୟମ୍ କୁହାଯାଉଥିବା ଏହି ମୁକ୍ତାକାଶ ସଂଗ୍ରହାଳୟର କଳାକୃତି ପୁଣିଥରେ ଆବର୍ଜନାରେ ପରିଣତ ହୋଇଛି।

## ବିନ୍ଧ୍ୟଗିରିରେ ବାଘ ଚର୍ଚ୍ଚା: ବନ ବିଭାଗର ଅନୁସନ୍ଧାନ

ବୋଲଗଡ଼,୨୯।୧(ଡି.ଏନ୍.ଏ.):

ବୋଲଗଡ଼ ବ୍ଲକ ସାନପଦର ପଞ୍ଚାୟତର ରାସୋଳ ଗ୍ରାମ ଉପକଣ୍ଠରେ ଥିବା ବିନ୍ଧ୍ୟଗିରି ପାହାଡ଼ ତଳି ଅଞ୍ଚଳରେ ଶନିବାର ୬ଟି ଛେଳିଙ୍କ ମୃତ୍ୟୁ ହୋଇଥିବା ବେଳେ ୧୧ ଛେଳିଙ୍କ ସନ୍ଧାନ ମିଳୁନାହିଁ। ତେବେ ବାଘ ଆକ୍ରମଣରେ ଛେଳିଙ୍କ ମୃତ୍ୟୁ ହୋଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଥିଲା। ଖବରପାଇ ରବିବାର ବନ ବିଭାଗର ଏକ ୧୪ଜଣିଆ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ଏହି ଟିମ୍‌ରେ ବୋଲଗଡ଼ ବନପାଳ ପ୍ରଦୀପ୍ତ କୁମାର ପଟ୍ଟନାୟକ, ବେଗୁନିଆ ବନପାଳ ପ୍ରିୟଦର୍ଶିନୀ ସେଠୀ ଓ ଦୁଇ ବନରକ୍ଷୀଙ୍କ ସହିତ ୧୦ଜଣ ସାମିଲ ଥିଲେ। ଅନୁସନ୍ଧାନ ସତ୍ତ୍ୱେ ବାଘ ଥିବାର କୌଣସି ପ୍ରାମାଣିକ ପଦଚିହ୍ନ ମିଳିପାରିନାହିଁ। ଛେଳି ମରିଥିବା ସ୍ଥାନରେ କେବଳ ରକ୍ତ ପଡିଥିବା ଦେଖିବାକୁ ମିଳିଛି। ବିଭାଗ ପକ୍ଷରୁ ଅନୁସନ୍ଧାନ ଜାରି ରହିଛି ବୋଲି ବୋଲଗଡ଼ ବନପାଳ ପଟ୍ଟନାୟକ କହିଛନ୍ତି। ପ୍ରକାଶ ଯେ, ଗ୍ରାମର ଭାଗୀରଥି ଜୟସିଂହ ୩୦ ଛେଳି ନେଇ ପାହାଡ଼ ତଳି ଅଞ୍ଚଳରେ ଚରାଉଥିଲେ। ଶନିବାର ଅପରାହ୍ନ ସାଢେ ୪ଟାରେ ଦୁଇଟି କଲରାପତରିଆ ବାଘ ହଠାତ୍ ଛେଳିଙ୍କୁ ଆକ୍ରମଣ କରିଥିବା ନେଇ ଭାଗୀରଥି ସେଠାରୁ ଆସି ଗ୍ରାମରେ ଜଣାଇଥିଲେ। ଗ୍ରାମବାସୀ ପହଞ୍ଚି ୪ ମୃତ ଛେଳିଙ୍କୁ ଉଦ୍ଧାର କରିଥିଲେ। ୨ଟି ଛେଳିକୁ ଘୋଷାରି ପାହାଡ଼ ଉପରକୁ ବାଘ ନେଇଯାଇଥିବା ଗ୍ରାମବାସୀ କହିଥିଲେ। ୧୩ଛେଳି ଉଦ୍ଧାର ହୋଇଥିବା ବେଳେ ସନ୍ଧ୍ୟା ହୋଇଯିବାରୁ ପାହାଡ଼ ଅଞ୍ଚଳରୁ ଅନ୍ୟ ଛେଳିଙ୍କୁ ଉଦ୍ଧାର କରାଯାଇପାରି ନ ଥିଲା।



ତପସ୍ୟା ଫାଉଣ୍ଡଶନ ପକ୍ଷରୁ ରବିବାର ଆୟୋଜିତ ବାର୍ଷିକ ପୁରସ୍କାର ସମାରୋହରେ ମରାଠୀ କଥାଶିଳ୍ପୀ ଦାମୋଦର ଖଡ଼୍‌ସେ ଓ ଅନ୍ୟମାନେ ।

# ସାହିତ୍ୟ ଓ ପରିବେଶ ପରିପୂରକ: ଖଡ଼୍‌ସେ

**ତପସ୍ୟା ଫାଉଣ୍ଡେଶନର ବାର୍ଷିକ ପୁରସ୍କାର ସମାରୋହ**

ଭୁବନେଶ୍ୱର, ୨୯।୧ (ବ୍ୟୁରୋ)

ସାହିତ୍ୟ ଓ ପରିବେଶ ପରିପୂରକ। ସାହିତ୍ୟିକର ନିଜର ସୃଜନ ମାଧ୍ୟମରରେ ପ୍ରକୃତି ପ୍ରତି କରୁଣା ସୃଷ୍ଟି କରିବା ଆବଶ୍ୟକ ବୋଲି ବରିଷ୍ଠ ମରାଠୀ କଥାଶିଳ୍ପୀ ଦାମୋଦର ଖଡ଼୍‌ସେ କହିଛନ୍ତି। ତପସ୍ୟା ଫାଉଣ୍ଡଶନ ପକ୍ଷରୁ ରବିବାର ଆୟୋଜିତ ବାର୍ଷିକ ପୁରସ୍କାର ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଖଡସେ ଭାରତୀୟ ସାହିତ୍ୟର ଅନେକ କାହାଣୀ ଓ କବିତାର ଉଦାହରଣ ଦେଇ ବୃକ୍ଷଲତା, ଜଳ ଓ ମୃତ୍ତିକାର ଅବକ୍ଷୟ କରା ନ ଯାଉ ବୋଲି କହିବା ସହ ବିଭିନ୍ନ ଲେଖକଙ୍କର କ୍ଷୋଭ ଓ ଅବଦାନକୁ ପରିପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ କଥାଶିଳ୍ପୀ ଗୌରହରି ଦାସ 'ସାହିତ୍ୟ: ପ୍ରେମ, କରୁଣା ଓ ତ୍ୟାଗ' ଉପରେ ମତ ରଖିଥିଲେ। ଯଯାତି ଓ ଦେବଯାନୀ ଭଳି ବହୁ ପୌରାଣିକ କାହାଣୀର ଅବତାରଣା ଠାରୁ ଆରମ୍ଭ କରି ନାଇଟିଙ୍ଗଲ ଓ ରକ୍ତଗୋଲାପର କାହାଣୀ ଅବତାରଣା କରି ବିଶ୍ୱ ସାହିତ୍ୟ, ଭାରତୀୟ ସାହିତ୍ୟ ଓ ଓ ସାହିତ୍ୟରେ କରୁଣା, ପ୍ରେମ ଓ ତ୍ୟାଗକୁ ଖୁବ୍ ସୁନ୍ଦର ଢ଼ଙ୍ଗରେ ବର୍ଣ୍ଣନା କରିଥିଲେ। ଏ ଅବସରରେ ୨୦୨୧ ମସିହା ନିମନ୍ତେ ବରିଷ୍ଠ କଥାଶିଳ୍ପୀ ଅଚ୍ୟୁତାନନ୍ଦ ପତିଙ୍କୁ ସାମଗ୍ରିକ ସାହିତ୍ୟ ସାଧନା ନିମନ୍ତେ 'ତପସ୍ୟା ଶାଶ୍ୱତ ପୁରସ୍କାର' ପ୍ରଦାନ କରାଯାଇଥିଲା। ତାଙ୍କୁ ୫୦ ହଜାର ଟଙ୍କା ପୁରସ୍କାର ରାଶି ସହ ମାନପତ୍ର ଓ ଉପଢୌକନ ଦିଆଯାଇଥିଲା। ରାଜ୍ୟର ନଦୀଗୁଡ଼ିକ ଉପରେ ଗବେଷଣା ପାଇଁ ରଞ୍ଜନ ପ୍ରଧାନଙ୍କୁ 'ତପସ୍ୟା ସୃଜନ ପୁରସ୍କାର' ବାବଦରେ ୩୦ହଜାର ଟଙ୍କା ଓ ଯୁବ କବି ପରମବୀର ଚକ୍ରଙ୍କୁ 'ତପସ୍ୟା ସମ୍ଭାବନା ପୁରସ୍କାର' ବାବଦରେ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପେନ ଇନ୍ ବୁକ୍ସ ପ୍ରକାଶନୀ ସଂସ୍ଥା ପକ୍ଷରୁ ପ୍ରକାଶିତ ରଞ୍ଜନ ପ୍ରଧାନଙ୍କ ନଦୀ ଗବେଷଣା ପୁସ୍ତକ 'ଓଡ଼ିଶାର ନଦନଦୀ' ଓ ପରମବୀର ଚକ୍ରଙ୍କ କବିତା ସଂକଳନ 'ପଥ ବହୁ ଦୂର' ଉନ୍ମୋଚିତ ହୋଇଥିଲା। ଫାଉଣ୍ଡେଶନ ସଭାପତି ତଥା କଥାଶିଳ୍ପୀ ଓ କବି ତପନ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଫାଉଣ୍ଡେଶନର ପରିଚାଳନା ଟ୍ରଷ୍ଟି ଅଧ୍ୟାପିକା ଜୁଲି ମିଶ୍ର ଧନ୍ୟବାଦ ଦେଇଥିଲେ।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାରଙ୍ଗ,୨୯।୧(ଡି.ଏନ୍.ଏ.):

ବାରଙ୍ଗ କୁଞ୍ଜବିହାରୀ ମହାବିଦ୍ୟାଳୟ ପରିସରରେ ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅଧ୍ୟକ୍ଷ ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଶାସନିକ ଅଧିକାରୀ ଲିପିପୁଷ୍ପା ନାୟକ, ଅନିଲ ପାଢ଼ୀ, ପୁଷ୍ପରାଣୀ ଶତପଥୀ, ରୋସେଲିନ ଦେବୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ଆତ୍ମରକ୍ଷା ପୁସ୍ତିକା ରିଆକ୍ଟ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ସଂଯୋଜକ ପ୍ରବୀର କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଶିକ୍ଷିକା ପ୍ରତିଭା ନାୟକ ଓ ରୀନା ବାରିକ ଏଥିରେ ସହଯୋଗ କରିଥିଲେ।

## ନକଲିଙ୍କ ପାଇଁ ଅସଲି ଦିବ୍ୟାଙ୍ଗମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି

ଭୁବନେଶ୍ୱର, ୨୯।୧ (ବ୍ୟୁରୋ)

ସାମାଜିକ ଅନୁଷ୍ଠାନ ଆଶ୍ରୟ ପକ୍ଷରୁ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ରବିବାର ଗୀତଗୋବିନ୍ଦ ସଦନ ଠାରେ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ସହିତ ସମୂହ ଗଣସଂଗଠନ, ଗଣମାଧ୍ୟମ ତତ୍ପର ହେଲେ ପ୍ରକୃତ ଭିନ୍ନକ୍ଷମମାନେ ଉପକୃତ ହୋଇ ପାରିବେ। ଅନେକ ସମୟରେ ନକଲି ଭିନ୍ନକ୍ଷମଙ୍କ ପାଇଁ ଅସଲି ଭିନ୍ନକ୍ଷମ ବା ଦିବ୍ୟାଙ୍ଗମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ରାଜ୍ୟରେ ବାସ୍ତବ ଦିବ୍ୟାଙ୍ଗ ତଥା ଭିନ୍ନକ୍ଷମ ବ୍ୟକ୍ତିଙ୍କ ନାମରେ ଚାଲିଥିବା ଜାଲ ପ୍ରମାଣପତ୍ରକୁ ବନ୍ଦ କରିବା କ୍ଷେତ୍ରରେ ସରକାରୀ, ବେସରକାରୀ ଏବଂ ଗଣମାଧ୍ୟମର ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଥିଲା। ଆଶ୍ରୟର ନିର୍ଦ୍ଦେଶକ ତଥା ସାମାଜିକକର୍ମୀ ଲୋକନାଥ ଦାଶଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶାର ପ୍ରଥମ ଭିନ୍ନକ୍ଷମ ପ୍ରଶାସନିକ ସେବା ଅଧିକାରୀ ସନ୍ନ୍ୟାସ ବେହେରା, ସାମ୍ବାଦିକ ଦିଲ୍ଲୀପ ସୁବୁଦ୍ଧି, ସାହିତ୍ୟିକା ଡ. ସୁଚେତା ରାଉତ, ବରିଷ୍ଠ ନାଗରିକ ଯୁଗଳ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡୋରଷ୍ଟେପ୍ ଯୋଜନା ମାଧ୍ୟମରେ ପ୍ରକୃତ ଭିନ୍ନକ୍ଷମ ହିତାଧିକାରୀଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ ପହଞ୍ଚାଇବା ଆବଶ୍ୟକ ବୋଲି ଅତିଥିମାନେ ମତ ଦେଇଥିଲେ। ଏଥିସହ ଅନୁଷ୍ଠାନର ଉକ୍ତ ପ୍ରୟାସକୁ ଅତିଥିମାନେ ସ୍ୱାଗତ କରିଥିଲେ। ଯୁବ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସାମାଜିକକର୍ମୀ ଆଚାର୍ଯ୍ୟ ଅଭିମନ୍ୟୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ମଦନମୋହନ ପାଢୀ ଓ ପ୍ରଫୁଲ୍ଲ ନାହାକ ପରିଚାଳନା କରିଥିଲେ।

## ଚଳିତବର୍ଷ ଓଡ଼ିଶାରେ ବିଶ୍ୱସ୍ତରୀୟ ଶିକ୍ଷା ସମ୍ମିଳନୀ ହେବ

ନିମାପଡ଼ା,୨୯।୧(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ବର୍ଷ ପ୍ରଥମ ଥର ପାଇଁ ଓଡ଼ିଶାରେ ବିଶ୍ୱସ୍ତରୀୟ ଶିକ୍ଷା ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ଦେଶର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଅଧିକାରୀ, ପ୍ରଖ୍ୟାତ ଶିକ୍ଷାବିତ୍‌ମାନେ ଯୋଗଦେବା ସହ ଦେଶ ବିଦେଶର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ରେଞ୍ଚ ଶାସନ ଓ ଖେଲାର ଚିନ୍ତାମଣି ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ଉଦ୍‌ଘାଟକ ଭାବେ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ୍ ପୂଜାରୀ ଯୋଗଦେଇ ମୋ' ସରକାର ଯୋଜନା, ୫-ଟି ବିଦ୍ୟାଳୟ ରୂପାନ୍ତରୀକରଣ ଯୋଜନା ଓଡ଼ିଶାକୁ ଆଗକୁ ନେବାରେ ସହାୟକ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଜୟଦେବ ସାହୁ, ଶିକ୍ଷାବିତ୍ ଅବନେନ୍ଦ୍ରନାଥ ମହାନ୍ତି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମର୍ଥ, ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ସାହୁ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଶିକ୍ଷାବିତ୍ ରବୀନ୍ଦ୍ରନାଥ ସ୍ୱାଇଁ, ପୁରାତନ ଛାତ୍ରସଂଘର ସମ୍ପାଦକ ବସନ୍ତ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସମ୍ବର୍ଦ୍ଧନା ସଭା, ଛାତ୍ର ସମାବେଶ ଆଦି ଅନୁଷ୍ଠିତ ହୋଇଥିଲା।

## ମାତୃଭାଷା ବାଲ୍ୟ ପ୍ରତିଭାକୁ ପରିସ୍ଫୁଟ କରେ

**ଶିବାନନ୍ଦ ସେଣ୍ଟେନାରୀ ବାଳକ ହାଇସ୍କୁଲର ବାର୍ଷିକୋତ୍ସବ**

ଭୁବନେଶ୍ୱର, ୨୮।୧ (ବ୍ୟୁରୋ)

ମାତୃଭାଷାରେ ଗୁଣାତ୍ମକ ଶିକ୍ଷା ଛାତ୍ରୀଛାତ୍ରଙ୍କ ବାଲ୍ୟ ପ୍ରତିଭା ଓ ସୃଜନଶୀଳତାକୁ ପରିସ୍ଫୁଟ କରେ। ଶିବାନନ୍ଦ ସେଣ୍ଟେନାରୀ ବାଳକ ହାଇସ୍କୁଲର ୪୦ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଶନିବାର ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଯୋଗ ଦେଇଥିଲେ। ଆଧ୍ୟାତ୍ମିକତାର ଶିକ୍ଷା ସାମ୍ପ୍ରତିକ ସମୟରେ ଅଧିକ ଜରୁରୀ ବୋଲି ଗଜପତି କହିଥିଲେ। ବିଦ୍ୟାଳୟ କାର୍ଯ୍ୟକାରିଣୀ କମିଟିର ସଭାପତି ଏଚ୍‌ଏଚ୍ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଏକ ବାର୍ଷିକ ପତ୍ରିକା ଉନ୍ମୋଚନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ପଢ଼ାଇବାର ମାଧ୍ୟମ ମାତୃଭାଷା ହେଉ। ବାହାର ରାଜ୍ୟରୁ ଆସି ଶିବାନନ୍ଦ ସେଣ୍ଟେନାରୀ ବାଳକ ହାଇସ୍କୁଲ ପରି ଶିକ୍ଷାନୁଷ୍ଠାନରେ ପାଠ ପଢୁଥିବା ପିଲାଙ୍କୁ ସେମାନଙ୍କ ମାତୃ ଭାଷାରେ ଶିକ୍ଷାଦେବାକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ। ଆମକୁ ସ୍ମାର୍ଟୱାର୍କ କିମ୍ବା ହାର୍ଡୱାର୍କ ନୁହେଁ ବରଂ ସ୍ମାର୍ଟ ଭାବେ ହାର୍ଡୱାର୍କ କରିବାକୁ ପଡ଼ିବ ବୋଲି 'ପରୀକ୍ଷା ପେ ଚର୍ଚ୍ଚା'ର ଷଷ୍ଠ ସଂସ୍କରଣରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାକୁ କେନ୍ଦ୍ରମନ୍ତ୍ରୀ ଦୋହରାଇଥିଲେ। ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ ସ୍ୱାଗତ ଅଭିଭାଷଣ ରଖିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ଉପସଭାପତି ଏସ୍. ଏନ୍. ତ୍ରିପାଠୀ, ସଦସ୍ୟ ରାଜୀବ ଶେଖର ସାହୁ, ସ୍ୱାମୀ ଶିବଚିଦାନନ୍ଦ ମହାରାଜ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ବିଷୟରେ କହିଥିଲେ। ପରେ ପୁରସ୍କାର ବିତରଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଶୋକ କୁମାର ରାଉତରାୟଙ୍କ ନିର୍ଦ୍ଦେଶନାରେ ନାଟକ 'ସାନ ସିନା ଦାନ ତା ମହାନ୍' ମଞ୍ଚସ୍ଥ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ ସହ ଧନ୍ୟବାଦ ଦେଇଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଠାକୁରାଣୀଙ୍କ ସମ୍ପତ୍ତି ବିକ୍ରି ଅଭିଯୋଗ: ଗ୍ରାମବାସୀଙ୍କ ରାସ୍ତାରୋକୋ

ବାରଙ୍ଗ,୨୯।୧(ଡି.ଏନ୍.ଏ.):

ମଞ୍ଚେଶ୍ୱର ଥାନା ଅଧୀନ ଇଞ୍ଜଣା ଗ୍ରାମସ୍ଥିତ ମା' ଦୁଲ୍ଲାଦେଈ ମନ୍ଦିର ଜମିକୁ କେତେଜଣ ସେବାୟତ ଚଞ୍ଚକତା କରି ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି। ଏନେଇ ରବିବାର ସ୍ଥାନୀୟ ଗ୍ରାମବାସୀ ଗାଁ ମୁଣ୍ଡ ଇଞ୍ଜଣା-ପଟିଆ ମୁଖ୍ୟରାସ୍ତା ଅବରୋଧ କରିଥିଲେ।

ପ୍ରକାଶ ଯେ, ଇଞ୍ଜଣା ଗ୍ରାମସ୍ଥିତ ଦୁଲ୍ଲାଦେଈ ଠାକୁରାଣୀଙ୍କ ନୀତିକାନ୍ତି କରିବା ପାଇଁ ଉକ୍ତ ସମୟରେ ରାଜା ସେବାୟତଙ୍କୁ ଚାଷଜମି ଦେଇଥିଲେ। ସେବାୟତମାନେ ଏହି ଜମିର ମାର୍ଫତ୍‌ଦାର ରହି ଚାଷକାର୍ଯ୍ୟ କରିବା ସହ ଠାକୁରାଣୀଙ୍କ ପୂଜାର୍ଚ୍ଚନା ଓ ନୀତିକାନ୍ତି କରୁଥିଲେ। ରବିବାର ଗ୍ରାମ ନିକଟରେ ଥିବା ଠାକୁରାଣୀଙ୍କ ଜାଗାରେ ଜଣେ ବିଲ୍ଡର କାମ ଆରମ୍ଭ କରୁଥିବା ଜଣାପଡ଼ିବା ପରେ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗ୍ରାମବାସୀ ଉକ୍ତ ସ୍ଥାନରେ ପହଞ୍ଚି କାମ ବନ୍ଦ କରିଥିଲେ। ତେବେ ଉକ୍ତ ଜାଗାକୁ ବିଲ୍ଡର କିଣିଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ସେବାୟତମାନଙ୍କୁ ପଚାରିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ଚଞ୍ଚକତା କରି ଠାକୁରାଣୀଙ୍କ ସମ୍ପତ୍ତି ବକ୍ରି କରାଯାଇଥିବା ଅଭିଯୋଗ ଆଣି ଗ୍ରାମବାସୀ ଗାଁ ମୁଣ୍ଡ ଇଞ୍ଜଣା-ପଟିଆ ମୁଖ୍ୟ ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ଗ୍ରାମ କମିଟି ସଭାପତି ପ୍ରଦୀପ ଦାସ, ସମ୍ପାଦକ ରବୀନ୍ଦ୍ର ପ୍ରଧାନ, ଉପସଭାପତି ପ୍ରକାଶ ପ୍ରଧାନ, ପୂର୍ବତନ ସଭାପତି ଉଦ୍ଧବ ସାମଲ, ନରେନ୍ଦ୍ର ବେହେରା, ବ୍ରଜବନ୍ଧୁ ପରିଡ଼ାଙ୍କ ସମେତ ଇଞ୍ଜଣା ଗ୍ରାମବାସୀ ବିରୋଧ କରିଥିଲେ। ଫଳରେ ଉଭୟପଟୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ମଞ୍ଚେଶ୍ୱର ଥାନା ଅଧିକାରୀ ସୁଧୀର କୁମାର ସାହୁ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ଆଇନଗତ ଦିଗରେ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଏହାପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ତୁରନ୍ତ ଏହାର କୌଣସି ସ୍ଥାୟୀ ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ଗ୍ରାମବାସୀମାନେ ଥାନାଧିକାରୀଙ୍କୁ ବିକ୍ରୀ ହୋଇଥିବା ଠାକୁରାଣୀଙ୍କ ଜମି ଦେଖାଉଛନ୍ତି ।



ଉତ୍ତେକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରୁଛନ୍ତି ।

**'ସାରଳାଙ୍କ ମହାଭାରତ ବିଶ୍ୱ ସାହିତ୍ୟରେ ଅନନ୍ୟ କୃତି'**

କଟକ ଅଫିସ: ସାରଳା ସାହିତ୍ୟ ସଂସଦ ପକ୍ଷରୁ କଟକ ସାରଳା ଭବନରେ ଆଦିକବି ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବ ଶନିବାର ପାଳିତ ହୋଇଯାଇଛି। ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ମଦନ ମୋହନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସାରଳା ଦାସଙ୍କ ମହାଭାରତ ବିଶ୍ୱ ସାହିତ୍ୟରେ ଅନନ୍ୟ କୃତି ଏଥିରେ ସାହିତ୍ୟିକ ପ୍ରେମାନନ୍ଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶାସକ ପ୍ରସନ୍ନ କୁମାର ଜେନା, ଡା. ନାରଦ କୁମାର ଗଛାୟତ, ଅଧାପକ ନିର୍ମଳ ଚନ୍ଦ୍ର ପହି, କୈଳାସ ଚନ୍ଦ୍ର ଦଲାଇ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଉପସ୍ଥିତଥିଲେ। ବିଭୁ ପ୍ରସାଦ ରାଉତ, ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିଛି

**କଟକ ଅଫିସ, ୨୯।୧:** ତ୍ରିଶୂଳିଆ ନିକଟସ୍ଥ ବେଲଗଛିଆଠାରେ ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନର ନୂତନ କୋଠା ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ମାନବାଧିକାର କମିଶନ ଅଧକ୍ଷ ବିଚାରପତି ରଘୁବୀର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି ସରସ୍ୱତୀ ସାଇନ୍ସ କଲେଜ। ଛାତ୍ରୀଛାତ୍ରଙ୍କ ଶୈକ୍ଷିକ, ଶାରୀରିକ, ମାନସିକ ବିକାଶରେ ଅଧାପିକାଅଧାପକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଆଇନଜୀବୀ ସୁଶାନ୍ତ କୁମାର ଦାସ ଯୋଗଦେଇ ଛାତ୍ରୀଛାତ୍ରମାନେ ଭବିଷ୍ୟତରେ ଆଦର୍ଶ ନାଗରିକ ହୋଇ ସୁସ୍ଥ ସମାଜ ଗଠନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଚେୟାରମ୍ୟାନ୍ ଡ. ଦେବଦତ୍ତ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅଧକ୍ଷ ବିଶ୍ୱଜିତ୍ ତ୍ରିପାଠୀ ଅତିଥି ପରିଚୟ ଓ ପ୍ରଫେସର ସୁନୀଲ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ

**ଫୁଲନଖରା,୨୯।୧(ଡି.ଏନ.ଏ.):** କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୫୯ନଂ. ୱାର୍ଡର ନୂଆ କାଚରାମାଳଠାରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ କର୍ପୋରେଟର ମମତା ମହାନ୍ତି ସଭାପତିତ୍ୱ କରିଥିଲେ। ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ ଯୋଗଦେଇ ମନ୍‌କୀ ବାତ୍ କାର୍ଯ୍ୟକ୍ରମରେ ଓଡ଼ିଶାର ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଗ୍ରୁପ୍‌ର ମହିଳାମାନଙ୍କ କାର୍ଯ୍ୟପ୍ରଣାଳୀକୁ ନେଇ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିବା କହିଥିଲେ। ସେହିପରି ଓଡ଼ିଶାର ଖାଦ୍ୟ ମାଣ୍ଡିଆ ବିଶ୍ୱସ୍ତରରେ ପହଞ୍ଚିଥିବାରୁ ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସଙ୍ଗଠନ ସମ୍ପାଦକ ମାନସ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, କଟକ ଜିଲା ସଭାପତି ପ୍ରକାଶ ବେହେରା, ଉପ ସଭାପତି ସ୍ୱାଧୀନଚେତା ମହାନ୍ତି, ମଣ୍ଡଳ ସଭାପତି ପ୍ରମୋଦ ଓଝା, ମହିଳା ମୋର୍ଚ୍ଚା ସମ୍ପାଦିକା ସୋନିଆ ଶର୍ମା ଉପସ୍ଥିତ ଥିଲେ। କଟକ ନଗର ଜିଲା ଯୁବ ସଭାପତି ସତ୍ୟ ମିଶ୍ର, ଉପସଭାପତି ସତ୍ୟ ରଞ୍ଜନ ଦଳାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଧର୍ମଗୁଳାରେ ପୀତବାସ ବେହେରା ନିର୍ବାଚିତ

**ରତ୍ନାକର ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ନିର୍ବାଚନ**

**କଟକ ସଦର,୨୯।୧(ଡି.ଏନ.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ବିରିବାଟିସ୍ଥିତ ରତ୍ନାକର ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ମନୋନୟନ ପାଇଁ ଶନିବାର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ମନୋନୟନ ସର୍ବସମ୍ମତିକ୍ରମେ ନ ହୋଇ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସଭ୍ୟ ପୀତବାସ ବେହେରା ଓ ସର୍ବେଶ୍ୱର ଲେଙ୍କା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଉଭୟ ୬ ଖଣ୍ଡ ଲେଖାଏ ଭୋଟ୍ ପାଇଥିଲେ। ଶେଷରେ ଧର୍ମଗୁଳାରେ ପୀତବାସ ବେହେରା ନିର୍ବାଚିତ ହୋଇଥିଲେ। ଅନ୍ୟ ସଭ୍ୟାସଭ୍ୟମାନେ ହେଲେ ମମତା ଦାସ, ପ୍ରମିଳା ମହନ୍ତ, ପ୍ରତିମା କାଣ୍ଡି, ପ୍ରଭାତୀ ନାୟକ, ସାହାନାଜ ବେଗମ୍, ପୁଷ୍ପଲତା ବେହେରା, ବିଦ୍ୟାଧର ସାହୁ, ବିପିନ ମଲ୍ଲିକ, ପ୍ରଫୁଲ୍ଲ ଜେନା ଓ ପ୍ରଶାନ୍ତ ରାଉତ। ଭରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପଲତା ସେନାପତି ସଭା ପରିଚାଳନା କରିଥିଲେ।

### ହନୁମାନଜୀଉଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ଖୁଣ୍ଟୁଣୀ,୨୯।୧(ଡି.ଏନ.ଏ.):** ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଧୁରୁଷିଆ ପାହାଡ଼ ଉପରେ ଅଧିଷ୍ଠିତ ହନୁମାନଜୀଉଙ୍କ ଷୋଡ଼ଶ ବାର୍ଷିକ ବିଗ୍ରହ ପ୍ରତିଷ୍ଠା ଓ ସପ୍ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ୩୦୦ରୁ ଊର୍ଦ୍ଧ୍ୱ ମହିଳା ମହାନଦୀରୁ କଳସ ଶୋଭାଯାତ୍ରାରେ ଆସି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ଆସନ୍ତା ୧ରେ ଯଜ୍ଞର ପୂର୍ଣ୍ଣାହୁତି ହେବ। ପ୍ରତ୍ୟହ ସନ୍ଧ୍ୟାରେ ଭଜନ ପରିବେଷଣ କରାଯିବ। ଏଥିସହ ଅନେକ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯିବ। ମନ୍ଦିର ପ୍ରତିଷ୍ଠାତା ବ୍ରଜବନ୍ଧୁ ଲେଙ୍କା, କାର୍ଯ୍ୟକାରୀ ସଭାପତି ନିରାକାର ଲେଙ୍କା, ଅନ୍ତର୍ଯାମୀ ବେହେରା, ବ୍ରହ୍ମାନନ୍ଦ ବିଶ୍ୱାଳ, କପିଳେଶ୍ୱର ବେହେରା, ରୁଦ୍ର ନାରାୟଣ ରାଉତ, ରସାନନ୍ଦ ରାଉତ, ରଞ୍ଜନ ନାୟକ, ବିପିନ ସାହୁ ଓ ସୁରେଶ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଚରିତ୍ର ଗଠନରେ ଶିଶୁ ଗଳ୍ପର ଭୂମିକା ଗୁରୁତ୍ୱପୂର୍ଣ୍ଣ'

**କଟକ ଅଫିସ, ୨୯।୧**



କାର୍ଯ୍ୟକ୍ରମରେ ଜଷ୍ଟିସ୍ ଡି. ପି. ଚୌଧୁରୀଙ୍କୁ କୈବଲ୍ୟ ଧର୍ମଚକ୍ର ସମ୍ମାନ ପ୍ରଦାନ କରାଯାଉଛି।

**ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟ ସମ୍ମିଳନୀ**

କୈବଲ୍ୟ ସାହିତ୍ୟ ସଂସଦ ତରଫରୁ ରାଜ୍ୟସ୍ତରୀୟ ସ୍ୱପ୍ନମହଲ ଶିଶୁ ସାହିତ୍ୟ ସମ୍ମିଳନୀ ଏବଂ ସ୍ୱପ୍ନ ମହଲ ସନ୍ଦେଶ ସ୍ଥାନୀୟ ଗାନ୍ଧୀ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜଷ୍ଟିସ ଡି. ପି. ଚୌଧୁରୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ ପାଇଁ ଶିଶୁ କବିତା ଓ ଶିଶୁ ଗଳ୍ପର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡ. ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ପ୍ରତିମାରାଣୀ ଷଡ଼ଙ୍ଗୀ, ସମ୍ମାନିତ ବକ୍ତା ଭାବେ କଟକ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଳାଟେନ୍ଦୁ ମହାପାତ୍ର, ବିଶିଷ୍ଟ ବକ୍ତା ଭାବେ ଡ. ଲକ୍ଷ୍ମଣ ସାହୁ, ବିରଞ୍ଚି କୁମାର ସାହୁ, ଅନିରୁଦ୍ଧ କୁରୁକୁରିଆ, ପଣ୍ଡିତ ନୀଳକଣ୍ଠ ରାଉତ, ବିଶ୍ୱଜିତ୍ ସୂର୍ଯ୍ୟବଂଶୀ, ଡ. ଦୀପାୟନ ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଜଷ୍ଟିସ ଡି. ପି. ଚୌଧୁରୀଙ୍କୁ କୈବଲ୍ୟ ଧର୍ମଚକ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ସ୍ୱପ୍ନ ମହଲ ସମ୍ମାନରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଳାଟେନ୍ଦୁ ମହାପାତ୍ର, ପ୍ରତିଭା ସାହୁ, ଗୋଲାପ ନନ୍ଦ, ଲଳିତେନ୍ଦୁ ପଲାଉରୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ରାଜ୍ୟର ୭୦ ଜଣ ଶିକ୍ଷକଙ୍କୁ ରାଜ୍ୟସ୍ତରୀୟ ଶିକ୍ଷା ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲାର ୩୦ ଜଣ କବି କବିତା ପାଠ କରିଥିବାବେଳେ ୨୦ ଜଣ ସାହିତ୍ୟିକ ଶିଶୁ ଗଳ୍ପ କଥନରେ ଭାଗ ନେଇଥିଲେ। କବୟିତ୍ରୀ ପ୍ରତିମାରାଣୀ ଷଡ଼ଙ୍ଗୀଙ୍କ କୋକୁଆ, ଭାବ ପୀରତି ଏବଂ ଭକ୍ତି ଯୋଗର ଉପାଦେୟତା ଓ କବୟିତ୍ରୀ ଗୀତା ଦାସଙ୍କ ଗୋଟିଏ ପୁସ୍ତକ ଗଳ୍ପ ସମ୍ଭାର ଉନ୍ମୋଚିତ ହୋଇଥିଲା। ସାଗର କୁମାର ପରିଡ଼ା, ଡ. ସହଦେବ ବେହେରା, ସାଗର କୁମାର ସାମନ୍ତରାୟ, ସନ୍ତୋଷ କୁମାର ଖମାରୀ ଓ ବିବେକାନନ୍ଦ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କବୟିତ୍ରୀ ସୁଦ୍ଧୁମା ପଣ୍ଡା ଧନ୍ୟବାଦ ଦେଇଥିଲେ।



କଟକ ଟାଉନ୍‌ହଲ୍‌ରେ ପଞ୍ଚମ ବାର୍ଷିକ ଆଞ୍ଚଳିକ ଶ୍ରୀଅରବିନ୍ଦ ପାଠଚକ୍ର କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

# ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ଜୟଦୁର୍ଗା ଟିମ୍ ଚାମ୍ପିୟନ୍

**ଚୌଦ୍ୱାର,୨୯।୧(ଡି.ଏନ.ଏ.)**

ଚୌଦ୍ୱାର ଅମରଜ୍ୟୋତି କ୍ଲବ ଆନୁକୂଲ୍ୟରେ ଗତ ୨୨ତାରିଖରୁ ସ୍ଥାନୀୟ ଟିପିଏମ୍ ଖେଳପଡିଆରେ ଚାଲିଥିବା ସୁଧାଂଶୁ ସାହୁ ଓ ସୁଧାକର ମହାପାତ୍ର ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କଟକର ୟୁନାଇଟେଡ୍ ବାରଦା ଜୟଦୁର୍ଗା କ୍ଲବ ଅଡଶପୁରର ସୁପ୍ରିମ୍ ଫୁଟ୍‌ବଲ ଟିମ୍‌କୁ ୧-୦ ଗୋଲରେ ହରାଇ ଚାମ୍ପିୟନ୍ ହୋଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଫୁଟ୍‌ବଲ ଏକାଡେମୀର ସମ୍ପାଦକ ଆଶୀର୍ବାଦ ବେହେରା, ଚୌଦ୍ୱାର ଥାନାଧିକାରୀ ବିରଞ୍ଚି ନାରାୟଣ ପତି, ସାମାଜିକ କର୍ମୀ କୀର୍ତ୍ତନାନନ୍ଦ ପଣ୍ଡା, ପ୍ରଦୀପ୍ତ କୁମାର ବେହେରା, ଡ. ଅମିତ୍ କୁମାର ପୃଷ୍ଟି ଅତିଥି ଭାବେ ଯୋଗଦେଇ ବିଜୟୀ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। ରେଫରି ସଞ୍ଜୀବ ଦାସ, ବ୍ରହ୍ମାନନ୍ଦ ଭୋଇ ଓ ଅମୂଲ୍ୟ ପ୍ରଧାନ କ୍ରୀଡା ପରିଚାଳନା କରିଥିଲେ। ସଭାପତି ବିଜୟ କେତନ ଦାସ, ସମ୍ପାଦକ ଅମୂଲ୍ୟ କୁମାର ଗିରି, ମନୋରଞ୍ଜନ ଖଟୁଆ, ସୁବୋଧ ଜେନା, ତ୍ରିଲୋଚନ ରାଉତ, ଅଭିରାମ ସ୍ୱାଇଁ, ଦେବବ୍ରତ ସାହୁ, ସତ୍ୟବାନ୍ ମହାପାତ୍ର, ପର୍ଶୁରାମ ସେଠୀ, ପ୍ରଶାନ୍ତ ବେହେରା, ବିନାୟକ ବେହେରା, ମନୋଜ ସୁବୁଦ୍ଧି ଓ ସନାତନ ମିଶ୍ରଙ୍କ ସମେତ କ୍ଲବ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତହସିଲ ଏକାଦଶ ବିଜୟୀ

**କଟକ ଅଫିସ,୨୯।୧**

**ଡ୍ରିମ୍‌ସରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍**

ଟାଙ୍ଗୀସ୍ଥିତ ଡ୍ରିମ୍‌ସ ଗ୍ରାଉଣ୍ଡ୍‌ରେ ଟାଙ୍ଗୀ-ଚୌଦ୍ୱାର ତହସିଲ ଏକାଦଶ ଓ ବ୍ଲକ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୧୫ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ବ୍ଲକ୍ ଏକାଦଶ ୬ ଉଇକେଟ୍ ବିନିମୟରେ ୧୩୫ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ତହସିଲ ଏକାଦଶ ୧୩ ଓଭରରେ ୧୩୯ ରନ୍ କରି ବିଜୟୀ ହୋଇଥିଲା। ତହସିଲ ଏକାଦଶର ଦିଲୀପ କୁମାର ପ୍ରଧାନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ବିଜୟୀ ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ମହାରଣା, ବିଡିଓ ଆଶୁତୋଷ ମିଶ୍ର ଏବଂ ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନା ଉଭୟ ଦଳରେ ସାମିଲ ଥିଲେ। ସୁବ୍ରତ କୁମାର ନନ୍ଦି, ରାହୁଲ ମୁର୍ମୁ ଓ ସୌମ୍ୟ ରଞ୍ଜନ ପାଲ କ୍ରୀଡା ପରିଚାଳନା କରିଥିଲେ। କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ଆମ୍ବାର ପୂର୍ବତନ ଅଧ୍ୟକ୍ଷ ସେକ୍ ସାହାଜାନ୍ ଓ ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ନାରୀ ଶିକ୍ଷିତ ହେଲେ ଦେଶର ବିକାଶ ହେବ'

**ନିଶ୍ଚିନ୍ତକୋଇଲି,୨୯।୧(ସ୍ୱ.ପ୍ର.)**

**୨ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ**

ରାଜ୍ୟ ସରକାର ନାରୀ ଶିକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି। ଶିକ୍ଷିତ ମହିଳାମାନେ ସ୍ୱାବଲମ୍ବୀ ହୋଇ ରାଷ୍ଟ୍ର ଗଠନରେ ସମର୍ପିତ ହୁଅନ୍ତୁ। ନାରୀମାନେ ଶିକ୍ଷିତ ହେଲେ ଦେଶର ବିକାଶ ହେବ ବୋଲି ଉଚ୍ଚ ଶିକ୍ଷାମନ୍ତ୍ରୀ ଇ. ରୋହିତ ପୂଜାରୀ ମତବ୍ୟକ୍ତ କରିଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ ଗ୍ରାମପଞ୍ଚାୟତ ବାଣୀନଗରସ୍ଥିତ ବଲ୍ଲଭୀ ଦେବୀ ମହିଳା ମହାବିଦ୍ୟାଳୟ ଓ ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟ ଦ୍ୱୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅଧ୍ୟକ୍ଷା ଡ. ପୁଷ୍ପିତା ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଇଂ. ପୂଜାରୀ ଯୋଗଦେଇ ଥିବାବେଳେ ମୁଖ୍ୟବକ୍ତା ଭାବେ ପୂର୍ବତନ ଏମ୍‌ପି ଡ.ପ୍ରସନ୍ନ କୁମାର ପାଟଶାଣୀ, ଅନ୍ୟତମ ଅତିଥିଭାବେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇଥିଲେ। ମୁଖ୍ୟ ଅତିଥି ପୂଜାରୀ କୃତୀ ଛାତ୍ରୀମାନଙ୍କ ମଧ୍ୟରେ ପୁରସ୍କାର ବିତରଣ କରିଥିଲେ। ପ୍ରାରମ୍ଭରେ ଯୁକ୍ତ ୨ ଅଧ୍ୟକ୍ଷା ନିବେଦିତା ଦାସ ଅତିଥି ପରିଚୟ, ଅଧାପିକା ଡ. ରୀତା ଷଡ଼ଙ୍ଗୀ ବାର୍ଷିକ ବିବରଣୀ ଓ ଶେଷରେ ଅଧାପିକା ସୁପ୍ରଭା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଇଂ.ପୂଜାରୀ, ମୁଖ୍ୟ ବକ୍ତାଭାବେ ବିଧାୟକ ଜେନା, ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ମହାବିଦ୍ୟାଳୟର ପ୍ରତିଷ୍ଠାତା ସାମାଜିକ କର୍ମୀ ପୀତାମ୍ବର ସାହୁ, ଜିଲା ପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ପରିଚାଳନା କମିଟି ସଭାପତି ପଲ୍ଲବ ଚକ୍ରବର୍ତ୍ତୀ, ରମାକାନ୍ତ ମହାନ୍ତି, ଗିରିଶ ମହାପାତ୍ର ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରାରମ୍ଭରେ ଉପଦେଷ୍ଟା ଡ.ଅଲେଖ ଚନ୍ଦ୍ର ସାମଲ ଅତିଥି ପରିଚୟ ଓ ଶେଷରେ ପ୍ରଶାସନିକ ଅଧିକାରୀ ପ୍ରଫେସର ନିରଞ୍ଜନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦୁଇ ମହାବିଦ୍ୟାଳୟରେ ଅଭିନେତା ଦିପକ ଓ ଅଭିନେତ୍ରୀ ଶିତଲ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପିପି କଲେଜର ୪୦ ଲକ୍ଷ ଟଙ୍କା ବ୍ୟୟରେ ୨ ଶ୍ରେଣୀ ପ୍ରକୋଷ୍ଠକୁ ଅତିଥିମାନେ ଲୋକାର୍ପିତ କରିଥିଲେ।



ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ବକ୍ତବ୍ୟ ଦେଉଛନ୍ତି।

# ରାଜ୍ୟ ଆଇନଜୀବୀ ପରିଷଦର କର୍ପସ ଫଣ୍ଡକୁ ବିରୋଧ

**ରାଜ୍ୟସ୍ତରୀୟ ଓକିଲ ସଂଘ ପ୍ରତିନିଧି ସମାବେଶ**

**ବାଙ୍କୀ,୨୯।୧(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସଭା ଗୃହରେ ରାଜ୍ୟସ୍ତରୀୟ ଓକିଲ ସଂଘ ପ୍ରତିନିଧିମାନଙ୍କ ସମାବେଶବେଶ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଓକିଲ ସଂଘ ସଭାପତି ଶ୍ରୀନିବାସ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ପାଦକ ଅଜୟ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଭୁବନେଶ୍ୱର ବରିଷ୍ଠ ଆଇନଜୀବୀ ନିର୍ମଳ କିଶୋର ରଥ, ବାଲେଶ୍ୱର ଓକିଲ ସଂଘ ସଭାପତି ମନୋଜ ନାୟକ, ପିପିଲି ଓକିଲ ସଂଘ ସମ୍ପାଦକ ଅକ୍ଷୟ କୁମାର ଦୀକ୍ଷିତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ବାଙ୍କୀ ବରିଷ୍ଠ ଓକିଲ ସୁବାସ ଚନ୍ଦ୍ର ମିଶ୍ର ଓ ଯଯାତିକେଶରୀ ପଟ୍ଟନାୟକ ବିଶେଷ ଅତିଥିଭାବେ ଯୋଗଦେଇଥିଲେ। ବୈଠକରେ ରାଜ୍ୟ ଓକିଲ ସଂଘ ସଭ୍ୟମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ସମାଧାନ ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହି ଅବସରରେ ରାଜ୍ୟ ଆଇନଜୀବୀ ପରିଷଦ ଲାଗୁକରିଥିବା ୧୦୦ଟଙ୍କା କର୍ପସ ଫଣ୍ଡକୁ ବିରୋଧ କରାଯାଇଥିଲା। ଏଥିସହ ସମ୍ବଲପୁର ଓକିଲ ବନ୍ଧୁମାନଙ୍କର ଜାମିନ ପାଇଁ ଆଲୋଚନା ହୋଇଥିଲା। ବୈଠକରେ ବାଙ୍କୀ ଓକିଲ ସଂଘ ଉପସଭାପତି ବିଭୁଦତ୍ତ ଟିକାୟତ, ମହେଶ ସାହୁ, ସନ୍ତୋଷ କୁମାର ମିଶ୍ର, କୈଳାସ ଚନ୍ଦ୍ର ମହାପାତ୍ର, ପ୍ରଦୀପ କୁମାର ମହାପାତ୍ର, ସନ୍ତୋଷ କୁମାର ରଣା, ପ୍ରଦୀପ କୁମାର ପୃଷ୍ଟି, ପ୍ରଦୀପ କୁମାର ମିଶ୍ର,ବଳଭଦ୍ର ପଣ୍ଡା, ସମରେନ୍ଦ୍ର ମହାପାତ୍ର, ଓ ଦେବାଶିଷ ମାନସିଂହ ପ୍ରମୁଖ ଯୋଗଦେଇଥିଲେ।

# ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ମୁଷୁଳିଆ ଚାମ୍ପିୟନ


ଚାମ୍ପିୟନ ଦଳର ଖେଳାଳିଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଆଠଗଡ,୨୯।।୧(ସ୍ୱ.ପ୍ର.)**

ଆଠଗଡ ବ୍ଲକ ପାର୍ବତୀପୁର ଆଦିବାସୀ ଫୁଟ୍‌ବଲ କ୍ଲବ ଆନୁକୂଲ୍ୟରେ ୨ ଦିନିଆ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ରାଇବଣିଆ କ୍ଲବକୁ ୧-୦ ଗୋଲରେ ପରାସ୍ତ କରି ମୁଷୁଳିଆ ଆଦିବାସୀ ଫୁଟବଲ କ୍ଲବ ଚାମ୍ପିୟନ ହୋଇଛି। ନିକଟସ୍ଥ ୧୬ ଆଦିବାସୀ ଫୁଟ୍‌ବଲ କ୍ଲବ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଖୁଣ୍ଟୁଣୀ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ମିନତୀ ଗାଗରାଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ, ଭୋଗରା ସରପଞ୍ଚ ବିନୋଦ ମାଝୀ, ଅଜିତ ଦାସ, ସ୍ଥାନୀୟ ସମିତି ସଭ୍ୟ ବିଶ୍ୱନାଥ ଦେହୁରୀ, ପ୍ରମୁଖ ଯୋଗ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଚାମ୍ପିୟନଦଳକୁ ଟ୍ରଫି ସହ ନଗଦ ୮ହଜାର ଟଙ୍କା ଓ ଉପବିଜେତା ରାଇବଣିଆ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି । ବିଶ୍ୱଜିତ ବର୍ଜୁଆ ଫାଇନାଲ ମ୍ୟାଚ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳିଭାବେ ବିବେଚିତ ହୋଇଥିଲେ।

# 'ଶିଶୁ ସାହିତ୍ୟ ସୃଷ୍ଟି ପାଇଁ ପ୍ରୋତ୍ସାହନ ଆବଶ୍ୟକ'

**କଟକ ଅଫିସ, ୨୯।୧**

**ତୃତୀୟ ନାନାବାୟା ସାରସ୍ୱତ ସମ୍ମାନ ପ୍ରଦାନ ଉତ୍ସବ**

କଟକ ସାରଳା ଭବନରେ ତୃତୀୟ ନାନାବାୟା ସାରସ୍ୱତ ସମ୍ମାନ ପ୍ରଦାନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ସାହିତ୍ୟର ସୃଷ୍ଟି ପାଇଁ ପ୍ରୋତ୍ସାହନ ଆବଶ୍ୟକ ବୋଲି କହିଥିଲେ। ନାନାବାୟା ସମ୍ପାଦକ ସରୋଜ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବରେଣ୍ୟ ଅତିଥି ଭାବେ ଇଂ. ପ୍ରଭାକର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ, ସମ୍ମାନିତ ଅତିଥି ଭାବେ ଡ. ସୁନାମଣି ରାଉତ, ଶିକ୍ଷାବିତ୍ ଶରତ କୁମାର ବିଶ୍ୱାଳ, ଶିଶୁ ସାହିତ୍ୟିକା ତନୟା ଦାସ ଗୋସ୍ୱାମୀ ଯୋଗ ଦେଇଥିଲେ। ଏହି ଅବସରରେ ୨୦ ଜଣ ସାରସ୍ୱତ ସାଧକଙ୍କୁ ନାନାବାୟା ସମ୍ମାନ ପ୍ରଦାନ କରାଯାଇଥିଲା। ଏହାପରେ ଲେଖକ ତଥା ପ୍ରଶାସନିକ ଅଧିକାରୀ ଲଗ୍ନଜିତ ବେହେରାଙ୍କ ଗଳ୍ପ ପୁସ୍ତକ ନଳ ଦମୟନ୍ତୀ ଉନ୍ମୋଚିତ ହୋଇଥିଲା। ନାନାବାୟା ପ୍ରତିଷ୍ଠାତା ଡ. ଲକ୍ଷ୍ମଣ ବେହେରା ଓ ପ୍ରକାଶିକା ହରିପ୍ରିୟା ବେହେରା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାହିତ୍ୟିକ ଡ. ଶରତ ଚନ୍ଦ୍ର ପରିଡ଼ା ବେଦପାଠ, ଅନ୍ୱେଷା ପଣ୍ଡା ଗୀତାପାଠ, ସନ୍ଦୀପନା ପଣ୍ଡା ଓଡ଼ିଶୀ ନୃତ୍ୟ ପରିବେଷଣ ଓ ଶ୍ରୀପର୍ଣ୍ଣା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।

# ଗୌରାଙ୍ଗ ନାୟକଙ୍କୁ ଜଗମୋହନ ରାଠୋର ଶିକ୍ଷାବିତ୍ ସମ୍ମାନ

**କଟକ ଅଫିସ,୨୯।୧**


ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ବ୍ୟକ୍ତିଙ୍କ ଗହଣରେ ଉପସ୍ଥିତ ଅତିଥିବୃନ୍ଦ।

କଟକ ଶ୍ରୀରାମଚନ୍ଦ୍ର ଭବନରେ ପ୍ରଫେସର ଜଗମୋହନ ରାଠୋର ଶିକ୍ଷାବିତ୍ ଓ ସାଂସ୍କୃତିକ ସଙ୍ଗଠକ ସମ୍ମାନ ପ୍ରଦାନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଜଗମୋହନ ରାଠୋର ସ୍ମୃତି ସଂସଦ ସଭାପତି ତଥା ସ୍ତମ୍ଭକାର ଅରୁଣ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ କଳାବିକାଶ କେନ୍ଦ୍ରର ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ହେମେନ୍ଦ୍ର ନାରାୟଣ ଦାସ ଯୋଗଦେଇ ଶିକ୍ଷାର ବିକାଶ କ୍ଷେତ୍ରରେ ପ୍ରଫେସର ରାଠୋରଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଆବାହକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରାରମ୍ଭିକ ସୂଚନା ଓ ସଂଯୋଜକ ଡା. ପ୍ରସନ୍ନ କୁମାର ରାଠୋର ପ୍ରଦତ୍ତ ସମ୍ମାନ ସମ୍ପର୍କରେ କହିଥିଲେ। ଏହି ଅବସରରେ ପ୍ରଫେସର ଗୌରାଙ୍ଗ ଚରଣ ନାୟକଙ୍କୁ ଉଚ୍ଚଶିକ୍ଷା ପାଇଁ ଜଗମୋହନ ରାଠୋର ଶିକ୍ଷାବିତ୍ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ମାଧ୍ୟମିକ ଶିକ୍ଷାପାଇଁ ଡ. ଅନ୍ତର୍ଯାମୀ ପ୍ରଧାନ ଓ ନୀଳାମ୍ବର ମହାନ୍ତ, ପ୍ରାଥମିକ ଶିକ୍ଷା ପାଇଁ କବିତା ଦେବୀ ଓ ବିନୟ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସରୋଜ କୁମାର ପ୍ରଧାନ(ଝାଡ଼ଖଣ୍ଡ)ଙ୍କୁ ଜଗମୋହନ ରାଠୋର ବିଚ୍ଛିନ୍ନାଞ୍ଚଳ ସାଂସ୍କୃତିକ ସଙ୍ଗଠକ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦିଲ୍ଲୀପ କୁମାର, କମଳ ମାହୁନ୍ତ, ମନୋରଞ୍ଜନ ମିଶ୍ର, ବ୍ରହ୍ମାନନ୍ଦ ବିଶ୍ୱାଳ, ହେମନ୍ତ କୁମାର ପରିଡା ଓ ଶିବାଶିଷ କର ପ୍ରମୁଖ ଉପସ୍ଥିତ ଥିଲେ। ମୈତ୍ରୀଭୂଷଣ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଅତିବଡ଼ୀଙ୍କ ସାଧନା ପୀଠର ବିକାଶ କରାଯାଉ

ପୁରୀ ଅଫିସ, ୨୯।୧:ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ଏବଂ ବଡ଼ ଓଡ଼ିଆ ମଠର ମିଳିତ ଆନୁକୂଲ୍ୟରେ ଅତିବଡି ଜଗନ୍ନାଥ ଦାସଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ବଡ଼ ଓଡ଼ିଆ ମଠରେ ଆୟୋଜିତ ଏହି ଉତ୍ସବକୁ ମହନ୍ତ ଅଧିକାରୀ ଡ. ବଂଶୀଧର ଦାସ ଗୋସ୍ୱାମୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍ତର ପାର୍ଶ୍ୱ ମଠ ମହନ୍ତ ମହାରାଜ ନାରାୟଣ ରାମାନୁଜ ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗବେଷକ ଡ. ଶ୍ରୀନିବାସ ଆଚାର୍ଯ୍ୟ ଓ ସୁରଜମଲ୍ଲ ଶାହା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ କାର୍ତ୍ତିକ କୁମାର ଦାସ ଉପସ୍ଥିତ ଥିଲେ। ଅତିଥିମାନେ ଅତିବଡ଼ିଙ୍କ ଆଧାତ୍ମିକତା, ସାରସ୍ୱତ ପ୍ରତିଭା ତଥା ଭାଗବତର ମହିମା, ଓଡ଼ିଆ ମଠ ସମ୍ପର୍କରେ ଆଲୋଚନା କରିଥିଲେ। ଅତିବଡ଼ିଙ୍କ ସାଧନା ପୀଠର ଉନ୍ନତି ନିମନ୍ତେ ପଦକ୍ଷେପ ନେବାକୁ ଦାବି କରିଥିଲେ। ଶିକ୍ଷାବିତ୍ ସଦାଶିବ ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବି ସୁରେଶ କୁମାର ପଟ୍ଟନାୟକ ଭାଗବତ ପାଠ କରିଥିଲେ। ଅନୁଷ୍ଠାନର ସମ୍ପାଦକ କୃଷ୍ଣଚନ୍ଦ୍ର ରଥ ସ୍ୱାଗତ ଭାଷଣ ଦେଇଥିଲେ। କବି ଶିବ ସୁନ୍ଦର ମିଶ୍ର ଓ ମନୋରମା ଆଚାର୍ଯ୍ୟଙ୍କ ସଂଯୋଜନାରେ ଆଧାତ୍ମିକ କବିତା ପାଠ ହୋଇଥିଲା।

### ଏକାଡେମୀ ପୁରସ୍କାର ନେଇ ରାଜ୍ୟପାଳଙ୍କୁ ଫେରାଦ

ପୁରୀ ଅଫିସ, ୨୯।୧: ସରକାରଙ୍କ ଅଜାଣତରେ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏକାଡେମୀ ପୁରସ୍କାର ବିଜ୍ଞପ୍ତିରେ ଉଦ୍ଭଟ ପ୍ରସ୍ତାବ ଓଡ଼ିଶାର ଶହ ଶହ ସାହିତ୍ୟିକଙ୍କୁ ମାନସିକ ଆଘାତ ଦେଇଛି ବୋଲି ଜାତୀୟ ଗୀତିକାର ସଂଘର ପୂର୍ବାଞ୍ଚଳ ଶାଖା ସମ୍ପାଦକ ବଦ୍ରି ମିଶ୍ର ରାଜ୍ୟପାଳଙ୍କ ପାଖରେ ଫେରାଦ ହୋଇଛନ୍ତି। ଆଇଏସ୍‌ବିଏନ୍ ଭଳି ବିବାଦୀୟ କଥାକୁ ସାହିତ୍ୟ ଏକାଡେମୀ ପୁରସ୍କାର ବିଜ୍ଞପ୍ତିରେ ଯୋଡ଼ାଯିବା ଏକ ଉଦ୍ଭଟ ପରିକଳ୍ପନା ବୋଲି ମିଶ୍ର କହିଛନ୍ତି। ଏହାଦ୍ୱାରା ସାହିତ୍ୟିକ, ପୁରସ୍କାର ବିଚାର ପାଇଁ ଅଯୋଗ୍ୟ ହେବେ। ମିଶ୍ର ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଯଦି ସମ୍ପୃକ୍ତ ବିଭାଗ ଏହା ପ୍ରତ୍ୟାହାର ନ କରେ ତେବେ ଆଗାମୀ ଦିନରେ ଓଡ଼ିଶାର ଅନେକ ସାହିତ୍ୟିକ, ଅନୁବାଦକ, ଔପନ୍ୟାସିକ ଏବଂ ଗୀତିକାର ଏକାଡେମୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ବାଧ ହେବେ।

### କର୍ତ୍ତବ୍ୟପଥ ପରେଡ୍‌ରେ ସାମିଲ କଳାକାର ସମ୍ବର୍ଦ୍ଧିତ

ପୁରୀ ଅଫିସ, ୨୯।୧: ରଙ୍ଗଶାଳାର କଳାକାରମାନେ ବନ୍ଦେ ଭାରତମ୍ ନୃତ୍ୟ ଉତ୍ସବ ତଥା କର୍ତ୍ତବ୍ୟପଥ ପରେଡ୍‌ରେ ପୁରୀ ସାହିଯାତ ଦୃଶ୍ୟ ପ୍ରଦର୍ଶନ କରି ନୀଳାଚଳ ଏକ୍ସପ୍ରେସ ଯୋଗେ ପୁରୀ ଫେରିଛନ୍ତି। ରଙ୍ଗଶାଳା ନିର୍ଦ୍ଦେଶକ ବିକ୍ରମ ସାହୁଙ୍କ ନେତୃତ୍ୱରେ ପରେଡରେ ଅଂଶଗ୍ରହଣ କରିଥିବା ଶ୍ୟାମସୁନ୍ଦର ମହାପାତ୍ର, ସତ୍ୟବାନ ରାଉତ, ଗୋପୀନାଥ ପ୍ରଧାନ, ମଣ୍ଟୁ ସାହୁ, ବସନ୍ତ କୁମାର ପ୍ରଧାନ ଏବଂ ଦେବାଶିଷ ସିଂ ରବିବାର ପୁରୀରେ ଆସି ପହଞ୍ଚିଛନ୍ତି। ପୁରୀ ରେଳଷ୍ଟେଶନରୁ ସେମାନଙ୍କୁ ଶୋଭାଯାତ୍ରାରେ ପାଛୋଟି ଅଣାଯାଇଥିଲା। କଳାକାର ସମୀର ଶତପଥୀଙ୍କ ନେତୃତ୍ୱରେ ବଳରାଜ୍ ତ୍ରିପାଠୀ, କାଳୁ ଦାସ୍, ଆଶୁତୋଷ ମିଶ୍ର, ଜିତୁ ଦାସ୍ ଏବଂ ସହରର ବିଶିଷ୍ଟ ବ୍ୟକ୍ତି ବିଶେଷମାନେ ସଂକୀର୍ତ୍ତନ ସହିତ ଜୟ ଜଗନ୍ନାଥ ଧ୍ୱନିରେ ସେମାନଙ୍କୁ ପାଛୋଟି ଆଣିଥିଲେ। ପରେ କଳାକାର ଏବଂ ଅଧିକାରୀମାନଙ୍କୁ ସହରବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଫଣ୍ଡ୍ ଗଠନ ହୋଇ ସାମାଜିକ କାର୍ଯ୍ୟରେ ଲାଗିବ

ପିପିଲି,୨୯।୧(ଡି.ଏନ୍.ଏ.):ପିପିଲି ଏନ୍‌ଏସି ଅନ୍ତର୍ଗତ ଜବାହର ବିଦ୍ୟାପୀଠ ୧୯୮୨ ମସିହା ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୧ ବର୍ଷ ପରେ ଛାତ୍ରୀଛାତ୍ର ଏକାଠି ହୋଇ ବିଦ୍ୟାଳୟର ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ପୁରାତନ ଛାତ୍ର ସଭାପତି ଅଶୋକ ଅଗ୍ରୱାଲା, ସୁରେନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ପୃଷ୍ଟି, ପ୍ରଦୀପ ପଣ୍ଡା, ଅଜୟ ପ୍ରଧାନ, ସ୍ୱପ୍ନଶଙ୍କର, ଯଶୋବନ୍ତ, ପ୍ରଫୁଲ୍ଲ ପ୍ରଭାକର ସାହୁ, ବିରଞ୍ଚିଙ୍କ ସମେତ ୫୦ ଜଣ ସାମିଲ ହୋଇଥିଲେ। ସଭାପତି ଅଗ୍ରୱାଲା, ସମ୍ପାଦକ ପ୍ରଭାକର ସାହୁ, କ୍ୟାଶିୟର ସୁରେନ୍ଦ୍ର ବିଶ୍ୱାଳ ଏକ ଫଣ୍ଡ୍ ଗଠନ କରି ପ୍ରଥମେ ୧୨ ହଜାର ୫୦୦ ଟଙ୍କା ଡିପୋଜିଟ୍ କରିଥିଲେ। ପ୍ରତି ମାସରେ ସାଥୀମାନେ ଯେଉଁ ଅର୍ଥ ଦେବେ ଏହି ଫଣ୍ଡରେ ଡିପୋଜିଟ୍ ରଖାଯାଇ ବିଭିନ୍ନ ସାମାଜିକ କାର୍ଯ୍ୟରେ ବିନିଯୋଗ ହେବ ବୋଲି ସଭାପତି କହିଛନ୍ତି।

# ଶ୍ରୀକ୍ଷେତ୍ର ମହୋତ୍ସବରେ ପାରମ୍ପରିକ ନୃତ୍ୟର ଝଙ୍କାର

ପୁରୀ ଅଫିସ, ୨୯।୧:



ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ପୁରୀ ଜିଲା ପ୍ରଶାସନ, ଜାଗା ଆଖଡ଼ା କମିଟି ଏବଂ ଓର୍‌ମାସ୍‌ର ମିଳିତ ସହଯୋଗରେ ଶରଧାବାଲିରେ ଆୟୋଜିତ ଶ୍ରୀକ୍ଷେତ୍ର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ତୃତୀୟ ସନ୍ଧ୍ୟାରେ ରବିବାର ବିଭିନ୍ନ ପାରମ୍ପାରିକ ସମର କଳା ନୃତ୍ୟ ପରିବେଷଣ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ଦୋଳମଣ୍ଡପ ସାହି ଆଖଡ଼ା ସଭାପତି ସାହି ନାୟକ ନିରଞ୍ଜନ ସିଂହାରୀ, କୁଣ୍ଡେଇବେଣ୍ଟ ସାହି ଆଖଡ଼ା ସଭାପତି ସାହି ନାୟକ ନାରାୟଣ ମହାପାତ୍ର, ସମ୍ପାଦକ ଜଗନ୍ନାଥ ମହାପାତ୍ର, ମାର୍କଣ୍ଡେଶ୍ୱର ସାହି ଆଖଡ଼ା ସଭାପତି ଭାଗିରଥୀ ଖୁଣ୍ଟିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଲିଙ୍ଗରାଜ କଳା ନିକେତନ ପକ୍ଷରୁ ଓଡ଼ିଶୀ ନୃତ୍ୟ ନାଟିକା 'ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା' ପରିବେଷଣ ହୋଇଥିଲା। ଏହାକୁ ସମ୍ପାଦକ ଜଗନ୍ନାଥ ମିଶ୍ର ପରିଚାଳନା କରିଥିଲେ। ପରେ ପୁରୁଲିଆ ଛଉନୃତ୍ୟ ଓ ପୁରୀର ସମରକଳା ନୃତ୍ୟ ପରିବେଷଣ ହୋଇଥିଲା। ମାର୍କଣ୍ଡେଶ୍ୱର ସାହିର ଭଗବତୀ କୋଟ ଆଖଡ଼ା ପକ୍ଷରୁ ସମରକଳା ପ୍ରଦର୍ଶନ କରାଯାଇଥିଲା। ରାହାସ ମହାନ୍ତି ଜାଗା ପକ୍ଷରୁ ଅନିଲ ସେନାପତି ମକରଧ୍ୱଜ ହନୁମାନ ନୃତ୍ୟ, ଆଦିତ୍ୟ ପୃଷ୍ଟି ନବଶିରା ନୃତ୍ୟ ପରିବେଷଣ କରିଥିଲେ। ସାତ ବଖରା ଜାଗା ପକ୍ଷରୁ ସନ୍ତୋଷ ସମର୍ଥା ନବଶିରା, ପାଣ୍ଡବଜାଗା ପକ୍ଷରୁ ଦୁର୍ଗା ପ୍ରସାଦ ଦାଶ କାଳୀମେଢ଼, ଦୁଆରିଯାଗା ପକ୍ଷରୁ ରଞ୍ଜନ ଦାଶ ଦୁର୍ଗାମେଢ଼, ଗଦାସାହାଣ ବଡ ପୋଖରୀ ଜାଗା ପକ୍ଷରୁ ଧୀରେନ କୁମାର ସାହୁ ଦୁର୍ଗାମେଢ, ବଡୁ ମହାପାତ୍ର ଜାଗା ପକ୍ଷରୁ ଉଦିତ ନାରାୟଣ ବାରିକ ଦୁର୍ଗାମେଢ଼, ଦୀପକ କୁମାର ଭୋଇ ଏବଂ ସନ୍ତୋଷ କୁମାର ସାହୁ ନିଝାମ ପରିବେଶଣ କରିଥିଲେ। ସେହିପରି ଭଇଯାଗା ପକ୍ଷରୁ ଭୀମଶଙ୍କର ମୁଦ୍ରା ଦୁର୍ଗାମେଢ, ଝାଟିଯାଗା ପକ୍ଷରୁ ରାଜକିଶୋର ଭଞ୍ଜ ନାଗାନୃତ୍ୟ, କୁଣ୍ଡେଇବେଣ୍ଟ ସାହି ପଥର ଆଖଡ଼ା ପକ୍ଷରୁ ସନ୍ତୋଷ କୁମାର ପଣ୍ଡା ରାବଣ ନୃତ୍ୟ ପରିବେଷଣ କରିଥିଲେ। ସୁନ୍ଦରାଜାଗା ପକ୍ଷରୁ ବିଶ୍ୱଜିତ୍ ସେନାପତି, ଆଡପଟା ଜିତେନ୍ଦ୍ର ସାହୁ, ଦୋ ଦସ୍ତି ବିଶ୍ୱଜିତ୍ ସାହୁ, ଶୁଭମ ଦାସ, ପଟ୍ଟାଖେଳ ଦେବଦତ୍ତ ପାତ୍ର, ଯୋଡ଼ିପଟା ଶୁଭମ ନାୟକ, ଜଗନ୍ନାଥ ନାୟକ, କାହ୍ନା ନାୟକ, ବଳରାମ ନାୟକ, ରାଜେଶ କୁମାର ଦୋରା ଏବଂ ଅନନ୍ତ ପଣ୍ଡା ପ୍ରମୁଖ ପରିବେଷଣ କରିଥିଲେ। ସଞ୍ଜୀବ ନାୟକ ବାଡ଼ିଖେଳ ପ୍ରଦର୍ଶନ କରିଥିଲେ। ମଲ୍ଲୀଗଡ ଜାଗା ତରଫରୁ ଦୀପକ କୁମାର ଖୁଣ୍ଟିଆ ନାଗାନୃତ୍ୟ ଏବଂ ଜାଉକୋଟ ତରଫରୁ ଆୟୁଷ ଶତପଥୀ ଦୁର୍ଗାମେଢ ନୃତ୍ୟ ପରିବେଷଣ କରିଥିଲେ।

# 'ଉପନ୍ୟାସର ପରିସର ବ୍ୟାପକ'



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ପୁରୀ ଅଫିସ, ୨୯।୧: ସ୍ଥାନୀୟ ନାରୀ ସେବା ସଂଘ ସଦନ ସଭାକକ୍ଷରେ ରବିବାର ନୀଳକଣ୍ଠ ମିଶ୍ରଙ୍କ ଦ୍ୱାରା ରଚିତ କାବ୍ୟ, କବିତା ଓ ଉପନ୍ୟାସ ପୁସ୍ତକର ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରିୟପତ୍ର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ବିପିନ୍ ଦଳାଇ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର, ସାହିତ୍ୟିକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଡ. ହେମନ୍ତ କୁମାର ଛୋଟରାୟ, ପୀତାମ୍ବର ମହାପାତ୍ର, ଡ. ବାସନ୍ତୀ ଦେବୀ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ସାମ୍ପ୍ରତିକ ସାହିତ୍ୟ ଜଗତରେ ଉପନ୍ୟାସର ବିକାଶ ହେଉ ନ ଥିବା କହି କ୍ଷୋଭ ପ୍ରକାଶ କରିଥିଲେ। ଉପନ୍ୟାସର ପରିସର ବ୍ୟାପକ। ଏଥିରେ ସାମାଜିକ, ସାଂସ୍କୃତିକ ଓ ଐତିହାସିକ ଚିତ୍ର ଦେଖିବାକୁ ମିଳିଥାଏ। ଉପନ୍ୟାସ ପଢ଼ିବାର ମଜା ନିଆରା। ତାହା ଯଦି କଥପୋକଥନ ଶୈଳୀରେ ରଚିତ ହୋଇଥାଏ ତା'ହାଲେ ପାଠକଙ୍କ ମନ ପ୍ରାଣକୁ ଛୁଇଁଯାଏ। ନୀଳକଣ୍ଠଙ୍କ ରଚିତ ଉପନ୍ୟାସରେ କ୍ଷେତ୍ର, ତୀର୍ଥ, ଧାମର ପରିଚିତ ରହିବା ସହିତ ଗୋଟିଏ ନୂଆ ପରମ୍ପରା ସ୍ୱାଦ ବହନ କରୁଛି। ନୀଳାଚଳେ ଅଜଣା ଅତିଥି, ପ୍ରୀତି ପଞ୍ଝୁକ ଭଳି ଉପନ୍ୟାସ ରଚନା କରି ନୀଳକଣ୍ଠ ଆମ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ବୋଲି ଅତିଥିମାନେ କହିଥିଲେ। କ୍ରିଷ୍ଣା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚଳିତବର୍ଷ ଓଡ଼ିଶାରେ ବିଶ୍ୱସ୍ତରୀୟ ଶିକ୍ଷା ସମ୍ମିଳନୀ ହେବ



ଚିନ୍ତାମଣି ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରମାନେ।

ନିମାପଡ଼ା,୨୯।୧(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ବର୍ଷ ପ୍ରଥମଥର ପାଇଁ ଓଡ଼ିଶାରେ ବିଶ୍ୱସ୍ତରୀୟ ଶିକ୍ଷା ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ପ୍ରୟାସ ଓଡ଼ିଶା ପାଇଁ ଏକ ଗର୍ବ ଗୌରବର ବିଷୟ। ଏହି ସମ୍ମିଳନୀରେ ସମଗ୍ର ବିଶ୍ୱର ବିଭିନ୍ନ ଦେଶର ବହୁ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଅଧିକାରୀ, ପ୍ରଖ୍ୟାତ ଶିକ୍ଷାବିତ୍‌ମାନେ ଯୋଗଦେବା ସହ ବିଭିନ୍ନ ଦେଶ ବିଦେଶର ଶିକ୍ଷା ପ୍ରଣାଳୀ, ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ରେଞ୍ଚ ଶାସନ ଓ ଖେଳାର ଚିନ୍ତାମଣି ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତପ୍ରକାଶ କରିଛନ୍ତି। ଉଦ୍‌ଘାଟକ ଭାବେ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ୍ ପୂଜାରୀ ଯୋଗଦେଇ ରାଜ୍ୟ ସରକାରଙ୍କ ମୋ' ସରକାର ଯୋଜନା, ୫-ଟି ବିଦ୍ୟାଳୟ ରୂପାନ୍ତରୀକରଣ ଯୋଜନା ଓଡ଼ିଶାକୁ ଆଗକୁ ନେବାରେ ବହୁଳ ଭାବେ ସହାୟକ ହେବ ବୋଲି ମନ୍ତ୍ରୀ ପୂଜାରୀ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଜୟଦେବ ସାହୁ, ଶିକ୍ଷାବିତ୍ ଅବନେନ୍ଦ୍ରନାଥ ମହାନ୍ତି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ (ଏଡିଇଓ) ହିମାଂଶୁ ଭୂଷଣ ସମର୍ଥ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ସାହୁ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଶିକ୍ଷାବିତ୍ ରବୀନ୍ଦ୍ରନାଥ ସ୍ୱାଇଁ, ପୁରାତନ ଛାତ୍ରସଂଘର ସମ୍ପାଦକ ବସନ୍ତ ଜେନା ପ୍ରମୁଖ ଯୋଗଦେଇ ସମାରୋହରେ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ସମ୍ବର୍ଦ୍ଧନା ସଭା, ବନ୍ଧୁମିଳନ, ଛାତ୍ର ସମାବେଶ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଭାବର ଆଦାନ ପ୍ରଦାନ ହୋଇଥିଲା। ବିଦ୍ୟାଳୟ ପକ୍ଷରୁ ମଞ୍ଚାସୀନ ଅତିଥି, ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ, ପୂର୍ବତନ ଶିକ୍ଷୟିତ୍ରୀ, ଶିକ୍ଷକ, ପ୍ରଧାନ ଶିକ୍ଷକଙ୍କ ସମେତ ବହୁ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବାର୍ଷିକ କ୍ରୀଡ଼ା, କୁଇଜ୍, ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ବିଜ୍ଞାନ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ର ଓ ଅନ୍ୟ ପ୍ରତିଭାଙ୍କ ସମେତ ୮୪ ଜଣ ପ୍ରତିଭାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟତଃ ବିଦ୍ୟାଳୟ ସ୍କାଉଟ୍‌ଗାଇଡ୍, ଛାତ୍ରୀଛାତ୍ରଙ୍କ ଉଲ୍ଲେଖନୀୟ ସଫଳତା, ସେବା ପାଇଁ ସ୍କାଉଟ୍ ଗାଇଡ୍ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଶ ସମ୍ପର୍କିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ୍ ମତୁଆଲା କରିଥିଲା।

# 'ଆଗାମୀ ନିର୍ବାଚନରେ ଏଏପି ସବୁ ସିଟ୍‌ରେ ଲଢ଼ିବ'

ପୁରୀ ଅଫିସ, ୨୯।୧:

ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ଓଡ଼ିଶାର ପ୍ରଭାରୀ ବୀରେନ୍ଦ୍ର ସିଂ କାଡିଆନ୍ ଏବଂ ଓଡ଼ିଶା ଆବାହକ ନିଶିକାନ୍ତ ମହାପାତ୍ର ଶନିବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଏଏପି ଜିଲା ଶାଖା କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ଏହି ନେତା ଦ୍ୱୟ ପ୍ରଥମେ ମା' ବାଟମଙ୍ଗଳାଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ପରେ ସେଠାରୁ ବାଇକ୍ ରାଲିରେ ମରିଚିକୋଟ ଛକ ପର୍ଯ୍ୟନ୍ତ ଆସିଥିଲେ। ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଜିଲାର ସମସ୍ତ ପ୍ରତିନିଧିଙ୍କ ସହିତ କାଡିଆନ ଆଲୋଚନା କରିଥିଲେ। ଏଏପି ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲ ଓଡ଼ିଶାକୁ ଗୁରୁତ୍ୱ ଦେଉଛନ୍ତି ବୋଲି କାଡିଆନ କହିଥିଲେ। ଓଡ଼ିଶାରେ ଏଏପି ପ୍ରତି ଜନ ସମର୍ଥନ ବଢୁଛି। ତେଣୁ ଆଗକୁ କେଜ୍‌ରିୱାଲ ଓଡ଼ିଶା ଗସ୍ତରେ ଆସିବେ। ଏଥିସହ ଓଡ଼ିଶାରେ ଆସନ୍ତା ସାଧାରଣ ନିର୍ବାଚନରେ ଏଏପି ସବୁ ସିଟ୍‌ରେ ନିର୍ବାଚନ ଲଢ଼ିବ ବୋଲି କାଡିଆନ୍ କହିଛନ୍ତି। ପୁରୀ ସଙ୍ଗଠନ ସବୁବେଳେ ଭିନ୍ନ ଭିନ୍ନ ଉପାୟରେ ସରକାରଙ୍କ ଆଗରେ ଜିଲାବାସୀଙ୍କ ସ୍ୱାର୍ଥକୁ ରଖୁଛି ବୋଲି ମହାପାତ୍ର କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ସୌମ୍ୟ ରଞ୍ଜନ ସ୍ୱାଇଁ, ଜିଲା ସଭାପତି ସଞ୍ଜୀବ ମହାନ୍ତି, ଜିଲା ସମ୍ପାଦକ ସତ୍ୟଜିତ ମହାନ୍ତି, ଜିଲା ମୁଖ୍ୟ ପ୍ରବକ୍ତା ଅନିଲ କୁମାର ସେନାପତି, ଜିଲା ସୋସିଆଲ ମିଡିଆ ଅଧକ୍ଷ ସମୀର ସାମନ୍ତରାୟ, ଜିଲା ମହିଳା ସଭାନେତ୍ରୀ ତପସ୍ୱିନୀ ଜଗଦେବ, ଜିଲା ଅଫିସ ସେକ୍ରେଟାରୀ ଅଭିଷେକ ପାଣିଗ୍ରାହୀ, କେନ୍ଦ୍ରାପଡ଼ା ଜିଲା ଆବାହକ ସନ୍ଦିପ୍ତ ଦାସ, ଜଗତ୍‌ସିଂହପୁର ଜିଲା ଆବାହକ ଅନୁପମା ସେଠୀ, ପ୍ରକାଶ ପ୍ରଧାନ, ବଶିଷ୍ଠ ରଥ, ରାକେଶ ନନ୍ଦ, ସୁଧାଂଶୁ ଶେଖର, ସୁନିଲ ଜେନା, ଜୟନ୍ତୀ ଜେନା, ଚିନ୍ମୟୀ ରଥ, ସମିନା ନାୟକ, ପାର୍ବତୀ ପ୍ରଧାନ, ଭାଗବତ ବେହେରା, ନରେନ୍ଦ୍ର ମୁଦୁଲି, ଅମିୟ ଶର୍ମା ଏବଂ ଯୁଧିଷ୍ଠିର ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଦୁର୍ନୀତି ଅଭିଯୋଗ

ଗୋପ,୨୯।୧(ଡି.ଏନ୍.ଏ.)

ଗୋପ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆରମ୍ଭରୁ ଦୁର୍ନୀତି ଅଭିଯୋଗ ଆସିଛି। ଗୋପ ବ୍ଲକର ବଡ଼ତରା ଓ ଇଶାଣପୁର ପଞ୍ଚାୟତରେ ଏହି ଦୁର୍ନୀତି ହେଉଥିବାବେଳେ ଆରମ୍ଭରୁ ଶ୍ରମିକ ବଦଳରେ ମେଶିନ କାମ କରୁଛି। ଏପରି ଅଭିଯୋଗକୁ ନେଇ ୨ ପଞ୍ଚାୟତ ପକ୍ଷରୁ ଜିଲାପାଳ ସମର୍ଥ ବର୍ମା ଏବଂ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଗୋପ ବ୍ଲକ ବଡ଼ତରା ପଞ୍ଚାୟତ ବଡ଼ତରା ଗ୍ରାମର ବଡ଼ପୋଖରା ପୋଖରୀରେ ଶ୍ରମିକ ବଦଳରେ ମେଶିନ କାମ କରୁଛି। ଇଶାଣପୁର ପଞ୍ଚାୟତର ଦେସୁଣ୍ଟି ଗ୍ରାମର ପଦ୍ମପୋଖରୀ, ଅରେଇ-ଡଗରା ସାହି ଗ୍ରାମ୍ୟରାସ୍ତା, ବାଲି ଉପର ଶ୍ମଶାନ କାର୍ଯ୍ୟକୁ ଶ୍ରମିକ ବଦଳରେ ଜେସିବି ଲଗାଇ ଦିନରାତି କାମ କରାଯାଉଛି। ଏହି କାର୍ଯ୍ୟ କିପରି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆର୍‌ଏସ୍ ଜାଣିପାରୁନାହାନ୍ତି, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚଳିତବର୍ଷ ଗୋପ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସରେ ଆଉ କେତେକ ପଞ୍ଚାୟତ ମେଶିନ୍ ଦ୍ୱାରା କାର୍ଯ୍ୟ କରାଯିବା ପାଇଁ ମସୁଧା ଆରମ୍ଭ ହୋଇଥିବା ସମୟରେ ଶ୍ରମିକମାନେ ବିରୋଧ କରୁଥିବା ଜଣାପଡ଼ିଛି। ବଡ଼ତରା, ଇଶାଣପୁର ପଞ୍ଚାୟତରେ ଏହି ଜେସିବି ମେଶିନ କାର୍ଯ୍ୟ କରିବା ପରେ ଜିଲାପାଳ ଓ ଗୋପ ବିଡିଓଙ୍କୁ ଅଭିଯୋଗ କରାଯାଇଛି। ଏ ନେଇ ବିଡିଓ ଦାସ କହିଛନ୍ତି, ତାଙ୍କ ନିକଟରେ ଅଭିଯୋଗ ହେବା ପରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।



ମାଘସପ୍ତମୀ ଅବସରରେ ଶନିବାର ମାର୍କଣ୍ଡେୟ ପୁଷ୍କରିଣୀରେ ତୀର୍ଥ ଆଳତି କାର୍ଯ୍ୟକ୍ରମ।

# ଆବାସ ଯୋଜନାରୁ ଯୋଗ୍ୟ ହିତାଧିକାରୀ ବାଦ୍

ଅସ୍ତରଙ୍ଗ,୨୯।୧(ଡି.ଏନ୍.ଏ.)

ଗତ ୧୬ ତାରିଖରେ ପଞ୍ଚାୟତରେ ଜାରି ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଟିଠାରୁ ବହୁ ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଥିବା ନେଇ ସୁହାଣପୁର ଗ୍ରାମପଞ୍ଚାୟତ ହିତାଧିକାରୀମାନେ ଅଭିଯୋଗ ଆଣିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଅଧିକାରୀମାନେ ସରକାରୀ ଗାଇଡ୍‌ଲାଇନ୍‌କୁ ଅଣଦେଖା କରି ଏଭଳି ଟିଠା ପ୍ରସ୍ତୁତ କରିଛନ୍ତି। ସୂଚନା ମୁତାବକ, ସୁହାଣପୁର ପଞ୍ଚାୟତର ଗର୍ଭଣା ଗୋରଡ଼ା ଗ୍ରାମ ୧୩ନଂ. ୱାର୍ଡର ଦିବାକର କାଣ୍ଡି ଓ ଦିବାକର ରାଉତଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ଦୁହେଁ ବାସଗୃହ ଖଣ୍ଡେ କରିବା ପାଇଁ ସେମାନେ ଅକ୍ଷମ। ଫନି ବାତ୍ୟାରେ ବାସଗୃହ ହରାଇ ଚାଳଛପର କୁଡ଼ିଆରେ ଜରି ପକାଇ ରହୁଛନ୍ତି। କାକଟପୁର ବିଡିଓ, ଜିଲାପାଳ ଓ ୫-ଟି ସଚିବ ସେମାନଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଦାବି ହେଉଛି।

# କପିଳେଶ୍ୱରଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

କଣାସ,୨୯।୧(ସ୍ୱ.ପ୍ର.)

ବସନ୍ତପଡ଼ା ଓ ଆରନ୍ଦା ଗ୍ରାମର ଆରାଧ୍ୟ ଠାକୁର ବାବା କପିଳେଶ୍ୱର ଦେବଙ୍କ ପୀଠରେ ୪ ଦିନ ଧରି ଚାଲିଥିବା ଦ୍ୱାଦଶ ବିଶ୍ୱଶାନ୍ତି ମହାଯଜ୍ଞ ରବିବାର ସମାପନ ହୋଇଛି। କର୍ତ୍ତା ଭାବେ ପ୍ରସନ୍ନ ପାଢ଼ୀ ଓ ମୁଖ୍ୟ ପୁରୋହିତ ରୂପେ ପଣ୍ଡିତ ପ୍ରକାଶ ଚନ୍ଦ୍ର ପ୍ରହରାଜ ଓ ତାଙ୍କ ସହଯୋଗୀ ଯଜ୍ଞକାର୍ଯ୍ୟ ସମାପନ କରିଥିଲେ। ଯଜ୍ଞ କମିଟି ସଭାପତି ପ୍ରକାଶ ଚନ୍ଦ୍ର ସେନାପତି, ଅଜିତ୍ ସ୍ୱାଇଁ, ଉପେନ୍ଦ୍ର ପ୍ରଧାନ, ଶରତ ସ୍ୱାଇଁ, କୁଞ୍ଜବିହାରୀ ପଣ୍ଡା, କସ୍ତୁରି ବରାଳ, ଦୁଃଶାସନ ସ୍ୱାଇଁ, ରମେଶ ସେନାପତି, ଅଧିକାରୀ ବେହେରା, କିଶୋର ବରାଳ, ଗୁଣନିଧି ସ୍ୱାଇଁ, ବିଦ୍ୟାଧର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଲିସ୍ ଲ୍ୟାଣ୍ଡରେ ବିଶ୍ୱକପ୍ ହକି ଉଦ୍‌ଯାପନୀ ଝଲକ

## କୁସ୍ତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ

ପୁରୀ ଅଫିସ, ୨୯।୧:

ବିଶ୍ୱକପ ହକି ଅବସରରେ ଓଲିସ୍ ଲ୍ୟାଣ୍ଡରେ ଅନୁଷ୍ଠିତ କୁସ୍ତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି। ରବିବାର ସନ୍ଧ୍ୟାରେ ସିଟି ଫେଷ୍ଟ ଇନ ଓଲିସ୍ ଲ୍ୟାଣ୍ଡରେ ବିଶ୍ୱକପ ହକିର ଉଦଯାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଛନ୍ତି। ବରିଷ୍ଠ ବିଭାଗର ୫୫-୬୪ କିଗ୍ରା ବର୍ଗରେ ନାରାୟଣ ତିଆଡ଼ି, ୬୫-୭୫ କିଗ୍ରାରେ ନିରଞ୍ଜନ ପତି, ୭୫-୮୫ କିଗ୍ରାରେ ଜମ୍ୱେଶ୍ୱର ସୁବୁଦ୍ଧି, ୮୯ କିଗ୍ରାରେ ରାମକୃଷ୍ଣ ପ୍ରତିହାରୀ, ୬୫ କିଗ୍ରାରେ ଭୁବନାନନ୍ଦ ଛାଟୋଇ, ୭୫ କିଗ୍ରାରେ ବଟକୃଷ୍ଣ ସ୍ୱାଇଁ ପୁରସ୍କାର ଜିତିଛନ୍ତି। ସବ୍ ଜୁନିୟର ବିଭାଗର ୩୦-୩୫ କିଗ୍ରା ବର୍ଗରେ କାର୍ତ୍ତିକ ନାୟକ, ୩୮-୪୪ କିଗ୍ରାରେ ରାକେଶ ପ୍ରଧାନ, ୪୨-୫୨ କିଗ୍ରାରେ ଆରୟନ ସାହୁ, ୫୨-୬୨ କିଗ୍ରାରେ ପ୍ରକାଶ ରଞ୍ଜନ ପ୍ରଧାନ ପୁରସ୍କୃତ ହୋଇଛନ୍ତି। ସିନିୟର ବିଭାଗର ୬୫-୭୦ କିଗ୍ରା ବର୍ଗରେ ପ୍ରଶାନ୍ତ କୁମାର, ୫୫-୬୦ କିଗ୍ରାରେ ଅଜିତ ଭୂୟାଁ, ୬୦-୬୫ କିଗ୍ରାରେ ପ୍ରଦୀପ ପ୍ରଧାନ ପୁରସ୍କାର ହାସଲ କରିଛନ୍ତି। ମହିଳା ବର୍ଗର ୫୦-୬୨ କିଗ୍ରାରେ ଏସ୍. ମହାପାତ୍ର ପ୍ରଥମ ସ୍ଥାନ ଅଧିକାର କରି ଟ୍ରଫି ଓ ଆର୍ଥିକ ପୁରସ୍କାର ପାଇଥିଲେ। କୁସ୍ତିରେ ସହଯୋଗ କରିଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରୀ ଜିଲାରେ ପ୍ରଶାସନ ପକ୍ଷରୁ ସିଟି ଫେଷ୍ଟ ଇନ ଓଲିସ୍ ଲ୍ୟାଣ୍ଡରେ ଗତ ୧୩ତାରିଖରୁ ବିବିଧ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସହଯୋଗ କରିଥିବାରୁ ସମସ୍ତଙ୍କୁ ଅତିରିକ୍ତ ଜିଲାପାଳ ସାହୁ ଧନ୍ୟବାଦ ଜଣାଇଛନ୍ତି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବରିଷ୍ଠ ସେବାୟତ ରାମକୃଷ୍ଣ ଦାସମହାପାତ୍ର, ଦୀନବନ୍ଧୁ ପ୍ରତିହାରୀ, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ ବେହେରା, ଡେପୁଟି କଲେକ୍ଟର ରଞ୍ଜନ ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, କ୍ରୀଡ଼ା ସଂସଦ ସମ୍ପାଦକ ରବି ଶଙ୍କର ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପାଠକ ସଚେତନ ହେଲେ ଗଣମାଧ୍ୟମ ନିରପେକ୍ଷ ହେବ

## ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ସ୍ୱନକ୍ଷତ୍ର ଉତ୍ସବ

ପୁରୀ ଅଫିସ, ୨୯।୧:



ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ତଥା ସମ୍ମାନ ପ୍ରଦାନ ସମାରୋହରେ ଯୋଗଦେଇଥିବା ଅତିଥିମାନେ।

ସମ୍ବାଦପତ୍ର ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ତଥା ସମ୍ମାନ ପ୍ରଦାନ ସମାରୋହ ରବିବାର ପୁରୀ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଆଲୋଚନା ଚକ୍ରର ଶୀର୍ଷକ ଥିଲା 'ଶୃଙ୍ଖଳିତ ସମାଜ ଗଠନରେ ଗଣମାଧ୍ୟମ'। ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ପ୍ରକାଶକ ତଥା ସମ୍ପାଦକ ରାଜେଶ ମହାନ୍ତିଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ଶତପଥୀ ଯୋଗଦେଇ କହିଥିଲେ, ସାମ୍ବାଦିକତା ଏକ ଧନ୍ଦା ନୁହେଁ ବରଂ ଏକ ଧର୍ମ। ସରକାରଙ୍କ ଚାପରେ ଆଜି ଚତୁର୍ଥ ସ୍ତମ୍ଭ ଜଡ଼ ମାଧ୍ୟମ ହେବାକୁ ବସିଲାଣି। ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଶୀ କହିଥିଲେ, ଜନଗଣଙ୍କ ସ୍ୱର ନ ଉଠିଲେ, ଠିକ୍ ସମ୍ବାଦ ପ୍ରକାଶ ପାଇବା ସମ୍ଭବ ନୁହେଁ। ଏକ ଶୃଙ୍ଖଳିତ ସମାଜ ପାଇଁ ଗଣମାଧ୍ୟମ ଯେ ଅଛି, ଏହା ସନ୍ଦେହ ଘେରରେ। ସେହିପରି ଇଷ୍ଟର୍ଣ୍ଣ ମିଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ତନୟା ପଟ୍ଟନାୟକ ଯୋଗଦେଇ କହିଥିଲେ, ପାଠକ, ଶ୍ରୋତା ଓ ଦର୍ଶକ ଏକ ଶୃଙ୍ଖଳିତ ସମାଜ ପାଇଁ ସେମାନଙ୍କ ଭୂମିକାର ଆତ୍ମସମୀକ୍ଷା କରିବା ଦରକାର ଓ ଭଲ ଖବର ପାଇଁ ଗଣମାଧ୍ୟମକୁ ବାଧ କରିବା ଦରକାର। ବିଶିଷ୍ଟ ସାମ୍ବାଦିକ ଅକ୍ଷୟ ସାହୁ କହିଥିଲେ, ସରକାରଙ୍କ ଚାପରେ ଆଜି ଗଣମାଧ୍ୟମ ପଥଭ୍ରଷ୍ଟ। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ କହିଥିଲେ, ଗଣମାଧ୍ୟମ ଏକ ବ୍ୟବସାୟିକ ପ୍ରତିଷ୍ଠାନ ନ ହେଉ। ଜୀବନକୁ ବିପନ୍ନ କରି ସତ୍ୟ ଓ ନିରପେକ୍ଷ ସମ୍ବାଦ ଯୋଗାଉଥିବା ସାମ୍ବାଦିକଙ୍କୁ ମାଲିକମାନେ ଦାଦନ ଶ୍ରମିକ କରାନ୍ତୁ ନାହିଁ। ସେହିପରି ଟେଲି ଅଭିନେତ୍ରୀ କୀର୍ତ୍ତି ମହାନ୍ତି, ଅଭିନେତା କେଦାର ମିଶ୍ର, ଅଧିବକ୍ତା ବିଭୁପ୍ରସାଦ ତ୍ରିପାଠୀ, ଗଣମାଧ୍ୟମ ସଞ୍ଚାଳିକା ଗାୟତ୍ରୀ ମହାନ୍ତି ପ୍ରମୁଖ ଯୋଗଦେଇ ନିଜ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ବିଶ୍ୱନାଥ ମିଶ୍ର ଓ ମଧୁସୂଦନ ମିଶ୍ର ସଞ୍ଚାଳନ କରିଥିଲେ। ପରେ ପ୍ରଫେସର ହରେକୃଷ୍ଣ ଶତପଥୀଙ୍କ ଅଧକ୍ଷତା ତଥା ଉପଦେଷ୍ଟା ବଦ୍ରି ମିଶ୍ରଙ୍କ ପରିଚାଳନାରେ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ପ୍ରଭାସ ଆଚାର୍ଯ୍ୟ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ଓଡ଼ିଶା ମୋ ପରିବାର ସଂଯୋଜକ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଶିକ୍ଷାବିତ୍ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, ଭୂମି ସଂରଚନା ପରିଚାଳନା ନିର୍ଦ୍ଦେଶକ ରାକେଶ ସାମଲ, ହେକ୍ଟର ମିଶ୍ର, ମନୋଜ ରଥ, ସଂଗ୍ରାମ କେଶରୀ କାନୁନଗୋ, ବିଦ୍ରୋହ ସିଂହ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଅତିଥିମାନେ ଶ୍ରୀଶ୍ରୀ କ୍ଷେତ୍ର ସୂଚନାର ଜନ୍ମବର୍ଷ ବିଶେଷାଙ୍କ ଉନ୍ମୋଚନ କରିଥିଲେ। ରାଜେଶ ମହାନ୍ତିଙ୍କ ସଂଯୋଜନାରେ ବଦ୍ରି ମିଶ୍ର, କୈଳାଶ ଚନ୍ଦ୍ର ଟିକାୟତରାୟ, ଗବେଷକ ଭାସ୍କର ମିଶ୍ର, କବି ମାନସ ରଞ୍ଜନ ମହାପାତ୍ର, ନାଟ୍ୟ ନିର୍ଦ୍ଦେଶକ ଭରତ ନାୟକଙ୍କ ସମେତ ପୁରୀର ଗଣମାଧ୍ୟମ ପ୍ରତିନିଧି ଓ କ୍ୟାମେରାମ୍ୟାନମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶ୍ୟାମପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ନାରାୟଣ ପାତ୍ର, ସତ୍ୟବ୍ରତ ଦାସ, ପୁଷ୍କର ପାତ୍ର ପରିଚାଳନାରେ ସହଯୋଗ କରିଥିଲେ। ପ୍ରକାଶ ରଥଙ୍କ ନିର୍ଦ୍ଦେଶନାରେ ଗୀତଗୋବିନ୍ଦ ଓ ସମବେତ କଣ୍ଠସଙ୍ଗୀତ ପରିବେଷଣ ହୋଇଥିଲା।

# ଗଛଲତାଙ୍କ ରାସାୟନିକ ଭାଷା



ପ୍ର. ରମେଶ ଚନ୍ଦ୍ର ପରିଡ଼ା

"ବୈଜ୍ଞାନିକମାନେ ପରୀକ୍ଷା କରି ପ୍ରମାଣିତ କଲେଣି ଯେ ଗଛମାନେ ଯନ୍ତ୍ରଣା, କ୍ରୋଧ, ବ୍ୟଥାଭାବ ଏବଂ ଅସନ୍ତୋଷ ପ୍ରକଟ କରିବାକୁ ସମର୍ଥ। ଏପରିକି ସେମାନେ ସଙ୍ଗୀତ ପ୍ରତି ମଧ ପ୍ରତିକ୍ରିୟା କରନ୍ତି। କିଛି ବର୍ଷ ପୂର୍ବେ ଟମାଟୋ ଗଛଗୁଡ଼ିକୁ ହେଡ୍‌ଫୋନ୍ ସାହାଯ୍ୟରେ ସଙ୍ଗୀତ ପରିବେଷଣ କରିବାରୁ ସେଗୁଡ଼ିକ ଶୀଘ୍ର ବଢ଼ିବାର ଦେଖାଯାଇଥିଲା। ପୁନଶ୍ଚ ସେମାନେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିବାକୁ ସମର୍ଥ ବୋଲି ଏବେ ବୈଜ୍ଞାନିକମାନେ କହିଲେଣି। ଅବଶ୍ୟ ସେ ଭାଷା ଆମଭଳି ଉଚ୍ଚାରିତ ନୁହେଁ, ତାହା ଅନୁଚାରିତ ଏବଂ ରାସାୟନିକ।"

ଗଛଲତାଙ୍କୁ ଆମେ ସାଧାରଣତଃ ମୂକ ଏବଂ ପ୍ରତିକ୍ରିୟାବିହୀନ ହୋଇଥିବାର ମନେ କରୁ। ସେଥିପାଇଁ ତାଙ୍କ ଉପରେ ଅତ୍ୟାଚାର କଲାବେଳେ ଆମକୁ ବିବେକ ବାଧା ଦିଏନା। ଆମେ କେତେବେଳେ ତାଙ୍କର ଡାଳପତ୍ର କାଟି ଦେଉ ତ ଆଉ କେତେବେଳେ ତାଙ୍କୁ ମୂଳରୁ କାଟି ଦେଇଥାଉ। ତେବେ ବିଗତ ଶତାବ୍ଦୀରେ ମହାନ ଭାରତୀୟ ବୈଜ୍ଞାନିକ ସାର୍ ଜଗଦୀଶ ଚନ୍ଦ୍ର ବୋଷ ଗଛଲତାଙ୍କଠାରେ ଥିବା ଚେତନା ଶକ୍ତି ବିଷୟରେ ଦର୍ଶାଇଥିଲେ। ଇତିମଧ୍ୟରେ ଏହାକୁ ମିଳିଲାଣି ଅନେକ ସ୍ୱୀକୃତି। ବୈଜ୍ଞାନିକମାନେ ପରୀକ୍ଷାକରି ପ୍ରମାଣିତ କଲେଣି ଯେ, ଗଛଗୁଡ଼ିକ ଯନ୍ତ୍ରଣା, କ୍ରୋଧ ବ୍ୟଥାଭାବ ଏବଂ ଅସନ୍ତୋଷ ପ୍ରକଟ କରିବାକୁ ସମର୍ଥ। ଏପରିକି ସେମାନେ ସଙ୍ଗୀତ ପ୍ରତି ମଧ ପ୍ରତିକ୍ରିୟା କରନ୍ତି। କିଛି ବର୍ଷ ପୂର୍ବେ ଟମାଟୋ ଗଛଗୁଡ଼ିକୁ ହେଡ୍‌ଫୋନ୍ ସାହାଯ୍ୟରେ ସଙ୍ଗୀତ ପରିବେଷଣ କରିବାରୁ ସେଗୁଡ଼ିକ ଶୀଘ୍ର ବଢ଼ିବାର ଦେଖାଯାଇଥିଲା। ପୁନଶ୍ଚ ସେମାନେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିବାକୁ ସମର୍ଥ ବୋଲି ଏବେ ବୈଜ୍ଞାନିକମାନେ କହିଲେଣି। ଅବଶ୍ୟ ସେ ଭାଷା ଆମ ଭଳି ଉଚ୍ଚାରିତ ନୁହେଁ, ତାହା ଅନୁଚାରିତ ଏବଂ ରାସାୟନିକ।

ଗଛଗୁଡ଼ିକ ରାସାୟନିକ ଭାବର ଆଦାନ ପ୍ରଦାନ କରନ୍ତି ବୋଲି ପ୍ରଥମେ ସୂଚନା ଦେଇଥିଲେ ଉଭୟ ରସାୟନ ଏବଂ ପ୍ରାଣୀବିଜ୍ଞାନରେ ଗବେଷଣା କରୁଥିବା ଆମେରିକୀୟ ବିଜ୍ଞାନୀ ଡାଭେ ରୋଡସ୍। ସେ ୧୯୭୯ ମସିହାରେ ୱାଶିଂଟନ ଡିସି ନିକଟବର୍ତ୍ତୀ ଏକ କ୍ଷେତରେ ୱିଲୋ ଗଛଗୁଡ଼ିକ ସଅଁବାଳୁଆ ଆକ୍ରମଣ ସମୟରେ କି ପ୍ରତିକ୍ରିୟା ପ୍ରକାଶ କରନ୍ତି ତାହା ଅଧ୍ୟୟନ କରୁଥିଲେ। ଏଥିପାଇଁ ସେ ଗଛଗୁଡିକୁ ଦୁଇ ଭାଗରେ ବିଭକ୍ତ କଲେ ଏବଂ ତହିଁରୁ ଗୋଟିକୁ ସଅଁବାଳୁଆଙ୍କ ଦ୍ୱାରା ସଂକ୍ରମିତ କରାଇଲା ବେଳେ





ଅନ୍ୟଟିକୁ ସେଥିରୁ ମୁକ୍ତ ରଖିଲେ। ପ୍ରାୟ ଦୁଇ ସପ୍ତାହ ପରେ ପ୍ରଥମ ସଂକ୍ରମିତ ଗଛଗୁଡିକରୁ ପତ୍ର ନେଇ ବିଜ୍ଞାନାଗାର ମଧ୍ୟରେ ସେହି କୀଟମାନଙ୍କୁ ଖାଇବାକୁ ଦେବାରୁ ସେମାନଙ୍କର ଶାରୀରିକ ଅଭିବୃଦ୍ଧି ମନ୍ଥର ହେବାର ଦେଖାଗଲା। ତତ୍ପରେ ସେ ଅନ୍ୟ ଗଛଗୁଡ଼ିକର ପତ୍ର ସେମାନଙ୍କୁ ଖାଇବାକୁ ଦେଲେ। ତେବେ ଫଳାଫଳ ଏକପ୍ରକାର ହେଲା। ସଅଁବାଳୁଆଙ୍କର ଶାରୀରିକ ଅଭିବୃଦ୍ଧି ସୀମିତ ରହିଲା। ଏହାପରେ ପତ୍ରଗୁଡିକୁ ପରୀକ୍ଷା କରିବାକୁ ଜଣାପଡ଼ିଲା ଯେ, ସେହି ଉଭୟ ପ୍ରକାରରେ ଏକ ଅରୁଚିକର ରସାୟନ ମାତ୍ରାଧିକ ବୃଦ୍ଧି ଘଟିଛି, ଯାହାକି ସଅଁବାଳୁଆମାନଙ୍କର ଅଭିବୃଦ୍ଧିର ପ୍ରତିହତ କରିଛି। ଏହା ତାଙ୍କ ମନକୁ ପ୍ରଶ୍ନଟିଏ ଆଣିଲା ଯେ, ସଂକ୍ରମିତ ଗଛଗୁଡିକ ହୁଏତ ପତ୍ରଗୁଡିକୁ ସୁରକ୍ଷା ଦେବା ପାଇଁ ପ୍ରତିରକ୍ଷା କ୍ରିୟାବିଧି ଅନୁସାରେ ନିଜ ଠାରେ ଏହି ରାସାୟନିକ ସୃଷ୍ଟି କରିଥାଆନ୍ତି, ତେବେ ଏଥିରୁ ମୁକ୍ତ ଗଛମାନଙ୍କର ପତ୍ରରେ ତାହା ଉତ୍ପନ୍ନ ହେଲା କାହିଁକି ? ଏଣୁ ରୋଡସ୍ ସିଦ୍ଧାନ୍ତରେ ପହଞ୍ଚିଲେ ଯେ ସମ୍ଭବତଃ ପ୍ରଭାବିତ ଗଛଗୁଡିକ କୌଣସି 'ଭାଷା'ରେ ଅନ୍ୟ ପ୍ରଭାବିତ ଗଛଗୁଡିକୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେଥିପାଇଁ ସେଗୁଡିକ ନିଜର ସୁରକ୍ଷା ପାଇଁ ଏହି ପ୍ରତିରୋଧକାରୀ ରସାୟନ ସୃଷ୍ଟି କରିଛନ୍ତି। ତେଣୁ ଏ 'ଭାଷା'ଟି କ'ଣ ତାହା ଆବିଷ୍କାର କରିବା ପାଇଁ ସେ ପରୀକ୍ଷା ଚଳାଇଲେ।

ପରବର୍ତ୍ତୀ ଅଧ୍ୟୟନରୁ ତାଙ୍କୁ ଜଣାପଡିଲା ଯେ, ପ୍ରକୃତି ଉଦ୍ଭିଦମାନଙ୍କୁ ପ୍ରତି ମୁହୂର୍ତ୍ତରେ ବିବିଧ ଅଲୌକିକ ଭାବେ ଶତ୍ରୁ କବଳରୁ ନିଜକୁ ରକ୍ଷା କରିବାର ସାମର୍ଥ୍ୟ ଦେଇଛି। ଆଗକୁ ସେଗୁଡିକ ନିଷ୍କ୍ରିୟ ତଥା ଅସହାୟ ଏବଂ ପରିବେଶର ଯେକୌଣସି କଠୋର ପ୍ରଭାବକୁ ସହ୍ୟ କରିବାକୁ ବାଧ ବୋଲି ବିଶ୍ୱାସ କରାଯାଉଥିଲା। କିନ୍ତୁ ତାଙ୍କର ପରିବର୍ତ୍ତିତ ପରିବେଶକୁ ଚାହିଁ ଏହାର କୁପ୍ରଭାବ ନିବାରଣ ଲାଗି କିଛି କରିପାରିବାର ଶକ୍ତି ରହିଛି ବୋଲି ଏଥିରୁ ଜଣାପଡିଲା। ସେଥିପାଇଁ ସେଗୁଡିକ ହଜାର ହଜାର ସଂଖ୍ୟକ ରସାୟନ କ୍ଷରଣ କରିବାକୁ ସମର୍ଥ, ଯାହାଙ୍କ କ୍ରିୟାକଳାପ ଏବେ ମଧ୍ୟ ଅଧ୍ୟୟନ ମଧ୍ୟରେ ସୀମାବଦ୍ଧ ରହିଛି। କୌଣସି ପ୍ରକାରେ ପ୍ରରୋଚିତ ହେଲେ ପରିସ୍ଥିତିର ମୁକାବିଲା କରିବା ଲାଗି ସେଗୁଡିକ ଏହା ବ୍ୟବହାର କରନ୍ତି। ଉଦାହରଣସ୍ୱରୂପ, କିଛି ଗଛ କବକ (ଫଙ୍ଗସ) ବିରୋଧରେ 'ଫଟୋ ଆଲେକସିନ୍' ନାମକ କବକ ବିନାଶ ଉତ୍ପନ୍ନ କଲାବେଳେ ଆଳୁଜାତୀୟ ଗଛକୁ କୋଟିଲି ପୋକମାନେ ଖାଇବାକୁ ଆରମ୍ଭ କରିବାର ମାତ୍ର କେତେ ଘଣ୍ଟା ମଧ୍ୟରେ ଏଗୁଡିକ ଏକ ଶକ୍ତିଶାଳୀ ପ୍ରତିରୋଧକାରୀ ପ୍ରୋଟିନ୍ ସୃଷ୍ଟି କରନ୍ତି।

ଗଛମାନେ ଅଚଳ। ଏଣୁ ଅନିଷ୍ଟକାରୀ କୀଟ, କୋଟିଲିପୋକ ବା କବକ ଆଦି ଦ୍ୱାରା ଆକ୍ରମଣର ଶିକାର ହେଲା ବେଳେ ସେମାନେ ପଳାୟନ କରିପାରନ୍ତି ନାହିଁ କିମ୍ବା ଅନ୍ୟ କୌଣସି ଉପାୟରେ ପ୍ରତିରୋଧ କରିପାରନ୍ତି ନାହିଁ। ତେଣୁ ସେମାନେ ନିଜକୁ ରକ୍ଷା କରିବା ଲାଗି ଏହି ରହସ୍ୟମୟ ପ୍ରକ୍ରିୟାର ବିକାଶ ଘଟାଇଛନ୍ତି। ସେଇଯୋଗୁ ସେମାନେ ରସାୟନିକ ଆତ୍ମରକ୍ଷା କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରିପାରୁଛନ୍ତି। ଶହ ଶହ ଭିନ୍ନ ଭିନ୍ନ ପ୍ରଜାତିର କୀଟପତଙ୍ଗ ଏବଂ ପରାଗପୁଷ୍ଟ ପୋକଯୋକ ତଥା ଅସଂଖ୍ୟ ଜୀବାଣୁ ଏବଂ କବକ ଏହାର ଡାଳପତ୍ରଗୁଡିକୁ ନଷ୍ଟ କରିଥାଆନ୍ତି। ସେମାନଙ୍କ ବିରୋଧରେ ପ୍ରତିରକ୍ଷା ପାଇଁ ପ୍ରକୃତି ଉଦ୍ଭିଦଗୁଡ଼ିକୁ ଏବର ସାମର୍ଥ୍ୟ ପ୍ରଦାନ କରିଛି। ତେଣୁ ସେଗୁଡିକ ନିଜ ସନ୍ଧାନରେ ପ୍ରାୟ ୫୦ ପ୍ରତିଶତ ପର୍ଯ୍ୟନ୍ତ ଏହି 'ରସାୟନ ଅସ୍ତ୍ର' ନିର୍ମାଣରେ ଉପଯୋଗ କରିଥାନ୍ତି। ସାଧାରଣତଃ ଏ ରସାୟନଗୁଡିକ ପତ୍ରରେ ଅଧିକ ଘନୀଭୂତ ଅବସ୍ଥାରେ ଥାଏ, କାରଣ ଏହି ଅଂଶଟି ଶତ୍ରୁମାନଙ୍କର ପ୍ରଥମ ଶିକାର ହୋଇଥାଏ। ଉଦାହରଣସ୍ୱରୂପ, କୀଟପତଙ୍ଗଠାରେ ବଦହଜମୀ ଲାଗି ସେମାନେ ବିବିଧ 'ଟ୍ୟାନିକ୍' ଏବଂ ସେମାନଙ୍କ ସ୍ନାୟୁ ବ୍ୟବସ୍ଥାକୁ ନିଷ୍କ୍ରିୟ ଓ ବିଧ୍ୱସ୍ତ କରିବା ଲାଗି 'ଆଲକାଲଏଡସ୍' ଆଦି ଉତ୍ପନ୍ନ କରନ୍ତି। ଏପରି କି କେତେକ ଆମିନୋ ଅମ୍ଳର ନକଲ ମଧ ସୃଷ୍ଟି କରନ୍ତି, ଯାହାକି ଭକ୍ଷକ ଶରୀରରେ ତ୍ରୁଟିପୂର୍ଣ୍ଣ ପ୍ରୋଟିନ୍ ସୃଷ୍ଟି କରିଥାଏ। ଉଦ୍ଭିଦମାନେ ଏହି ରସାୟନିକ ଅସ୍ତ୍ର ଧାରଣ କରିଥାଆନ୍ତି। ନଚେତ୍ ଖୁବ୍ କମ୍ ସମୟ ମଧ୍ୟରେ ଆବଶ୍ୟକତାକୁ ଚାହିଁ ତାହା ତିଆରି କରନ୍ତି। ବୋଧହୁଏ ଗଛଗୁଡ଼ିକ ପର-ପରାଗସଙ୍ଗମର ସୁଯୋଗ ସୃଷ୍ଟି ଲାଗି ଫୁଲ ଫୁଟିବାର ସମୟ ସହିତ ତାଳ ଦେବା କିମ୍ବା ତାଙ୍କୁ ଆକ୍ରମଣ କରୁଥିବା କୀଟପତଙ୍ଗଙ୍କୁ ଘଉଡାଇବା ନିମନ୍ତେ ପରସ୍ପର ସହିତ ଭାବର ଆଦାନ ପ୍ରଦାନ କରନ୍ତି ବୋଲି ମତ ଦିଅନ୍ତି ନିୟୁ ହାମ୍ପସାୟରସ୍ଥିତ ଡାର୍ଟମାଉଥ କଲେଜର ପ୍ରଫେସର ଜ୍ୟାକ୍ ସୁଲଜ୍ ଏବଂ ତାଙ୍କର ସହଯୋଗୀ ବାଲ୍‌ଡଉଇନ୍। (କ୍ରମଶଃ..)

-ଉଷା ନିବାସ, ୧୭୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ : ୯୯୩୭୩୦୧୪୬୦

# ଆକ୍ୟୁଟ୍ କିଡ୍‌ନୀ ଅକ୍ଷମତା



ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି କିଡ୍‌ନୀ। ଏହା ପାଖାପାଖି ୮୦-୯୦% ଖରାପ ହେବା ପରେ ସମ୍ପୃକ୍ତ ବ୍ୟକ୍ତି ଏ ବିଷୟରେ ଜାଣିପାରେ। ହେଲେ ତା'ପୂର୍ବରୁ କେତେକ ଲକ୍ଷଣ ପ୍ରକାଶ ପାଇଥାଏ, ଯାହାକୁ ଅବହେଳା କରିବା ଆଦୌ ଠିକ୍ ନୁହେଁ। ତରଳ ଝାଡ଼ା ବାନ୍ତି ଯୋଗୁ ଡିହାଇଡ୍ରେସନ୍ ହେବା, ଶରୀରରୁ ଅଧିକ ରକ୍ତକ୍ଷୟ ଘଟିବା, ଚର୍ମର ବେଶି ଅଂଶ ପୋଡ଼ିଯିବା, ସଂକ୍ରମଣ ବଢ଼ି ସେପ୍ଟିସିମିଆ ହେବା, ଅଂଶୁଘାତ ହେବା, ବିଷାକ୍ତ ସାପ କାମୁଡ଼ିବା, ବିଷ ଖାଇବା ଇତ୍ୟାଦି କାରଣରୁ ପ୍ରକାଶପାଏ ଆକ୍ୟୁଟ୍ କିଡ୍‌ନୀ ଅକ୍ଷମତା। ଏହା ମାରାତ୍ମକ ହୋଇଥିଲେ ମଧ ବିହିତ ଚିକିତ୍ସା ଫଳରେ ସୁଫଳ ମିଳିବାର ସମ୍ଭାବନା ବେଶି। ଅନ୍ୟପକ୍ଷରେ ରକ୍ତଚାପ ଏବଂ ଡାଇବେଟିସ୍ ଦୀର୍ଘ ଦିନ ଧରି ଅସନ୍ତୁଳିତ ରହିଲେ, ଯନ୍ତ୍ରଣା କମାଇବାକୁ ସବୁବେଳେ ପେନ୍‌କିଲର୍ ଔଷଧ ଖାଇଲେ ତାହାର ପ୍ରଭାବ କିଡ୍‌ନୀ ଉପରେ ପଡ଼ିଥାଏ। ଏଭଳି ଅବସ୍ଥାକୁ କୁହାଯାଏ ଦୀର୍ଘକାଳୀନ କିଡ୍‌ନୀ ଅକ୍ଷମତା 'କ୍ରନିକ୍ ରେନାଲ୍ ଫେଲ୍ୟୁଓର୍' ବା ସି.ଆର୍.ଏଫ୍। ଏହି କ୍ରନିକ୍ ଅକ୍ଷମତାର ପ୍ରଥମ ଅବସ୍ଥାରେ କୌଣସି ଲକ୍ଷଣ ପ୍ରକାଶ ନ ପାଇପାରେ। ପରେ ପରେ ପରିସ୍ରାର ପରିମାଣ କମିଯାଏ, ଦୁର୍ବଳ ଲାଗେ, ଅଇ ଉଠେ, ଭୋକ ହୁଏନି, ଦେହ ହାତ କୁଣ୍ଡେଇ ହୁଏ, ରକ୍ତ କମିଯାଇ ରୋଗୀ ଅଚେତ ଦେଖାଯାଏ, ଶ୍ୱାସ କଷ୍ଟ ହୁଏ ଓ ମୁହଁପାଦ ଫୁଲେ। ତେଣୁ ଏଭଳି ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ବିଳମ୍ବ ନ କରି ଅଭିଜ୍ଞ କିଡ୍‌ନୀ ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ଚିକିତ୍ସା କରାନ୍ତୁ।

# ସ୍ନାୟୁକୁ ସକ୍ରିୟ ରଖିବ ଗାମା ୱେଭ



ଆଲ୍‌ଜିମରରେ ଆକ୍ରାନ୍ତ ହେଲେ ଏହା ମସ୍ତିଷ୍କକୁ ଦୁର୍ବଳ କରିବା ସହ ସ୍ନାୟୁକୋଷଗୁଡ଼ିକୁ ପ୍ରଭାବିତ କରିଥାଏ। ଫଳରେ ମସ୍ତିଷ୍କର କାର୍ଯ୍ୟଧାରା ବାଧାପ୍ରାପ୍ତ ହୁଏ। ତେବେ ମସ୍ତିଷ୍କ ଭିତରେ ଥିବା ସ୍ନାୟୁଗୁଡ଼ିକ କିପରି ସକ୍ରିୟ ରହିବ, ସେ ନେଇ ଏକ ଗାମା ୱେଭ ପ୍ରସ୍ତୁତ କରାଯାଇଛି। ବିଶେଷ ଭାବରେ ଆଲ୍‌ଜିମର୍ସ ଦ୍ୱାରା ଆକ୍ରାନ୍ତ ରୋଗୀଙ୍କ ପାଇଁ ଏହା ଅଧିକ ଉପକାରୀ ସାବ୍ୟସ୍ତ ହେବ ବୋଲି ମତ ଦେଇଛନ୍ତି ଲଣ୍ଡନ ବିଶ୍ୱବିଦ୍ୟାଳୟର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ। ପ୍ରାୟ ୩-୪ ବର୍ଷ ଧରି ସେମାନେ ଏହି ୱେଭ ପ୍ରସ୍ତୁତିରେ ଲାଗିଥିଲେ। ଶେଷରେ ଏହାର ବ୍ୟବହାର କରି ସେଥିରୁ ସଫଳତା ମିଳିଛି ବୋଲି ସେମାନେ ପ୍ରକାଶିତ ରିପୋର୍ଟରେ ଦର୍ଶାଇଛନ୍ତି। ଜଣେ ବ୍ୟକ୍ତି ଆଲ୍‌ଜିମର୍ସ ଦ୍ୱାରା ଆକ୍ରାନ୍ତ ହେଲେ ଏହାଦ୍ୱାରା ତାଙ୍କର ମସ୍ତିଷ୍କର ସ୍ନାୟୁକୋଷ ପ୍ରଭାବିତ ହୋଇଥାଆନ୍ତି। ଚିକିତ୍ସା ସମୟରେ ଲାଇଟ୍ ଥେରାପି ମାଧ୍ୟମରେ ସେମାନଙ୍କ ମସ୍ତିଷ୍କ ଭିତରକୁ ଏହି ଗାମା ୱେଭ୍‌କୁ ପ୍ରେରଣ କରାଯାଇଥାଏ। ଏହି ୱେଭ୍ ଆକ୍ରାନ୍ତ କୋଷଗୁଡ଼ିକୁ ସକ୍ରିୟ କରିବା ସହ ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଚର୍ମ କୋଷ ଓ ହଳଦୀ



ହଳଦୀ ଆମ ଶରୀର ପାଇଁ କେତେ ଉପକାରୀ ତାହା କହିବା ଅନାବଶ୍ୟକ। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଚର୍ମ କୋଷଗୁଡ଼ିକୁ ସୂର୍ଯ୍ୟକିରଣ ପ୍ରଭାବରୁ ରକ୍ଷା କରିଥାଏ। କେବଳ ସେତିକି ନୁହେଁ, ଏଥିରେ କୁର୍‌କୁମିନ୍ ନାମକ ଏକ ତତ୍ତ୍ୱ ଯାହା ଶରୀରକୁ ଥଣ୍ଡାଜନିତ ସମସ୍ୟାରୁ ରକ୍ଷା କରିବାରେ ସହାୟକ ହୋଇଥାଏ। ଆମ ଶରୀର ଭିତରେ କେତେକ କୋଷ ଥଣ୍ଡା ସମସ୍ୟାକୁ ବୃଦ୍ଧି କରିଥାଆନ୍ତି। ଏହି ତତ୍ତ୍ୱ ସେଭଳି କୋଷ ବୃଦ୍ଧିକୁ ରୋକିବାରେ ସକ୍ଷମ ହୋଇଥାଏ। ଏଥିପାଇଁ ଏକ ପ୍ରାକୃତିକ ଉପଚାର ରହିଛି। ଥଣ୍ଡାଜନିତ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଉଷୁମ କ୍ଷୀରରେ ଅଳ୍ପ ହଳଦୀ ମିଶାଇ ପିଇପାରନ୍ତି। ଖାସ୍ କଥା ହେଲା ହଳଦୀ ଶରୀରରେ ଇନ୍‌ସୁଲିନ୍ ସ୍ତରକୁ ସନ୍ତୁଳିତ ରଖିଥାଏ। ପ୍ରତିରୋଧକୁ ବଢ଼ାଇଥାଏ। ହଜମ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ ହଳଦୀ। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଅସ୍ଥିକୁ ମଧ ମଜଭୁତ କରିଥାଏ। ଏହା ମଧ୍ୟ ରକ୍ତଚାପକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରେ।

# ଉପକାରୀ ଅମୃତଭଣ୍ଡା

ଅମୃତଭଣ୍ଡାରେ ଅନେକ ପ୍ରକାରର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ହାର୍ଟ ବା ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ସହ ମସ୍ତିଷ୍କର କାର୍ଯ୍ୟଧାରାକୁ ମଧ ଆହୁରି ସକ୍ରିୟ କରେ। ମେଦବୃଦ୍ଧି ସମସ୍ୟାକୁ ସମାଧାନ କରିବା ସହିତ ଶରୀରରେ ଜଳୀୟ



ଅଂଶକୁ ସନ୍ତୁଳିତ ରଖେ। ଏଥିରେ ବିଟା କ୍ୟାରୋଟିନ୍ ତତ୍ତ୍ୱ ରହିଛି, ଯାହା ଆଜ୍‌ମା ପରି ସମସ୍ୟାରୁ କେତେକାଂଶରେ ଉପଶମ ଦେଇଥାଏ। କାଲିଫର୍ନିଆ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି ଯେ, ଅମୃତଭଣ୍ଡା କ୍ୟାନ୍‌ସର ରୋଗୀଙ୍କ ପାଇଁ ମଧ ଉପକାରୀ।

# ଉତ୍ତମ ବିଚାରଧାରା ଓ ସନ୍ତୁଳିତ ଜୀବନଶୈଳୀ



ଆଜିକାଲିର ଧାଁଧପଡ଼ ଜୀବନରେ ଆମେ ନିଜ ଜୀବନଶୈଳୀ ପ୍ରତି ସଚେତନ ରହିବା ନିହାତି ଦରକାର। କାରଣ ଏକ ସନ୍ତୁଳିତ ଜୀବନଶୈଳୀ ଜଣକୁ କେତେକାଂଶରେ ସୁସ୍ଥ ରଖିଥାଏ। ତେବେ ଏହା ପଛରେ ଆଉ ଏକ କାରଣ ମଧ ରହିଛି। ତାହା ହେଲା ଉତ୍ତମ ଚିନ୍ତାଧାରା। ବିଚାରଧାରାକୁ ସକାରାତ୍ମକ କରିବା ଲାଗି କେତୋଟି ଟିପ୍ସ ଆପଣେଇ ପାରନ୍ତି। ଅନେକ ସମୟରେ ଆମେ ନକାରାତ୍ମକ ଚିନ୍ତାର ବଶବର୍ତ୍ତୀ ହୋଇ, ଠିକ୍ ଭୁଲ୍‌ର ରାସ୍ତା ଜାଣି ପାରି ନ ଥାଉ। ସମୟେ ସମୟେ ପାରିପାର୍ଶ୍ୱିକ କାରଣରୁ ଚିନ୍ତାରେ ବି ପଡ଼ି ବାଟବଣା ହୋଇଯାଉ। ତେଣୁ ଜୀବନରେ ଠିକ୍ ମାର୍ଗକୁ ଆପଣେଇ ଖୁସିରେ ରହିବାକୁ ହେଲେ ଆମକୁ ଆମ ବିଚାରଧାରାରେ ପରିବର୍ତ୍ତନ ଆଣିବାକୁ ହେବ। ଜୀବନରେ ଆସୁଥିବା ନକାରାତ୍ମକ ଜିନିଷଗୁଡ଼ିକଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ। ନିଜର ମାନସିକତାକୁ ସକାରାତ୍ମକ ରଖନ୍ତୁ। ଦେଖିବେ ଆପଣଙ୍କୁ କେତେ ଖୁସି ମିଳିବ। ଭଲ ପରିବେଶରେ ଭଲ ଲୋକଙ୍କ ସହ ମିଶନ୍ତୁ। ସେମାନଙ୍କ ସହ ମିଠାମିଠା କଥା ହୋଇ ନିଜର ଅନୁଭୂତିକୁ ବାଣ୍ଟନ୍ତୁ। ଏହାଛଡ଼ା ସବୁବେଳେ ନିଜେ ହସନ୍ତୁ ଓ ଅନ୍ୟମାନଙ୍କୁ ବି ହସାନ୍ତୁ। କାରଣ ହସିବା ଦ୍ୱାରା ଆମ ମସ୍ତିଷ୍କ ହାଲୁକା ହୋଇଥାଏ ଓ ନିଷ୍ପତ୍ତିକୁ ଠିକ୍ ଭାବେ ନେବାକୁ ସକ୍ଷମ ହୋଇଥାଏ। ଯେ କୌଣସି ଭୁଲ ପାଇଁ କେବେହେଲେ ନିଜକୁ ଦୋଷାରୋପ କରନ୍ତୁ ନାହିଁ। ନିଜକୁ ପ୍ରଥମେ ଭଲ ପାଆନ୍ତୁ ଓ ନିଜେ କରୁଥିବା କାମ ଉପରେ ସବୁବେଳେ ବିଶ୍ୱାସ ରଖନ୍ତୁ। ଦେଖିବେ ଏଭଳି ଉତ୍ତମ ବିଚାରଧାରା ପାଇଁ ଆପଣଙ୍କର ଜୀବନଶୈଳୀ କେତେ ସୁମଧୁର ହୋଇଉଠିବ।

# ଜାଣିରଖନ୍ତୁ



- ପ୍ରତିଦିନ ଶିଡ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ, ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ସେତେ ଭଲ।
- ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ ଆବଶ୍ୟକତା ରହିଛି। ସବୁବେଳେ ସକାରାତ୍ମକ ଚିନ୍ତନ କରି ଖୁସି ରହିବା ଦ୍ୱାରା ମାନସିକ ଭାବେ ଆମେ ସନ୍ତୁଳିତ ରହିପାରିବା।
- ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ଫଳମୂଳ ସହ ଜୁସ୍ ମିଶାନ୍ତୁ, ଯାହା ଶରୀର ପାଇଁ ଲାଭଦାୟକ।
- ଖାଇବାରେ ସବୁଦିନ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇବ।
- କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ହେଲେ ସେପରି କରନ୍ତୁ ନାହିଁ। ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ ଏବଂ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ।

# ସ୍ୱାସ୍ଥ୍ୟ ସୂଚନା

➤ଖାଇ ସାରିବା ପରେ ଚା', କଫି କିମ୍ବା କୋଲ୍ଡ ଡ୍ରିଙ୍କ୍‌ସ ଆଦୌ ପିଅନ୍ତୁ ନାହିଁ। କାରଣ ଏହା ଦ୍ୱାରା ଖାଦ୍ୟର ପ୍ରୋଟିନ୍ ଅଂଶ ନଷ୍ଟ ହୋଇଯାଇଥାଏ ଓ ଏହା ରକ୍ତ ସଂଚାଳନ ଉପରେ ପ୍ରଭାବ ପକାଏ।

➤ଡାଇବେଟିସ୍ ରୋଗୀମାନେ ଖାଇ ସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଇବା ଠିକ୍ ନୁହେଁ। ଏହା ଦ୍ୱାରା ମେଦ ବୃଦ୍ଧି ପାଇଥାଏ।

➤ଦାନ୍ତକୁ ସଫା ରଖିବା ପାଇଁ ହେଲେ ପ୍ରତିଦିନ ସକାଳେ ଓ ରାତ୍ରି ଭୋଜନ ପରେ ଭଲରେ ବ୍ରସ୍ କରନ୍ତୁ। ଏହା ସହ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଦନ୍ତରୋଗ ବିଶେଷଜ୍ଞ ସହ ପରାମର୍ଶ କରନ୍ତୁ।

➤ପ୍ରତିଦିନ ସକାଳୁ କିଛି କିଛି ଷ୍ଟ୍ରେଚିଂ ଏକ୍ସରସାଇଜ୍ କରନ୍ତୁ। ଏହା ଆମ ଶରୀରରେ ହେଉଥିବା ପାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଅଣ୍ଠାଜନିତ ବ୍ୟଥାରୁ ମଧ କେତେକାଂଶ ରକ୍ଷା କରିଥାଏ।

➤ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଠିକ୍ ନୁହେଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଦ୍ୟ ଖାଆନ୍ତୁ।

➤ବୟସ୍କ ବ୍ୟକ୍ତିମାନେ ସବୁବେଳେ ନିଜକୁ ଚିନ୍ତାଠାରୁ ଦୂରେଇ ରଖି ଖୁସିରେ ରହିବା ଭଲ, ଯାହା ସେମାନଙ୍କଠାରେ ସକାରାତ୍ମକ ଭାବନା ବଢ଼ାଇବ।





କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ୍ ମ୍ୟାଚ ଉପଭୋଗ କରୁଛନ୍ତି ଦର୍ଶକ।

# ପାଣ୍ଡିଆନ୍‌ଙ୍କୁ ଏଫ୍‌ଆଇଏଚ୍ ପୁରସ୍କାର



ଏଫ୍‌ଆଇଏଚ୍ ସଭାପତି ତାୟାବ ଇକ୍ରାମଙ୍କ ସହ ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

**ଭୁବନେଶ୍ୱର, ୨୯।୧**

ହକି ପାଇଁ ଉଲ୍ଲେଖନୀୟ ଅବଦାନ ଲାଗି ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ସଭାପତି ତାୟାବ ଇକ୍ରାମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ୍‌ଙ୍କୁ 'ଏଫ୍‌ଆଇଏଚ୍ ପ୍ରେସିଡେନ୍ସ ପୁରସ୍କାର'ରେ ସମ୍ମାନିତ କରିଛନ୍ତି। ଏହି ଅବସରରେ ଇକ୍ରାମ କହିଛନ୍ତି, ଗତ ଦୁଇ ସପ୍ତାହରେ ଓଡ଼ିଶାରେ ଆମେ ଯାହା ଦେଖିଛୁ ବାସ୍ତବିକ ଅଭୁତପୂର୍ବ। ଅତ୍ୟାଧୁନିକ ସୁବିଧା ନୁହେଁ, ହକି ପାଇଁ ଓଡ଼ିଶାବାସୀଙ୍କ ଇସାହ ଉଦ୍ଦୀପନା ଆମକୁ ଅଭୀଭୂତ କରିଛି। କେବଳ ଭାରତୀୟ ଦଳ ନୁହେଁ, ଅନ୍ୟ ଦଳଗୁଡ଼ିକ ପ୍ରତି ସେମାନଙ୍କର ଭଲପାଇବା ରହିଛି। ଭୁବନେଶ୍ୱର ଓ ରାଉରକେଲାରେ ହକି ବିଶ୍ୱକପ୍‌ର ସଫଳ ଆୟୋଜନ ପଛରେ ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ପାଣ୍ଡିଆନ୍‌ଙ୍କ ପ୍ରମୁଖ ଭୂମିକା ରହିଛି। ଓଡ଼ିଶା ରାଜ୍ୟ ପ୍ରତି କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ପାଣ୍ଡିଆନ୍‌ଙ୍କୁ ଏଫ୍‌ଆଇଏଚ୍ ସଭାପତି ପୁରସ୍କାର ପ୍ରଦାନ କରି ନିଜକୁ ଧନ୍ୟ ମନେକରିଛନ୍ତି। ସମ୍ମାନ୍‌ଜନକ ପୁରସ୍କାର ପାଇବା ପରେ ପାଣ୍ଡିଆନ କହିଥିଲେ, ଏଫ୍‌ଆଇଏଚ୍ ସଭାପତି ପୁରସ୍କାର ଗ୍ରହଣ କରି ମୁଁ ନିଜକୁ ଗୌରବାନ୍ୱିତ ମନେକରୁଛି। ବିଶ୍ୱକପ୍‌ର ସଫଳ ଆୟୋଜନ ପଛରେ ଟିମ୍ ଓଡ଼ିଶାର ବଡ଼ ଭୂମିକା ରହିଛି। ସେ କେବଳ ଏହାର ପ୍ରତିନିଧି ଭାବେ ଏହି ପୁରସ୍କାର ଗ୍ରହଣ କରିଛନ୍ତି ମାତ୍ର। ଆମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ। ଏହି ପରିପ୍ରେକ୍ଷୀରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଥିଲେ, ଗତ ଦୁଇ ଦଶନ୍ଧି ହେଲା କ୍ରୀଡ଼ାରେ ବିଶେଷ ଭାବେ ହକି କ୍ଷେତ୍ରରେ ପାଣ୍ଡିଆନ୍‌ଙ୍କ ଅବଦାନ ସେ ଦେଖିଛନ୍ତି। କ୍ରୀଡ଼ାବିତ୍‌ମାନଙ୍କୁ କିପରି ଉପଯୁକ୍ତ ସୁବିଧା ସୁଯୋଗ ଦିଆଯାଇପାରିବ ସେଥିପ୍ରତି ସେ ବିଶେଷ ଧ୍ୟାନ ଦେଇଥାନ୍ତି। ସୂଚନାଯୋଗ୍ୟ, ହକି ପ୍ରତି ସିଧାସଳଖ ଅବା ପରୋକ୍ଷରେ ଉଲ୍ଲେଖନୀୟ ସେବା ପାଇଁ ଏଫ୍‌ଆଇଏଚ୍ ସଭାପତି ପୁରସ୍କାର ଦିଆଯାଇଥାଏ। ଏହା କୌଣସି ସଂଗଠନ, ଜାତୀୟ ଆସୋସିଏଶନ କିମ୍ବା ବ୍ୟକ୍ତିବିଶେଷଙ୍କୁ ଦିଆଯାଇପାରେ।

# ପ୍ରଶଂସା କଲେ ଏଫ୍‌ଆଇଏଚ୍ ସଭାପତି

## ୨୦୨୩ ହକି ବିଶ୍ୱକପ୍ ଅନ୍ୟତମ ଶ୍ରେଷ୍ଠ: ଇକ୍ରାମ

**ଭୁବନେଶ୍ୱର, ୨୯।୧**
**(କ୍ରୀଡ଼ା ପ୍ରତିନିଧି)**

ହକି ବିଶ୍ୱକପ୍ ଇତିହାସରେ ଚଳିତ ସଂସ୍କରଣର ଆୟୋଜନ ଅନ୍ୟତମ ଶ୍ରେଷ୍ଠ। ହକି ପ୍ରତି ଓଡ଼ିଶା ସରକାରଙ୍କ ଭଲପାଇବା ଯୋଗୁ ଏହା ସମ୍ଭବ ହୋଇପାରିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଯେତେ ପ୍ରଶଂସା କଲେ ମଧ୍ୟ କମ୍ ହେବ। ତେବେ ଏଥର ବିଶ୍ୱକପ୍ ରାଜ୍ୟର ୨ଟି ସ୍ଥାନରେ ଆୟୋଜନ ହୋଇ ବିଶ୍ୱ ହକି ପାଇଁ ଉଦାହରଣ ପାଲଟିଛି ବୋଲି ରବିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଅନ୍ତର୍ଜାତୀୟ ହକି ଫେଡେରେଶନ୍ (ଏଫ୍‌ଆଇଏଚ୍) ସଭାପତି ତାୟାବ ଇକ୍ରାମ। ବିଶ୍ୱ ହକି ପାଇଁ ଏହା ଭଲ ଅଭିଜ୍ଞତା ଆଣିଛି। ଓଡ଼ିଶା ସମେତ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଅନେକ ଦର୍ଶକ ଏହି ମ୍ୟାଚ୍ ଉପଭୋଗ କରିଛନ୍ତି। ସେମାନଙ୍କ ପାଇଁ ସୁବନ୍ଦୋବସ୍ତ କରାଯାଇଥିଲା। କେବଳ ଷ୍ଟାଡିୟମରେ ଯେ ଅଧିକ ଦର୍ଶକ ମ୍ୟାଚ୍ ଉପଭୋଗ କରିଛନ୍ତି ତା ନୁହେଁ, ଟେଲିଭିଜନ ମାଧ୍ୟମରେ ମଧ୍ୟ ରେକର୍ଡ ସଂଖ୍ୟକ ହକିପ୍ରେମୀ ଟୁର୍ନାମେଣ୍ଟ ଦେଖିଛନ୍ତି ବୋଲି ଇକ୍ରାମ କହିଛନ୍ତି।

### ଭିତ୍ତିଭୂମିର ଉପଯୋଗ ସମ୍ପର୍କରେ ଆଲୋଚନା

ହକି ବିଶ୍ୱକପ୍ ପାଇଁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମର ନବୀକରଣ କରାଯାଇଥିବାବେଳେ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମକୁ ନୂଆକରି ନିର୍ମାଣ କରାଯାଇଛି। ଅତ୍ୟାଧୁନିକ ବିର୍ସା ମୁଣ୍ଡା ଷ୍ଟାଡିୟମ ହେଉଛି ବିଶ୍ୱର ଅନ୍ୟତମ ବୃହତ୍ତମ। ବିଶ୍ୱକପ୍ ପରେ ଏହି ଭିତ୍ତିଭୂମିଗୁଡ଼ିକର କିପରି ଉପଯୋଗ କରାଯାଇ ପାରିବ ସେ ସମ୍ପର୍କରେ ଓଡ଼ିଶା ସରକାରଙ୍କ ସହ ଆଲୋଚନା ହୋଇଛି। ଏଥିରୁ ଭଲ ଫଳ ମିଳିଛି ବୋଲି ଇକ୍ରାମ କହିଛନ୍ତି। ଚଳିତ ହକି ବିଶ୍ୱକପ୍‌ରେ ଅନେକ ସମୟରେ ଅମ୍ପାୟରଙ୍କ ନିଷ୍ପତ୍ତି ଭୁଲ୍ ପ୍ରମାଣିତ ହେଉଛି। ଫିଲ୍ଡ ଅମ୍ପାୟରଙ୍କ ନିଷ୍ପତ୍ତି ଅନେକ ସମୟରେ ଭିଡିଓ ରେଫେରାଲରେ ବଦଳି ଯାଉଛି। ଏ ସମ୍ପର୍କରେ ଇକ୍ରାମ ସିଧାସଳଖ କିଛି ଉତ୍ତର ରଖି ନ ଥିଲେ ମଧ୍ୟ ଏହା ଆଲୋଚନାସାପେକ୍ଷ ବୋଲି କହିଛନ୍ତି।

### ପାଣିବିହୀନ ଟର୍ଫରେ ପରବର୍ତ୍ତୀ ବିଶ୍ୱକପ୍

ବର୍ତ୍ତମାନ ବିଶ୍ୱର ବିଭିନ୍ନ ଷ୍ଟାଡିୟମରେ ବ୍ୟବହାର ହେଉଥିବା ହକି ଟର୍ଫଗୁଡ଼ିକ ଲାଗି ପ୍ରଚୁର ପାଣି ଆବଶ୍ୟକ ହେଉଛି। ପର୍ଯ୍ୟାପ୍ତ ପାଣି ବ୍ୟବହାର ନ ହେଲେ ତାହା ଖେଳିବା ଉପଯୋଗୀ ହୋଇପାରୁନାହିଁ। ତେଣୁ 'ପାଣି ବଞ୍ଚାନ୍ତୁ, ଜୀବନ ବଞ୍ଚାନ୍ତୁ' ନ୍ୟାୟରେ ଏଥିରେ ପରିବର୍ତ୍ତନ ପାଇଁ ଯୋଜନା ଚାଲିଛି। ଆସନ୍ତା ଅଲିମ୍ପିକ୍ସ ପରେ ଷ୍ଟାଡିୟମର ଟର୍ଫଗୁଡ଼ିକୁ ପରିବର୍ତ୍ତନ କରାଯାଇ ଜଳବିହୀନ ଟର୍ଫ ବିଛାଯିବାକୁ ଯୋଜନା ରହିଛି। ଏଥିପାଇଁ ପରୀକ୍ଷା ନିରୀକ୍ଷା ଚାଲିଛି। ସମ୍ଭବତଃ ୨୦୨୪ ମଧ୍ୟଭାଗ ସୁଦ୍ଧା ଏହା ଉପରେ କାମ ଶେଷ ହେବ। ନୂଆ ଟର୍ଫ ବିଛାହେଲେ ଖେଳିବା ସମୟରେ ଆଉ ପାଣି ପ୍ରୟୋଗ କରିବାକୁ ପଡ଼ିବ ନାହିଁ। ତେଣୁ ନେଦରଲାଣ୍ଡ୍ସ ଓ ବେଲଜିୟମରେ ହେବାକୁଥିବା ପରବର୍ତ୍ତୀ ହକି ବିଶ୍ୱକପ୍ ନୂଆ ଟର୍ଫରେ ଖେଳାଯିବା ଆଶା ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

### ଏସିଆନ ଗେମ୍ସ ହାଙ୍ଗଝୋଉରେ ହେବ

ଆଗାମୀ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ କ୍ୱାଲିଫାୟର୍ସ ଇଭେଣ୍ଟଭାବେ ପରିଚିତ ଏସିଆନ ଗେମ୍ସ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ହାଙ୍ଗଝୋଉରେ ହିଁ ଅନୁଷ୍ଠିତ ହେବ। ଏସିଆନ ଗେମ୍ସ ପ୍ରକୃତରେ ଗତବର୍ଷ ହେବାର ଥିଲା, ମାତ୍ର କୋଭିଡ୍-୧୯ ସଂକ୍ରମଣ ପାଇଁ ଏହାକୁ ସ୍ଥଗିତ ରଖାଯାଇଥିଲା। ଇକ୍ରାମ କହିଛନ୍ତି, ଏସିଆନ ଗେମ୍ସ ହାଙ୍ଗଝୋଉରେ ନିଶ୍ଚିତ ଅନୁଷ୍ଠିତ ହେବ। ମୁଁ ନିଜେ କୋଅର୍ଡିନେଶନ କମିଶନ୍‌ର ଜଣେ ବରିଷ୍ଠ ସଦସ୍ୟ। ଆମେ ଆସନ୍ତା ମାର୍ଚ୍ଚରେ ଚାଇନାରେ ଏକ ବୈଠକ କରିବୁ। ପ୍ରକୃତରେ ଇଭେଣ୍ଟ ପାଇଁ ଭେନ୍ୟୁ ଗତବର୍ଷ ମଧ୍ୟ ପ୍ରସ୍ତୁତ ଥିଲା। ତେଣୁ ସେଠାରେ ଆଗାମୀ ଦିନରେ ଏସିଆନ ଗେମ୍ସ ଆୟୋଜନ ନେଇ କୌଣସି ଅସୁବିଧା ନାହିଁ। ତେଣୁ ଏହାର ବିକଳ୍ପ ଟୁର୍ନାମେଣ୍ଟ ସମ୍ପର୍କରେ ଚିନ୍ତା କରାଯାଉନାହିଁ ବୋଲି ଇକ୍ରାମ କହିଛନ୍ତି। ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ଏଫ୍‌ଆଇଏଚ୍ ସିଇଓ ଥିଏରୀ ୱିଲ ଖେଳର ବୈଷୟିକ ଦିଗ ଉପରେ ବିଶେଷ ଆଲୋକପାତ କରିଥିଲେ।




ଏଫ୍‌ଆଇଏଚ ସିଇଓ ଥିଏରି ୱି ଓ ସଭାପତି ତାୟାବ ଇକ୍ରାମ ।




ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିକ୍ଲାସ ୱେଲେନଙ୍କୁ ଶ୍ରେଷ୍ଠ ଫରୱାର୍ଡ ପୁରସ୍କାର ପ୍ରଦାନ କରୁଛନ୍ତି।




ଖ୍ରିଷ୍ଟୋଫର ରୁହରଙ୍କୁ କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା ଫ୍ୟାନ ଚଏସ୍ ପୁରସ୍କାର ପ୍ରଦାନ କରୁଛନ୍ତି।










ପୁରସ୍କାର ସହ ଭିକ୍ଟର ୱେଗନେଜ, ଭିନସେଣ୍ଟ ଭାନାଶ୍ଚ ଓ ନେଦରଲାଣ୍ଡ୍ସ ଅଧିନାୟକ ଥିଏରି ବ୍ରିଙ୍କମାନ୍।

# ଜର୍ମାନୀ ନମ୍ବରୱାନ

**ଭୁବନେଶ୍ୱର, ୨୯।୧**
**(କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର-ରାଉରକେଲାରେ ଅନୁଷ୍ଠିତ ହକି ବିଶ୍ୱକପ ପରେ ଏଫ୍‌ଆଇଏଚ୍ ର୍‍ୟାଙ୍କିଙ୍ଗ୍‌ରେ ବଡ଼ ପରିବର୍ତ୍ତନ ହୋଇଛି। ଚାମ୍ପିୟନ ଜର୍ମାନୀ ନମ୍ବରୱାନ ସ୍ଥାନ ଦଖଲ କରି ନେଇଛି। ଏହି ଦଳର ପଏଣ୍ଟ ସଂଖ୍ୟା ୨୯୧୨ରେ ପହଞ୍ଚିଛି। ବ୍ରୋଞ୍ଜ ପଦକ ମ୍ୟାଚରେ ଅଷ୍ଟ୍ରେଲିଆକୁ ହରାଇଥିବା ନେଦରଲାଣ୍ଡ୍ସ ୨୮୪୮ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ପୂର୍ବରୁ ଦୁଇ ନମ୍ବରରେ ଥିବା ରୌପ୍ୟ ପଦକ ବିଜେତା ବେଲଜିୟମ (୨୮୪୫) ତୃତୀୟ ଏବଂ ନମ୍ବରୱାନ ଅଷ୍ଟ୍ରେଲିଆ (୨୭୯୨) ୪ର୍ଥ ସ୍ଥାନକୁ ଖସିଛି। ଇଂଲଣ୍ଡ (୨୫୩୬) ୫ମ ଏବଂ ଭାରତ (୨୪୭୮) ୬ଷ୍ଠ ସ୍ଥାନରେ ଅପରିବର୍ତ୍ତିତ ରହିଥିବାବେଳେ ଆର୍ଜେଣ୍ଟିନା (୨୨୬୦), ସ୍ପେନ୍ (୨୦୯୩), କୋରିଆ (୧୯୪୨) ଓ ନ୍ୟୁଜିଲାଣ୍ଡ (୧୮୯୯) ଟପ୍-୧୦ରେ ରହିଛନ୍ତି।



ତ୍ରିରଙ୍ଗା ସଦୃଶ ପୋଷାକ ପରିହିତ ହକିପ୍ରେମୀ।

# ନେଦରଲାଣ୍ଡ୍ସକୁ ବ୍ରୋଞ୍ଜ୍

## ଅଷ୍ଟ୍ରେଲିଆ ଚତୁର୍ଥରେ ସନ୍ତୁଷ୍ଟ

**ଭୁବନେଶ୍ୱର, ୨୯।୧**
**(କ୍ରୀଡ଼ା ପ୍ରତିନିଧି)**

ଗତଥରର ରନରଅପ୍ ନେଦରଲାଣ୍ଡ୍ସ ଏଥର ହକି ବିଶ୍ୱକପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛି। ରବିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପ୍ଲେ-ଅଫ୍‌ରେ ଏହି ଦଳ ଅଷ୍ଟ୍ରେଲିଆକୁ ୩-୧ ଗୋଲରେ ପରାସ୍ତ କରିଛି। ଫଳରେ ବିଶ୍ୱର ପୂର୍ବତନ ନମ୍ବର ୱାନ୍ ଦଳ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଛି। ଡବଲ ଗୋଲ ସ୍କୋର କରି ନେଦରଲାଣ୍ଡ୍ସ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଅଧିନାୟକ ଥିଏରୀ ବ୍ରିଙ୍କମାନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ମ୍ୟାଚ୍ ଆରମ୍ଭରେ ପୂର୍ବତନ ଭାରତୀୟ ଅଧିନାୟକ ଧନରାଜ ପିଲ୍ଲେ ଅତିଥିଭାବେ ଯୋଗଦେଇଥିଲେ।

ଅଷ୍ଟ୍ରେଲିଆ ୧୯୮୬, ୨୦୧୦, ୨୦୧୪ରେ ଚାମ୍ପିୟନ ଏବଂ ୨୦୦୨ ଓ ୨୦୦୬ରେ ରନରଅପ୍ ହୋଇଥିବାବେଳେ ୧୯୭୮, ୧୯୮୨, ୧୯୯୦ ୧୯୯୪ ଓ ୨୦୧୮ରେ ତୃତୀୟ ସ୍ଥାନ ଅଧିକାର କରିଥିଲା। ଏହା ବ୍ୟତୀତ ଦଳ ୧୯୯୮ରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଅର୍ଥାତ୍ ଦଳ ୧୯୯୮ ପରେ ଦ୍ୱିତୀୟଥର ପୁଣି ୪ର୍ଥ ସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ୧୯୭୩, ୧୯୯୦ ଓ ୧୯୯୮ରେ ଚାମ୍ପିୟନ ଏବଂ ୧୯୭୮, ୧୯୯୪, ୨୦୧୪ ଓ ୨୦୧୮ରେ ରନରଅପ୍ ହୋଇଥିବା ନେଦରଲାଣ୍ଡ୍ସ ୨୦୦୨ ଓ ୨୦୧୦ରେ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ପାଇଥିଲା। ଏହାଛଡ଼ା ଦଳ ୧୯୮୨ରେ ଚତୁର୍ଥ ସ୍ଥାନରେ ରହିଥିଲା। ୨୦୧୦ ପରେ ଦଳ ପୁଣି ୩ୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ଜିତିଛି।

ଅଷ୍ଟ୍ରେଲିଆ ଆରମ୍ଭରୁ ଏହାର ପାରମ୍ପରିକ ଷ୍ଟାଇଲରେ ଆକ୍ରମଣାତ୍ମକ ଖେଳିଥିଲା। ପ୍ରଥମ କ୍ୱାର୍ଟରର ଅଧିକାଂଶ ସମୟ ନେଦରଲାଣ୍ଡ୍ସ ହାଫ୍‌ରେ ବଲ୍ ରଖିଥିଲା। ୧୨ତମ ମିନିଟରେ ଦଳକୁ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲା। ଜେରେମି ହେୱାର୍ଡ ଏହାକୁ ଗୋଲରେ ପରିଣତ କରି ୧୩ତମ ମିନିଟରେ ଅଷ୍ଟ୍ରେଲିଆକୁ ଅଗ୍ରଣୀ କରାଇଥିଲେ। ୧୫ତମ ମିନିଟରେ ଦଳ ଆଉ ଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ଜେରେମି-ବ୍ଲେକ୍ ଗୋଭର୍ସଙ୍କ ମିଳିତ ପ୍ରୟାସ ସତ୍ତ୍ୱେ ବିଫଳ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ନେଦରଲାଣ୍ଡ୍ସ ଗୋଲ ପରିଶୋଧ ପାଇଁ ସୁଯୋଗ ପାଇଥିଲେ ହେଁ ୨୧ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନର ମିସ୍ ହୋଇଥିଲା। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଅଷ୍ଟ୍ରେଲିଆ ୧-୦ ଗୋଲରେ ଅଗ୍ରଣୀ ରହିଥିଲା।

ଦ୍ୱିତୀୟାର୍ଦ୍ଧରେ ପଟ ପରିବର୍ତ୍ତନ ସହ ମ୍ୟାଚ୍‌ର ମୋଡ଼ ବଦଳିଥିଲା। ଆକ୍ରମଣକୁ ଜୋର୍‌ଦାର କରି ନେଦରଲାଣ୍ଡ୍ସ ୩୨ତମ ମିନିଟ୍‌ରେ ପେନାଲ୍ଟି କର୍ନର ସୁଯୋଗ ପାଇଥିଲା। ଏହା ମିସ୍ ହୋଇଥିଲେ ହେଁ ୩୩ତମ ମିନିଟ୍‌ରେ ଲଗାତର ୨ଟି ପେନାଲ୍ଟି କର୍ନରରୁ ଶେଷଟିକୁ ଗୋଲରେ ପରିଣତ କରି ଜିପ୍ ଜାନସେନ ମ୍ୟାଚ୍‌ରେ ରୋମାଞ୍ଚ ଭରି ଦେଇଥିଲେ। ଏହାପରେ ଆଶ୍ଚର୍ଯ୍ୟଜନକ ଭାବେ ନେଦରଲାଣ୍ଡ୍ସ ଖେଳାଳିଙ୍କ ଶାରୀରିକ ଭାଷା ବଦଳି ଯାଇଥିଲା। ୩୫ତମ ମିନିଟ୍‌ରେ ଅଧିନାୟକ ଥିଏରି ବ୍ରିଙ୍କମାନ ଏକ ଫିଲ୍ଡ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହାର ୫ ମିନିଟ୍ ପରେ ଅର୍ଥାତ୍ ୪୦ତମ ମିନିଟ୍‌ରେ ଅଷ୍ଟ୍ରେଲିଆ ଡି' ଏରିଆ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ସମୟରେ ଥିଜସ ଭାନ୍ ଡାମ୍ ଓ ବ୍ରିଙ୍କମାନଙ୍କ ମିଳିତ ପ୍ରୟାସରେ ନେଦରଲାଣ୍ଡ୍ସ ତୃତୀୟ ଗୋଲଟି ସ୍କୋର କରିବାରେ ସକ୍ଷମ ହୋଇଥିଲା। ଫଳରେ ନେଦରଲାଣ୍ଡ୍ସର ଅଗ୍ରଣୀ ବ୍ୟବଧାନ ୩-୧ରେ ପହଞ୍ଚି ଯାଇଥିଲା। ମ୍ୟାଚ୍‌ରେ ବ୍ରିଙ୍କମାନଙ୍କର ଏହା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଥିଲା। ୫୪ତମ ମିନିଟରେ ଆଉ ଏକ ସୁଯୋଗ ସୃଷ୍ଟିକରି ନେଦରଲାଣ୍ଡ୍ସ ଖେଳାଳି ଖୁସି ମନାଇଥିଲେ। ମାତ୍ର ରେଫରାଲରେ ଗୋଲ ନାକଚ ହୋଇ ଯାଇଥିଲା। ୬୦ତମ ମିନିଟରେ ଅଷ୍ଟ୍ରେଲିଆ ପାଇଁ ଗୋଲ ପରିଶୋଧର ସୁଯୋଗ ରହିଥିଲା। ମାତ୍ର ଦଳ ଲଗାତର ୨ଟି ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଗୋଲ ହୋଇପାରି ନ ଥିଲା।



ବ୍ରୋଞ୍ଜ ବିଜୟୀ ନେଦରଲାଣ୍ଡ୍ସ ଦଳ।


ହକି ବିଶ୍ୱକପ୍ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା। (ଫଟୋ: ବିକାଶ ନାୟକ)

## ପୁରସ୍କାର

ସ୍ୱର୍ଣ୍ଣ ପଦକ: ଜର୍ମାନୀ
ରୌପ୍ୟ ପଦକ: ବେଲଜିୟମ
ବ୍ରୋଞ୍ଜ ପଦକ: ନେଦରଲାଣ୍ଡ୍ସ
ଫାଇନାଲର ପ୍ଲେୟର ଅଫ୍ ଦି ମ୍ୟାଚ: ନିକ୍ଲାସ ୱେଲେନ (ଜର୍ମାନୀ)
ଶ୍ରେଷ୍ଠ ଜୁନିୟର ଖେଳାଳି: ମୁସ୍ତାଫା କାସିମ (ଦକ୍ଷିଣ ଆଫ୍ରିକା)
ଟପ୍ ସ୍କୋରର: ଜେରେମି ହେୱାର୍ଡ (ଅଷ୍ଟ୍ରେଲିଆ)
ଶ୍ରେଷ୍ଠ ଗୋଲକିପର: ଭିନସେଣ୍ଟ ଭାନାଶ୍ଚ (ବେଲଜିୟମ)
ଶ୍ରେଷ୍ଠ ଡିଫେଣ୍ଡର: ଜେରେମି ହେୱାର୍ଡ (ଅଷ୍ଟ୍ରେଲିଆ)
ଶ୍ରେଷ୍ଠ ମିଡ୍‌ଫିଲ୍ଡର: ଭିକ୍ଟର ୱେଗନେଜ (ବେଲଜିୟମ)
ଶ୍ରେଷ୍ଠ ଫରୱାର୍ଡ: ନିକ୍ଲାସ ୱେଲେନ (ଜର୍ମାନୀ)
ଫ୍ୟାନ୍ସ ଚଏସ: ଖ୍ରିଷ୍ଟୋଫର ରୁହର (ଜର୍ମାନୀ)
ଫେୟାର ପ୍ଲେ: ବେଲଜିୟମ ଦଳ
ସର୍ବାଧିକ ଟିମ୍ ଗୋଲ୍: ନେଦରଲାଣ୍ଡ୍ସ
ଶ୍ରେଷ୍ଠ ଟିମ୍ ଗୋଲ ସେଲିବ୍ରେଶନ: ଦକ୍ଷିଣ କୋରିଆ

# ସଫଳ ସମାପନ

## ବେଲଜିୟମ/ନେଦରଲାଣ୍ଡ୍ସରେ ପରବର୍ତ୍ତୀ ସଂସ୍କରଣ

ଭୁବନେଶ୍ୱର, ୨୯।୧ (କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପର ୧୫ତମ ସଂସ୍କରଣ ସଫଳତାର ସହ ସମ୍ପନ୍ନ ହୋଇଛି। ବିଶ୍ୱକପ ଇତିହାସରେ ପ୍ରଥମଥରପାଇଁ ପ୍ରତିଯୋଗିତା ୨ଟି ଭେନ୍ୟୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଏବଂ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ବିଶ୍ୱର ସର୍ବବୃହତ୍ ସିଟେଡ୍ ହକି ଷ୍ଟାଡିୟମଭାବେ ବିର୍ସାମୁଣ୍ଡା ଷ୍ଟାଡିୟମ ନିକଟରେ ଗିନିଜ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଥିଲା। ଜାନୁୟାରୀ ୧୩ରୁ ଆରମ୍ଭ ହୋଇଥିବା ଏହି ମେଗା ପ୍ରତିଯୋଗିତା ୨୯ ତାରିଖରେ ଶେଷ ହୋଇଛି। ବିଶ୍ୱକପ୍‌କୁ ଏଥର ଷ୍ଟାଡିୟମରେ ଓଡ଼ିଶା ସମେତ ବିଶ୍ୱର ଅନେକ ଦର୍ଶକ ଉପଭୋଗ କରିଛନ୍ତି। ବିଶ୍ୱସ୍ତରୀୟ ଦୁଇଟି ଭେନ୍ୟୁରେ ଖେଳାଳିମାନେ ଯେ, ସ୍ମରଣୀୟ ସ୍ମୃତି ନେଇ ଫେରିଛନ୍ତି ତା' ନୁହେଁ ସାଂସ୍କୃତିକ ପରିବେଶ, ଫ୍ୟାନ ପାର୍କ ଏବଂ ଟୁରିଜିମ୍ ଯୋଗୁ ଏହି ବିଶ୍ୱକପ ଦର୍ଶକଙ୍କ ପାଇଁ ମଧ୍ୟ ଅବିସ୍ମରଣୀୟ ହୋଇଛି। ଫ୍ୟାନ୍ ପାର୍କରେ ପାରମ୍ପରିକ ମ୍ୟୁଜିକ୍, ଡ୍ୟାନ୍ସ ଏବଂ ଖାଦ୍ୟ ଦର୍ଶକଙ୍କୁ ମନୋରଞ୍ଜନର ଖୋରାଗ ଯୋଗାଇଥିଲା। ପୂର୍ବ ଟୁର୍ନାମେଣ୍ଟ ଗୁଡ଼ିକ ଭଳି ଏଥର ମଧ୍ୟ ଓଡ଼ିଶା ସରକାର ବାହାରୁ ଆସିଥିବା ଅତିଥିମାନଙ୍କୁ ଆତିଥେୟତାରେ କୌଣସି ହେଳା କରି ନ ଥିଲେ। ଫଳରେ ଖେଳାଳିଙ୍କଠାରୁ ଆରମ୍ଭ କରି ଦେଶ ବିଦେଶରୁ ଆସିଥିବା ଦର୍ଶକମାନେ ଓଡ଼ିଶା ସରକାରଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ବିଶ୍ୱକପର ପରବର୍ତ୍ତୀ ସଂସ୍କରଣ ବେଲଜିୟମର ୱାଭ୍ରେ ଓ ନେଦରଲାଣ୍ଡ୍ସର ଆମଷ୍ଟେଲଭିନ୍‌ରେ ଅନୁଷ୍ଠିତ ହେବ। ଏହା ୨୦୨୬ ଜୁନ୍-ଜୁଲାଇରେ ଆୟୋଜନ ହେବା କାର୍ଯ୍ୟକ୍ରମ ରହିଛି।



ଚାମ୍ପିୟନ ହେବା ପରେ କଳିଙ୍ଗ ଷ୍ଟାଡିୟମ୍‌ରେ ଉଲ୍ଲସିତ ଜର୍ମାନୀ ଦଳ।

## କଳିଙ୍ଗ କର୍ନର

# ନେଦରଲାଣ୍ଡ୍ସ ଦର୍ଶକ ଉଲ୍ଲସିତ

ଅଷ୍ଟ୍ରେଲିଆ-ନେଦରଲାଣ୍ଡ୍ ବ୍ରୋଞ୍ଜ ପଦକ ମ୍ୟାଚ ଦେଖିବା ପାଇଁ କଳିଙ୍ଗ ଷ୍ଟାଡିୟମର ୱେଷ୍ଟ ଷ୍ଟାଣ୍ଡରେ ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍ସ ସମର୍ଥକ ଉପସ୍ଥିତ ଥିଲେ। କମଳା ରଙ୍ଗର ବସ୍ତ୍ର ପିନ୍ଧି ଗୋଟିଏ ଗ୍ରୁପ୍‌ରେ ବସିଥିବା ନେଦରଲାଣ୍ଡ୍ସ ଦର୍ଶକମାନେ ମ୍ୟାଚପରେ ଖୁସିରେ ପରସ୍ପର ସହ ହାତ ମିଳାଇଥିଲେ। କାରଣ ମ୍ୟାଚରେ ନେଦରଲାଣ୍ଡ୍ସର ବିଜୟ ସେମାନଙ୍କୁ ଉଲ୍ଲସିତ କରିଥିଲା। ଅନ୍ୟ ପକ୍ଷରେ ଅଷ୍ଟ୍ରେଲିଆ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରି ନ ଥିବାରୁ ଏହାର ସମର୍ଥକ ମାନେ ନିରାଶ ମନରେ ଷ୍ଟାଣ୍ଡ ଛାଡ଼ିଥିଲେ। ନେଦରଲାଣ୍ଡ୍ସରୁ ଆସିଥିବା ଦର୍ଶକମାନେ କିନ୍ତୁ ଜର୍ମାନୀ ଓ ବେଲଜିୟମ ମଧ୍ୟରେ ଅନୁଷ୍ଠିତ ଫାଇନାଲକୁ ଉପଭୋଗ କରିଥିଲେ।


ୱେଷ୍ଟ ଷ୍ଟାଣ୍ଡରେ ଖୁସି ମୁହୂର୍ତ୍ତରେ ନେଦରଲାଣ୍ଡ୍ସ ଦର୍ଶକ।

# ୧୯୯୮ପରେ ଖାଲି ହାତରେ ଅଷ୍ଟ୍ରେଲିଆ

ଭୁବନେଶ୍ୱର, ୨୯।୧ (କ୍ରୀଡ଼ା ପ୍ରତିନିଧି)

ଚଳିତ ହକି ବିଶ୍ୱକପରେ ବିଶ୍ୱର ପୂର୍ବତନ ନମ୍ବର ୱାନ ଦଳ ଅଷ୍ଟ୍ରେଲିଆ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଛି। ରବିବାର ଅନୁଷ୍ଠିତ ତୃତୀୟ ସ୍ଥାନ ମ୍ୟାଚରେ ଏହି ଦଳ ନେଦରଲାଣ୍ଡ୍ସଠାରୁ ୧-୩ ଗୋଲରେ ହାରି ଯାଇଛି। ୧୯୯୮ ପରେ ଅଷ୍ଟ୍ରେଲିଆ ବିଶ୍ୱକପରେ ପ୍ରଥମଥରପାଇଁ ଖାଲି ହାତରେ ଫେରିଛି। ଶେଷଥର ପାଇଁ ଦଳ ୧୯୯୮ରେ ହିଁ ଚତୁର୍ଥ ସ୍ଥାନରେ ରହିଥିଲା। ପରବର୍ତ୍ତୀ ୨ଟି ବିଶ୍ୱକପ ୨୦୦୨ ଓ ୨୦୦୬ରେ ଦଳ ରନରଅପ୍ ହୋଇଥିଲା। ୨୦୧୦ ଓ ୨୦୧୪ରେ ଚାମ୍ପିୟନ ହୋଇଥିବା ଅଷ୍ଟ୍ରେଲିଆ ୨୦୧୮ରେ ଅନୁଷ୍ଠିତ ଗତ ସଂସ୍କରଣରେ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ପାଇଥିଲା।

### ଜେରେମି ହେୱାର୍ଡ ଟପ୍ ସ୍କୋରର

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଏବଂ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଆୟୋଜିତ ହକି ବିଶ୍ୱକପର ୧୫ତମ ସଂସ୍କରଣରେ ଅଷ୍ଟ୍ରେଲିଆର ଜେରେମି ହେୱାର୍ଡ ଟପ୍ ସ୍କୋରର ହୋଇଛନ୍ତି। ସେ ମୋଟ ୯ଟି ଗୋଲ ସ୍କୋର କରିଛନ୍ତି। ସମସ୍ତ ଗୋଲ ସେ ପେନାଲ୍ଟି କର୍ନରରୁ ହିଁ ସ୍କୋର କରିଥିଲେ। ଫ୍ରାନ୍ସର ଭିକ୍ଟର ଚାର୍ଲେଟ, ବେଲଜିୟମର ଟମ୍ ବୁନ୍ ଓ ନେଦରଲାଣ୍ଡ୍ସର ଜିପ୍ ଜାନସେନ ୮ଟି ଲେଖାଏ ଗୋଲ ଦେଇ ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ନେଦରଲାଣ୍ଡ୍ସର ଥିଏରୀ ବ୍ରିଙ୍କମାନ ଓ ଜର୍ମାନୀର ୱେଲେନ ନିକ୍ଲାସ ୭ଟି ଲେଖାଏ ଗୋଲ ଦେଇ ଯୁଗ୍ମଭାବେ ତୃତୀୟ ସ୍ଥାନରେ ରହିଛନ୍ତି।

### ଫାଇନାଲରୁ ମନୋରଞ୍ଜନ ହଟିଲା

କଳିଙ୍ଗ ଷ୍ଟାଡିୟମରେ ରବିବାର ଜର୍ମାନୀ-ବେଲଜିୟମ ଫାଇନାଲ ଆରମ୍ଭ ହେବାପରେ ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ପରଲୋକ ଖବର ସମସ୍ତଙ୍କୁ ଶୋକାଭିଭୂତ କରିଥିଲା। ଏହାର ପ୍ରଭାବ ମଧ୍ୟ ଷ୍ଟାଡିୟମରେ ଅନୁଭୂତ ହୋଇଥିଲା। ଚିୟର ଗର୍ଲଙ୍କୁ ହଟାଇ ଦିଆ ଯାଇଥିବବେଳେ ଗୋଲ ହେବା ସମୟରେ ଯେପରି ବାଣ ଫୁଟୁଥିଲା ତାହାକୁ ବନ୍ଦ କରି ଦିଆ ଯାଇଥିଲା। ବ୍ରେକ୍ ସମୟରେ ମ୍ୟୁଜିକ ମଧ୍ୟ ବନ୍ଦ ରହିଥିଲା। ପ୍ରତିଯୋଗିତା ଉଦ୍‌ଯାପନୀ ସମୟରେ ଆତସବାଜି କାର୍ଯ୍ୟକ୍ରମକୁ ମଧ୍ୟ ବାତିଲ କରାଯାଇଥିଲା।



ଟପ୍ ସ୍କୋରର ଜେରେମି ହେୱାର୍ଡ।

## ଜର୍ମାନୀ-ବେଲଜିୟମ ଫାଇନାଲ

# ଶୁଟ୍‌ଆଉଟ/ସଡନଡେଥ୍

ଭୁବନେଶ୍ୱର, ୨୯।୧(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ରବିବାର ଜର୍ମାନୀ-ବେଲଜିୟମ ଫାଇନାଲ ଶୁଟ୍‌ଆଉଟ/ସଡନ୍‌ଡେଥ୍ ମାଧ୍ୟମରେ ଶେଷ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୩-୩ ଗୋଲରେ ବରାବର ରହିଥିଲା। ଶୁଟ୍ ଆଉଟ ପର୍ଯ୍ୟାୟରେ ଜର୍ମାନୀର ନିକ୍ଲାସ ୱେଲେନ୍, ହାନେସ ମୁଲେର ଓ ଥିସ୍ ପ୍ରିଞ୍ଜ ଗୋଲ ଦେଇଥିବାବେଳେ ମାର୍କୋ ମିଲ୍ଟକାଉ ଓ ମ୍ୟାଟ୍ସ ଗ୍ରାମବୁଶ୍ଚ ମିସ୍ କରିଥିଲେ। ସେହିପରି ବେଲଜିୟମ ପକ୍ଷରୁ ଫ୍ଲୋରେଣ୍ଟ ଭାନ୍ ଔବେଲ, ଟନ୍‌ଗି କୋସିନ୍ସ ଓ ଆଣ୍ଟୋନି କିନା ଗୋଲ ଦେଇଥିଲେ ଏବଂ ଆର୍ଥର ଡି ସ୍ଲୋଭେର, ଭିକ୍ଟର ୱେଗ୍‌ନେଜ ମିସ୍ କରିଥିଲେ। ଏହି ପର୍ଯ୍ୟାୟରେ ମଧ୍ୟ ସ୍କୋର ୩-୩ ସ୍ଥିତିରେ ରହିବାରୁ ସଡନ୍‌ଡେଥ୍ ଆରମ୍ଭ ହୋଇଥିଲା। ଏଥିରେ ଜର୍ମାନୀର ନିକ୍ଲାସ ୱେଲେନ ଓ ଥିଜ ପ୍ରିଞ୍ଜ୍ ଗୋଲ ଦେଇଥିଲେ। ମାତ୍ର ବେଲ୍‌ଜିୟମର ଫ୍ଲୋରେଣ୍ଟ ଭାନ୍ ଔବେଲ ଗୋଲ ଦେଇଥିବାବେଳେ ଟନ୍‌ଗି କୋସିନ୍ସ ମିସ୍ କରି ଯାଇଥିଲେ। ଫଳରେ ଜର୍ମାନୀ ଚାମ୍ପିୟନ ହୋଇଥିଲା ଏବଂ ବେଲଜିୟମ ରନରଅପ୍‌ରେ ସନ୍ତୁଷ୍ଟ ହୋଇଥିଲା।



ରୌପ୍ୟ ପଦକ ସହ ବେଲଜିୟମ ଦଳ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜାନୁୟାରୀ ୩୦/୨୦୨୩ Bhubaneswar, Monday, January 30/ 2023

# ସିରିଜକୁ ପ୍ରତ୍ୟାବର୍ତ୍ତନ କଲା ଭାରତ

**ଲକ୍ଷ୍ନୌ,୨୯।୧(ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚକୁ ୬ ଉଇକେଟରେ ଜିତିବା ସହିତ ସିରିଜକୁ ପ୍ରତ୍ୟାବର୍ତ୍ତନ କରିଛି ଭାରତ। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଭାରତୀୟ ସ୍ପିନରଙ୍କ ମୁକାବିଲା କରିନପାରି ୨୦ ଓଭରରେ ୮ ଉଇକେଟ ହରାଇ ୯୯ ରନ୍ କରିଥିବା ବେଳେ ଭାରତ ୧୯.୫ ଓଭରରେ

## ଦ୍ୱିତୀୟ ଟି୨୦ରେ ସ୍ପିନରଙ୍କ ପ୍ରାଧାନ୍ୟ

୪ ଉଇକେଟ ହରାଇ ମ୍ୟାଚକୁ ଜିତି ନେଇଥିଲା। ନ୍ୟୁଜିଲାଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ତେବେ ଭାରତୀୟ ସ୍ପିନର କଞ୍ଜୁସ୍ ବୋଲିଂ କରିବା ସହିତ ନ୍ୟୁଜିଲାଣ୍ଡକୁ ଚାପରେ ରଖିଥିଲେ। ଭାରତୀୟ ସ୍ପିନର ୧୩ ଓଭର ବୋଲିଂ କରି ମାତ୍ର ୬୪ ରନ୍ ଦେଇ ୪ ଉଇକେଟ ନେଇଥିଲେ। ଅର୍ଶଦୀପ ସିଂ ୨ଉଇକେଟ ନେଇଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା, ୱାଶିଂଟନ୍ ସୁନ୍ଦର, ଦୀପକ ହୁଡା, ୟୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମିଚେଲ ସାଣ୍ଟନର ସର୍ବାଧିକ ୧୯* ରନ୍ କରିଥିଲେ। ମାଇକେଲ ବ୍ରେସ୍‌ୱେଲ ଓ ମାର୍କ ଚାପମାନ ୧୪ ରନ୍ ଲେଖାଏ କରିଥିଲେ।

ପିଚ୍‌ରେ ବଲ୍ ଡଲୁଆ ରହୁଥିବା ବେଳେ ସ୍ପିନରଙ୍କ ଘାତକ ବୋଲିଂ କାରଣରୁ ରନ୍ ଚେଜ୍ ଭାରତ ପାଇଁ ସହଜ ନଥିଲା। ୧୦୦ ରନ୍‌ର ପିଛା କରୁଥିବା ଭାରତ ପକ୍ଷରୁ ସୂର୍ଯ୍ୟକୁମାର ଯାଦବ ସର୍ବାଧିକ୨୬* ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଈଶାନ କିଶନ୍ ୧୯, ହାର୍ଦ୍ଦିକ୍ ପାଣ୍ଡ୍ୟା ୧୫* ଓ ରାହୁଲ ତ୍ରିପାଠୀ ୧୩ ରନ୍ କରିଥିଲେ। ସିରିଜ ୧-୧ରେ ରହିଥିବା ବେଳେ ନରେନ୍ଦ୍ର ମୋଦୀ କ୍ରିକେଟ ଷ୍ଟାଡିୟମରେ ବୁଧବାର ନିର୍ଣ୍ଣାୟକ ମ୍ୟାଚ୍ ଖେଳାଯିବ।



ଉଇକେଟ ନେବା ପରେ ଅର୍ଶଦୀପ ସିଂଙ୍କୁ ବଧେଇ ଜଣାଉଛନ୍ତି ଈଶାନ୍ କିଶନ୍।

### ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ ୨୦ ଓଭରରେ ୯୯/୮ (ମିଚେଲ ସାଣ୍ଟନର-୧୯*, ମାଇକେଲ ବ୍ରେସ୍‌ୱେଲ-୧୪, ମାର୍କ ଚାପମାନ-୧୪, ଅର୍ଶଦୀପ ସିଂ-୨/୭, ୟୁଜବେନ୍ଦ୍ର ଚହଲ-୧/୪, କୁଲଦୀପ ଯାଦବ-୧/୧୭)। ଭାରତ୧୯.୫ ଓଭରରେ ୧୦୧/୪ (ସୂର୍ଯ୍ୟକୁମାର ଯାଦବ-୨୬*,ଈଶାନ କିଶନ-୧୯, ହାର୍ଦ୍ଦିକ ପାଣ୍ଡ୍ୟା-୧୫*, ମାଇକେଲ ବ୍ରେସୱେଲ-୧/୧୩, ଇସ୍ ସୋଧୀ-୧/୨୪)।

# ମହିଳା ଦଳକୁ ୫ କୋଟି ପୁରସ୍କାର

**ପୋଚ୍ଛେଫଷ୍ଟ୍ରୁମ୍, ୨୯।୧(ପି.ଟି.):** ଶେଫାଳି ବର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍‌ରେ ଚାମ୍ପିୟନ ହୋଇଥିବା ବେଳେ ବିସିସିଆଇ ପକ୍ଷରୁ ୫ କୋଟି ଟଙ୍କାର ଅର୍ଥରାଶି ଘୋଷଣା କରାଯାଇଛି। ବିସିସିଆଇ ସମ୍ପାଦକ ଜୟ ଶାହା ଟୁଇଟ୍ ଯୋଗେ ଭାରତୀୟ ଦଳକୁ ବଧେଇ ଜଣାଇବା ସହିତ ଏହି ପୁରସ୍କାର ଘୋଷଣା କରିଛନ୍ତି। ଭାରତୀୟ ଦଳ ପାଇଁ ଏହା ଐତିହାସିକ ବର୍ଷ ବୋଲି ସେ କହିଛନ୍ତି। ଭାରତୀୟ ଦଳର ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ମଧ୍ୟରେ ସମାନ ଭାବରେ ଏହି ଅର୍ଥ ବଣ୍ଟାଯିବ। ଏଥିସହିତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ତୃତୀୟ ଟି୨୦ ମ୍ୟାଚ୍ ଦେଖିବା ପାଇଁ ଭାରତୀୟ ମହିଳା ଦଳକୁ ଆମନ୍ତ୍ରଣ କରିଛନ୍ତି ଶାହା। ଭାରତୀୟ ମହିଳାଙ୍କ ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଓ ଭାରତୀୟ ପୁରୁଷ ଦଳ ଅଧିନାୟକ ରୋହିତ୍ ଶର୍ମା ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି।

# ଜୋକୋଭିଚଙ୍କୁ ୨୨ତମ ଗ୍ରାଣ୍ଡସ୍ଲାମ

**ମେଲବୋର୍ନ,୨୯।୧(ପି.ଟି.)**

ଅଷ୍ଟ୍ରେଲିଆନ୍ ଓପନ୍ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି ସର୍ବିୟାର ନୋଭାକ ଜୋକୋଭିଚ୍। ରବିବାର ଅନୁଷ୍ଠିତ ଫାଇନାଲରେ ଗ୍ରୀସ୍‌ର ଷ୍ଟିଫାନସ୍ ସିତ୍‌ସିପାସ୍‌ଙ୍କୁ ୬-୩, ୭-୬(୪) ଓ ୭-୬(୫)ରେ ପରାସ୍ତ କରିବା ସହିତ କ୍ୟାରିୟରର ୨୨ତମ ଗ୍ରାଣ୍ଡସ୍ଲାମ ହାସଲ କରିଛନ୍ତି। କ୍ୟାରିୟର ଗ୍ରାଣ୍ଡସ୍ଲାମରେ ସେ ରାଫେଲ ନାଡାଲଙ୍କ ସମକକ୍ଷ ହୋଇଛନ୍ତି। ଏହାମଧ୍ୟରେ ୧୦ଥର ଅଷ୍ଟ୍ରେଲିଆନ୍

## ଅଷ୍ଟ୍ରେଲିଆନ ଓପନ

ଓପନ୍ ସାମିଲ ଥିବାବେଳେ ୭ଥର ୱିମ୍ବେଲଡନ୍, ୩ଥର ୟୁଏସ୍ ଓପନ୍ ଏବଂ ୨ଥର ଫ୍ରେଞ୍ଚ୍ ଓପନ୍ ବିଜୟୀ ହୋଇଛନ୍ତି। ରଡ୍ ଲାଭେର ଆରେନାରେ ଖେଳାଯାଇଥିବା ମ୍ୟାଚ୍ ଜିତିବା ସହିତ କ୍ୟାରିୟରର ଦଶମ ଅଷ୍ଟ୍ରେଲିଆନ୍ ଓପନ୍ ବିଜୟୀ ହୋଇଛନ୍ତି। ଏହି ବିଜୟ ସହ ପୁନର୍ବାର ଏଟିପି ମାନ୍ୟତାରେ ଏକ ନମ୍ବରକୁ ଫେରିଛନ୍ତି ଜୋକୋଭିଚ୍। ୩୫ ବର୍ଷୀୟ ଜୋକୋଭିଚ୍‌ଙ୍କୁ କୋଭିଡ୍ ଟିକା କାରଣରୁ ଗତବର୍ଷ ଅଷ୍ଟ୍ରେଲିଆରୁ ପ୍ରତ୍ୟର୍ପଣ କରାଯାଇଥିଲା ଏବଂ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାର ସୁଯୋଗ ମିଳି ନ ଥିଲା। ସିତ୍‌ସିପାସ୍ ନିଜ କ୍ୟାରିୟରର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିବା ବେଳେ ଉଭୟଥର ରନରଅପ୍ ଭାବରେ ଶେଷ କରିଛନ୍ତି। ପୂର୍ବରୁ ୨୦୨୧ ଫ୍ରେଞ୍ଚ ଓପନ୍ ଫାଇନାଲରେ ମଧ୍ୟ ସେ ଜୋକୋଭିଚ୍‌ଙ୍କ ନିକଟରୁ ହାରିଥିଲେ।

ରବିବାରର ଫାଇନାଲ ମୁକାବିଲା ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ପ୍ରଥମ ସେଟ୍‌କୁ ଜୋକୋଭିଚ୍ ୬-୩ରେ ଜିତି ନେଇଥିଲେ। ପରବର୍ତ୍ତୀ ଦୁଇ ସେଟ୍ ବେଶ୍ ସଂଘର୍ଷପୂର୍ଣ୍ଣ ରହିବା ସହିତ ଟାଇବ୍ରେକରରେ ମ୍ୟାଚ୍‌ର ଫଳାଫଳ ବାହାରିଥିଲା। ଦ୍ୱିତୀୟ ସେଟ୍‌ଟି ୬-୬ରେ ରହିଥିବା ବେଳେ ଟାଇବ୍ରେକରରେ ୭-୪ରେ ବିଜୟୀ ହୋଇଥିଲେ ଜୋକୋଭିଚ୍। ସମାନ ଭାବେ ନିର୍ଣ୍ଣାୟକ ସେଟ୍‌ଟି ମଧ୍ୟ ଟାଇବ୍ରେକରକୁ ଯାଇଥିଲା। ଟାଇବ୍ରେକରକୁ ୭-୫ରେ ଜିତିବା ସହ ଜୋକୋଭିଚ୍ ୧୦ମ ଅଷ୍ଟ୍ରେଲିଆନ୍ ଓପନ୍ ବିଜୟୀ ହୋଇଥିଲେ।



ଚାମ୍ପିୟନ ଟ୍ରଫି ସହ ନୋଭାକ ଜୋକୋଭିଚ୍।

## କ୍ରେଜିକୋଭା-ସିନିଆକୋଭାଙ୍କୁ ଡବଲ୍ସ ଟାଇଟଲ

ଅଷ୍ଟ୍ରେଲିଆନ୍‌ଓପନ୍‌ମହିଳା ଡବଲ୍ସରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ଚେକ୍ ରିପବ୍ଲିକ୍ ଯୋଡ଼ି ବାର୍ବୋରା କ୍ରେଜିକୋଭା ଓ କାଟେରିନା ସିନିଆକୋଭା। ଉଭୟ ଖେଳାଳି ଗ୍ରାଣ୍ଡସ୍ଲାମରେ କ୍ରମାଗତ ୨୪ ତମ ମ୍ୟାଚ୍‌ରେ ବିଜୟୀ ହେବା ସହ ୬-୪ ଓ ୬-୩ର ସିଧାସଳଖ ସେଟ୍‌ରେ ଜାପାନର ଶୁକୋ ଆୟୋମା ଏବଂ ଏନା ଶିବାହାରାଙ୍କୁ ପରାସ୍ତ କରିଛନ୍ତି। କ୍ରେଜିକୋଭା-ସିନିଆକୋଭା ଯୋଡ଼ିର ଏହା ସପ୍ତମ ଗ୍ରାଣ୍ଡସ୍ଲାମ ଟାଇଟଲ। ଉଭୟ ବିଗତ ବର୍ଷ ଅଷ୍ଟ୍ରେଲିଆନ୍ ଓପନ୍, ୱିମ୍ବେଲଡନ୍ ଓ ୟୁଏସ୍ ଓପନ୍ ବିଜୟୀ ହୋଇଥିଲେ। ଜାପାନିଜ୍ ଯୋଡ଼ିର ଏହା ଦଶମ ମେଜର ଫାଇନାଲ ରହିଥିବା ବେଳେ ପ୍ରଥମଥର ପାଇଁ ଉଭୟ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳୁଛନ୍ତି। କ୍ରେଜିକୋଭା-ସିନିଆକୋଭା ପ୍ରତିପକ୍ଷ ଯୋଡ଼ିର ସର୍ଭିସ୍ ପଏଣ୍ଟ ବ୍ରେକ୍ କରିବା ସହିତ ଅନାୟାସରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ।



କିସ୍ ରଗ୍ବୀ ଦଳ।

# କିସ୍ ପୁରୁଷ ରଗ୍‌ବୀ ଦଳ ବିଜୟୀ

**ଭୁବନେଶ୍ୱର, ୨୯।୧(ସ୍ପୋର୍ଟ୍ସ ବ୍ୟୁରୋ):** କିଟ୍ ୟୁନିଭର୍ସିଟିର ରଗ୍‌ବୀ ଷ୍ଟାଡିୟମରେ ନ୍ୟାଶନାଲ ୧୫ଏସ୍ ମେନ୍ ଡିଭିଜନ-୧ ରଗ୍‌ବୀ ଚାମ୍ପିୟନଶିପ୍ ୨୦୨୩ ଆରମ୍ଭ ହୋଇଛି। ଏହା ଫେବୃୟାରୀ ୪ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିବସରେ କିସ୍ ପୁରୁଷ ଦଳ ୨୦-୧୭ରେ ବମ୍ବେ ଜିମ୍‌ଖାନା ଦଳକୁ ହରାଇ ଦେଇଛି। ପୁରୁଷ ବିଭାଗରେ ଭାଗନେଉଥିବା ଅନ୍ୟ ଦଳଗୁଡ଼ିକ ହେଲେ ଇଣ୍ଡିଆନ ଆର୍ମି, ଏଫ୍ଏଚ୍ ହାର୍ଲେକୁଇନ୍ସ (ଜେସି), ସିସିଏଫ୍‌ସି, ଏମ୍ଏସ୍‌ପି, ଦିଲ୍ଲୀ ହରିକେନ୍ସ, ଦିଲ୍ଲୀ ରିବେଲ୍ସ, ସର୍ଜେଣ୍ଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଓ ବାଙ୍ଗାଲୋର ଆର୍ଏଫ୍‌ସି। ସେହିପରି ମହିଳା ପ୍ରତିଯୋଗିତାରେ ଓଡ଼ିଶା ବ୍ୟତୀତ ସିସିଏଫ୍‌ସି, ଏଫ୍ଏଚ୍ ହାର୍ଲେକୁଇନ୍ସ (ଜେସି), ଦିଲ୍ଲୀ ହରିକେନ୍ସ, ରଗ୍‌ବୀ ୱାରିଅର୍ସ, ରୋମ୍ ଓ ବିହାର ଦଳ ଭାଗ ନେଇଛନ୍ତି।



E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**JYOTE MOTORS**
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190.
BALUGAON: 9798190190. ANANDPUR: 9798190190. KENDRAPARA: 9798190190.
BALASORE: 9798190190. BHADRAK: 9798190190. BARIPADA: 9798190190.
UDALA: 7064499950. RAIRANGPUR: 9853446906.
JALESWAR: 7064499950. BASUDEVPUR: 9798190190.

**NARAYANI MOTORS**
BHUBANESHWAR: RASULGARH: 9583022019, 7440019592, 9583022013.
JAGATSINGHPUR: 9583022090. PURI: 9583022035.
NIMPARA: 7381094851. PARADEEP: 9583022034/ 48.
PURI HIGHWAY PIPILI: 9583022013.

**SKY AUTOMOBILES**
BHUBANESWAR: PATIA: 7381045356.
CUTTACK: 9776677771, 7381873818,
DHENKANAL: 7381045357. NARSINGHPUR: 7381045357.
KAMAKHYANAGAR: 7381045357. JAJPUR: 9776900777.
SALEPUR: 9583544555. CHANDIKHOL : 9583544555.
TANGI: 7381045356.

**TUSHI MOTORS**
CUTTACK: 9078076450.
PANIKOILI: 9078076450.
ATHAGARH: 9078076450.

**ODYSSEY MOTORS**
ANGUL: 7752076136, 9776901481.
PALLAHARA: 7873565435, 9437831123.

*Offer includes consumer offer, exchange bonus, institutional or rural offer and Gold voucher (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st January, 2023.

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ